R.N.I. REGN. No. 65000/96 POSTAL REGN. No. OR/BN-32/12-14

ଉନତ୍ରିଂଶ ବର୍ଷ
ସଂଖ୍ୟା : ୨୪୨
ତିଥି : ଚତୁର୍ଦ୍ଦଶୀ
୦୯ ଜୁନ୍ ୨୦୨୫, ସୋମବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

ସମୟ SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXIX, No. 242
09 June 2025, Monday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

### ଶିଳ୍ପପତି ଓ ଉଦ୍ୟୋଗୀଙ୍କୁ ଭେଟିଲେ ମୁଖ୍ୟମନ୍ତ୍ରୀ

# ନୂଆ କାର୍ଯ୍ୟ ଯୋଜନା ନେଇ ଆଲୋଚନା



- ୪.୫ ଲକ୍ଷ କୋଟି ନିବେଶ ମଞ୍ଜୁର
- ୨୦୬ ପ୍ରକଳ୍ପକୁ ଅନୁମୋଦନ
- ଖଣିଜ ପଦାର୍ଥରୁ ମେଗା କ୍ଲଷ୍ଟର


ଭୁବନେଶ୍ୱର, ୮।୬ (ସବ୍ୟୁ) : ସରକାରଙ୍କ ପ୍ରଥମ ବାର୍ଷିକୀ ପୂର୍ବରୁ ଆଜି ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅନେକ ପ୍ରମୁଖ ଶିଳ୍ପ ନେତା, ଏମଏସଏମଇ ଉଦ୍ୟୋଗୀ, ମହିଳା ଉଦ୍ୟୋଗୀ ଏବଂ ଷ୍ଟାର୍ଟ-ଅପ୍ କ୍ଷେତ୍ରର ପ୍ରମୁଖମାନଙ୍କୁ ଭେଟିଛନ୍ତି । ଆଲୋଚନା ସମୟରେ, ମୁଖ୍ୟମନ୍ତ୍ରୀ ଓଡ଼ିଶାର ଅଭିବୃଦ୍ଧି କାହାଣୀରେ ଅଂଶୀଦାର ହେବା ପାଇଁ ଉଦ୍ୟୋଗୀ ଏବଂ ଶିଳ୍ପ ନେତାମାନଙ୍କୁ ଧନ୍ୟବାଦ ଜଣାଇଥିଲେ । ସେ କିପରି ଓଡ଼ିଶା ଶିଳ୍ପାୟନର ଏକ ମୁଖ୍ୟ କେନ୍ଦ୍ର ପାଲଟିଛି ଏବଂ ଅନ୍ତର୍ଜାତୀୟ ବଜାରକୁ ପୂରଣ କରିବାରେ ଓଡ଼ିଶା ସରକାର ଶିଳ୍ପଗୁଡ଼ିକୁ ସାହାଯ୍ୟ କରିବା ପାଇଁ ଗ୍ରହଣ କରିଥିବା ପଦକ୍ଷେପଗୁଡ଼ିକ ଉପରେ ଆଲୋକପାତ କରିଥିଲେ । ସରକାର ନିଯୁକ୍ତି ସୃଷ୍ଟି ଏବଂ ଅଧିକ ନିଯୁକ୍ତି ଉପରେ ଅଧିକ ଧ୍ୟାନ ଦେଉଛନ୍ତି ବୋଲି କହ ସେ ଶିଳ୍ପ କର୍ତ୍ତୃପକ୍ଷ ଏବଂ ଉଦ୍ୟୋଗୀମାନଙ୍କୁ ଓଡ଼ିଶା ସହିତ ଅଭିବୃଦ୍ଧି କରିବାକୁ ଏବଂ ଓଡ଼ିଶାକୁ ଏକ ଶିଳ୍ପ ଶକ୍ତି ଗୃହ କରିବା ଯାତ୍ରାରେ ଯୋଗଦେବାକୁ ଆହ୍ୱାନ କରିଥିଲେ ।

ଶିଳ୍ପ ବ୍ୟାରୋନମାନଙ୍କ ସହିତ କଥା ହୋଇ ମୁଖ୍ୟମନ୍ତ୍ରୀ କହିଥିଲେ, ଗୋଟିଏ ବର୍ଷ ପୂର୍ବରୁ, ଓଡ଼ିଶାର ଲୋକମାନେ ଆମ ଉପରେ ବିଶ୍ୱାସ ରଖିଥିଲେ, ଏକ ଅନ୍ତର୍ଭୁକ୍ତ, ଆକାଂକ୍ଷୀ ଏବଂ ପରିବର୍ତ୍ତନକାରୀ ଭବିଷ୍ୟତ ଗଠନ କରିବା ପାଇଁ । ଆଜି, ଯେତେବେଳେ ଆମେ ଏହି ପ୍ରଥମ ବର୍ଷକୁ ପ୍ରତିଫଳିତ କରୁଛୁ, ଆମେ ଗର୍ବର ସହିତ (୯ ପୃଷ୍ଠାରେ)

# କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢୁଛି

ଭୁବନେଶ୍ୱର, ୮।୬ (ସବ୍ୟୁ): ରାଜ୍ୟରେ ଆଉ ୪ ନୂଆ କୋଭିଡ ପଜିଟିଭ୍ ଚିହ୍ନଟ ହୋଇଛନ୍ତି । ଏହାଫଳରେ ଓଡ଼ିଶାରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୪୯କୁ ବୃଦ୍ଧି ପାଇଛି । ସେମାନଙ୍କ ମଧ୍ୟରୁ ୧୫ଜଣ ସୁସ୍ଥ ହୋଇସାରିଲେଣି । ଏବେ ସକ୍ରିୟ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୩୪ । ଆଜି ଏନେଇ ସୂଚନା ଦେଇଛନ୍ତି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ନୀଳକଣ୍ଠ ମିଶ୍ର ।

ବର୍ତ୍ତମାନ ସୁଦ୍ଧା କଟକ ଜିଲ୍ଲାରେ ୨୨ ଜଣ କରୋନା ରୋଗୀ ଚିହ୍ନଟ ହୋଇଛନ୍ତି । ସମସ୍ତଙ୍କ ସ୍ୱାସ୍ଥ୍ୟବସ୍ଥା ଭଲ ରହିଛି । ଏମାନଙ୍କ ମଧ୍ୟରୁ ୫ ଜଣ ହସ୍ପିଟାଲରେ ଥିବା ବେଳେ ବାକି ୧୭ ଜଣ ହୋମ କ୍ୱାରେଣ୍ଟାଇନରେ ଅଛନ୍ତି । ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ କହିଛନ୍ତି, କଟକରେ ଭୟାବହ ପରିସ୍ଥିତି ନାହିଁ । ଲକ୍ଷଣ ଥିଲେ ଘରେ ରୁହନ୍ତୁ, ମାସ୍କ ପିନ୍ଧନ୍ତୁ, ଭିଡ଼ ଭିତରକୁ ଯାଆନ୍ତୁ ନାହିଁ, ଚିକିତ୍ସା କରାନ୍ତୁ ବୋଲି ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ପ୍ରଶାନ୍ତ କୁମାର ହୋତା କହିଛନ୍ତି ।



କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଏହାର ମୁକାବିଲା ଲାଗି ରାଜ୍ୟମାନଙ୍କୁ ଉପଯୁକ୍ତ ସ୍ୱାସ୍ଥ୍ୟସେବା ଭିତ୍ତିଭୂମି ଓ ଯଥେଷ୍ଟ ପରିମାଣର ଅକ୍ସିଜେନ୍ ସିଲିଣ୍ଡର ଗଚ୍ଛିତ ରଖିବାକୁ ମାର୍ଗଦର୍ଶିକା ଜାରି କରିଛନ୍ତି । ହାତ ସାନିଟାଇଜ କରିବା, କାଶ କିମ୍ବା ଛିଙ୍କ ହେଲେ ରୁମାଲ ବା ମାସ୍କ ବ୍ୟବହାର କରିବା, ଶରୀର ଅସୁସ୍ଥ ଥିଲେ ଭିଡ଼ରୁ ଦୂରେଇ ରହିବାକୁ ପରାମର୍ଶ ଦେଇଛି ମନ୍ତ୍ରାଳୟ । ସେହିପରି ଶ୍ୱାସଜନିତ ସମସ୍ୟା କିମ୍ବା ଅସୁସ୍ଥ ଅନୁଭବ କଲେ ତୁରନ୍ତ ବିଶେଷଜ୍ଞଙ୍କ ପରାମର୍ଶ ନେବାକୁ ପରାମର୍ଶ ଦିଆଯାଇଛି । ଅଯଥା ଗୁଜବକୁ ବିଶ୍ୱାସ ନକରିବାକୁ କହିଛି ମନ୍ତ୍ରାଳୟ । ସେପଟେ ସମସ୍ତ ରାଜ୍ୟକୁ ଆବଶ୍ୟକୀୟ ପରିମାଣର ଅକ୍ସିଜେନ ମହଜୁଦ ରଖିବା ସହ ମେଡ଼ିକାଲ ବେଡ, ଭେଣ୍ଟିଲେଟର, ଆବଶ୍ୟକୀୟ ପରିମାଣର ଔଷଧ ମହଜୁଦ ରଖିବାକୁ ନିର୍ଦ୍ଦେଶ ଦେଇଛି ସ୍ୱାସ୍ଥ୍ୟ ବିଭାଗ ।

ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତରେ ଏହି ପ୍ରଜାତି ୨୦୨୩ ଅଗଷ୍ଟରେ ଚିହ୍ନଟ ହୋଇଥିଲା । ଏହା ଓମିକ୍ରନର ଏକ ଉପପ୍ରଜାତି ସେତେଟା ଘାତକ ନୁହେଁ । ଏଥିରେ ମଧ୍ୟମ ଧରଣର ଜ୍ୱର, କାଶ ଓ ଥଣ୍ଡା ହୋଇଥାଏ । ତେବେ ବୟସ୍କ ଓ ଏକାଧିକ ଜଟିଳ ରୋଗ ଥିବା ବ୍ୟକ୍ତିମାନଙ୍କ ପାଇଁ ଏହା ଘାତକ ହୋଇପାରେ । ତେଣୁ ଏହି ବର୍ଗର ଲୋକମାନେ କୋଭିଡ୍ ନିର୍ଦ୍ଦେଶାବଳୀକୁ ପାଳନ କରିବାର ଆବଶ୍ୟକତା ରହିଛି ।

# ୩୦ ଜିଲ୍ଲା ପାଇଁ ନିର୍ମାଣ ହେବ ଅତିଥି ଭବନ



ଭୁବନେଶ୍ୱର, ୮।୬ (ସବ୍ୟୁ) : ରାଜ୍ୟର ୩୦ ଜିଲ୍ଲା ନିର୍ମଣ ହେବ ଅତିଥି ଭବନ । ଏଥିରେ ୩୦୦୦ କୋଠରୀ ରହିବ । ଖୋଦ ରାଜଧାନୀ ଭୁବନେଶ୍ୱରରେ ଏଭଳି ଅଟ୍ଟାଳିକା ନିର୍ମାଣ କରାଯିବ ବୋଲି ସରକାଙ୍କର ପରିକଳ୍ପନା ରହିଛି । ଭୁବନେଶ୍ୱର ଆସୁଥିବା ରାଜ୍ୟର ଲୋକଙ୍କ ପାଇଁ ସରକାର ଏଭଳି ଏକ ଐତିହାସିକ ପଦକ୍ଷେପ ନେବାକୁ ଯାଉଛନ୍ତି । ରାଜ୍ୟ ସରକାରଙ୍କ ଏହି ନୂଆ ନିଷ୍ପତ୍ତି କାର୍ଯ୍ୟରେ ପରିଣତ ହେଲେ ଉପାନ୍ତ, ଦୁର୍ଗମ ତଥା ଶହଶହ କିଲୋମିଟର ଦୂରରୁ ଭୁବନେଶ୍ୱର ଆସୁଥିବା ଲୋକଙ୍କୁ ସାମୟିକ ସମୟ ପାଇଁ ରହିବା ଓ ଫ୍ରେସ୍ ହେବା ଭଳି ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିବ ନାହିଁ ।

ରାଜ୍ୟ ସରକାର ପ୍ରତି ଜିଲ୍ଲାର ଲୋକଙ୍କ ପାଇଁ ଅତିଥି (୯ ପୃଷ୍ଠାରେ)

# ରାଜ୍ୟରେ ନିର୍ମାଣ ହେବ ଓଡ଼ିଶା ମଣ୍ଡପ

ଭୁବନେଶ୍ୱର(ସବ୍ୟୁ): ରାଜ୍ୟ ସରକାର ବିକଶିତ ଓଡ଼ିଶା-୨୦୩୬କୁ ଲକ୍ଷ୍ୟ ରଖି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ କରୁଛନ୍ତି । ରାଜ୍ୟର ଭିତ୍ତିଭୂମିକୁ ବିଶ୍ୱସ୍ତରୀୟ କରିବାକୁ ଚାହୁଁଛନ୍ତି । ଏହି କ୍ରମରେ ସରକାର ନୂଆନୂଆ ପଦକ୍ଷେପ ହାତକୁ ନେଇଛନ୍ତି । ନୂଆଦିଲ୍ଲୀର "ଭାରତ ମଣ୍ଡପମ୍' ଭଳି ଓଡ଼ିଶାରେ ମଧ ବିଶ୍ୱସ୍ତରୀୟ "ସମ୍ମିଳନୀ କକ୍ଷ'ର ନିର୍ମାଣ ପାଇଁ ସରକାର ପରିକଳ୍ପନା କରିଛନ୍ତି। ଏନେଇ ପୂର୍ତ୍ତମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ରବିବାର ଏନେଇ ସୂଚନା ଦେଇଛନ୍ତି ।

ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଛନ୍ତି, ଓଡ଼ିଶା ମଣ୍ଡପ ପାଇଁ ଭୁବନେଶ୍ୱରର ଚନ୍ଦ୍ରଶେଖରପୁରରେ ଜାଗା ଚିହ୍ନଟ ସରିଛି। ଏହି ମଣ୍ଡପରେ ୧୦ ହଜାର ଲୋକ (୯ ପୃଷ୍ଠାରେ)

# ଆମେରିକାରେ ହିଂସା, ଚିନ୍ତାରେ ଟ୍ରମ୍ପ



ଲସଆଞ୍ଜେଲ୍ସରେ ୨ ହଜାର ସୈନ୍ୟ ମୁତୟନ

ପାରାମାଉଣ୍ଟ, ୮।୬ : ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଲସ୍ ଆଞ୍ଜେଲସରେ ପ୍ରତିବାଦକୁ ନିୟନ୍ତ୍ରଣ କରିବା ପାଇଁ ୨,୦୦୦ କାଲିଫର୍ନିଆ ନ୍ୟାସନାଲ୍ ଗାର୍ଡ ସୈନିକଙ୍କୁ ମୁତୟନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ତେବେ ରାଜ୍ୟପାଳ ସରକାରଙ୍କ ଏହି ପଦକ୍ଷେପକୁ ବିରୋଧ କରିଛନ୍ତି । ଲସ୍ ଆଞ୍ଜେଲସର ଫେଡେରାଲ୍ ଇମିଗ୍ରେସନ୍ ଅଧିକାରୀମାନେ ଶୁକ୍ରବାର ଦିନ ଇମିଗ୍ରେସନ୍ ନିୟମ ଉଲ୍ଲଂଘନ କରିଥିବାରୁ ୪୪ ଜଣଙ୍କୁ ଗିରଫ କରିଥିଲେ । ଏହା ପରେ ଏକ ଫେଡେରାଲ୍ ଡିଟେନ୍ସନ୍ ସେଣ୍ଟର୍ ବାହାରେ ସଂଘର୍ଷ ହୋଇଥିଲା ଅଧିକାରୀମାନେ ଏହି କାର୍ଯ୍ୟ ବିରୁଦ୍ଧରେ ପ୍ରତିବାଦ କରିବାକୁ ଏକାଠି ହୋଇଥିବା ଲୋକମାନଙ୍କୁ ଘଉଡ଼ାଇବା ପାଇଁ ଲୁହ ବୁହା ଗ୍ୟାସ୍ ସେଲ୍ ବ୍ୟବହାର କରିଥିଲେ । ଆମେରିକା ରାଷ୍ଟ୍ରପତିଙ୍କ ସରକାରୀ ବାସଭବନ ଏବଂ କାର୍ଯ୍ୟାଳୟ ହ୍ୱାଇଟ୍ ହାଉସ୍ ଏକ ବିବୃତିରେ କହିଛି ଯେ, ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କାଲିଫର୍ଣ୍ଣିଆରେ ବଢୁଥିବା ବିଶୃଙ୍ଖଳାର ମୁକାବିଲା କରିବା ପାଇଁ କାଲିଫର୍ଣ୍ଣିଆ ନ୍ୟାସନାଲ୍ ଗାର୍ଡ ସୈନ୍ୟଙ୍କୁ ନିୟୋଜିତ କରିଛନ୍ତ । କାଲିଫର୍ଣ୍ଣିଆ ରାଜ୍ୟପାଳ ଏବଂ ଡେମୋକ୍ରାଟିକ୍ ପାର୍ଟି ନେତା ଗାଭିନ୍ ନ୍ୟୁସମ୍ ଏହି ପଦକ୍ଷେପକୁ ବିରୋଧ କରିଛନ୍ତି ଏବଂ ସୋସିଆଲ ମିଡିଆ ଏକ୍ସରେ ଏକ ପୋଷ୍ଟ ସେୟାର କରି କହିଛନ୍ତି ଯେ, ରିପବ୍ଲିକାନ୍ ପାର୍ଟି ନେତା ଏବଂ ରାଷ୍ଟ୍ରପତି ଟ୍ରମ୍ପଙ୍କ ଏହି ପଦକ୍ଷେପ ଜାଣିଶୁଣି କେବଳ ଉତ୍ତେଜନାପୂର୍ଣ୍ଣ ବୃଦ୍ଧି କରିବ । ନ୍ୟୁସମ୍ କହିଛନ୍ତି. ଏହି ମିସନ ଠିକ୍ ନୁହେଁଛ ଏହା ଜନସାଧାରଣଙ୍କର ସରକାରଙ୍କ ପ୍ରତି ଥିବା ଆସ୍ଥା ଓ ବିଶ୍ୱାସକୁ ଭାଙ୍ଗିଦେବ । ଲସ୍ ଆଞ୍ଜେଲସର ଫ୍ୟାଶନ୍ ଜିଲ୍ଲାରେ ଏକ ବଡ଼ ଚଢାଉ ସମୟରେ ଇମିଗ୍ରେସନ୍ ଏଜେନ୍ସି ଆଇଇସିଇ ୪୪ ଜଣଙ୍କୁ ଅଟକ ରଖିଥିଲା । ଏହା ପରେ, ସହର ସାରା ପ୍ରତିବାଦ ଆରମ୍ଭ ହୋଇଥିଲା, ଯାହା ଶନିବାର ପର୍ଯ୍ୟନ୍ତ ଜାରି ରହିଥିଲା । ଲୋକମାନେ 'ସମସ୍ତଙ୍କୁ ମୁକ୍ତ କରନ୍ତୁ' ଭଳି ସ୍ଲୋଗାନ ଦେଇଥିଲେ ଏବଂ 'ଦେଶ ନିର୍ବାସନ ବନ୍ଦ କରନ୍ତୁ' ଦାବି କରିଥିଲେଛ ଶନିବାର ଦିନ, ପାରାମାଉଣ୍ଟ ଅଞ୍ଚଳରେ ଏକ ପ୍ରଦର୍ଶନ ସମୟରେ ପୁଲିସ ଏବଂ ପ୍ରଦର୍ଶନକାରୀଙ୍କ ମଧ୍ୟରେ ସଂଘର୍ଷ ହୋଇଥିଲାଛ ପୁଲିସ ଲୁହ ବୁହା ଗ୍ୟାସ୍ ସେଲ୍ ଏବଂ ଫ୍ଲାସ୍ ବୋମା ବ୍ୟବହାର କରିଥିଲା । ପ୍ରଦର୍ଶନକାରୀମାନେ ଫେଡେରାଲ୍ କୋଠା ଉପରେ (୯ ପୃଷ୍ଠାରେ)

# ମହାନଦୀରେ ଭାସି ଗଲେ ୪ ନାବାଳକ

### ୩ ଉଦ୍ଧାର, ଜଣେ ମୃତ

ବାଙ୍କୀ ,(ସବ୍ୟୁ) : ରବିବାର ପୂର୍ବାହ୍ନରେ ମହାନଦୀରେ ଗାଧୋଇବା ବେଳେ ଭାସି ଗଲେ ୪ଜଣ ନାବାଳକ ବାଳିକା । ସେମାନଙ୍କ ମଧ୍ୟରୁ ତିନି ଜଣଙ୍କୁ ସ୍ଥାନୀୟ ଲୋକମାନେ ଡଙ୍ଗା ସାହାଯ୍ୟରେ ଉଦ୍ଧାର କରିଥିବା ବେଳେ ଜଣେ ନାବାଳିକ ନିଖୋଜ ହୋଇଯାଇଥିଲେ । ତେବେ ସନ୍ଧ୍ୟାରେ ନିଖୋଜ ନାବାଳିକଙ୍କୁ ଜାଲ ସାହାଯ୍ୟରେ ଉଦ୍ଧାର କରାଯାଇ ବାଙ୍କୀ ଡ଼ାକ୍ତରଖାନାରେ ଭର୍ତ୍ତି କରାଯାଇଥିଲ ବି ଡ଼ାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ।

କଟକ ଜିଲ୍ଲା ବାଙ୍କୀ ଥାନା ଅନ୍ତର୍ଗତ ପାଥପୁର ପଞ୍ଚାୟତର କଇଁମୁଣ୍ଡି ଗ୍ରାମର ଗୋଲଖ ବେହେରା ଓ ବଲ୍ଲଭ ବେହେରାଙ୍କର ୩ଜଣ କନ୍ୟା ଓ ଜଣେ ନାବାଳକ ବଡବାପାଙ୍କ ସହ ମହାନଦୀକୁ ଗାଧୋଇବାକୁ ଯାଇଥିଲେ । ସେଠାରେ ଗାଧୋଉଥିବା ବେଳେ ସେମାନେ ଭାସି ଯାଇ ବୁଡ଼ିଯାଉଥିବା ବେଳେ ନିଜେ (୯ ପୃଷ୍ଠାରେ)

# ଗାଜାରେ ଇସ୍ରାଏଲ ହମଲା: ୯୫ ମୃତ



ଜେରୁଜେଲମ୍, ୮।୬ : ଇସ୍ରାଏଲୀ ସେନା ଗାଜା ଉପରେ ଆକ୍ରମଣ ଜାରି ରଖିଛି । ଗାଜା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଅନୁଯାୟୀ, ଗତ ୨୪ ଘଣ୍ଟା ମଧ୍ୟରେ ଏହି ଆକ୍ରମଣରେ ୯୫ ଜଣଙ୍କର ମୃତ୍ୟୁ ହୋଇଛି । ଥାଇଲ୍ୟାଣ୍ଡ ନାଗରିକ ନାଟାପଙ୍ଗ ପିଣ୍ଟା କୃଷି କାମ କରିବାକୁ ଇସ୍ରାଏଲ ଆସିଥିଲେ। ଇସ୍ରାଏଲୀ ସରକାର କହିଛନ୍ତି, ତାଙ୍କୁ ବନ୍ଦୀ କରାଯାଇଥିଲା ଏବଂ ୭ ଅକ୍ଟୋବର ୨୦୨୩ରେ ଆରମ୍ଭ ହୋଇଥିବା ଯୁଦ୍ଧର ସମୟରେ ତାଙ୍କୁ ହତ୍ୟା କରାଯାଇଥିଲା । (୯ ପୃଷ୍ଠାରେ)

# ୧୨-୧୮ ସକ୍ରିୟ ହେବ ମୌସୁମୀ

ଭୁବନେଶ୍ୱର, ୮।୬ (ସବ୍ୟୁ) : ରାଜ୍ୟରେ ତାତି ସାଙ୍ଗକୁ ଗୁଳୁଗୁଳି ଜାରି ରହିଛି । ତେବେ ରଜ ବେଳକୁ ପାଗରେ ପରିବର୍ତ୍ତନ ହୋଇପାରେ । ରଜରେ ଏଥର ରଜ ପାଗ । ଆକାଶ ମେଘାଚ୍ଛନ୍ନ ହେବା ସହିତ ତାପମାତ୍ରା ହ୍ରାସ ପାଇବ। ତେବେ ବିରାମ ନେଇଥିବା ମୌସୁମୀ ପୁଣି ସକ୍ରିୟ ହୋଇପାରେ ।

ପାଣିପାଗ ବିଶେଷଜ୍ଞଙ୍କ କହିବାନୁଯାୟୀ, ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ୧୧ ଜିଲ୍ଲାକୁ ଛୁଇଁଥିବାବେଳେ ଏବେ ବିରାମ ନେଇଛି । ଆଉ ଆଗକୁ ବଢ଼ିନି । କିଛିଦିନ ପାଇଁ ବିରତି ନେବା ପରେ ପୁଣି ଆସନ୍ତା ୧୨ରୁ ୧୮ ତାରିଖ ମଧ୍ୟରେ ସକ୍ରିୟ ହେବାର ସମ୍ଭାବନା ରହିଛି । ଫଳରେ ସାରା ରାଜ୍ୟକୁ ମୌସୁମୀ ସ୍ପର୍ଶ କରିବ । ରବିବାର ରାଜ୍ୟରେ ସମ୍ବଲପୁରରେ ସର୍ବୋଚ୍ଚ ତାପମାତ୍ରା ୪୦.୬ ଡିଗ୍ରୀ ଥିବା ବେଳେ ହୀରାକୁଦରେ ୪୦.୬ ଡିଗ୍ରୀ, ଝାରସୁଗୁଡାରେ ୪୦ ଡିଗ୍ରୀ, ରାଉରକେଲାରେ ୩୮.୧ ଡିଗ୍ରୀ, ଭୁବନେଶ୍ୱର ୩୭.୮ ଡିଗ୍ରୀ, କେନ୍ଦୁଝରରେ ୩୭.୩ ଡିଗ୍ରୀ ଓ ଚାନ୍ଦବାଲିରେ ୩୭.୩ ଡିଗ୍ରୀ ରହିଛି । ଆସନ୍ତା ଦୁଇଦିନ ଯାଏ ତାପମାତ୍ରା ଏଭଳି ରହିବ । ତାତିରେ ସେତେଟା ପରିବର୍ତ୍ତନ ହେବନାହିଁ । ରାଜ୍ୟର ବିଭିନ୍ନ ସ୍ଥାନରେ କାଳବୈଶାଖୀ ବର୍ଷା ହୋଇପାରେ । ତେବେ ୧୧ ତାରିଖ ବେଳକୁ ପାଗ ବଦଳିବ ।

# ଶ୍ରୀମନ୍ଦିରରେ ଅଘଟଣ : ଗରମ ଡାଲି ପଡି ୭ ଶ୍ରଦ୍ଧାଳୁ ଆହତ




ପୁରୀ, ୮।୬ (ସବ୍ୟୁ) : ରବିବାର ଶ୍ରୀମନ୍ଦିର ପରିସରରେ ଅଘଟଣ ଘଟିଛି । ଗରମ ଡାଲି ପଡ଼ି ୭ ଜଣ ଶ୍ରଦ୍ଧାଳୁ ଆହତ ହୋଇଛନ୍ତି । ସେମାନଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ଗୁରୁତରମାନଙ୍କର ପରିଚୟ ମିଳିପାରି ନାହ । ଆଜି ରବିବାର ଥିବାରୁ ଶ୍ରୀମନ୍ଦିରରେ ଭକ୍ତମାନଙ୍କର ପ୍ରବଳ ଭିଡ଼ ଥିଲା । ଭୋଗ ମଣ୍ଡପ ଉଠିବା ପରେ ଅପରାହ୍ନ ସମୟରେ ବୋଝିଆ ସେବାୟତମାନେ ଗରମ ଡାଲି ନେଇ ଯାଉଥିଲେ । ସେମାନଙ୍କର ଅବସାବଧାନତା କାରଣରୁ ଗରମ ଡାଲି ପଡ଼ି ଯାଇଥିଲା । ଏହି ସମୟରେ ସେଠାରେ ଥିବା ଭକ୍ତମାନେ ଗରମ ଡାଲିର ସଂସ୍ପର୍ଶରେ ଆସିଥିଲେ । ଏହି ଘଟଣାରେ ୭ ଜଣ ଶ୍ରଦ୍ଧାଳୁ ଆହତ ହୋଇଥିବା ଜଣାପଡ଼ିଛି । ଗରମ ଡାଲିର ସଂସ୍ପର୍ଶରେ ଆସି ଆହତ ହୋଇଥିବା ଭକ୍ତମାନେ ନୟାଗଡ଼ ନିବାସୀ ବୋଲି କୁହାଯାଉଛି । ସେମାନଙ୍କୁ ପୁରୀ ଶ୍ରୀଜଗନ୍ନାଥ ମନ୍ଦିର ପୁଲିସ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରିଛି । ଭକ୍ତମାନଙ୍କ ଅବସ୍ଥା ସ୍ଥିର ଥିବା ଜଣାପଡ଼ିଛି। ମହାପ୍ରଭୁଙ୍କ ବାର୍ଷିକ ପର୍ବ "ଦେବସ୍ନାନ ପୂର୍ଣ୍ଣିମା' ପାଖେଇ ଆସୁଛି । ଶ୍ରୀମନ୍ଦିରରେ ଭକ୍ତମାନେ ଆସନ୍ତା ୧୧ ତାରିଖ ପର୍ଯ୍ୟନ୍ତ ମହାପ୍ରଭୁଙ୍କ ଦର୍ଶନ କରିବାର ଅପୂର୍ବ ସୁଯୋଗ ପାଇପାରିବେ। ଆସନ୍ତା ୧୧ ତାରିଖ ଠାରୁ ମହାପ୍ରଭୁ ଅଣସର ଘରେ ରହିବେ । ଏହା ପରେ ଜୁଲାଇ ୨୭ରେ ଶ୍ରୀଗୁଣ୍ଡିଚା ରଥଯାତ୍ରା ଅନୁଷ୍ଠିତ ହେବ । ତେଣୁ ଶ୍ରୀମନ୍ଦିରରେ ଭକ୍ତମାନଙ୍କର କିଛିଦିନ ହେଲା ଭିଡ଼ ପରଲକ୍ଷିତ ହେଉଛିଛ ଚଳିତ ବର୍ଷ ଦେବସ୍ନାନ ପୂର୍ଣ୍ଣିମା ପୂର୍ବରୁ ଆଜି ଶେଷ ରବିବାର ଥିବାରୁ ଶ୍ରୀମନ୍ଦିରରେ ଲକ୍ଷାଧିକ ଭକ୍ତଙ୍କର ଭିଡ଼ ପରିଲକ୍ଷିତ ହୋଇଛ । ଏବେ ଗ୍ରୀଷ୍ମକାଳୀନ ଅବକାଶ ଥିବାରୁ ପୁରୀକୁ ଚାରିଆଡ଼ୁ ଭକ୍ତଙ୍କର ସୁଅ ଛୁଟୁଛି । ପୁରୀ ଶ୍ରୀମନ୍ଦିରରେ ବିଭିନ୍ନ ସମୟରେ ଅଘଟଣ ଘଟୁଛି। ବୋଝିଆ ସେବାୟତମାନଙ୍କର ଅବହେଳା କାରଣରୁ ଆଜି ଗରମ ଡାଲି ପଡ଼ି ଯାଇଥିବା ଚର୍ଚ୍ଚା ହେଉଛି । ବୋଝିଆ ସେବାୟତମାନଙ୍କର ଦ୍ୱାରା ଅସାବଧାନତା ଯୋଗୁଁ ଡାଲି ପଡ଼ିବା ନୂଆ କଥା ନୁହେଁ । ପୂର୍ବରୁ ମଧ୍ୟ ଏହିଭଳି ଅଘଟା ଘଟିଥିବା ନଜିର ରହିଛି ।

# ବିଦ୍ୟୁତ ଆଘାତରେ ୩ ଶ୍ରମିକ ମୃତ

ଖଇରା/ଭଦକ, ୬।୮ (ସବ୍ୟୁ) : ରବିବାର ବାଲେଶ୍ୱର ଜିଲ୍ଲା ଖଇରା ଥାନା ଝିଙ୍କିରିଆ ପଞ୍ଚାୟତ ଅଧୀନ ଗଗନଧୂଳି ଗ୍ରାମରେ ଏକ ଅଘଟଣ ଘଟିଛି । ପାଇଖାନା ଟାଙ୍କିରେ କାମ କରୁଥିବା ବେଳେ ବିଦ୍ୟୁତ୍ ଅଘୋତରେ ଜଣେ ମିସ୍ତ୍ରୀ ଓ ୨ଶ୍ରମିକ ସମେତ ମୋଟ ୩ଜଣ ମୃତ୍ୟୁବରଣ କରିଛନ୍ତି। ମିସ୍ତ୍ରୀ ଜଣକ ହେଲେ ଖଇରା ବ୍ଲକ ବଡଜୟୀପୁର ପଞ୍ଚାୟତ ତେନ୍ତୁଳିଆ ଗ୍ରାମର ନରହରି ବେହେରା(୬୨)। ଶ୍ରମିକ ୨ଜଣ ହେଲେ ସେହି ଗଗନଧୂଳି ଗ୍ରାମର ବାବାଜୀ ମାଝୀ(୪୩)ଓ ହରେକୃଷ୍ଣ ଦାସ(୩୨)।

ଏଭଳି ଅଭାବନୀୟ ଘଟଣାରେ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ଗଗନଧୂଳି ଗ୍ରାମର ହରେକୃଷ୍ଣ ଙ୍କ ଘରେ ଏକ ପାଇଖାନା ଟାଙ୍କି ନିର୍ମାଣ କରାଯାଉଥିବା ବେଳେ ପାଇଖାନା ଛାତ ସେଣ୍ଟରିଂ ଖୋଲିବାକୁ ୩ଜଣ ଭିତରକୁ ଯାଇଥିଲେ। ଦୈବାତ୍ ବ୍ୟବହୃତ କରାଯାଉଥିବା ବିଦ୍ୟୁତ କଟରର ତାରଟି କୌଣସି କାରଣରୁ ଛିଡି ତଳକୁ ଖସି ପଡିଥିଲା। ଟାଙ୍କିତଳେ ୩ଫୁଟ ଉଚ୍ଚର ପାଣି ଥିବାବେଳେ ପାଣିରେ ଛିଡା ହୋଇ କାମ କରୁଥିବା ଶ୍ରମିକ ମାନେ ଛିଡିଥିବା ତାର ସଂସ୍ପର୍ଶରେ ଆସିବା ମାତ୍ରେ ଗୁରୁତର ହୋଇ ପଡିଥିଲେ। ଗ୍ରାମବାସୀମାନେ ବିଦ୍ୟୁତ ସଂଯୋଗ ବିଚ୍ଛିନ୍ନ କରି ସମସ୍ତଙ୍କୁ ଉଦ୍ଧାର କରି ପ୍ରଥମେ ବାରାପୁରର ଏକ ଘରୋଇ କ୍ଲିନିକ ଓ ପରେ ଭଦ୍ରକ ମୁଖ୍ୟଡାକ୍ତରଖାନାକୁ ନେଇଥିଲେ । ଡାକ୍ତର ସମସ୍ତଙ୍କୁ ସେଠାରେ ମୃତ ଘୋଷଣା କରିଥିଲେ। ଜିଲ୍ଲା ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ମଧୁସ୍ମିତା ସାମନ୍ତରାୟ, ତହସିଲଦାର ଅମିତ ରଞ୍ଜନ ହୋତା, ଅତିରିକ୍ତ ତହସିଲଦାର ଗଦାଧର ସେଠୀ, ଖଇରା ବ୍ଲକ ବିଡିଓ ନାରାୟଣ ସାହୁ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ଅସହାୟ ପରିବାରକୁ ସରକାରୀ ସହାୟତା ଯୋଗାଇଦେବାକୁ ପୂର୍ବତନ ବିଧାୟକ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଦାବୀ କରିଛନ୍ତି।ତେବେ ଏହି ଘଟଣା ଶୁଣି ଭଦ୍ରକ ମେଡିକାଲରେ ପଞ୍ଚାୟତ ରାଜମନ୍ତ୍ରୀ ରବି ନାୟକ ଓ ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡା ପହଞ୍ଚି ଏମିତି ସ୍ଥିତିରେ ସମସ୍ତେ ମର୍ମାହତ ବୋଲି କହିଛନ୍ତି ମନ୍ତ୍ରୀ । ଏଥିସହ ମୁଖ୍ୟମନ୍ତ୍ରୀଙ୍କୁ ଘଟଣା (୯ ପୃଷ୍ଠାରେ)



# ମୋବାଇଲର ନକାରାତ୍ମକ ପ୍ରଭାବ

**ଆଜିକାଲି ବଡ ହେଉ କି ଛୋଟ ସମସ୍ତଙ୍କର ମୋବାଇଲର ଆବଶ୍ୟକତା ରହୁଛି । ବଡମାନେ କାମ ପାଇଁ ବ୍ୟବହାର କରୁଥିବାବେଳେ ଛୋଟପିଲାମାନେ ଖାଇବାବେଳେ ହେଉ କିମ୍ବା ସମୟ ଅତିବାହିତ କରିବା ପାଇଁ ହେଉ ମୋବାଇଲର ବ୍ୟବହାର କରୁଛନ୍ତି । ତେବେ ଏହାର ନକାରାତ୍ମକ ପ୍ରଭାବ ବେଶି ଛୋଟ ପିଲାଙ୍କ ଉପରେ ପଡୁଥିବା ଦେଖିବାକୁ ମିଳୁଛି । ଆସନ୍ତୁ ଜାଣିବା ସେହିଭଳି କିଛି ଗୁରୁତର ପ୍ରଭାବ ସମ୍ପର୍କରେ ଯାହା ପିଲାଙ୍କ ଉପରେ ପଡୁଛି ।**

**ଧୈର୍ଯ୍ୟ କମିବା–** ମୋବାଇଲ ବ୍ୟବହାର ନକରାତ୍ମକ ପ୍ରଭାବ କାରଣରୁ ପିଲାଙ୍କର ଧୈର୍ଯ୍ୟ କମିବାରେ ଲାଗୁଛି । ସବୁବେଳେ ସ୍କ୍ରିନ ଦେଖିବା ଏବଂ କାମ ଜଲଦି ହେବାପାଇଁ ଇଚ୍ଛା ସେମାନଙ୍କ ଭିତରେ ଧୈର୍ଯ୍ୟର ଅଭାବ ସୃଷ୍ଟି କରୁଛି । ଏହି କାରଣରୁ ସେମାନେ ଚିଡଚିଡା ମଧ୍ୟ ହୋଇଯାଉଛନ୍ତି । ନିଜ ମାତା ପିତା ହେଉ କିମ୍ବା ଶିକ୍ଷକ କାହାର ବି ଅଳ୍ପ ଗାଳି ସେମାନେ ସହି ପାରୁ ନାହାନ୍ତି । ସେହିଭଳି ସେମାନଙ୍କୁ ରାଗ ଖୁବ ଜଲଦି ଆସୁଥିବା ଦେଖିବାକୁ ମିଳୁଛି ।

**ଏକାଗ୍ରତା କମୁଛି–** ମୋବାଇଲରେ ଆସୁଥିବା ସବୁବେଳେ ନୋଟିଫିକେସନ, ଆଲର୍ଟ ଓ ମେସେଜ୍ ସେମାନଙ୍କର ଧ୍ୟାନ ବା ଏକାଗ୍ରତା କମାଉଛି । ସେମାନେ ଖୁବ ଶୀଘ୍ର ବିଚଳିତ ହୋଇ ଯାଉଛନ୍ତି । ସେମାନେ ଏତେମାତ୍ରାରେ ମୋବାଇଲ ଆଡିକ୍ଟ ହେଉଛନ୍ତି କି କାମ ଅଧାରୁ ବନ୍ଦ କରି ମୋବାଇଲ ଦେଖୁଛନ୍ତି, ଏହା ସେମାନଙ୍କର ଏକାଗ୍ରତା ଉପରେ ଗଭୀର ପ୍ରଭାବ ପକାଉଛି ।

**ଏକୁଟିଆ ରହିବାକୁ ଇଚ୍ଛା ହେବା–** ମୋବାଇଲ ଅଧିକ ବ୍ୟବହାର କରିବା ଦ୍ୱାରା ସେମାନେ ଏକୁଟିଆ ରହିବାକୁ ଲାଗନ୍ତି । ସବୁବେଳେ ଏକୁଟିଆ ରହିବା ଦ୍ୱାରା ସାଙ୍ଗସାଥୀଙ୍କ ସହିତ ମିଶିବା କମିଥାଏ । ସେହିଭଳି ଏକୁଟିଆ ରହିବାରୁ ମାନସିକ ଅବସାଦ ବଢିଥାଏ, ଯଦି କିଛି କଥା ସେମାନଙ୍କୁ ସମସ୍ୟାରେ ପକାଇଥାଏ ସେମାନେ କାହାସହିତ ସେୟାର କରିପାରନ୍ତି ନାହିଁ । ଯାହା ସେମାନଙ୍କ ମାନସିକ ସ୍ୱାସ୍ଥ୍ୟ ଉପରେ ଖରାପ ପ୍ରଭାବ ପକାଇଥାଏ ।

**ଆଖି ଉପରେ ପ୍ରଭାବ–** ମୋବାଇଲ ଫୋନ୍‌ର ପ୍ରଭାବ ବିଶେଷଭାବେ ଆଖି ଉପରେ ଅଧିକ ଦେଖିବାକୁ ମିଳିଥାଏ । ଛୋଟଛୋଟ ପିଲାଙ୍କର ଆଜିକାଲି ଆଖି ଖରାପ ହେଉଥିବା ଦେଖିବାକୁ ମିଳୁଛି । ଏହା ସ୍କ୍ରିନ ଟାଇମ୍ ଅଧିକ ହେବାର ପ୍ରଭାବ । କେବଳ ଆଖି ଖରାପ ନୁହେଁ ନିଦ୍ରା ହୀନତା, ମେଦବହୁଳତା ଭଳି ସମସ୍ୟା ମଧ୍ୟ ଦେଖିବାକୁ ମିଳିଥାଏ ।



## ସୋସିଆଲ କୋଟ୍ସ



"ରଜନୀକାନ୍ତ, ଚୀରଞ୍ଜିବ୍ ଓ ଏନ୍‌ଟିଆରଙ୍କ ଭଳି କଳାକାର ବଲିଉଡ ରିମେକ କାରଣରୁ ଷ୍ଟାର ହୋଇଛନ୍ତି । ସେ ଭଲଭଲ ବଲିଉଡ ଫିଲ୍ମର ରିମେକ୍‌ରେ କାମ କରି ଫେମ୍ ପାଇଛନ୍ତି ।

**ରାମ ଗୋପାଳ ବର୍ମା, ଫିଲ୍ମମେକର**

"ବଲିଉଡର ପାପରାଜି କଲ୍‌ଚରଟି ଖୁବ ଖରାପ । ଅନେକ ସମୟରେ ଏହା ସେଲିବ୍ରିଟିଙ୍କ ଚିଡାଇଥାଏ । ସେମାନଙ୍କର ବ୍ୟକ୍ତିଗତ ଜୀବନକୁ ଏହା ବେଳେବେଳେ ପ୍ରଭାବିତ କରିଥାଏ ।

**ରାଣା ଡଗୁବାତି, ଅଭିନେତା**





"ବହୁତ କମ ଲୋକ ମୋର ଜୀବନର ସତ କାହାଣୀକୁ ଜାଣିଛନ୍ତି । ସମସ୍ତେ ଭାବନ୍ତି ମୋ ଜୀବନ ବହୁତ ସହଜ, ହେଲେ ଏହା ସତ ନୁହେଁ ।

**ମୁକେଶ ଛାବ୍ରା, କାଷ୍ଟିଂ ନିର୍ଦ୍ଦେଶକ**

# ବ୍ରେଡ୍ ଇଡ୍‌ଲି

**ସାମଗ୍ରୀ :** ୬ଖଣ୍ଡ ବ୍ରେଡ୍, ୨ଟି ସିଝା ଆଳୁ, ୧ଟି ସିଝା ଗାଜର, ୪ଟି ଛୋଟ ଛୋଟ କଟା ହୋଇଥିବା କଞ୍ଚାଲଙ୍କା, ୨ଟି କଟା ହୋଇଥିବା ପିଆଜ, ୧କପ୍ ଲୁଣ ମିଶା ଦହି, ୧–୨ ବିଡ଼ା କଟା ହୋଇଥିବା ଧନିଆପତ୍ର, ୨ ଚାମଚ ଗରମ ମସଲା ଏବଂ ସ୍ୱାଦ ଅନୁସାରେ ଲୁଣ ।

**ପ୍ରଣାଳୀ :** ପ୍ରଥମେ ପିଆଜକୁ ଛୋଟ ଛୋଟ କାଟି କଡ଼େଇରେ ତେଲ ୨ ଚାମଚ ଗରମ କରି ଭାଜନ୍ତୁ । ଗୋଟିଏ ପାତ୍ରରେ ସିଝା ଆଳୁ ଚକଟା, ସିଝା ଗାଜର ଚକଟା, ଭଜା ପିଆଜ, କଟା କଞ୍ଚାଲଙ୍କା, ଅଳ୍ପ ଗରମ ମସଲା, କଟା ଧନିଆପତ୍ର, ସ୍ୱାଦ ଅନୁସାରେ ଲୁଣ ନେଇ ଭଲକି ଗୋଳେଇ ଛୋଟ ଛୋଟ ବଲ୍ କରି ରଖନ୍ତୁ । ବ୍ରେଡ୍‌କୁ ଗୋଲକରି କାଟନ୍ତୁ । ତା'ପରେ ଚୁଲିରେ ଗୋଟିଏ ପାତ୍ରରେ ବଟର ଦେଇ, ଆଳୁ ଚକଟା ବଲ୍‌କୁ ଭାଜନ୍ତୁ ଓ ବ୍ରେଡ୍‌କୁ ବଟରରେ ସେକି ମଝିରେ ଭଜା ଆଳୁ ବଲ୍‌କୁ ରଖି ତା'ଉପରେ ବ୍ରେଡ୍‌କୁ ରଖନ୍ତୁ । ତା'ଉପରେ ଦହି ମିଶ୍ରଣକୁ ଢ଼ାଳି କୋରା ଗାଜର୍ ଓ ଧନିଆପତ୍ର ପକାଇ, ୧–୨ ମିନିଟ୍ ଘୋଡ଼ାଇ ଦିଅନ୍ତୁ । ତା'ପରେ ଏହାକୁ କାଢ଼ି ଖାଇବାକୁ ଦିଅନ୍ତୁ ।




**ଅପର୍ଣ୍ଣା ନାୟକ**
**ନୂଆଦିଲ୍ଲୀ**

## ଇତିହାସ

୧୮୯୮– ଚୀନ୍‌ର ହଂକଂର କେତେକ ନୂତନ କ୍ଷେତ୍ରକୁ ୯୯ ବର୍ଷ ପାଇଁ ବ୍ରିଟେନ୍ ଠାରୁ ଲିଜ୍‌ରେ ନିଆଗଲା ।
୧୯୦୦– ସ୍ୱତନ୍ତ୍ରତା ସେନାନି ବିର୍ସା ମୁଣ୍ଡାଙ୍କର ରାଞ୍ଚି ଜେଲ୍‌ରେ ସନ୍ଦିଗ୍ଧ ପରିସ୍ଥିତିରେ ମୃତ୍ୟୁ ।
୧୯୩୧– ଡୋନାଲ୍ଡ ଡକ୍ କାର୍ଟୁନ୍‌କୁ ପ୍ରଥମ ଥର ପାଇଁ ପ୍ରଦର୍ଶିତ କରାଗଲା ।
୧୯୩୧– ଓଡିଶାର ପ୍ରଥମ ମହିଳା ମୁଖ୍ୟମନ୍ତ୍ରୀ ତଥା ଲେଖିକା ନନ୍ଦିନୀ ଶତପଥି ଜନ୍ମଗ୍ରହଣ କରିଥିଲେ ।
୧୯୩୪– କାର୍ଟୁନ୍ ଚରିତ୍ର ଡୋନାଲ୍ଡ ଡକ୍‌କୁ ପ୍ରଥମକରି ଡିଜ୍‌ନୀ ୱାଲ୍ ଦ୍ୱାରା ନିର୍ମିତ ଆନିମେସନ୍ ଫିଲ୍ମ ଦି ୱାଇଜ୍ ଲିଟିଲ୍ ହେନ୍‌ରେ ପ୍ରଦର୍ଶିତ ହୋଇଥିଲା ।
୧୯୪୦– ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଜର୍ମାନୀ ସମ୍ମୁଖରେ ନର୍‌ୱେର ଆତ୍ମସମର୍ପଣ ।
୧୯୪୪– ଫିନ୍‌ଲ୍ୟାଣ୍ଡର କେରେଲିଆ କ୍ଷେତ୍ର ଉପରେ ଋଷର ଆକ୍ରମଣ ।
୧୯୪୯– ଭାରତର ପ୍ରଥମ ମହିଳା ଆଇପିଏସ୍ ଅଫିସର କିରଣ ବେଦୀଙ୍କ ଜନ୍ମ ହୋଇଥିଲା ।
୧୯୫୯– ଆଫଗାନିସ୍ତାନରେ ଭୂମିକମ୍ପ ହୋଇ ୪୦୦ ଜଣ ଲୋକଙ୍କର ମୃତ୍ୟୁ ଘଟିଥିଲା।
୧୯୬୦– ଚୀନ୍‌ରେ ବାତ୍ୟାରେ ଅତିକମ୍‌ରେ ୧୬୦୦ ଜଣଙ୍କର ମୃତ୍ୟୁ ଘଟିଥିଲା ।
୧୯୬୪– ଜବାହାରଲାଲ୍ ନେହେରୁଙ୍କ ନିଧନ ପରେ ଲାଲ ବାହାଦୂର ଶାସ୍ତ୍ରୀ ଭାରତର ଦ୍ୱିତୀୟ ପ୍ରଧାନମନ୍ତ୍ରୀ ରୂପେ ପଦଭାର ସମ୍ଭାଳିଥିଲେ ।
୨୦୦୮– କେନ୍ଦ୍ରଶାସିତ ଅଞ୍ଚଳର ପ୍ରଶାସନ ଚଣ୍ଡିଗଡକୁ ତମ୍ବାଖୁମୁକ୍ତ ଘୋଷିତ କଲେ ।
୨୦୦୮– ଭାରତୀୟ ଅଭିନେତା ଶାହରୁଖ୍ ଖାନ୍ ନର୍‌ୱେ ଇଣ୍ଟର୍‌ନ୍ୟାସ୍‌ନାଲ୍ ଇଣ୍ଡିଆନ୍ ଫିଲ୍ମ ଏକାଡେମୀ (ଆଇଫା) ପୁରସ୍କାର ସମାରୋହରେ ଚକ୍ ଦେ ଇଣ୍ଡିଆ ପାଇଁ ସର୍ବଶ୍ରେଷ୍ଠ ଅଭିନେତାର ପୁରସ୍କାର ପାଇଥିଲେ ।
୨୦୧୧– ଭାରତର ଲୋକପ୍ରିୟ ଚିତ୍ରକାର ଏମ୍‌ଏଫ୍ ହୁସେନ୍‌ଙ୍କ ଲଣ୍ଡନରେ ପରଲୋକ ହୋଇଥିଲା ।

# ସମୁଦ୍ର ପାଣିରେ ମିଳେଇଯିବ ପ୍ଲାଷ୍ଟିକ



ପ୍ଲାଷ୍ଟିକକୁ ନେଇ ଅନେକ ସମୟରେ ବୈଜ୍ଞାନିକମାନେ ବିଭିନ୍ନ ପରୀକ୍ଷା କରିଥାଆନ୍ତି । ଯେଉଁଥିରେ ଏହା ସୃଷ୍ଟି କରୁଥିବା ପ୍ରଦୂଷଣକୁ ରୋକିବାକୁ ଧ୍ୟାନ ଦିଆଯାଇଥାଏ । ବିଭିନ୍ନ ପ୍ରକାରର ପ୍ଲାଷ୍ଟିକ ବର୍ତ୍ତମାନ ଉତ୍ପାଦନ କରାଯାଉଛି ଯାହା ସହଜରେ ମାଟିରେ ମିଶିଯିବ । ସୂଚନା ଅନୁସାରେ ନିକଟରେ ଜାପାନର ବୈଜ୍ଞାନିକମାନେ ସେହିଭଳି ଏକ ପ୍ଲାଷ୍ଟିକର ଉଦ୍ଭାବନ କରିଛନ୍ତି ଯାହା ସମୁଦ୍ରପାଣିରେ ମିଳେଇଯିବ । ଟୋକିଓ ବିଶ୍ୱବିଦ୍ୟାଳୟର ବୈଜ୍ଞାନିକଙ୍କ ସହିତ ଅନ୍ୟକିଛି ବୈଜ୍ଞାନିକ ମିଶି ଏହି ଉଦ୍ଭାବନ କରିଛନ୍ତି । ଏହି ପ୍ଲାଷ୍ଟିକ୍‌କୁ ସୁପରମଲିକୁଲାର ପଲିମରରୁ ପ୍ରସ୍ତୁତ କରାଯାଇଛି । ବୈଜ୍ଞାନିକମାନେ ଏହାକୁ ପ୍ରସ୍ତୁତ କରିବା ଆଗରୁ ବାରମ୍ବାର ବିଭିନ୍ନ ପ୍ରକାରର କମ୍ପାଉଣ୍ଡକୁ ନେଇ ପରୀକ୍ଷଣ କରିଥିଲେ । ଏହି ନୂଆ ପ୍ଲାଷ୍ଟିକ ମଣିଷଙ୍କ ପାଇଁ ବିଷାକ୍ତ ନୁହେଁ, ସେହିଭଳି ଏହା ନିଆଁଠାରୁ ମଧ୍ୟ ସୁରକ୍ଷିତ । ସେହିଭଳି ଏହା ଅନ୍ୟ ପ୍ଲାଷ୍ଟିକଙ୍କ ଭଳି କାର୍ବନଡାଇଅକ୍ସାଇଡ ନର୍ଗମନ କରିବ ନାହିଁ ବୋଲି ବୈଜ୍ଞାନିକମାନେ ପ୍ରକାଶ କରିଛନ୍ତି । ବର୍ତ୍ତମାନ ପ୍ଲାଷ୍ଟିକ ମଣିଷ ସମାଜ ପାଇଁ ଏକ ବଡ ବିପଦ ପାଲଟିଛି । ବଡ ପ୍ଲାଷ୍ଟିକ ସହିତ ଛୋଟଛୋଟ ପ୍ଲାଷ୍ଟିକ ବେଶି ସମସ୍ୟାର କାରଣ ସାଜିଛି । ଏଗୁଡିକ ମଣିଷର ମସ୍ତିଷ୍କଙ୍କ ଠାରୁ ଆରମ୍ଭ କରି ମାଛଙ୍କର ପେଟରେ ସବୁସ୍ଥାନରେ ମିଳୁଛନ୍ତି, ଯାହା ଖୁବ ଭୟଙ୍କର । ତେଣୁ ଯଥାଶୀଘ୍ର ପ୍ଲାଷ୍ଟିକ ଠାରୁ ଆମକୁ ଦୂରେଇବାକୁ ହେବ ବୋଲି ସବୁବେଳେ ମତ ପ୍ରକାଶ ପାଇଥାଏ ।

# ରଖନ୍ତୁ ବୟସ୍କଙ୍କ ଧ୍ୟାନ

ଆଜିକାଲି ବୟସ୍କ ଲୋକଙ୍କ ପାଇଁ ଘରେ ରହିବା ସମସ୍ୟା ହେଉଛି । ବେଳେବେଳେ ଦେଖିବାକୁ ମିଳୁଛି ଅନେକ ବୟସ୍କ ଲୋକ ଘରେ ଅଶାନ୍ତିର ସମ୍ମୁଖୀନ ହେଉଛନ୍ତି । ସେମାନଙ୍କୁ ସେମାନଙ୍କ ପିଲାମାନେ ଖରାପ ବ୍ୟବହାର ଦେଖାଉଥିବାର ଉଦାହରଣ ମଧ୍ୟ ସମାଜରେ ଦେଖିବାକୁ ମିଳୁଛି । ତେବେ ବିଭିନ୍ନ ଛୋଟଛୋଟ କଥା ରହିଛି, ଯାହାକୁ ଆମକୁ ଗୁରୁତ୍ୱଦେବାରେ ଅଛି । ଆମ ଦେଶରେ ବୟସ୍କଙ୍କୁ ହିଁ ଘରର ମୁଖ୍ୟଭାବେ ଧରାଯାଏ । ହେଲେ ବର୍ତ୍ତମାନ ପରିବାରର ସଦସ୍ୟଙ୍କ ସଂଖ୍ୟା କମିବାରେ ଲାଗିଛି । ଯୌଥ ପରିବାର କମି ଏକକ ପରିବାର ହେବାରେ ଲାଗିଛି । ତେବେ ଏଥିରେ ନୂଆ ପିଢି ଓ ପୁରୁଣା ପିଢି ମଧ୍ୟରେ ଅନେକ ସମୟରେ ଲଢେଇ ସାମନାକୁ ଆସୁଛି । ନୂଆ ପିଢିର ଅନେକକଥା ବୟସ୍କ ବୁଝିପାରୁ ନଥିବାବେଳେ ସମସ୍ୟା ପୁଜିଥାଏ । ସେହିଭଳି ଛୋଟ ପିଲାମାନେ ବୟସ୍କଙ୍କ କଥା ମଧ୍ୟ ମଧ୍ୟ ସମୟେ ସମୟେ ବୁଝିପାରନ୍ତି ନାହିଁ, ଏଥିରୁ ଦୁର୍ବବ୍ୟହାରର ଜନ୍ମ ହୋଇଥାଏ । ତେଣୁ ସର୍ବଦା ଏକଥା ଧ୍ୟାନ ରଖନ୍ତୁ ଯେପରି ସମସ୍ତେ ସମସ୍ତଙ୍କ କଥା ବୁଝିପାରିବା ସହ ଘରେ ଏକ ସୁସ୍ଥ ପରିବେଶ ସୃଷ୍ଟି ହେବ । ସ୍ୱାଧୀନତା – ଆଜିକାଲିର ନୂଆ ପିଢିଙ୍କ ପାଇଁ ସ୍ୱାଧୀନତା ସବୁକିଛି । ଖାଇବା, ପିନ୍ଧିବା, ପଢିବା, ବୃତ୍ତିଗତ ଆଦି ସବୁଥିରେ ସେମାନେ ସ୍ୱାଧୀନତା ଖୋଜିଥାଆନ୍ତି । ହେଲେ ବୟସ୍କଙ୍କ ପାଇଁ ସ୍ୱାଧୀନତାର ଅର୍ଥ କିଛି ଅଲଗା । ଯାହାଫଳରେ ବେଳେବେଳେ ସେମାନେ ନୂଆ ପିଢିର ଲୋକଙ୍କୁ ବିଭିନ୍ନ କଥା ପାଇଁ ବାରଣ କରନ୍ତି, ଯାହା ଘରେ ଅଶାନ୍ତି ସୃଷ୍ଟି କରେ । ସେମାନେ ବଡ ମାନଙ୍କୁ ଏଭଳି କିଛି କଥା କୁହନ୍ତି, ଯାହା ସେମାନଙ୍କ ମାନସିକ ଶାନ୍ତି ଉପରେ ପ୍ରଭାବ ପକାଇଥାଏ, ତେଣୁ ଏ ଦିଗରେ ଧ୍ୟାନ ଦିଅନ୍ତୁ ।



# ଗୋମୁଖାସନ

ଯୋଗ ମ୍ୟାଟରେ ପ୍ରଥମେ ଗୋଡ ଲମ୍ବାଇ ବସିଯାଆନ୍ତୁ । ଏହାପରେ ବାମ ଗୋଡକୁ ଭାଙ୍ଗି ଡାହାଣ ଗୋଡ ଉପରେ ଚିତ୍ରରେ ଦିଆଯାଇଥିବା ଭଳି କ୍ରସ୍ କରି ରଖନ୍ତୁ । ଦୁଇଗୋଡର ଆଣ୍ଠୁକୁ ଉପର ତଳ କରି ପାଖାପାଖି ରଖନ୍ତୁ । ଏହାପରେ ବାମ ହାତକୁ କହୁଣୀ ପାଖରୁ ଭାଙ୍ଗି ପିଠିରେ ଲଗାଇ ରଖନ୍ତୁ । ଏହାପରେ ଡାହାଣ ହାତକୁ କାନ୍ଧ ଉପରେ ଭାଙ୍ଗି ବାମହାତକୁ ଧରିବାକୁ ଚେଷ୍ଟା କରନ୍ତୁ । ଯେତିକି ସମ୍ଭବ ସେତିକି ଷ୍ଟ୍ରେଚ୍ କରନ୍ତୁ, ଏପରି ଅବସ୍ଥାରେ ୩୦ ରୁ ୬୦ ସେକେଣ୍ଡ ରହିପାରିବେ ।



**ଉପକାର**
- ପିଠି ଯନ୍ତ୍ରଣାରୁ ମୁକ୍ତି ଦେଇଥାଏ ।
- ସାଇଟିକା ରୋଗୀଙ୍କ ପାଇଁ ଏହା ଖୁବ ଉପକାରୀ ହୋଇଥାଏ ।
- ଷ୍ଟ୍ରେସ ଓ ଆଙ୍ଗଜାଇଟ୍ ପାଇଁ ଏହି ଆସନ ଭଲ ହୋଇଥାଏ ।
- ଏହି ଆସନ କରିବା ଦ୍ୱାରା ମନ ମଧ୍ୟ ଶାନ୍ତ ରହିଥାଏ ।

## ହାହାଃ..

ରୋଗୀ – ଡାକ୍ତର ବାବୁ ମୋତେ ରାତିରେ ନିଦ ହେଉନି । କିଛି ଔଷଧ ଦିଅନ୍ତୁ ।
ଡାକ୍ତର – ଏ ନିଅ ସ୍କୁଲ ବହି, ପଢିବ ନିଦ ଆସିବ ।
ରୋଗୀ – ସତରେ ନିଦ ଆସିବ ତ ?
ଡାକ୍ତର – ଶହେ ପ୍ରତିଶତ ଆସିବ । କାରଣ ମୁଁ ମଧ୍ୟ ଏହା କରୁଛି ।

# ଚର୍ଚ୍ଚାରେ ସୌନ୍ଦର୍ଯ୍ୟା



ସୌନ୍ଦର୍ଯ୍ୟା ଶର୍ମା ବର୍ତ୍ତମାନ ହାଉସ୍ ଫୁଲ୍ ୫କୁ ନେଇ ଖୁବ ଚର୍ଚ୍ଚା ସାଉଁଟିଛନ୍ତି । ନବାଗତ ହେଲେ ମଧ୍ୟ ନିଜ ଗ୍ଲାମର ପାଇଁ ଦର୍ଶକଙ୍କ ଦୃଷ୍ଟି ଆକର୍ଷଣ କରିବାରେ ସଫଳ ହୋଇଛନ୍ତି ସୌନ୍ଦର୍ଯ୍ୟା । ଫିଲ୍ମର ଗୀତ ଲାଲ୍ ପରୀରେ ସୌନ୍ଦର୍ଯ୍ୟାଙ୍କ ନୃତ୍ୟ ସମସ୍ତଙ୍କ ମନ ମୋହିବାରେ ଲାଗିଛି। ଫ୍ୟାନ୍‌ମାନ ତାଙ୍କ ନୃତ୍ୟର ଖୁବ ପ୍ରଶଂସା କରୁଥିବାର ଦେଖିବାକୁ ମିଳୁଛି । ୧୯୯୪ରେ ଜନ୍ମିତ ସୌନ୍ଦର୍ଯ୍ୟା ଛୋଟ ପରଦାରୁ ନିଜ କ୍ୟାରିୟର ଆରମ୍ଭ କରିଥିବାର ଦର୍ଶକ ଦେଖିବାକୁ ପାଇଥିଲେ । ସେ ପିଲାଦିନୁ ଭାରତୀୟ ଶାସ୍ତ୍ରୀୟ ନୃତ୍ୟ ଶିକ୍ଷା କରିଥିବାର ସୂଚନା ରହିଛି । ଏହାପରେ ସେ ନ୍ୟାସନାଲ ସ୍କୁଲ ଅଫ୍ ଡ୍ରାମାରେ ଅଭିନୟ ମଧ୍ୟ ଶିକ୍ଷା କରିଛନ୍ତି । ୨୦୧୭ରେ ସେ ଫିଲ୍ମ ରାଞ୍ଚି ଡାଏରୀରୁ ନିଜର ଆକ୍ଟିଂ କ୍ୟାରିୟର ଆରମ୍ଭ କରିଥିଲେ । ସେ କଲର୍ସରେ ପ୍ରସାରିତ ରିଆଲିଟି ଶୋ ବିଗ୍‌ବସରେ ପ୍ରତିଯୋଗୀ ଭାବେ ଅଂଶ ଗ୍ରହଣ କରିବା ପରେ ଖୁବ ଚର୍ଚ୍ଚାକୁ ଆସିଥିଲେ । ଏହାପରେ ତାଙ୍କୁ ଏକାଧୀକ ଫିଲ୍ମ ଓ ସିରିଜ୍‌ରେ ଦେଖିବାକୁ ମିଳିଥିଲା । ବର୍ତ୍ତମାନ ହାଉସଫୁଲକୁ ନେଇ ଖୁବ ଉତ୍ସାହିତ ଅଛନ୍ତି ଅଭିନେତ୍ରୀ । ଆଗକୁ ନିଜ ଫ୍ୟାନ୍‌ଙ୍କୁ ଆହୁରି ଭଲଭଲ ପ୍ରୋଜେକ୍ଟ ଭେଟିଦେବେ ବୋଲି ସେ ଆଶା ରଖିଛନ୍ତି ।








**ଗରିବଙ୍କ କଲ୍ୟାଣ**
୪+ କୋଟି ପରିବାରକୁ ମିଳିଲା ପକ୍କା ଘର
୮୧ କୋଟି ଲୋକଙ୍କୁ ମାଗଣା ମାସିକ ରାସନ
ଆୟୁଷ୍ମାନ ଭାରତ ଅଧୀନରେ ୫୫ କୋଟି ଲୋକଙ୍କ ପାଇଁ ମାଗଣା ଚିକିତ୍ସା



**ଯୁବବର୍ଗଙ୍କ ପାଇଁ ଅପାର ସୁଯୋଗ**
490 ନୂଆ ବିଶ୍ୱବିଦ୍ୟାଳୟ ଏବଂ 8100+ନୂଆ କଲେଜ୍ ଖୋଲିଛି
1.6+ କୋଟି ଯୁବବର୍ଗଙ୍କୁ ମିଳିଛି ନୂଆଯୁଗର ଦକ୍ଷତା ତାଲିମ
1.6+ ଲକ୍ଷ ଷ୍ଟାର୍ଟଅପ୍ ସାରା ଦେଶରେ



**ଚାଷୀଙ୍କୁ ପ୍ରତ୍ୟକ୍ଷ ସହାୟତା**
ପିଏମ୍ କିଷାନ ଅଧୀନରେ ୩.୭ ଲକ୍ଷ କୋଟି ଟଙ୍କା ପ୍ରଦାନ
ଖର୍ଚ୍ଚର ୧୫୦% ପର୍ଯ୍ୟନ୍ତ ଏମଏସପିରେ ଐତିହାସିକ ବୃଦ୍ଧି
ପିଏମ ଫସଲ ବୀମା ଯୋଜନା ଅଧୀନରେ ୧.୭୫ ଲକ୍ଷ କୋଟି ଟଙ୍କାର ସହାୟତା



**ସମ୍ମାନପୂର୍ଣ୍ଣ ଜୀବନ**
୧୨ କୋଟି ଘରେ ଶୌଚାଳୟ ନିର୍ମାଣ
୧୦+ କୋଟି ଉଜ୍ଜ୍ୱଳା ସଂଯୋଗ,
୧୫.୬+ କୋଟି ଘରକୁ ମିଳିଲା ନଳ ଯୋଗେ ଜଳ ସଂଯୋଗ



**ମଧ୍ୟବିତ୍ତଙ୍କୁ ନୂଆ ଶକ୍ତି**
୧୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆୟ ପାଇଁ କୌଣସି ଟିକସ ନାହିଁ
୭ଟି ନୂଆ ଆଇଆଇଟି, ୮ଟି ନୂଆ ଆଇଆଇଏମ ଏବଂ ୧୬ ନୂଆ ଏମ୍ସ ନିର୍ମାଣ



**ଉଦ୍ୟମିତା ଏବଂ ସଶକ୍ତିକରଣ**
କ୍ଷୁଦ୍ର ଉଦ୍ୟୋଗୀଙ୍କୁ ୫୨.୫+ କୋଟି ମୁଦ୍ରା ଋଣ
୯୦+ ଲକ୍ଷ ସ୍ୱୟଂ ସହାୟକ ଗୋଷ୍ଠୀ ଜରିଆରେ ୧୦+ କୋଟି ଗ୍ରାମୀଣ ମହିଳା ହେଲେ ଆତ୍ମନିର୍ଭରଶୀଳ



**ଉତ୍ପାଦନର କେନ୍ଦ୍ର**
ବିଶ୍ୱର ଦ୍ୱିତୀୟ ସର୍ବବୃହତ ମୋବାଇଲ ଫୋନ ନିର୍ମାତା,
ପିଏଲଆଇ ଯୋଜନା ଅନ୍ତର୍ଗତ ୧୪ଟି କ୍ଷେତ୍ରରେ
୧.୬ ଲକ୍ଷ କୋଟି ଟଙ୍କା ନିବେଶ



**ପ୍ରତିରକ୍ଷା କ୍ଷେତ୍ରରେ ଆତ୍ମନିର୍ଭରଶୀଳତା**
ସ୍ୱଦେଶୀ ଭାବେ ଯୁଦ୍ଧବିମାନବାହୀ ଜାହାଜ
ଆଇଏନଏସ ବିକ୍ରାନ୍ତ ପ୍ରତିରକ୍ଷା
ରପ୍ତାନିରେ ୩୩ ଗୁଣ ବୃଦ୍ଧି



**ମେଟ୍ରୋ ନେଟୱାର୍କର ବିସ୍ତାର**
୫ରୁ ୨୩ ସହରରେ ପହଞ୍ଚିଲା,
୨୪୮ କିମିରୁ ୧୦୦୦+ କିମିକୁ ବୃଦ୍ଧି



**ସ୍ୱପ୍ନକୁ ମିଳିଲା ଡେଣା**
ବିମାନ ବନ୍ଦର ସଂଖ୍ୟା ଦ୍ୱିଗୁଣିତ–୭୪ରୁ ୧୬୦କୁ ବୃଦ୍ଧି
ଉଡାନ ଅଧୀନରେ ୧.୫୧+ କୋଟି ଲୋକଙ୍କୁ
ମିଳିଲା ଶସ୍ତା ବିମାନ ଯାତ୍ରା



**ବିକାଶକୁ ଆଗେଇ ନେଉଛି ସଡ଼କ**
ଜାତୀୟ ରାଜପଥର ଲମ୍ବ ୯୧,୦୦୦ କିଲୋମିଟରରୁ ୧.୪୬ ଲକ୍ଷ କିଲୋମିଟରକୁ ବୃଦ୍ଧି, ସଡ଼କ ପରିବହନ ଏବଂ ରାଜପଥ ବଜେଟରେ ୫୭୦% ବୃଦ୍ଧି




**ନୂତନ ଭାରତ ପାଇଁ ଆଧୁନିକ ରେଳପଥ**
ଚେନାବ ସେତୁ – ଜାମ୍ମୁ-କାଶ୍ମୀରରେ ବିଶ୍ୱର ସର୍ବୋଚ୍ଚ ରେଳ ଆର୍କ ବ୍ରିଜ, ୧୩୬ଟି ବିଶ୍ୱସ୍ତରୀୟ ବନ୍ଦେ ଭାରତ ଟ୍ରେନ୍ ସେବା କାର୍ଯ୍ୟକ୍ଷମ, ଅମୃତ ଭାରତ ରେଳ ଷ୍ଟେସନ ଯୋଜନା ଅଧୀନରେ ୧୩୦୦+ ରେଳ ଷ୍ଟେସନର ପୁନଃବିକାଶ



**ପ୍ରଗତିଶୀଳ ଭାରତ**
ଭାରତ–୨୦୨୫ରେ ଚତୁର୍ଥ ବୃହତ୍ତମ ଅର୍ଥବ୍ୟବସ୍ଥା
ଭାରତ– ଦ୍ରୁତତମ ଅଭିବୃଦ୍ଧିଶୀଳ ପ୍ରମୁଖ ଅର୍ଥବ୍ୟବସ୍ଥା
ମୁଣ୍ଡପିଛା ଜିଡିପି ₹୦.୯୦ ଲକ୍ଷରୁ ₹୨.୩୫ ଲକ୍ଷକୁ ବୃଦ୍ଧି



**ମହାକାଶ କ୍ଷେତ୍ରରେ ଅଗ୍ରଣୀ**
ଚନ୍ଦ୍ରର ଦକ୍ଷିଣ ମେରୁରେ ଅବତରଣ କରିଥିବା ପ୍ରଥମ ଦେଶ
ଘରୋଇ କ୍ଷେତ୍ର ପାଇଁ ଖୋଲିଛି ମହାକାଶ କ୍ଷେତ୍ର,
୨୦୦ରୁ ଅଧିକ ମହାକାଶ ଷ୍ଟାର୍ଟଅପ୍



**ବିରାସ୍ ଭି, ବିକାଶ ଭି**
ଅଯୋଧ୍ୟାରେ ଭବ୍ୟ ରାମ ମନ୍ଦିର ନିର୍ମାଣ
ଉତ୍ତରାଖଣ୍ଡରେ ୧୨+ କିଲୋମିଟର ଲମ୍ବା ହେମକୁଣ୍ଡ ସାହିବ ରୋପୱେ ପ୍ରକଳ୍ପ, ଚୋରି ହୋଇଥିବା ୬୪୨ କଳାକୃତି ୨୦୧୪ ପରେ ଫେରାଇ ଅଣାଯାଇଛି, ୨୦୧୩ ସୁଦ୍ଧା ଫେରିଥିଲା ମାତ୍ର ୧୩ଟି



CBC 44101/13/0006/2526





ଲୋକସେବା ଭବନର କନଭେନସନ ସେଣ୍ଟରଠାରେ ଶିଳ୍ପପତି ଓ ଉଦ୍ୟୋଗୀମାନଙ୍କ ସହିତ ଅନୁଷ୍ଠିତ ଆଲୋଚନା ଚକ୍ରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ

### ପିସିସି ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ କମିଟି ଗଠିତ

## ସୁଜିତ ପାଢ଼ୀ ଅଧ୍ୟକ୍ଷ

ଭୁବନେଶ୍ୱର,(ସବ୍ୟୁ): ଦଳରେ ଶୃଙ୍ଖଳା ରକ୍ଷା କରିବା ଓ ବିଶୃଙ୍ଖଳାକୁ ରୋକିବା ଦିଗରେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସ ପିସିସି ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ କମିଟି ଗଠନ କରିଛନ୍ତି । ଉକ୍ତ କମିଟିରେ ପୂର୍ବତନ ବିଧାୟକ ସୁଜିତ କୁମାର ପାଢ଼ୀ ଅଧ୍ୟକ୍ଷ ଭାବେ ରହିଥିବା ବେଳେ ପୂର୍ବତନ ବିଧାୟକ ଜାକବ ପ୍ରଧାନ ଆବାହକ ଭାବେ ରହିଛନ୍ତି । ସେହିପରି ଉକ୍ତ କମିଟିରେ ସଂଯୁକ୍ତା ମହାନ୍ତି ବେହେରା, କିଷାନ ପଣ୍ଡା, ସୁରଥ ମହାକୁଡ଼ ସଦସ୍ୟ ଭାବେ ରହିଛନ୍ତି । ଉକ୍ତ କମିଟି ଦଳରେ ଶୃଙ୍ଖଳା ରକ୍ଷା କରିବା ଦିଗରେ କାର୍ଯ୍ୟ କରିବେ ବୋଲି ପିସିସି କାର୍ଯ୍ୟାଳୟ ସୂତ୍ରରୁ ଏକ ପ୍ରେସ ବିଜ୍ଞପ୍ତିରେ ସୂଚନା ପ୍ରଦାନ କରାଯାଇଛି ।

### ମାଟି ତଳେ ଦୌଡ଼ିବ ମେଟ୍ରୋ ଟ୍ରେନ୍

## ଅକ୍ଷତ ରହିବ ରାଜଧାନୀର ସୌନ୍ଦର୍ଯ୍ୟ

ଭୁବନେଶ୍ୱର(ସବ୍ୟୁ): ଭୁବନେଶ୍ୱର ସୌନ୍ଦର୍ଯ୍ୟ ପାଇଁ ବଦଳିବ ମେଟ୍ରୋ ଚେହେରା । ମାଟି ଉପରେ ନଯାଇ ମାଟି ତଳେ ଗଡ଼ିବ । ଏମିତିକି ସଂଶୋଧିତ ମେଟ୍ରୋ ପ୍ରକଳ୍ପରେ ରୁଟ୍ ବି ବଦଳିବ । ଭୁବନେଶ୍ୱର ମେଟ୍ରୋକୁ ନେଇ ପୂର୍ତ୍ତ ମନ୍ତ୍ରୀଙ୍କ ଏଭଳି ସୂଚନା ପରେ ଏହାର ବାସ୍ତବତାକୁ ନେଇ ଜୋର୍ ଧରିଛି ମେଟ୍ରୋ ଚର୍ଚ୍ଚା । ବିଶେଷଜ୍ଞ କହିଛନ୍ତି, ଭୁବନେଶ୍ୱରରେ ସମ୍ଭବ ଭୂତଳ ମେଟ୍ରୋ । ହେଲେ ପ୍ରକଳ୍ପ ଖର୍ଚ୍ଚ ୩-୪ ଗୁଣା ବଢ଼ିଯିବ ।

ରାଜଧାନୀର ସୌନ୍ଦର୍ଯ୍ୟ ଅକ୍ଷତ ରହିବ । ଭୁବନେଶ୍ୱରରେ ଇଣ୍ଡିଆନ ବିଲ୍ଡିଂସ୍ କଂଗ୍ରେସ୍ ପକ୍ଷରୁ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ ଏହି ସୂଚନା ଦେଇଛନ୍ତି ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ । ଭୂତଳ ମାର୍ଗରେ ଭୁବନେଶ୍ୱର ମେଟ୍ରୋ ଚଳାଚଳ ଲାଗି ସରକାର ନିଷ୍ପତ୍ତି ନେଇଛନ୍ତି । ମାଟି ଉପରେ ଅର୍ଥାତ ଏଲିଭେଟେଡ୍ ରୁଟ୍‌ରେ ମେଟ୍ରୋ ପ୍ରକଳ୍ପ ହେଲେ ମନ୍ଦିରମାଳିନୀ ଭୁବନେଶ୍ୱରର ସୌନ୍ଦର୍ଯ୍ୟ ନଷ୍ଟ ହେବାର ଯଥେଷ୍ଟ ଆଶଙ୍କା ରହିଛି । ଏଣୁ ଅଣ୍ଡରଗ୍ରାଉଣ୍ଡ ମେଟ୍ରୋ ନିର୍ମାଣ ପାଇଁ ନିଷ୍ପତ୍ତି ନିଆଯାଇଛି । ସେଥିପାଇଁ ଭୁବନେଶ୍ୱର ଭୂତଳ ମେଟ୍ରୋ ରେଳ ପ୍ରକଳ୍ପର ନୂଆ ଆଲାଇନମେଣ୍ଟ ପ୍ରସ୍ତୁତ କରିବାକୁ ନଗର ଉନ୍ନୟନ ବିଭାଗକୁ କୁହାଯାଇଛ । ଏଥିପାଇଁ ଖୁବ୍‌ଶୀଘ୍ର ବିଭାଗ ସର୍ଭେ କାର୍ଯ୍ୟ ଆରମ୍ଭ କରିବ । ଆଲାଇନମେଣ୍ଟ ରିପୋର୍ଟ ପ୍ରସ୍ତୁତ ହୋଇ ସରକାରଙ୍କ ଅନୁମୋଦନ ପରେ ଆରମ୍ଭ ହେବ ଭୁବନେଶ୍ୱର ମେଟ୍ରୋ କାମ ।

### ବଦଳିବ ରୁଟ, ୪ ଗୁଣା ଖର୍ଚ୍ଚ ବଢ଼ିଯିବ

୨୦୨୪ ଜାନୁଆରୀ ପହିଲାରେ ଭୁବନେଶ୍ୱର ମେଟ୍ରୋ ପ୍ରକଳ୍ପର ଶୁଭ ଦେଇଥିଲେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ୬ ହଜାର ୨୨୫ କୋଟି ଟଙ୍କା ବ୍ୟୟରେ ଭୁବନେଶ୍ୱର ବିମାନବନ୍ଦରଠାରୁ କଟକ ତ୍ରିଶୂଳିଆ ମଧ୍ୟରେ ୨୦ ଷ୍ଟେସନ ବିଶିଷ୍ଟ ଏହି ମେଟ୍ରୋ ରେଳ ପ୍ରକଳ୍ପ ଲାଗି ମାଟି ପରୀକ୍ଷା ବି ସରିଥିଲା । ୨୦୨୭ ଡିସେମ୍ବର ସୁଦ୍ଧା ପ୍ରକଳ୍ପ କାମ ସାରି ମେଟ୍ରୋ ଚଳାଚଳ ପାଇଁ ଲକ୍ଷ୍ୟ ରଖାଯାଇଥିଲା । ହେଲେ ସରକାର ବଦଳିବା ପରେ ଅଟକିଗଲା ମେଟ୍ରୋ କାମ । ସମ୍ପୂର୍ଣ୍ଣ ଏଲିଭେଟେଡ୍ ରୁଟ୍ ସହ ପ୍ରକଳ୍ପକୁ କଟକ ଯାଏଁ ସମ୍ପ୍ରସାରିତ କରିବା ଉଦ୍ଦେଶ୍ୟରେ ନୂଆ ଡିପିଆର୍ ପାଇଁ କାମ ବନ୍ଦ ଥିବା କହିଥିଲେ ନଗର ଉନ୍ନୟନ ମନ୍ତ୍ରୀ । ହେଲେ ଏବେ ମେଟ୍ରୋ ପ୍ରକଳ୍ପ ସଂପୂର୍ଣ୍ଣ ଅଣ୍ଡରଗ୍ରାଉଣ୍ଡ ହେବ । ପ୍ରଶ୍ନ ଉଠୁଛି, ଭୁବନେଶ୍ୱରରେ ସମ୍ଭବ ତ' ଅଣ୍ଡରଗ୍ରାଉଣ୍ଡ ମେଟ୍ରୋ? କାରଣ ଏଲିଭେଟେଡ୍ ତୁଳନାରେ ଅଣ୍ଡରଗ୍ରାଉଣ୍ଡ ପ୍ରକଳ୍ପରେ ୩ରୁ ୪ ଗୁଣା ଅଧିକ ଅର୍ଥ ଖର୍ଚ୍ଚ ହେବ । ଅର୍ଥାତ ଯଦି ଅଣ୍ଡରଗ୍ରାଉଣ୍ଡ ମେଟ୍ରୋ ଚାଲେ, ତେବେ ସରକାରଙ୍କୁ ପ୍ରାୟ ୨୫ ହଜାର କୋଟି ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିବ । ହେଲେ ଅଣ୍ଡରଗ୍ରାଉଣ୍ଡ ମେଟ୍ରୋ ନିର୍ମାଣ ବେଳେ ମେଟ୍ରୋ ଲାଇନର ଆଖପାଖରେ ଥିବା ବିଲ୍ଡିଂ ସୁରକ୍ଷା ଉପରେ ବି ଧ୍ୟାନ ଦେବାକୁ ପଡ଼ିବ ।

## ସାଂସଦ ସମ୍ବିତ ପାତ୍ରଙ୍କ ବାସଭବନ ଘେରିଲା ଯୁବ କଂଗ୍ରେସ

ଭୁବନେଶ୍ୱର,(ସବ୍ୟୁ): ଲୋକସଭାର ବିରୋଧି ଦଳ ନେତା ରାହୁଲ ଗାନ୍ଧୀଙ୍କ ଦେଶପ୍ରୀତି, ସାଧୁତା ଏବଂ ଦେଶପ୍ରତି ତାଙ୍କର ଦାୟିତ୍ୱବୋଧ ଉପରେ ଅଙ୍ଗୁଳି ପ୍ରଦର୍ଶନ କରି ଚର୍ଚ୍ଚାରେ ରହିବାପାଇଁ ଦାୟିତ୍ୱହୀନ ମନ୍ତବ୍ୟ ଦେଇଥିବା ସାସଂଦ ସମ୍ବିତ ପାତ୍ରଙ୍କ ଭୁବନେଶ୍ୱର କଳିଙ୍ଗବିହାର ସ୍ଥିତ ବାସଭବନକୁ ରବିବାର ପ୍ରଦେଶ ଯୁବ କଂଗ୍ରେସ ସଭାପତି ରଣଜିତ ପାତ୍ରଙ୍କ ନେତୃତ୍ୱରେ ଘେରାଉ କରାଯାଇଥିଲା । ଯୁବ କଂଗ୍ରେସ କର୍ମୀମାନେ ଏକ ବିଶାଳ ର୍‍ୟାଲିରେ ସମ୍ବିତ ପାତ୍ରଙ୍କ ଘର ପର୍ଯ୍ୟନ୍ତ ଯାଇ ସେଠାରେ ପ୍ରାୟ ଦୁଇଘଣ୍ଟା କାଳ ସମ୍ବିତ ପାତ୍ରଙ୍କ ବାସଭବନକୁ ଘେରାଉ କରି ରଖିଥିଲେ । ପ୍ଲାକାର୍ଡ, ସ୍ଲୋଗାନ ଏବଂ ବ୍ୟାନର ମାଧ୍ୟମରେ ଯୁବ କଂଗ୍ରେସ ପକ୍ଷରୁ ପ୍ରକାଶ କରାଯାଇଥିଲା ଯେ ସମ୍ବିତ ପାତ୍ର ଜଣେ ମାନସିକ ବିକାରଗ୍ରସ୍ତ ବ୍ୟକ୍ତି, ତେଣୁ ତାଙ୍କୁ ପାଗଳଙ୍କ ଚିକିତ୍ସାପାଇଁ ଥିବା ଡାକ୍ତରଖାନାରେ ଭର୍ତ୍ତି କରିବାପାଇଁ ଏକ ଆମ୍ବୁଲାନ୍ସ ଏବଂ ଷ୍ଟ୍ରେଚର ବିକ୍ଷୋଭ ସ୍ଥଳକୁ ନିଆଯାଇଥିଲା। ଏକ ଅଭିନବ ଉପାୟରେ ସମ୍ବିଦ ପାତ୍ରଙ୍କ ବାସଭବନ ନିକଟରୁ ସମ୍ବିତ ପାତ୍ରଙ୍କ ଫଟୋର ଫ୍ଲେକ୍ସ ପରିଧାନ କରିଥିବା ଏକ ବ୍ୟକ୍ତିଙ୍କୁ ଷ୍ଟ୍ରେଚର ଯୋଗେ ଆମ୍ବୁଲାନ୍ସ ଯାଏ ଅଣାଯାଇଥିଲା। ପୋଲିସ ସହ ଯୁବ କଂଗ୍ରେସ କର୍ମୀଙ୍କର ସେଠାରେ ଧସ୍ତାଧସ୍ତି ହୋଇଥିଲା । ଶେଷରେ ପୋଲିସ ଯୁବ କଂଗ୍ରେସ କର୍ମୀମାନଙ୍କୁ ଘଟଣାସ୍ଥଳରୁ ଭ୍ୟାନ ଯୋଗେ ଉଠାଇ ନେଇଥିଲା। ଏହି ଅବସରରେ ପ୍ରଦେଶ ଯୁବ କଂଗ୍ରେସ ସଭାପତି ରଣଜିତ ପାତ୍ର କହିଥିଲେ ଯେ ସାସଂଦ ସମ୍ବିତ ପାତ୍ର ନିଜର ପଦମର୍ଯ୍ୟାଦା ରଖୁନାହାନ୍ତି। ତାଙ୍କ ନିୟନ୍ତ୍ରଣରେ ତାଙ୍କ ଜିଭ ନାହିଁ। ସେ ଚର୍ଚ୍ଚାରେ ରହିବାପାଇଁ ଯାହାପରେ ତାହା କହିଚାଲିଛନ୍ତି। ରାହୁଲ ଗାନ୍ଧୀଙ୍କ ଦେଶଭକ୍ତି, ସାଧୁତା ଏବଂ ରାଷ୍ଟ୍ରପତି ତାଙ୍କର ସମର୍ପଣ ଭାବକୁ ଭାରତବାସୀ ଜାଣନ୍ତି। କିନ୍ତୁ ସମ୍ବିତ ପାତ୍ର ଚୀନ ଓ ପାକିସ୍ଥାନରୁ ଅର୍ଥ ଆଣି ରାହୁଲ ଗାନ୍ଧୀ ଭାରତରେ ଅସ୍ଥିରତା ସୃଷ୍ଟି କରୁଛନ୍ତି



ବୋଲି ଯେଉଁ ଆପେକ୍ଷ କରିଛନ୍ତି ତାହା ଦୁର୍ଭାଗ୍ୟଜନକ। ଜନସାଧାରଣଙ୍କୁ ବିଭ୍ରାନ୍ତ କରୁଥିବା ସମ୍ବିତ ପାତ୍ରଙ୍କ ଉପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ଯୁବ କଂଗ୍ରେସ ଦାବି କରୁଛି। କାର୍ଯ୍ୟକ୍ରମରେ ଭୁବନେଶ୍ୱର ଲୋକସଭା କଂଗ୍ରେସ ପ୍ରାର୍ଥୀ ସୟଦ ୟାସିର ନୱାଜ କହିଥିଲେ ଯେ ସମ୍ବିତ ପାତ୍ରଙ୍କ ବକ୍ତବ୍ୟ ପାଗଳର ପ୍ରଳାପ। ସମାଜ ଭିତରେ ଏଭଳି ଜଣେ ମାନସିକ ବିକାରଗ୍ରସ୍ତ ବ୍ୟକ୍ତିଙ୍କୁ ଖୋଲାଛଡ଼ା ଯିବା ଉଚିତ ନୁହେଁ । ଦେଶର ସ୍ୱାର୍ଥରେ ରାହୁଲଜୀଙ୍କର ଶାଣିତ ସ୍ୱରରେ ସମ୍ବିତ ପାତ୍ର ବିଚଳିତ ହୋଇ ମାନସିକ ଭାରସାମ୍ୟ ହରାଇଛନ୍ତି। ସମ୍ବିତ ପାତ୍ର କ୍ଷମା ମାଗିନିଅନ୍ତୁ। ନଚେତ ସାରା ଓଡ଼ିଶାରେ ସେ ଯେଉଁଠାକୁ ଗସ୍ତ କରନ୍ତୁ ତାଙ୍କୁ ଉଚିତ ଯବାବ ଯୁବ କଂଗ୍ରେସ ଦେବ । କାର୍ଯ୍ୟକ୍ରମରେ ପୂର୍ବତନ ପିସିସି ସାଧାରଣ ସମ୍ପାଦକ ମହମ୍ମଦ ଇମଦାଦ, ପୂର୍ବତନ ପିସିସି ସାଧାରଣ ସମ୍ପାଦକ ମନୋଜ ବିଶ୍ୱାଳ, ପୂର୍ବତନ ପିସିସି ମୁଖପାତ୍ର ପ୍ରକାଶ ମିଶ୍ର, ସନ୍ତୋଷ ଜେନା, ସୁଦିପ ସାମଲ, ନିହାର ବେହେରା, ଗୋପନ ମାର୍ଥା, ମହମ୍ମଦ ଗୁଲଫାମ, ଜାଭେଦ ଅକତର, କେଦାର ଦଳାଇ, ମହମ୍ମଦ ପରଭେଜ, ଲକ୍ଷ୍ମୀପ୍ରିୟା ନାୟକ, ବିରଞ୍ଚି ବାରିକ, ଆଲୋକ ଦାସ, ଚନ୍ଦନ ପଣ୍ଡା, ବଳରାମ ନନ୍ଦ, ସୁରଜ ରାଉତ, ନିରଞ୍ଜନ ନାୟକ, ଜଗଦିଶ ରାଉତ, ସୌରଭ ପଟ୍ଟନାୟକ, ସ୍ୱରୂପ କାନୁନଗୋ, ମହମ୍ମଦ ସଫି ଆଜମ, ପ୍ରଶାନ୍ତ ରାଉତ, ପବିତ୍ର ସେଠୀ, ସମ୍ବିତ ସ୍ୱାଇଁ ପ୍ରମୁଖ ଉକ୍ତ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।

### ଆନ୍ତର୍ଜାତିକ ଶ୍ରୀଜଗନ୍ନାଥ ମନ୍ଦିର ସମୂହ ସମ୍ମିଳନୀରେ ଉଦାହରଣ ପାଲଟିଲେ

## ପାଠାଗାର ଲାଗି ୧୦ ହଜାର ପୁରସ୍କାର ରାଶି ଦେଲେ ବିଶ୍ୱନାଥ



ଭୁବନେଶ୍ୱର,(ସବ୍ୟୁ): ପୃଥିବୀର କୋଣ ଅନୁକୋଣରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ମୂର୍ତ୍ତି ପ୍ରତିଷ୍ଠିତ ହୋଇ ପୂଜା ପାଉଛନ୍ତି । ଏପରିକି ସମଗ୍ର ବିଶ୍ୱରେ ମହାପ୍ରଭୁଙ୍କ ସମ୍ପର୍କରେ ସର୍ବାଧିକ ଗ୍ରନ୍ଥ ଓ ଗବେଷଣା ନିବନ୍ଧ ପ୍ରକାଶ ପାଇଛି । ଭାବର ଠାକୁର ଶ୍ରୀଜଗନ୍ନାଥଙ୍କ ପୂଜକ, ଅର୍ଚ୍ଚକ, ଟ୍ରଷ୍ଟିମାନେ ଏକାମ୍ର କ୍ଷେତ୍ରରେ ଏକାଠି ହୋଇ ଭାବର ଅଦାନ ପ୍ରଦାନ କରିଛନ୍ତି । ପ୍ରତଷ୍ଠାନର ସଭାପତି ଦିଲ୍ଲୀପ କୁମାର ପଟ୍ଟନାୟକ ଉପସ୍ଥିତ ସମସ୍ତ ପ୍ରତିନିଧିମାନଙ୍କୁ ସାଧୁବାଦ ଜଣାଇବା ସହିତ ଏହି କାର୍ଯ୍ୟକ୍ରମକୁ ଭବିଷ୍ୟତରେ ଆହୁରି ବ୍ୟାପକ କରାଯିବ ବୋଲି ପ୍ରକାଶ କରିଥିଲେ ।

ଆନ୍ତର୍ଜାତିକ ଶ୍ରୀଜଗନ୍ନାଥ ପ୍ରତିଷ୍ଠାନ ଆନୁକୂଲ୍ୟରେ ବୁଦ୍ଧମନ୍ଦିର ସଭାକକ୍ଷ ଠାରେ ଆୟୋଜିତ ପ୍ରଥମ ଆନ୍ତର୍ଜାତିକ ଶ୍ରୀଜଗନ୍ନାଥ ମନ୍ଦିର ସମୂହ ସମ୍ମିଳନୀରେ ଉପସ୍ଥିତ ବିଶିଷ୍ଟ ଅତିଥିମାନେ ନିଜର ଅନୁଭୂତି ପ୍ରକାଶ କରିଛନ୍ତି । ବିଶ୍ୱର ପ୍ରଥମ ଜଗନ୍ନାଥ ଚେତନା ଭିତ୍ତିକ କେନ୍ଦ୍ରୀୟ ପାଠାଗାର ଓ ସଂଗ୍ରାହଳୟ ପ୍ରତିଷ୍ଠା ଲାଗି ରାଜ୍ୟ ସରକାରଙ୍କୁ ନିବେଦନ କରିଥିଲେ ସଭାପତି ଶ୍ରୀ ପଟ୍ଟନାୟକ । ଏହି ଅବସରରେ ପୁରୀ ଶ୍ରୀମନ୍ଦିରର ବରିଷ୍ଠ ସେବକ ବିଶ୍ୱନାଥ ସାମନ୍ତରାଙ୍କୁ ପ୍ରତିଷ୍ଠାନର ସର୍ବୋଚ୍ଚ ସମ୍ମାନ ଆନ୍ତର୍ଜାତିକ ଶ୍ରୀଜଗନ୍ନାଥ ସେବା ରତ୍ନ ଉପାଧିରେ ଭୂଷିତ କରାଯାଇଥିଲା । ଏହାସହ ତାଙ୍କୁ ୧୦ ହଜାର ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା। ରାଜ୍ୟର ବିଭିନ୍ନ ସାମାଜିକ ଓ ଆଧାତ୍ମିକ ସଂଗଠନ ପକ୍ଷରୁ ମଧ୍ୟ ଶ୍ରୀ ସାମନ୍ତରାଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା । ତେବେ ସେଠାରେ ଶ୍ରୀ ସାମନ୍ତରା ପାଇଥିବା ପୁରସ୍କାର ରାଶି ୧୦ ହଜାର ଟଙ୍କାକୁ ଶ୍ରୀଜଗନ୍ନାଥଙ୍କ ପାଠାଗାର ନିର୍ମାଣ ନିମନ୍ତେ ଦେଇଥିଲେ ।

### ଡ଼ଙ୍ଗାବୁଡ଼ିରେ ପ୍ରାଣ ହରାଇଥିବା ମୃତକଙ୍କ ପରିବାରକୁ ସରକାରୀ ସହାୟତା

କଟକ,(ସବ୍ୟୁ): ବାଙ୍କୀ ଡମପଡା ବ୍ଲକ ଅନ୍ତର୍ଗତ କଇଁମୁଣ୍ଡି ଗ୍ରାମର ଗୋଲଖ ବେହେରାଙ୍କ ୭ ବର୍ଷର ଝିଅ ଜିଜ୍ଞାସା ବେହେରା ନଦୀରେ ବୁଡି ପ୍ରାଣ ହରାଇଛନ୍ତି । ଜିଜ୍ଞାସା ତାଙ୍କ ବଡବାପା ଅଲେଖ ବେହେରା ଏବଂ ଅନ୍ୟ ତିନି ଜଣ ଭାଇ ଭଉଣୀଙ୍କ ସହ ଡଙ୍ଗାରେ ନଦୀ ପାର ହେଉଥିବା ସମୟରେ ମଝି ନଈରେ ଡ଼ଙ୍ଗାଟି ଓଲଟି ପଡିବାରୁ ସମସ୍ତ ପାଞ୍ଚ ଜଣ ବୁଡି ଯାଇଥିଲେ । ତନ୍ମଧ୍ୟରୁ ୪୯ ବର୍ଷୀୟ ଅଲେଖ ବେହେରା ତାଙ୍କ ୧୨ ବର୍ଷର ଝିଅ ଅସ୍ମିତା ଓ ୮ ବର୍ଷର ପୁଅ ମହାପ୍ରସାଦ ସୁରକ୍ଷିତ ଉଦ୍ଧାର ହୋଇଥିବା ବେଳେ ୭ ବର୍ଷର ଝିଆରି ପ୍ରଜ୍ଞାସାକୁ ଚିକିତ୍ସା ନିମନ୍ତେ କଟକ ବଡ ମେଡିକାଲ ପଠାଯାଇଛି । ଅନ୍ୟ ଜଣେ ଝିଆରି ଜିଜ୍ଞାସାର ଶବ ଉଦ୍ଧାର କରାଯାଇଛି । ମୃତକଙ୍କ ପରିବାରକୁ ସରକାରଙ୍କ ଅନୁକମ୍ପାମୂଳକ ୪ ଲକ୍ଷ ଟଙ୍କାର ଅର୍ଥରାଶି ରାଜ୍ୟ ରିଲିଫ ପାଣ୍ଠିରୁ ପ୍ରଦାନ କରାଯିବା ସହ ଚିକିତ୍ସାଧୀନ ପ୍ରଜ୍ଞାସାକୁ ମଧ୍ୟ ସରକାରୀ ସାହାଯ୍ୟ ଯୋଗାଇ ଦିଆଯିବ ବୋଲି ଜିଲ୍ଲାପାଳଙ୍କ ସୂତ୍ରରୁ ପ୍ରକାଶ ।

### ଆଇଏମଡି ଡିଜି ଡ. ମୃତ୍ୟୁଞ୍ଜୟ ମହାପାତ୍ରଙ୍କୁ ସାସାକାୱା ପୁରସ୍କାର



ଭୁବନେଶ୍ୱର,(ସବ୍ୟୁ): ଭାରତୀୟ ପାଣିପାଗ ବିଭାଗ (ଆଇଏମଡି)ର ମହାନିର୍ଦ୍ଦେଶକ ଡ. ମୃତ୍ୟୁଞ୍ଜୟ ମହାପାତ୍ର ବିପର୍ଯ୍ୟୟ ବିପଦ ହ୍ରାସ ପାଇଁ ପ୍ରତିଷ୍ଠିତ ଜାତିସଂଘ ସାସାକାୱା ପୁରସ୍କାର-୨୦୨୫ ପାଇଛନ୍ତି ।

ଭାରତୀୟ ପାଣିପାଗ ବିଭାଗର ସରକାରୀ ଏକ୍ସ ହ୍ୟାଣ୍ଡେଲ ଶୁକ୍ରବାର ଏହି ଖବର ଘୋଷଣା କରିଛି । ପୋଷ୍ଟରେ ଲେଖାଯାଇଛି, ଭାରତକୁ ଅଭିନନ୍ଦନ । ଦେଶ ପାଇଁ ଗର୍ବର ମୁହୂର୍ତ୍ତ । ଭାରତୀୟ ପାଣିପାଗ ବିଭାଗର ପାଣିପାଗ ବିଜ୍ଞାନ ମହାନିର୍ଦ୍ଦେଶକ ଡକ୍ଟର ମୃତ୍ୟୁଞ୍ଜୟ ମହାପାତ୍ର ବିପର୍ଯ୍ୟୟ ବିପଦ ହ୍ରାସ ପାଇଁ ପ୍ରତିଷ୍ଠିତ ଜାତିସଂଘ ସାସାକାୱା ପୁରସ୍କାର-୨୦୨୫ ପାଇଛନ୍ତି । ବିଶ୍ୱ ବିପର୍ଯ୍ୟୟ ବିପଦ ହ୍ରାସ ପ୍ରୟାସରେ ଏକ ପ୍ରମୁଖ ପଦକ୍ଷେପ । ୧୯୬୫ ମସିହା ଅଗଷ୍ଟ ୧୨ ତାରିଖରେ ଓଡ଼ିଶାର ଭଦ୍ରକ ଜିଲ୍ଲାର ରାଜଗୁରୁପୁରରେ ଜନ୍ମଗ୍ରହଣ କରିଥିବା ମହାପାତ୍ର ୧୯୮୮ ମସିହାରେ ପଦାର୍ଥ ବିଜ୍ଞାନରେ ଏମଏସସି ଏବଂ ପିଏଚଡି କରିବା ପରେ ଚାନ୍ଦିପୁରରେ ପ୍ରତିରକ୍ଷା ଗବେଷଣା ଏବଂ ବିକାଶ ସଂଗଠନ (ଡିଆରଡିଓ)ର ସମନ୍ୱିତ ପରୀକ୍ଷଣ ରେଞ୍ଜରେ ଜୁନିଅର ବୈଜ୍ଞାନିକ ସହାୟକ ଭାବରେ ତାଙ୍କ କ୍ୟାରିଅର ଆରମ୍ଭ କରିଥିଲେ । ୧୯୯୦ରୁ ୧୯୯୨ ପର୍ଯ୍ୟନ୍ତ ସେ ବାଲେଶ୍ୱର ଜିଲ୍ଲାର ଡିକେ କଲେଜରେ ପଦାର୍ଥ ବିଜ୍ଞାନର ଅଧ୍ୟାପକ ଭାବରେ ମଧ୍ୟ କାର୍ଯ୍ୟ କରିଥିଲେ ।

## ଉନ୍ନୟନମୂଳକ କାର୍ଯ୍ୟ ସମୀକ୍ଷା କଲେ ଉପମୁଖ୍ୟମନ୍ତ୍ରୀ

କଟକ, (ସବ୍ୟୁ): ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ରବିବାର ଦିନିକିଆ କଟକ ଜିଲ୍ଲା ଗସ୍ତରେ ଆସି ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାଗୁଡିକର ସ୍ଥିତି ଓ କାର୍ଯ୍ୟକାରିତା ସମ୍ପର୍କରେ ବିଭାଗୀୟ ଅଧିକାରୀମାନଙ୍କ ସହ ଆଲୋଚନା କରି କାର୍ଯ୍ୟଗୁଡିକର ଅଗ୍ରଗତୀ ସମ୍ପର୍କରେ ସନ୍ତୋଷବ୍ୟକ୍ତ କରିଛନ୍ତି । ଉପଆୟୁକ୍ତ କମିଶନରେଟ ପୁଲିସ୍ ଶ୍ରୀ ଖିଲାରି ରଷିକେଷ ଦ୍ୟାନଦେଓ କଟକ ସହରର ଆଇନଶୃଙ୍ଖଳା ପରିସ୍ଥିତି ସମ୍ପର୍କରେ ଅବଗତ କରାଇଥିବାବେଳେ ଆରକ୍ଷୀ ଅଧିକ୍ଷକ ପ୍ରତୀକ ସିଂ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ସିସିଟିଭି କ୍ୟାମେରା ଲଗାଯାଇ ଅପରାଧ ନିୟନ୍ତ୍ରଣ କରାଯାଉଥିବା ବିଷୟ ଉଲ୍ଲେଖ କରିଥିଲେ । ଜିଲ୍ଲାର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା, କୃଷି ଏବଂ କୃଷକ ସଶକ୍ତିକରଣ ବିଭାଗ, ଉଦ୍ୟାନ କୃଷି, ମତ୍ସ୍ୟ ଏବଂ ପ୍ରାଣୀସମ୍ପଦ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ଶକ୍ତି ଓ ଶିଳ୍ପ କ୍ଷେତ୍ରର ଅଧିକାରୀମାନେ ନିଜ ନିଜ ବିଭାଗର କାର୍ଯ୍ୟକାରୀତା ସମ୍ପର୍କରେ ଉପମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଇଥିଲେ ।



ଜିଲ୍ଲାର ପ୍ରମୁଖ ବିକାଶମୂଳକ ପ୍ରକଳ୍ପ, ଏସସିବି ମେଡିକାଲ କଲେଜ ହସପିଟାଲ, ଚଣ୍ଡୀ ମନ୍ଦିର, ସତ୍ୟଭାମାପୁରସ୍ଥିତ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜନ୍ମପୀଠ, ତାରକସି ହବ୍, ମହାନଦୀ ତଟବର୍ତ୍ତି ବିକାଶ ପ୍ରକଳ୍ପ ଆଦିର ବର୍ତ୍ତମାନର ସ୍ଥିତି ସମ୍ପର୍କରେ ମଧ୍ୟ ଉପମୁଖ୍ୟମନ୍ତ୍ରୀ ଅବଗତ ହୋଇଥିଲେ । କୃଷି କ୍ଷେତ୍ରର ଉନ୍ନତି ନିମନ୍ତେ ଚାଷୀ ତଥା ଅଧିକାରୀମାନଙ୍କୁ ତାଲିମ ପ୍ରଦାନ, ଜୈବିକ କୃଷି, ଖାଲି ପଡିଥିବା ଡାକ୍ତର ପଦବୀ ପୂରଣ, ସହର ଉନ୍ନତିକରଣ , ସ୍ୱଚ୍ଛତା ଆଦି ଦିଗରେ ପଦକ୍ଷେପ ନେବାକୁ ଉପମୁଖ୍ୟମନ୍ତ୍ରୀ ଗୁରୁ ପ୍ରଦାନ କରିଥିଲେ । ଏଥିସହ ନବୀକରଣ କରାଯାଇଥିବା ସହିଦ ଭବନ ଓ ବାରବାଟୀ ଫୁଡ କୋର୍ଟ ଖୁବ ଶୀଘ୍ର ଖୋଲାଯିବା ଦିଗରେ ପଦକ୍ଷେପ ନିଆଯିବ ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି ।

ସମୀକ୍ଷା ବୈଠକରେ ଚୌଦ୍ୱାର କଟକ ବିଧାୟକ ସୌଭିକ ବିଶ୍ୱାଳ, କଟକ ସଦର ବିଧାୟକ ଇଂ ପ୍ରକାଶ ଚନ୍ଦ୍ର ସେଠୀ, ବାରବାଟୀ-କଟକ ବିଧାୟିକା ଇଂ ସୋଫିଆ ଫିର୍ଦ୍ଦୋଷ, ନିଆଳି ବିଧାୟକ ଛବି ମଲ୍ଲିକ, ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ, ଡିସିପି କଟକ ଖିଲାରି ରଷିକେଷ ଦ୍ୟାନଦେଓ, ଆରକ୍ଷୀ ଅଧିକ୍ଷକ ପ୍ରତୀକ ସିଂ, କଟକ ମହାନଗର ନିଗମ ଆୟୁକ୍ତ ଅନାମ ଚରଣ ପାତ୍ର, ଅତିରିକ୍ତ ଜିଲ୍ଲାପାଳ ଶିବ ଟପୋ, ଅତିରିକ୍ତ ଜିଲ୍ଲାପାଳ ଡଃ ଦିବ୍ୟଲୋଚନ ମହନ୍ତ, ଅତିରିକ୍ତ ଜିଲ୍ଲାପାଳ ଡଃ ଇପ୍ସିତା ପ୍ରିୟଦର୍ଶିନୀ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ । ପୂର୍ବାହ୍ନରେ ଉପମୁଖ୍ୟମନ୍ତ୍ରୀ ଆସନ୍ତା ୧୩ ତାରିଖରେ ବାଲିଯାତ୍ରା ପଡିଆଠାରେ ଆୟୋଜିତ ହେବାକୁ ଥିବା ଜିଲ୍ଲାସ୍ତରୀୟ ନାରୀ ଶକ୍ତି ସମ୍ମିଳନୀ ପ୍ରସ୍ତୁତି ବୈଠକରେ ଯୋଗଦେଇ ସମ୍ମିଳନୀକୁ ସଫଳତାର ସହ ଆୟୋଜନ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ ।

# ତାଲୁକା ଛକରୁ ୨୧ କେଜି ଗଞ୍ଜେଇ ଜବତ, ଜଣେ ଗିରଫ



ବ୍ରହ୍ମପୁର, (ସବ୍ୟୁ): ଅବକାରୀ ଭ୍ରାମ୍ୟମାଣ ସଂସ୍ଥା ବ୍ରହ୍ମପୁର ସହରକୁ ଗଞ୍ଜେଇ ଚାଲାଣ ହେଉଥିବା ଖବର ପାଇଥିଲା। ଶନିବାର ବଡବଜାର ଥାନା ଅନ୍ତର୍ଗତ ତଲୁକା ଛକରେ ଅବକାରୀ ଇନ୍ସପେକ୍ଟର ମନିଶା ଭୋଳଙ୍କ ନେତୃତ୍ୱରେ ଏକ ଟିମ ଛକି ରହିଥିଲେ। ସେହି ରାସ୍ତା ଦେଇ ଆସୁଥିବା ଏକ ବାଇକ୍‌କୁ ଅଟକାଇ ଯାଞ୍ଚ କରାଯାଇଥିଲା। ବାଇକ ଚାଳକଙ୍କୁ ଟିମ କାବୁ କରିଥିବାବେଳେ ପଛରେ ବସିଥିବା ଅନ୍ୟ ଜଣେ ଯୁବକ ସେଠାରୁ ଚମ୍ପଟ ମାରିଥିଲା। କାବୁ ହୋଇଥିବା ଗାଡି ଚାଳକ ଜଣଙ୍କ ଅଡବା ଥାନା ଅନ୍ତର୍ଗତ ଗୁମିଗୁଡାର ଅସିୟ ମଣ୍ଡଳ (୪୧)। ଅବକାରୀ ଟିମ ତାଙ୍କ ନିକଟରୁ ୨୧ କେଜି ଗଞ୍ଜେଇ ଜବତ କରିଛି। ଉକ୍ତ ଗଞ୍ଜେଇ ଅଡ଼ବା ଅଞ୍ଚଳରୁ ଅଣାଯାଇଥିବା ବେଳେ ତାହା ବ୍ରହ୍ମପୁରରେ ଜଣେ ମାଫିଆ ନେଇ ବାହାର ରାଜ୍ୟକୁ ଚାଲାଣ କରିଥାନ୍ତେ ବୋଲି ଗିରଫ ଯୁବକ ଜନଙ୍କ ଜେରା ବୋଲି ଅବକାରୀ ଟିମ ନିକଟରେ ସ୍ୱୀକାର କରିଛନ୍ତି । ମାମଲା ନଂ୨୬/ ୨୫-୨୬ ରେ ତାଙ୍କୁ କୋର୍ଟ ଚାଲାଣ କରାଯାଇଛି।

# ମହାନଗର ନିଗମ ଦୁର୍ନୀତି ନେଇ ଭିଜିଲାନ୍ସ ତଦନ୍ତ ଦାବି

ବ୍ରହ୍ମପୁର, (ସବ୍ୟୁ): ବ୍ରହ୍ମପୁର ମହାନଗର ନିଗମ ବିରୋଧରେ ଜନ ଆକ୍ରୋଶ ବୃଦ୍ଧି ପାଇବାରେ ଲାଗିଛି। ସହର ସମସ୍ୟାର ସମାଧାନ ପାଇଁ ପ୍ରତି ବର୍ଷ ଶହଶହ କୋଟିକୋଟି ଟଙ୍କା ଖର୍ଚ୍ଚ ହେଉଥିଲେ ବି ବ୍ରହ୍ମପୁରବାସୀ ଆଜି ପର୍ଯ୍ୟନ୍ତ ମୌଳିକ ସୁବିଧା ଟିଏ ମଧ୍ୟ ପାଇପାରୁନାହାଁନ୍ତି । ଦୀର୍ଘ ବର୍ଷ ଧରି ବିଭିନ୍ନ ସମସ୍ୟା ଘେରରେ ରେଶମ ସହର ରହିଛି। ସମସ୍ୟାର ସମାଧାନ ଦିଗରେ ବିଏମସି କାର୍ଯ୍ୟ କରିବାରେ ବିଫଳ ହୋଇଥିବା ଜଣାପଡିଛି। ମହାନଗର ନିଗମ ଦ୍ୱାରା ହେଉଥିବା ବିଭିନ୍ନ କାମରେ ଦୁର୍ନୀତି ଓ ଅନିୟମିତତା ହୋଇଥିବା ଖବର ସାମ୍ନାକୁ ଆସୁଛି । ସାଧାରଣ ଲୋକଙ୍କ ସ୍ୱାର୍ଥ ବଦଳରେ ନିଜ ସ୍ୱାର୍ଥରେ ମହାନଗର ନିଗମ କର୍ତ୍ତୃପକ୍ଷ ବୁଡି ରହିଥିବା କୁହାଯାଉଛି। ଏନେଇ ସହରରେ ବିଏମସି ପକ୍ଷରୁ ପୂର୍ବରୁ ହୋଇଥିବା ଏବଂ ବର୍ତ୍ତମାନ ଜାରି ରହିଥିବା ବିଭିନ୍ନ କାର୍ଯ୍ୟର ସଠିକ୍ ତଦନ୍ତ କରାଯିବା ସହ ଦୁର୍ନୀତି ଅଭିଯୋଗକୁ ଭିତ୍ତି କରି ଏସବୁର ଭିଜିଲାନ୍ସ ତଦନ୍ତ କରିବାକୁ ବରିଷ୍ଠ ବିଜେପି ନେତା ତଥା ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କାହ୍ନୁ ଚରଣ ପତି ଦାବି କରିଛନ୍ତି । ସେ କହିଛନ୍ତି, ବ୍ରହ୍ମପୁର ସହରରେ ରାସ୍ତା, ଡ୍ରେନ୍, ପରିମଳ ସମସ୍ୟା ନକହିବା ଭଲ। ଏ ବାବଦରେ କୋଟିକୋଟି ଟଙ୍କା ଖର୍ଚ୍ଚ କରାଯାଉଥିବା ମହାନଗର ନିଗମ କହୁଥିବା ବେଳେ ଲୋକେ ଏହାର ସୁଫଳ ପାଇପାରୁନାହାନ୍ତି । ସାମାନ୍ୟ ବର୍ଷା ହେଲେ ସହରରେ କୃତିମ ବନ୍ୟା ପରିସ୍ଥିତି ସୃଷ୍ଟି ହେଉଛି । ତଳିଆ ଅଞ୍ଚଳ ଗୁଡିକର ଅବସ୍ଥା ନକହିବା ଭଲ। ସଠିକ୍ ଭାବେ ନାଳ ନର୍ଦ୍ଦମା ଗୁଡିକ ନିୟମିତ ସଫେଇ ହେଉନଥିବାରୁ ବର୍ଷା ଜଳ ସଠିକ୍ ଭାବେ ନିଷ୍କାସନ ନହୋଇ ନାଳ ପାଣି ଲୋକଙ୍କ ଘରେ ପଶୁଛି । ସେହିପରି ମଶା ମରା ନାଁରେ ତେଲ କିଣା, ଜଳଛତ୍ର, ସୌନ୍ଦର୍ଯ୍ୟକାରଣ ନାଁରେ କାନ୍ଥରେ ଚିତ୍ର ଆଙ୍କିବା, ପରିମଳ ବ୍ୟବସ୍ଥା, ସହର ଭିତ୍ତିଭୂମିର ବିକାଶ ନାଁରେ ଦୀର୍ଘ ବର୍ଷ ଧରି ଯେଉଁ କୋଟିକୋଟି ଟଙ୍କା ଖର୍ଚ୍ଚ ହେଉଛି । ସେଥିରେ ଦୁର୍ନୀତି ଓ ହରିଲୁଟ୍ ହେଉଥିବା ଅଭିଯୋଗ ହୋଇ ଆସୁଛି । ସେହିପରି ମହାନଗର ନିଗମର ଅନେକ ଗୁଡିଏ ପ୍ରକଳ୍ପ ଯଥା- ୱାଟର ଏଟିଏମ୍, ସିଟି ୱାଇ-ଫାଇ ଭଳି ଯୋଜନା ସମ୍ପୂର୍ଣ୍ଣ ଫେଲ୍ ମାରିଛି କହିଲେ ଭୁଲ୍ ହେବନି । ଅନ୍ୟପଟେ ସହରର ବିଭିନ୍ନ ସ୍ଥାନରେ ଥିବା ସୌନ୍ଦର୍ଯ୍ୟକରଣ ସ୍ଥାନ ଗୁଡିକର ରକ୍ଷଣାବେକ୍ଷଣ ପାଇଁ ଲକ୍ଷଲକ୍ଷ ଟଙ୍କା ଖର୍ଚ୍ଚ ହେଉଥିବା ବେଳେ ଏସବୁ ଅବବ୍ୟସ୍ଥା ଭିତରେ ରହିଥିବା ଦେଖାଦେଇଛି। କୋଟି କୋଟି ଟଙ୍କା ବିଏମସି ଖର୍ଚ୍ଚ କରୁଥିଲେ ବି କାହିଁକି ଏସବୁ ସମସ୍ୟାର ସମାଧାନ ହେଉନାହିଁ, ତାକୁ ନେଇ ପ୍ରଶ୍ନ ଉଠାଇବା ସହ ଲୋକଙ୍କ ସ୍ୱାର୍ଥ ଦୃଷ୍ଟିରୁ ଖର୍ଚ୍ଚ ହେଉଥିବା ଟଙ୍କାର ଭିଜିଲାନ୍ସ ତଦନ୍ତ କରିବାକୁ ବରିଷ୍ଠ ଭାଜପା ନେତା ଶ୍ରୀ ପତି ଦାବି କରିଛନ୍ତି ।

# ଡ୍ରିମ୍‌ସ ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥଙ୍କୁ ନାଗରିକ ସମ୍ବର୍ଦ୍ଧନା



କଟକ, (ସ୍ୱପ୍ର): ଟାଙ୍ଗୀ-ଚୌଦ୍ୱାର ବ୍ଲକ ଜରିପଡ଼ା ପଞ୍ଚାୟତ ସାମନ୍ତରାପୁର ସ୍ଥିତ ଶ୍ରୀଶ୍ରୀ ନାରାୟଣୀ ନାଟ୍ୟକଳା ପରିଷଦର ଏକାଦଶ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଉଦ୍‌ଯାପନୀ ସନ୍ଧ୍ୟାରେ ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ମୁଖ୍ୟଅତିଥି ଭାବରେ ଯୋଗଦେଇଥିଲାବେଳେ ଜୀବନ ବ୍ୟାପୀ ସାଧନା ଓ ସଫଳତା ପାଇଁ ତାଙ୍କୁ ନାଗରିକ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । ଡ. ରଥ ସମ୍ବର୍ଦ୍ଧନାର ଉତ୍ତରରେ ଗ୍ରାମାଞ୍ଚଳରେ ଏଭଳି ନାଟ୍ୟ ଅନୁଷ୍ଠାନ ଲୋକଙ୍କ ମନୋରଞ୍ଜନ ସହିତ ଭାଇଚାରା ଓ ସାଂସ୍କୃତିକ ସମନ୍ୱୟ ରଖିବା ଦିଗରେ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ ବୋଲି ଉଲ୍ଲେଖ କରି ଅନୁଷ୍ଠାନର କର୍ମକର୍ତ୍ତା ଓ ସଦସ୍ୟଙ୍କୁ ଧନ୍ୟବାଦ ଜଣାଇଥିଲେ। ଏହି ଉପଲକ୍ଷେ ଅନୁଷ୍ଠାନର କଳାକାରମାନଙ୍କ ଦ୍ୱାରା ଦୁଇଦିନ ଧରି ନାଟକ ମଞ୍ଚସ୍ଥ ହୋଇଥିଲା । କିଶୋର କୁମାର ଜେନା ମାନପତ୍ର ପାଠ କରିଥିଲେ । ବରିଷ୍ଠ ଶିକ୍ଷାବତ୍ କ୍ଷେତ୍ରବାସୀ ତ୍ରିପାଠୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କେନ୍ଦ୍ରାପଡ଼ା ସାଂସଦଙ୍କ ପ୍ରତିନିଧି ତଥା ଯୁବ ସଙ୍ଗଠକ ପ୍ରଫୁଲ୍ଲ କୁମାର ସ୍ୱାଇଁ ସ୍ୱାଗତ ଅଭିଭାଷଣ ସହ ଧନ୍ୟବାଦ ଅର୍ପଣ କରିଥିଲେ । ଅନୁଷ୍ଠାନର ଉପଦେଷ୍ଟା, କର୍ମକର୍ତ୍ତା ଓ ଗ୍ରାମବାସୀ ଉତ୍ସବ ପରିଚାଳନା କରିଥିଲେ ।

# ମୁଣ୍ଡାରୀ କେନ୍ଦ୍ରୀୟ ଶିକ୍ଷା ବୋର୍ଡ ଦ୍ୱାରା ମ୍ୟାଟ୍ରିକ୍ ପରୀକ୍ଷା ଅନୁଷ୍ଠିତ

ବାରିପଦା, (ସବ୍ୟୁ) : ମୁଣ୍ଡାରୀ କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ ଆନୁକୂଲ୍ୟରେ ପ୍ରଥମ ଶ୍ରେଣୀରୁ ମେଟ୍ରିକ୍ ପର୍ଯ୍ୟନ୍ତ ମୁଣ୍ଡାରୀ ବାନି (ଲିପିରେ) ଅନୁଷ୍ଠିତ ପରୀକ୍ଷାରେ ଓଡିଶା, ଝାରଖଣ୍ଡ, ପଶ୍ଚିମବଙ୍ଗ ରାଜ୍ୟରେ ୧୦୫୦ଜଣ ପରୀକ୍ଷାର୍ଥୀ ବିଭିନ୍ନ କେନ୍ଦ୍ରରେ ପରୀକ୍ଷା ଦେଇଛନ୍ତି ।। ଓଡିଶା ରାଜ୍ୟର ପରୀକ୍ଷା କେନ୍ଦ୍ରରେ ଭାରତ ମୁଣ୍ଡା ସମାଜର ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ନାଥ ସିଂ, ଓଡିଶା ରାଜ୍ୟ ଉପସଭାପତି ସୁନାରାମ ସିଂ, ସମ୍ପାଦକ ବାଇଧର ସିଂ, ଜୟରାମ ସିଂ, ବସନ୍ତ କୁମାର ସିଂ, ରଘୁନାଥ ସିଂ, ଝାରଖଣ୍ଡ ରାଜ୍ୟର ପରୀକ୍ଷା କେନ୍ଦ୍ର ଗୁଡିକରେ ସଂଘର ଓଡିଶା ରାଜ୍ୟ ସଭାପତି ରବିନ୍ଦ୍ରନାଥ ସିଂ, ସାଧାରଣ ସମ୍ପାଦକ ଗୋବର୍ଦ୍ଧନ ସିଂ, ଯୁବ କମିଟି ଅଧ୍ୟକ୍ଷ ସବରନ ସିଂ ଓ ପଶ୍ଚିମବଙ୍ଗ ପରୀକ୍ଷା କେନ୍ଦ୍ର ଗୁଡିକରେ ସର୍ଦ୍ଦାର ସିଂ ଓ ବିଜୟ କୁମାର ସିଂ ସ୍କାଆର୍ଡ ଡ୍ୟୁଟି କରିଥିଲେ । ପରୀକ୍ଷା କେନ୍ଦ୍ର ଦାୟିତ୍ୱରେ ଥିବା ପ୍ରଧାନ ଶିକ୍ଷକ ଓ ମୁଣ୍ଡାରୀ ଶିକ୍ଷକ ମାନେ ମୁଣ୍ଡାରୀ ବାନୀ (ଲିପି)ରେ ହେଉଥିବା ପରୀକ୍ଷାକୁ ଶାନ୍ତଶୃଙ୍ଖଳାରେ ପରିଚାଳନା କରିଥିବାରୁ ବୋର୍ଡ ତରଫରୁ ଧନ୍ୟବାଦ ଜ୍ଞାପନ କରାଯାଇଛି ।

# ଜିଲ୍ଲାସ୍ତରୀୟ ଦ୍ୱିତୀୟ ସନ୍ତରଣ ପ୍ରତିଯୋଗିତା



ବାରିପଦା, (ସବ୍ୟୁ) : ଦେବେନ୍ଦ୍ରପୁର ସ୍ଥିତ ବିଜୁପଟ୍ଟନାୟକ ସନ୍ତରଣାଗାର ଠାରେ ଓଡିଶା ରାଜ୍ୟ ସନ୍ତରଣ ଆସୋସିଏସନ ଆନୁକୂଲ୍ୟରେ ଜିଲ୍ଲାସ୍ତରୀୟ ଦ୍ୱିତୀୟ ସନ୍ତରଣ ପ୍ରତିଯୋଗିତା-୨୦୨୫ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ପ୍ରତିଯୋଗିତା କାର୍ଯ୍ୟକ୍ରମରେ ସମ୍ମାନନୀୟା ମହାରାଣୀ ରଶ୍ମି ରାଜଲକ୍ଷ୍ମୀ ଭଞ୍ଜଦେଓ ଏବଂ ପଞ୍ଚମ ବାଟାଲିୟନର କମାଣ୍ଡାଣ୍ଟ ପ୍ରଶାନ୍ତ କୁମାର ନାୟକ ଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ପ୍ରତିଯୋଗିତାକୁ ଉଦଘାଟନ କରିଥିଲେ। ଏହି ଅବସରରେ ମହାରାଣୀ ପ୍ରତିଯୋଗତାରେ ଅଂଶଗ୍ରହଣକାରି ଛାତ୍ରଛାତ୍ରୀ ମାନଙ୍କୁ ଶୁଭେଚ୍ଛା ଜଣାଇ ଉତ୍ସାହଭରା ଶବ୍ଦ ମାଧ୍ୟମରେ ସେମାନଙ୍କ ଭବିଷ୍ୟତ ଜୀବନ ଅଗ୍ରଗତିର ମଙ୍ଗଳ କାମନା କରିଥିଲେ। ସେହିପରି କମାଣ୍ଡାଣ୍ଟ ଶ୍ରୀ ନାୟକ କହିଥିଲେ ଯେ, ଅନ୍ୟାନ୍ୟ ଖେଳ କୁଦ ସହିତ ସନ୍ତରଣ ଶିଖିବା ନିଶ୍ଚିତ ଭାବେ ପିଲାମାନଙ୍କର ଏକ ଅନନ୍ୟ ପ୍ରତିଭା। ଏହା କେବଳ ଯେ ନିଜର ଦକ୍ଷତାର ପରିଚୟ ଦେଇ ଥାଏ ତା ନୁହେଁ, ବରଂ ଜଳରେ ବୁଡିଯିବା ଭଳି ଆକସ୍ମିକ ବିପଦ ସମୟରେ ଆତ୍ମରକ୍ଷାର ମାଧ୍ୟମ ସାଜିଥାଏ। କାରଣ ବନ୍ୟାବାତ୍ୟା ଓ ଅନ୍ୟାନ୍ୟ ସମୟରେ ଦୁର୍ଭାଗ୍ୟ ବଶତଃ ଲୋକମାନେ ପାଣିରେ ବୁଡି ମୃତ୍ୟୁ ମୁଖରେ ପଡ଼ିଥାନ୍ତି। ତେଣୁ ଛୋଟ ବେଳରୁ ସନ୍ତରଣ କୌଶଳ ତାଲିମ ନେଇଥିଲେ ଜଳରେ ବୁଡିଯିବା ଭଳି ଆକସ୍ମିକ ବିପଦରୁ ନିଜେ ରକ୍ଷା ପାଇବା ସହିତ ଅନ୍ୟ ମାନଙ୍କ ଅମୂଲ୍ୟ ଜୀବନ ବଞ୍ଚାଇବାରେ ସକ୍ଷମ ହୋଇପାରିବେ। ଆଜିର ଅନୁଷ୍ଠିତ ପ୍ରତିଯୋଗିତାରେ ପାଖାପାଖି ୧୦୦ରୁ ଉର୍ଦ୍ଧ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଉକ୍ତ ପ୍ରତିଯୋଗିତାକୁ ହୁର୍ଶୀ ମହାପାତ୍ର, ହେମନ୍ତ କୁମାର ବଳ, କମଳ କୁମାର କୁଅଁରବାବୁ ଓ ଅବିନାଶ ସାହୁ ଆୟୋଜନ କରିଥିଲେ।

# ବେକରେ ରଶି ଲଗାଇ ଯୁବକଙ୍କ ଆତ୍ମହତ୍ୟା

ଭଞ୍ଜନଗର, (ସବ୍ୟୁ): ଘର ଭିତରେ ବେକରେ ରଶି ଲଗାଇ ଯୁବକ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି । ମୃତ ଯୁବକ ଅଶ୍ୱିନୀ ଗୌଡ(୪୬) ହେଉଛନ୍ତି ଗାଙ୍ଗପୁର ଥାନା ଅନ୍ତର୍ଗତ ଶ୍ରୀକରପୁର ଗାଁର । ଗତ କିଛିଦିନ ଧରି ସେ ପକ୍ଷାଘାତ ରୋଗରେ ପୀଡିତ ଥିବା ହେତୁ, ଚିନ୍ତାରେ ରହୁଥିଲେ । ତେତେ ଶନିବାର ପୂର୍ବାହ୍ନରେ ତାଙ୍କ ପଡୋଶୀ ସମ୍ପର୍କୀୟଙ୍କ ଘରେ କେହି ନଥିବା ବେଳେ ମାନସିକ ଭାରସାମ୍ୟ ହରାଇ ଘର ଭିତରେ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିଲେ। ଏନେଇ ତାଙ୍କ ସାନଭାଇ ରବିନ୍ଦ୍ର ଗୌଡ ଗାଙ୍ଗପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଘଟଣା ସ୍ଥଳରେ ପୋଲିସ ପହଞ୍ଚି ମୃତଦେହକୁ ଜବତ କରିବା ସହ ଭଂଜନଗର ମେଡିକାଲକୁ ବ୍ୟବଚ୍ଛେଦ ପାଇଁ ପଠାଇଥିଲା । ଏ ସଂକ୍ରାନ୍ତରେ ଥାନା କେଶ୍ ନମ୍ବର ୧୪/୨୫ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିବା ଥାନାଧିକାରୀ ଶୁଭଲକ୍ଷ୍ମୀ ପୂଜାରୀ ସୂଚନା ଦେଇଛନ୍ତି ।

# ଓବିଏମ୍ ନେତୃତ୍ୱରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ



ଭୁବନେଶ୍ୱର, (ସବ୍ୟୁ): ଓଡ଼ିଶା ବିକାଶ ମହାମଞ୍ଚର ନେତୃତ୍ୱରେ ନିଳାଦ୍ରୀ ବିହାର ଆବାସିକ ସଂଘ, ନୀଳାଦ୍ରି ବିହାର ବରିଷ୍ଠ ନାଗରୀକ ସଂଘ, ମମତା ଚ୍ୟାରିଟେବୁଲ ଟ୍ରଷ୍ଟ, ଅଖିଳ ଭାରତୀୟ ଗ୍ରାହକ ପଞ୍ଚାୟତ ଭୁବନେଶ୍ୱର ଶାଖା, ରୁପାୟନ ଅନୁଷ୍ଠାନର ମିଳିତ ସହଯୋଗରେ ନିଳାଦ୍ରୀ ବିହାର ଆବାସିକ ସଂଘ ପରିସରରେ ବିଶ୍ୱ ପରିବେଶ ଦିବସରେ ଏକ ଜନ ସଚେତନତା ସଭା ଓ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଆବାସିକ ସଂଘ ପରିସର, ଶୈଳଶ୍ରୀବିହାର ମୁଖ୍ୟ ରାସ୍ତା ପାର୍ଶ୍ୱ , ବିଡ଼ିଏ କଲୋନୀ ନୀଳକଣ୍ଠେଶ୍ୱର ମନ୍ଦିର, ରାଜା ମଧୁସୂଦନ ଦେବ ମହାବିଦ୍ୟାଳୟ ପରିସରେ ବୃକ୍ଷରୋପଣ କରାଯାଇଥିଲା । ଆନନ୍ଦ ଚନ୍ଦ୍ର ପଟ୍ଟନାୟକଙ୍କ ସଭାପତିତ୍ୱରେ ଓ ଓଡ଼ିଶା ବିକାଶ ମହାମଞ୍ଚର ସଭାପତି ପ୍ରଣବ ଛୋଟରାୟଙ୍କ ପରିଚାଳନାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ପରିବେଶବିତ ସୁଦର୍ଶନ ସାହୁ, ପ୍ରାକ୍ତନ ପ୍ରଧାନ ଶିକ୍ଷକ ଜନା ଜଲିଲ ଖାନ, ମମତା ଚ୍ୟାରିଟେବୁଲ ଟ୍ରଷ୍ଟର ସଭାପତି ଡକ୍ଟର ମମତା ମହାନ୍ତି, ପ୍ରାକ୍ତନ ସେନା ଅଧିକାରୀ କର୍ଣ୍ଣେଲ ଦେବରାଜ ମଲ୍ଲିକ, ଶ୍ରଦ୍ଧାଞ୍ଜଳି ରାୟ, ସମାଜସେବୀ ମୁକ୍ତେଶ୍ୱର ତ୍ରିପାଠୀ, ଅଦ୍ୱୈତ ଶତପଥୀ ପ୍ରମୁଖ ଅତିଥି ଭାବରେ ଯୋଗଦେଇ ବୃକ୍ଷରୋପଣର ଆବଶ୍ୟକତା ଉପରେ ସ୍ଥାନୀୟ ବାସିନ୍ଦାଙ୍କୁ ସଚେତନ କରିଥିଲେ । ଆସନ୍ତା ବନ ମହୋତ୍ସବ ପର୍ଯ୍ୟନ୍ତ ପର୍ଯ୍ୟାୟ କ୍ରମେ ବିଭିନ୍ନ ସ୍ଥାନରେ ବ୍ୟାପକ ଭାବରେ ହେବାକୁ ଥିବା ବୃକ୍ଷ ରୋପଣ କାର୍ଯ୍ୟକ୍ରମରେ ସମସ୍ତେ ସହଯୋଗ କରିବାକୁ ନିବେଦନ କରିଥିଲେ। କାର୍ଯ୍ୟକ୍ରମରେ ସଂପାଦକ ସତ୍ୟଜିତ ମହତାବ, ବିଷ୍ଣୁ ଚରଣ ବଳ, ଶରତ ଚନ୍ଦ୍ର ଜେନା, ଶ୍ରୀମତୀ ମୀରା ଦାଶ, ଅଞ୍ଜନା ସାହୁ, ପ୍ରଶାନ୍ତ ବିଶ୍ୱାଳ, ରବିନ୍ଦ୍ର ପରିଡା ପ୍ରମୁଖ ସହଯୋଗ କରିଥିଲେ।

# ପିପଲପଙ୍କା ଜଳସେଚନ ପ୍ରକଳ୍ପର ବିରୋଧାଚରଣ ଯୁକ୍ତି ସଙ୍ଗତ ନୁହେଁ

ବ୍ରହ୍ମପୁର, (ସବ୍ୟୁ): ପରିବେଶ ଦୂଷିତକରଣ ଯୋଗୁଁ ଚିରସ୍ରୋତା ଋଷିକୁଲ୍ୟା ପ୍ରାୟ ପାଞ୍ଚ ମାସ ପାଇଁ ଶୁଖୁଲା ପଡ଼ିଯାଉଛି। ଏହାଦ୍ୱାରା ନଦୀ ତଟବର୍ତ୍ତି ଶହଶହ ଗ୍ରାମ ସାଧାରଣ ଲୋକ, କୃଷକ, ଗୃହପାଳିତ ପ୍ରାଣୀଙ୍କ ଆବଶ୍ୟକତା ପାଇଁ ସମସ୍ୟା ବଢ଼ିବାରେ ଲାଗିଛି । କୌଣସି ସରକାର ବର୍ଷା ସୃଷ୍ଟି କରି ନଦୀର ପ୍ରବାହକୁ ଉଜ୍ଜୀବିତ କରିପାରିବେ ନାହିଁ । ତେଣୁ ବର୍ଷା ଦିନରେ ସମୁଦ୍ରକୁ ଚାଲିଯାଉଥିବା ମଧୁର ଜଳକୁ ଉପରେ ମୁଣ୍ଡରେ ସଂରକ୍ଷଣ କରି ଆବଶ୍ୟକ ସମୟରେ ଜଳଭଣ୍ଡାର ନିମ୍ନ ଅଞ୍ଚଳରେ ଜଳ ଯୋଗାଇବା ବ୍ୟତୀତ ଅନ୍ୟ ବିକଳ୍ପ ନାହିଁ । ନଦୀ ଜଳର ସଂରକ୍ଷଣ ପାଇଁ ବ୍ରିଟିଶ ସରକାର ସମୟରେ ସୋରଡ଼ା, ଜାନିବିକ ଓ ଭଞ୍ଜନଗର ଜଳ ଭଣ୍ଡାର ପ୍ରଭୃତି ନିର୍ମାଣ ହୋଇଥିଲା । ସ୍ୱାଧୀନତା ପରେ କୃଷି କାର୍ଯ୍ୟର ଉନ୍ନତି ଓ ପିଇବା ପାଣିର ସୁବବ୍ୟସ୍ଥା ପାଇଁ ବାଘୁଆ ଜଳଭଣ୍ଡାର, ଧନେଇ ଜଳଭଣ୍ଡାର, ବାଘଲଟି ଜଳଭଣ୍ଡାର, ଘଟକେଶ୍ୱର ଜଳଭଣ୍ଡାର ସାଙ୍ଗକୁ ଚାଷ କ୍ଷେତ୍ରକୁ ଜଳ ଯୋଗାଣ ନିମନ୍ତେ ଓ ହିରାଧରବାଟି ଆନିକଟ ଆଦି ନିର୍ମାଣ ହୋଇଛି । ଏସବୁ ପ୍ରକଳ୍ପକୁ ସୁଦୃଢ଼ିକରଣ ପାଇଁ ପିପିଳପଙ୍କା ଜଳଭଣ୍ଡାର ଏକାନ୍ତ ଆବଶ୍ୟକ । ଆମେ ଏକପକ୍ଷରେ ନଦୀରେ ପାଣିର ପ୍ରବାହ ପାଇଁ ଦାବୀ କରି, ଅପରପକ୍ଷରେ ଜଳ ସଂରକ୍ଷଣ ପ୍ରକଳ୍ପକୁ ବିରୋଧ କରିବା ପରସ୍ପର ବିରୋଧାଭାଷ ଓ ଜନସ୍ୱାର୍ଥ ବିରୋଧ ନୁହେଁ କି ? ପରିବେଶ ଅଧୋଗତି ଯୋଗୁଁ ଅନିୟମିତ ଓ ଅସମୟରେ ବହୁତ ବର୍ଷା ହେଉଛି । ପ୍ରସ୍ତାବିତ ପିପଳପଙ୍କା ପ୍ରକଳ୍ପର ୫୧୨ ବର୍ଗ କିଲୋମିଟର ବୃହତ୍ତ ସଂଗ୍ରହଣୀ ଅଞ୍ଚଳର ବର୍ଷା ପାଣି ପଦ୍ମା ନଦୀ ଉପରେ ନିର୍ମିତ ସୋରଡ଼ା ଘାଇର ତଳମୁଣ୍ଡରେ ନଦୀରେ ମିଶି ସମୁଦ୍ରକୁ ଚାଲିଯାଉଛି । ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ପ୍ରାୟ ୧୪୦୦୦ ହେକ୍ଟର ମିଟର ବର୍ଷା ଜଳ ଗଚ୍ଛିତ ହୋଇ ରହିପାରିବ । ପଦ୍ମା ନଦୀର ଜଳ ସଂରକ୍ଷଣ ପାଇଁ ବ୍ରିଟିଶ୍ ସରକାର ସୋରଡ଼ା ଜଳ ଭଣ୍ଡାର ନିର୍ମାଣ କରିଥିଲେ। ଯେଉଁ ଜଳଭଣ୍ଡାରର ଜଳ ସୋରଡ଼ା ତଟବର୍ତ୍ତୀ ଅଞ୍ଚଳରେ ଋଷିକୂଲ୍ୟା ନଦୀରେ ମିଶି ଋଷିକୂଲ୍ୟା ନଦୀକୁ ପ୍ରବାହମାନ କରିଥାଏ । ପିପିଳପଙ୍କା ଯୋଜନା ଦ୍ୱାରା ବର୍ଷା ଜଳ ସଂରକ୍ଷିତ କରାଯାଇ ତଳମୁଣ୍ଡରେ ବନ୍ୟା ପ୍ରକୋପକୁ ରୋକାଯାଇ ପାରିବ ଓ ଋଷିକୁଲ୍ୟା ନଦୀକୁ ଶୁଖୁବାକୁ ଦେବନାହିଁ । ଉଲେଖଯୋଗ୍ୟଯେ, ସୋରଡ଼ା ଠାରୁ ଗଞ୍ଜାମ ମଧ୍ୟରେ ଆସିକା, ପୁରୁଷୋତ୍ତମପୁର, ଗଞ୍ଜାମ ଏନ୍.ଏ.ସି. ଓ ଋଷିକୂଲ୍ୟା ନଦୀର ଉଭୟ ପାର୍ଶ୍ୱରେ ଅବସ୍ଥିତ ପ୍ରାୟ ୭୦ ଖଣ୍ଡ ଗ୍ରାମକୁ ସୋରଡ଼ା ଡ୍ୟାମ୍ ବନ୍ୟାରୁ ରକ୍ଷା କରି ଚାଷ ଓ ପିଇବା ପାଇଁ ପାଣି ଯୋଗାଇଥାଏ। ପିପଳପଙ୍କା ଜଳଭଣ୍ଡାର ନିର୍ମାଣ ହେଲେ ନିକଟବର୍ତ୍ତୀ ଅଞ୍ଚଳର ୩,୦୦୦ ହେକ୍ଟର ଅଣ ଜଳସେଚିତ ଚାଷ ଜମିକୁ ଜଳସେଚନ ହେବା ସଙ୍ଗେସଙ୍ଗେ ଋଷିକୂଲ୍ୟା ଜଳସେଚନର ୧୫,୦୦୦ ହେକ୍ଟର ଚାଷ ଜମିକୁ ସ୍ୱଳ୍ପ ବୃଷ୍ଟି ସମୟରେ ନିଶ୍ଚିତ ଜଳ ଯୋଗାଣର ସମ୍ଭବ ହୋଇପାରିବ। ଏହା ବ୍ୟତୀତ ଋଷିକୂଲ୍ୟାର ନଦୀର ତଳମୁଣ୍ଡରେ ହିରାଧରବାଟି ପ୍ରକଳ୍ପର ୬,୦୦୦ ହେକ୍ଟର ଓ ପ୍ରସ୍ଥାବିତ ଅନ୍ତରଗାଁ ଠାରେ ପୁରୁଣା ହିରାଧରବାଟି ଆନିକଟ ପ୍ରକଳ୍ପର ଓ ଜୟମଙ୍ଗଳ ପ୍ରକଳ୍ପର ୫,୦୦୦ ହେକ୍ଟର ଚାଷଜମିକୁ ସ୍ୱଳ୍ପ ବୃଷ୍ଟି ସମୟରେ ନିଶ୍ଚିତ ଜଳ ଯୋଗାଣ ସମ୍ଭବ ହେବ । ଏହା ସାଙ୍ଗକୁ ବ୍ରହ୍ମପୁର, ଆସ୍କା, ପୁରୁଷୋତ୍ତମପୁର, ହିଞ୍ଜିଳିକାଟୁ, ଗଞ୍ଜାମ, ଛତ୍ରପୁର ଓ ନଦୀ ତଟବର୍ତ୍ତୀ ସମସ୍ତ ଗ୍ରାମବାସୀ ଓ ଭବିଷ୍ୟତର ବର୍ଦ୍ଧିତ ଜନସଂଖ୍ୟାର ପିଇବା, କୃଷି ଓ ଗୃହପାଳିତ ପ୍ରାଣୀର ଆବଶ୍ୟକତା ପାଇଁ ଯେଉଁ ଆବଶ୍ୟକତା ରହିଛି । ପିପଲପଙ୍କା ଜଳଭଣ୍ଡାର ମାଧ୍ୟମରେ ଆଂଶିକ ସମାଧାନ ହୋଇପାରିବ । ଅଧିକ ବର୍ଷା ସମୟରେ ଜଳଭଣ୍ଡାର ଗୁଡ଼ିକରେ ଜଳ ସଞ୍ଚୟ କରାଯିବା ଦ୍ୱାରା ତଳମୁଣ୍ଡରେ ନଦୀର ଉଭୟ ତଟବର୍ତ୍ତି ଗ୍ରାମ ଗୁଡ଼ିକର ବନ୍ୟାର ପ୍ରକୋପକୁ ଲାଘବ କରାଯାଇପାରିବ । ତେଣୁ ପିପିଳପଙ୍କା ପ୍ରକଳ୍ପ ଗଞ୍ଜାମ ଜିଲ୍ଲା ପାଇଁ ଏକ ଉପଯୋଗୀ ଯୋଜନା । ଯାହା ଦ୍ୱାରା ମଧୁର ଜଳକୁ ଜଳଭଣ୍ଡାର ଦ୍ୱାରା ସଂରକ୍ଷଣ ମାଧ୍ୟମରେ ଉତ୍କଟ ସମୟରେ ନଦୀରେ ଛଡ଼ାଯାଇ ନାଗରିକ, ଗୃହପାଳିତ ପଶୁଙ୍କ ଏବଂ ଚାଷୀମାନଙ୍କ ଆବଶ୍ୟକତାକୁ ପୂରଣ କରାଯିବ । ପିପଲପଙ୍କା ପ୍ରସ୍ଥାବିତ ଡ୍ୟାମ ନିକଟରେ ଦୁଇଟି ମାତ୍ର ଗ୍ରାମ ଅବସ୍ଥିତ । ପାହାଡ଼ର ପାଦଦେଶରେ ଏହି ଡ୍ୟାମ ନିର୍ମାଣ ଦ୍ୱାରା ଜନବସତି କିମ୍ବା ଚାଷ ଜମି ବିଶେଷ ଭାବେ କ୍ଷତି ହେବ ନାହିଁ ବୋଲି ପ୍ରକଳ୍ପ ରିପୋଟରେ ଦର୍ଶାଯାଇଥିଲା । ସ୍ଥାନୀୟ ଅଞ୍ଚଳରେ ଚାଷୀମାନେ ପିପଲପଙ୍କା ଯୋଜନାକୁ ସ୍ୱାଗତ କରିଅଛନ୍ତି । ଏହି ପରିପ୍ରେକ୍ଷୀରେ ଓଡ଼ିଶା ସରକାରଙ୍କ ଏହି ସାଧାରଣ ସ୍ୱାର୍ଥ ସମ୍ବଳିତ ଯୋଜନାକୁ ବିରୋଧ କରାଯିବା ଯୁକ୍ତିଯୁକ୍ତ ନୁହେଁ । ଗଞ୍ଜାମବାସୀ ଦୀର୍ଘ ୪ ଦଶନ୍ଧି ଧରି ମହାନଦୀ ଓ ଋଷିକୂଲ୍ୟା ନଦୀ ସଂଯୋଗ ଆନ୍ଦୋଳନ ଚଳାଇ ଆସୁଛନ୍ତି । ଏହି ଜନଜାଗରଣ ଯୋଗୁଁ କେନ୍ଦ୍ର ସରକାରଙ୍କ ଜଳବିକାଶ ସଂସ୍ଥା ୨୦୧୬ ମସିହାରୁ ମହାନଦୀ ଓ ଋଷିକୂଲ୍ୟା ନଦୀ ସଂଯୋଗ ଉପରେ ବିସ୍ତୃତ ପ୍ରକଳ୍ପ ଯୋଜନା କରିସାରିଛନ୍ତି । ଏହି ପରିପ୍ରେକ୍ଷୀରେ ଚାଷୀ ଓ ଜନସାଧାରଣଙ୍କ ସ୍ୱାର୍ଥ ପାଇଁ ଏହି ନଦୀ ସଂଯୋଗ ଯୋଜନାକୁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଯୁଗ୍ମ ପ୍ରକଳ୍ପ ହିସାବରେ କାର୍ଯ୍ୟକାରୀ କରିବା ପାଇଁ ଆବଶ୍ୟକ ପଦକ୍ଷେପ ନେବା ନିମନ୍ତେ ଆମ୍ଭେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଅଛୁ । ଋଷିକୂଲ୍ୟା ନଦୀର ଜଳର ସୁରକ୍ଷା ପାଇଁ ନଦୀ ଗର୍ଭକୁ ବିଭିନ୍ନ ଏନ୍.ଏ.ସି. ଓ ଗ୍ରାମରୁ ମଇଳା ପାଣି ନିଷ୍କାସନ ବିରୁଦ୍ଧରେ ଜନସଚେତନତା ଓ ପ୍ରଶାସନିକ ବ୍ୟବସ୍ଥା ଜରୁରୀ ହୋଇପଡ଼ିଛି । ନଦୀର ଉଭୟ ପାର୍ଶ୍ୱ ବନ୍ଧରେ ନାଗରିକଙ୍କ ସହଯୋଗରେ ପର୍ଯ୍ୟାପ୍ତ ବୃକ୍ଷରୋପଣ କରିବା ନିମନ୍ତେ ଆବଶ୍ୟକୀୟ ପଦକ୍ଷେପ ନିମନ୍ତେ ସରକାରଙ୍କ ଟି. ଗୋପି, ଭାରତୀୟ ଜନତା ପାର୍ଟି ମୁଖପାତ୍ର ପ୍ୟାନେଲ ଓ ପୂର୍ବତନ ଉପବାଚସ୍ପତି ରାମ ଚନ୍ଦ୍ର ପଣ୍ଡା ଜଣାଇଛନ୍ତି।


CAD- 663

## ମାର୍କଫେଡ୍- ଓଡ଼ିଶା

### ବଳକା ଅଣଧାନ ଶସ୍ୟର ବିକ୍ରୟ ନିମନ୍ତେ ସୂଚନା
### ମୁଗ, ବିରି, ଚୀନାବାଦାମ, ସୂର୍ଯ୍ୟମୁଖୀ ଓ ସୋରିଷ

➤ ଏତଦ୍ୱାରା ଓଡ଼ିଶାର ସମସ୍ତ ଚାଷୀଭାଇମାନଙ୍କ ଅବଗତି ନିମନ୍ତେ ସୂଚନା ଦିଆଯାଉଅଛି ଯେ ୨୦୨୪-୨୫ ରବି ଋତୁରେ ଅମଳ କରାଯାଇଥିବା ଅଣଧାନ ଶସ୍ୟ ଯଥା ମୁଗ, ବିରି, ଚୀନାବାଦାମ, ସୂର୍ଯ୍ୟମୁଖୀ ଓ ସୋରିଷ ଅଭାବୀ ବିକ୍ରିକୁ ରୋକିବା ନିମନ୍ତେ ରାଜ୍ୟ ସରକାରଙ୍କ ତରଫରୁ ମାର୍କଫେଡ୍ ମାଧ୍ୟମରେ ନିକଟସ୍ଥ ସ୍ଥିରୀକୃତ ସମବାୟ ସମିତି (PACS/ LAMPCS/FPOs/WSHG) ଦ୍ୱାରା ସରକାର ନିମ୍ନୋକ୍ତ ସର୍ବନିମ୍ନ ସହାୟକ ମୂଲ୍ୟରେ ଚାଷୀଙ୍କ ନିକଟରୁ ଉପଯୁକ୍ତ ମାନ ବହନ କରୁଥିବା ଶସ୍ୟ କ୍ରୟ କରାଯିବା ନିମନ୍ତେ ବ୍ୟବସ୍ଥା କରାଯାଇଛି ।

| | | |
|---|---|---|
| ଉପଯୁକ୍ତ ମାନ ବହନ କରୁଥିବା ଶସ୍ୟର କ୍ୱିଣ୍ଟାଲ ପ୍ରତି ନିର୍ଦ୍ଧାରିତ ସର୍ବନିମ୍ନ ସହାୟକ ମୂଲ୍ୟ MSP (ଟଙ୍କାରେ) | ମୁଗ | ୮୬୮୨ /- |
| | ବିରି | ୭୪୦୦ /- |
| | ଚୀନାବାଦାମ | ୬୭୮୩ /- |
| | ସୂର୍ଯ୍ୟମୁଖୀ | ୭୨୮୦ /- |
| | ସୋରିଷ | ୫୯୫୦ /- |

➤ ଯେଉଁ ଚାଷୀଭାଇମାନଙ୍କ ନିକଟରେ ଉପରୋକ୍ତ ଶସ୍ୟ ବଳକା ରହିଅଛି ସେମାନେ ନିକଟସ୍ଥ କୃଷି କର୍ମଚାରୀଙ୍କ ସହ ଯୋଗାଯୋଗ କରି ସେମାନଙ୍କ ଜମିର ଦସ୍ତାବିଜ, ଫଟୋ ପରିଚୟପତ୍ର ଓ ବ୍ୟାଙ୍କ ଖାତାର ନକଲ ଦାଖଲ କରି ନିଜ ଗ୍ରାମ ନିକଟସ୍ଥ ସେବା ସମବାୟ ସମିତି ଓ କୃଷକ ଉତ୍ପାଦକ ସଂସ୍ଥାରେ ପଞ୍ଜୀକୃତ କରି ପାରିବେ ଏବଂ ସ୍ୱୟଂ ପଞ୍ଜୀକରଣ ଇ-ସମୃଦ୍ଧି ମୋବାଇଲ ଆପ୍ ମାଧ୍ୟମରେ ଏହି ସୁବିଧାର ଲାଭ ନିଅନ୍ତୁ ।

➤ ଆବଶ୍ୟକ ସ୍ଥଳେ ସବିଶେଷ ବିବରଣୀ ଯଥା ବିକ୍ରୟ ହେବାକୁ ଥିବା ଅଣଧାନ ଶସ୍ୟର କ୍ରୟ ତାରିଖ, ବିକ୍ରୟ ସ୍ଥାନ ସମ୍ବନ୍ଧରେ ସମ୍ପୃକ୍ତ ସମବାୟ ସମିତି ସମୂହର ଉପ ନିବନ୍ଧକ / ସହ ନିବନ୍ଧକ/ ମାର୍କଫେଡ୍ କ୍ଷେତ୍ର ପରିଚାଳକ ଓ କୃଷି ବିଭାଗ କର୍ମଚାରୀଙ୍କ ସହ ଯୋଗାଯୋଗ ପାଇଁ ଅନୁରୋଧ ।

OIPR : 39017/11/0010/2526

## ଫରେଷ୍ଟର, ଫରେଷ୍ଟଗାର୍ଡଙ୍କୁ ବନ୍ଧୁକ ଚାଳନା ତାଲିମ



ଅନୁଗୁଳ, (ସବ୍ୟୁ): ଅନୁଗୁଳ ବନଖଣ୍ଡ ପକ୍ଷରୁ ସବୁଜ ବାହିନୀଙ୍କୁ ବନ୍ଧୁକ ଚାଳନା ପାଇଁ ସ୍ୱତନ୍ତ୍ର ତାଲିମ୍ ଦିଆଯାଇଛି । ଅନୁଗୁଳ ପୁଲିସ ଟ୍ରେନିଂ କଲେଜରେ ୬ ଦିନିଆ ଏହି ବନ୍ଧୁକ ଚାଳନା ତାଲିମ ଦିଆଯାଇଥିବା ଜଣାପଡ଼ିଛି। ସୂଚନା ମୁତାବକ, ଅନୁଗୁଳ ବନଖଣ୍ଡରେ ବିଭିନ୍ନ ସମୟରେ ବନ୍ୟଜନ୍ତୁ ଶିକାରୀଙ୍କ ସହିତ କାଠ ମାଫିଆଙ୍କ ପାଦୁର୍ଭାବ ରହିଛି। ସେମାନଙ୍କ ଦାଉରୁ ଜଙ୍ଗଲକୁ ସୁରକ୍ଷା ଦେବାକୁ ସ୍ଥାନୀୟ ବନ କର୍ମଚାରୀମାନେ ଜଙ୍ଗଲ ଭିତରେ ପ୍ରବେଶ କରୁଛନ୍ତି । କିନ୍ତୁ ସେମାନଙ୍କ ମୁକାବିଲା କରିବାକୁ ବନ କର୍ମଚାରୀଙ୍କ ପାଖରେ ବନ୍ଧୁକ ନଥିବା ବେଳେ କେବଳ ଲାଠି ଖଣ୍ଡିଏ ଧରି ସେମାନେ ଜୀବନକୁ ବାଜି ଲଗାଉଛନ୍ତି । ଫଳରେ ଦୁର୍ବୃତ୍ତଙ୍କ ମୁକାବିଲା କରିବାକୁ ବନ କର୍ମଚାରୀଙ୍କ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି ହୋଇଛି। ବନ ବିଭାଗ ପକ୍ଷରୁ କର୍ମଚାରୀଙ୍କ ସୁରକ୍ଷାକୁ ନେଇ ତତ୍ପରତା ଦେଖାଯାଇଛି । ବନ କର୍ମଚାରୀମାନଙ୍କୁ ବନ୍ଧୁକ ଚାଳନା ଶିକ୍ଷା ଦିଆଯାଇଛି । ଗତ ୨ ତାରିଖରୁ ୭ ତାରିଖ ପର୍ଯ୍ୟନ୍ତ ପିଟିସି ପଡ଼ିଆରେ ସେମାନଙ୍କୁ ତାଲିମ୍ ଦିଆଯାଉଥିଲା। ଏଥିରେ ମୋଟ ୭୦ ଜଣ ଡେପୁଟି ରେଞ୍ଜର, ଫରେଷ୍ଟର୍, ଫରେଷ୍ଟଗାର୍ଡ ତାଲିମ୍ ନେଇଥିଲେ । ତାଲିମ୍ ନେଇଥିବା ବନ କର୍ମଚାରୀମାନେ ଶରଧାପୁର ଫାୟାରିଂ ରେଞ୍ଜରେ ଗୁଳି ଚାଳନା ଶିଖିଥିଲେ।

## ସ୍ୱାସ୍ଥ୍ୟ ବିଭାଗ ନିର୍ଦ୍ଦେଶକୁ ତାଳଚେର ଡ଼ାକ୍ତରଖାନାରେ ବେଖାତିର୍

# ସେବା ନପାଇ ଦହଗଞ୍ଜ ହେଉଛନ୍ତି ରୋଗୀ







ତାଳଚେର, (ସବ୍ୟୁ): ବହୁ ପୁରାତନ ତାଳଚେର ଉପଖଣ୍ଡ ଚିକିତ୍ସାଳୟ ଉପରେ ବିଭିନ୍ନ ଅଂଚଳର ରୋଗୀ ନିର୍ଭର କରିଥାନ୍ତି। ଏଠାକୁ ଦୈନନ୍ଦିନ ସହସହ ସଂଖ୍ୟକ ରୋଗୀ ଚିକିତ୍ସା ହେବା ପାଇଁ ଆସିଥାନ୍ତି। ମାତ୍ର ଏହି ଚିକିତ୍ସାଳୟରେ କୋଟିକୋଟି ଟଙ୍କା ବିନିମୟରେ ବିରାଟକାୟ ଅଟାଳିକା ନିର୍ମାଣ କରାଯାଇଥିଲେ ମଧ୍ୟ ଏହାର ହେଉନି ବ୍ୟବହାର, ଏହି ତୁଳନାରେ ସେବା ଆଜି ଯାଇଛି ଚୂଲିକୁ। ଏପରିକି, ସ୍ୱାସ୍ଥ୍ୟବିଭାଗ ନିର୍ଦ୍ଦେଶକୁ ସମ୍ପୃକ୍ତ ଅଧିକାରୀମାନେ ଖୋଲାଖୋଲିଭାବେ ବେଖାତିର କରୁଥିବା ନେଇ ବିଭିନ୍ନ ମହଲରେ ଚର୍ଚ୍ଚା ଆଲୋଚନା ଲାଗି ରହିଛି। ସୂଚନାମୁତାବକ ପୂର୍ବ ସରକାର ସମୟରୁ ରୋଗୀଙ୍କ ମାନସିକତା ବଦଳାଇବାକୁ ସାତ ଦିନରେ ୭ଟି ରଙ୍ଗର ବେଡ଼ସିଟ୍ ପକାଇବାକୁ ସ୍ୱାସ୍ଥ୍ୟବିଭାଗ ନିର୍ଦ୍ଦେଶକୁ ସର୍ବସାଧରଣଙ୍କ ଅବଗତି ନିମନ୍ତେ ଚିକିତ୍ସାଳୟ କାନ୍ଥରେ ସ୍ପଷ୍ଟଭାବେ ଲିପିବୋଦ୍ଧ ହୋଇଛି । ଯଥା- ସୋମବାର ଗୋଲାପି, ମଙ୍ଗଳବାର ନୀଳଙ୍ଗ, ବୁଧବାର ଧୂଷର, ଗୁରୁବାର, ସବୁଜ, ଶୁକ୍ରବାର ହଳଦିଆ, ଶନିବାର ବାଇଗେଣି, ରବିବାର ଲାଲରଙ୍ଗର ରୋଗୀଙ୍କ ବେଡ୍‌ରେ ବେଡ଼ସିଟ୍ ବିଛାଇବାକୁ ନିୟମ ରହିଛି। ଏସବୁ ରଙ୍ଗ ବେଡ଼ସିଟ୍ ବେଡ଼ ଉପରେ ବିଛାଇବା ତ ଦୂରର କଥା ରୋଗୀଙ୍କ ପାଇଁ ସାଧାରଣ ବେଡ଼ସିଟ୍ ଖଣ୍ଡେ ବିଛା ଯାଉନଥିବାରୁ ବେଡ଼ ଉପରେ ରହିଥିବା ରେକଜିନ୍ ଗଦି ରୋଗୀଙ୍କ ସ୍ପର୍ଶରେ ଆସି ନଷ୍ଟ ହେବା ସହିତ ରୋଗୀ ମଧ୍ୟ ନାହିଁ ନଥିବା ହଇରାଣ ହୋଇଥାନ୍ତି ବୋଲି ଅଭିଯୋଗ ହେଉଛି। ଏପରିକି, ରୋଗୀ ସାଥିରେ ଆଣିଥିବା ଶାଲ, ଚଦର ଓ ଲୁଗାପଟ୍ଟା ବିଛାଇ ଶୋଇ ରହିଥିବା ଦେଖିବାକୁ ମିଳୁଛି। ଜିଲ୍ଲା ଖଣିଜପାଣ୍ଠିରୁ ରୋଗୀଙ୍କ ରୋଗ ଉପଶମକୁ ଆଖି ଅଗାରେ ରଖି ଏହାକୁ କାର୍ଯ୍ୟକାରୀ କରିବାକୁ ନେଇ କୋଟି କୋଟିଟଙ୍କା ଟେଣ୍ଡର ମାଧ୍ୟମରେ ସମ୍ପୃକ୍ତ ଠିକାଦାରଙ୍କୁ କାମ ଯୋଗାଇ ଦିଆଯାଇଥାଏ। ମାତ୍ର ସମ୍ପୃକ୍ତ ଠିକାଦାର ଓ ମେଡ଼ିକାଲ ଅଫିସରଙ୍କ ମଧୁଚନ୍ଦ୍ରିକା ଯୋଗୁଁ ଏହା କାର୍ଯ୍ୟକାରୀ ହେଉନଥିବା ଅଭିଯୋଗ ହେଉଛି। ସେହିପରି ପ୍ରଚୁର ପରିମାଣରେ ଅକ୍ସିଜେନ୍ ରହିଥିଲେ ମଧ୍ୟ ଏହାକୁ ବିଭିନ୍ନ କାରଣ ଦର୍ଶାଇ ରୋଗୀଙ୍କୁ ପୁରୁଣା ଅକ୍ସିଜେନରେ କାମ ଚଳାଇ ଦେବାକୁ ସମ୍ପୃକ୍ତ କର୍ତ୍ତୃପକ୍ଷ କୁଆଡ଼େ ବାଧ୍ୟ କରାଯାଉଥିବା କୁହାଯାଉଛି। ଏପରିକି ଉକ୍ତ ଚିକିତ୍ସାଳୟରେ ନର୍ସମାନେ ରୋଗୀଙ୍କୁ ସେବା ଯୋଗାଇ ଦେବା ପରିବର୍ତ୍ତେ ନିଜ ରୁମରେ ବସି ବାର୍ତ୍ତାଳାପ କରୁଥିବା ସମୟରେ ଯଦି କୌଣସି ରୋଗୀଙ୍କ ପରିବାର ଲୋକ ତାଙ୍କୁ ଡ଼ାକନ୍ତି ତେବେ ସେ ଉତକ୍ଷିପ୍ତ ହୋଇ ଦୁର୍ବ୍ୟବହାର ପ୍ରଦର୍ଶନ କରିଥାନ୍ତି ବୋଲି ରୋଗୀଙ୍କ ସମ୍ପର୍କୀୟ ମାନେ ଏହା ପ୍ରକାଶ କରୁଛନ୍ତି। ସେହିଭଳି ଉକ୍ତ ଚିକିତ୍ସାଳୟରେ ଦୀର୍ଘମାସ ହେବ ଚିକିତ୍ସାଧିକାରୀ ଅବସର ନେବାପରେ ଏଠାରେ କାହାକୁ ହେଲେ ନିଯୁକ୍ତି ଦିଆଯାଇ ନଥିବାରୁ ଜଣେ ପ୍ରସୂତୀ ବିଭାଗ ଡ଼ାକ୍ତରଙ୍କୁ ଅସ୍ଥାୟୀ ଭାବେ ଦାୟୀତ୍ୱ ଦିଆଯାଇଛି। ଫଳରେ ସେମାନଙ୍କ ମଧ୍ୟରେ ତାଳମେଳ ରହୁନଥିବାରୁ କିଛି ଡ଼ାକ୍ତର ଦୀର୍ଘମାସ ହେବ ଛୁଟିରେ ରହୁଥିବା ଦେଖିବାକୁ ମିଳିଛି ଏବଂ ଯେଉଁ ଡ଼ାକ୍ତରମାନେ ରହିଛନ୍ତି ସେମାନେ ୮ଘଣ୍ଟା କାର୍ଯ୍ୟ ତୁଲାଇବା ପରିବର୍ତ୍ତେ ମନମୁଖି ଭାବେ କାର୍ଯ୍ୟକରି ଘରୋଇ ଚିକିତ୍ସାଳରେ ରୋଗୀ ଦେଖିବାକୁ ଯାଉଛନ୍ତି ବୋଲି କୁହାଯାଉଛି। ତେଣୁ ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ଏଥିପ୍ରତି ତୁରନ୍ତ ଦୃଷ୍ଟି ଦେଇ କଡ଼ା ଆଭିମୁଖ୍ୟ ଗ୍ରହଣ କରିବା ସହ ଆବଶ୍ୟକ ଡ଼ାକ୍ତର ଓ ବିଭିନ୍ନ କର୍ମଚାରୀଙ୍କୁ ନିଯୁକ୍ତି ଦେବାକୁ ସାଧାରଣରେ ଦାବି ହେଉଛି।

## ପୁରାତନ ଛାତ୍ରଛାତ୍ରୀଙ୍କ ବୈଠକ



ଠାକୁରଗଡ, (ସବ୍ୟୁ): କିଶୋରନଗର ବ୍ଲକ ବିଲେଇନାଳୀ ଜଗନ୍ନାଥ ଉଚ୍ଚ ବିଦ୍ୟାଳୟ ୧୯୮୨ ମସିହାର ବ୍ୟାଚର ପୁରାତନ ଛାତ୍ରୀଛାତ୍ରଙ୍କର ଏକ ବୈଠକ ବଣିନାଳି ବିଶ୍ୱ ଯୁବ କେନ୍ଦ୍ର ପରିଷରରେ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ପ୍ରଧାନ ଶିକ୍ଷକ ରବି ନାରାୟଣ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ବୈଠକରେ ଶିକ୍ଷକ ଯଜ୍ଞେଶ୍ୱର ପ୍ରଧାନ, ବାନାମ୍ବର ପ୍ରଧାନ, ରତ୍ନାକର ସାହୁ, ଗୁଣ୍ଡିଚା ପ୍ରଧାନ ଓ ଭବାନୀ ଶଙ୍କର ମିଶ୍ର ଯୋଗ ଦେଇ ଶିକ୍ଷା, ଶିକ୍ଷକ ଓ ଛାତ୍ର ଛାତ୍ରୀଙ୍କ ସମ୍ପର୍କ ଓ ତତକାଳୀନ ଶିକ୍ଷା ବ୍ୟବସ୍ଥା ଉପରେ ଆଲୋକପାତ କରିଥିଲେ। ଦୀର୍ଘ ୪୩ ବର୍ଷ ପରେ ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କ ସହିତ ସାକ୍ଷାତ ଏକ ଭାବ ବିହ୍ୱଳ ପରିବେଶ ସୃଷ୍ଟି କରିଥିଲା। ପୂର୍ବତନ ଛାତ୍ରୀ ତଥା ପୂର୍ବତନ ବ୍ଲକ ଅଧ୍ୟକ୍ଷା ଗୌରୀ ସାହୁଙ୍କ ଆବାହକତ୍ୱରେ ଅନୁଷ୍ଠିତ ସଭାରେ ରବୀନ୍ଦ୍ର ବିଶ୍ୱାଳ, ସୁରଥ ନାୟକ, ଅନନ୍ତ ଚରଣ ସାହୁ, ଦୟାନିଧି ମାଝୀ, ଅହଲ୍ୟା ପ୍ରଧାନ, ଗୀତାଞ୍ଜଳି ମାଝୀ, ପବିତ୍ର ପ୍ରଧାନ, ଚୈତନ୍ୟ ସାହୁ, ଶିବରାମ ବେହେରା, ପିତାମ୍ବର ସାହୁ, ଘନଶ୍ୟାମ ବିଶ୍ୱାଳ, ବିଜୟ ପ୍ରଧାନ, ଯଶୋବନ୍ତ ସାହୁ, ଗିରିଶ ପ୍ରଧାନ ଓ ଅଧିକାରୀ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ବିଶିଷ୍ଟ ଅତିଥି ଭାବେ ବିଶ୍ୱ ଯୁବକେନ୍ଦ୍ରର ନିର୍ଦ୍ଦେଶକ ମନୋଜ କୁମାର ମହାପାତ୍ର ଓ ପୂର୍ବତନ ସମିତି ସଭ୍ୟ ବିଜୟ କୁମାର ସାହୁ ଯୋଗ ଦେଇଥିଲେ। ଦୟାନିଧି ମାଝୀ ସ୍ୱାଗତ ଭାଷଣ ଓ ଗୌରୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଘରୁ ନାଗ ସାପ ଉଦ୍ଧାର

ଠାକୁରଗଡ, (ସବ୍ୟୁ): କିଶୋରନଗର ବ୍ଲକ ହଣ୍ଡପା ଥାନା ବଣିନାଳି ଗ୍ରାମର ଅକ୍ଷୟ ପ୍ରଧାନଙ୍କ ଘରୁ ରବିବାର ଦିନ ଏକ ବିଷାକ୍ତ ନାଗ ସାପକୁ ଉଦ୍ଧାର କରାଯାଇଛି । ଏକ ନାଗ ଅକ୍ଷୟଙ୍କ ଘର ଭିତରକୁ ପଶି ଆସିଥିଲା । ସାପ ଘର ଭିତରକୁ ଯାଉଥିବା ଅକ୍ଷୟଙ୍କ ପରିବାର ଲୋକେ ଦେଖି ସେଠାରୁ ବାହାରକୁ ପଳାଇ ଆସିଲେ । ସାପକୁ ଯେତେ ଘଉଡ଼ାଇ ଥିଲେ ମଧ୍ୟ ସାପ ବାହାରକୁ ନଯାଇ ଅକ୍ଷୟଙ୍କ ଶୋଇବା ଘର ଭିତରେ ପଶି ଯାଇଥିଲା। ସାପକୁ କିଭଳି ସୁରକ୍ଷିତ ଅବସ୍ଥାରେ ଉଦ୍ଧାର କରାଯିବ ସେନେଇ ଅକ୍ଷୟ ସାପ ଉଦ୍ଧାରକାରି ମାଧପୁର ଅଞ୍ଚଳର ସିଦ୍ଧେଶ୍ୱର ରଥଙ୍କୁ ଜଣାଇଥିଲେ । ଖବର ପାଇଁ ସିଦ୍ଧେଶ୍ୱର ଅକ୍ଷୟଙ୍କ ଘରେ ପହଁଚି ସୁରକ୍ଷିତ ଅବସ୍ଥାରେ ନାଗ ସାପକୁ ଉଦ୍ଧାର କରି ନିକଟରେ ଥିବା ଜଙ୍ଗଲରେ ଛାଡି ଥିଲେ ।

## ଭାତ ହାଣ୍ଡିରେ ପଡି ନାବାଳକ ଗୁରୁତର

ଠାକୁରଗଡ, (ସବ୍ୟୁ): ଆଠମଲ୍ଲିକ ବ୍ଲକ ଠାକୁରଗଡ ଥାନା ଘୋଡାବାନ୍ଧୁଣି ଗ୍ରାମରେ ଶନିବାର ଦିନ ସୁନିଲ ଭୋଇଙ୍କର ୫ବର୍ଷର ପୁଅ ସୋମରାଜ ଭୋଇ ଭାତ ହାଣ୍ଡିରେ ପଡି ଗୁରୁତର ଆହାତ ହୋଇଛନ୍ତି । ତାଙ୍କୁ ଗୁରୁତର ଅବସ୍ଥାରେ ପରିବାର ଲୋକେ ଉଦ୍ଧାର କରି ଚିକିତ୍ସା ପାଇଁ ପ୍ରଥମେ ଆଠମଲ୍ଲିକ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରୁ ତାଙ୍କୁ ଅନୁଗୋଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ତାଙ୍କ ଦେହ ୫୦ ପ୍ରତିଶତ ପୋଡିଯାଇଥିବା ଜଣା ପଡିଛି । ପ୍ରକାଶଯେ ସୋମରାଜଙ୍କର ମା’ ଭାତ ହାଣ୍ଡି ଚୁଲିରୁ ତଳକୁ ଆଣୁଥିବା ବେଳେ ସୋମରାଜ ଭାତ ହାଣ୍ଡିରେ ଖସି ପଡ଼ିଥିଲେ।

## ବାଇକ, ପିକଅପ୍ ଭ୍ୟାନ ଜବତ : ଦୁଇ ଗିରଫ

ଠାକୁରଗଡ, (ସବ୍ୟୁ): ହଣ୍ଡପା ଓ ଠାକୁରଗଡ଼ ପୋଲିସ ଶନିବାର ରାତିରେ ବିଭିନ୍ନ ସ୍ଥାନରେ ଗାଡି ମଟର ଯାଞ୍ଚ କରିଛି । ରାସ୍ତା ଉଭୟ ପାର୍ଶ୍ୱରୁ ଆସୁଥିବା ସମସ୍ତ ଗାଡି ଗୁଡିକକୁ ଅଟକାଇ ଯାଞ୍ଚ କରାଯାଇଥିଲା। କମରେଇ ଅଞ୍ଚଳରେ ହଣ୍ଡପା ପୋଲିସ ଗାଡି ମଟର ଯାଞ୍ଚ କରୁଥିବା ସମୟରେ ମଦ୍ୟପାନ କରି ପିକଅପ୍ ଭ୍ୟାନ ଚଳାଉଥିବା ଅଭିଯୋଗରେ ଭୁବନେଶ୍ୱର ମଞ୍ଚେଶ୍ୱର ପଳାଶୁଣି ଗ୍ରାମର ରମା ସିଂ କୁ ଗିରଫ କରାଯାଇଛି । ସେ ଏକ ପିକଅପ ଭ୍ୟାନ ନମ୍ବର (ଓଡି୦୫ଏକ୍ୟୁ ୮୭୭୧) ରେଢାଖୋଲରୁ ସମ୍ବଲପୁର ନେଇ ଆସୁଥିବା ବେଳେ ମଦ୍ୟପାନ କରି ଦ୍ରୁତଗତିରେ ଗାଡି ଚଲାଉଥିଲେ। ପୋଲିସ ଯାଞ୍ଚ କରି ତାଙ୍କୁ ଗିରଫ କରିଥିଲା। ଏନେଇ ହଣ୍ଡପା ପୋଲିସ ନମ୍ବର ୨୦୫/୨୫ ରେ ଏକ ମାମଲା ରୁଜୁ କରିଛି। ସେହିପରି ଠାକୁରଗଡ଼ ପୋଲିସ ଠାକୁରଗଡ଼ ଅଞ୍ଚଳରେ ମଦ୍ୟପାନ କରି ବାଇକ୍ ଚଳାଉଥିବା ଅଭିଯୋଗରେ କୋରାବ ଗ୍ରାମର ଦୋଳ ଗୋବିନ୍ଦ ନାୟକଙ୍କୁ ଗିରଫ କରିଛି । ଏଥିସହ ତାଙ୍କ ବାଇକ ନମ୍ବର (ଓଡି ୧୯ ଏନ ୨୧୯୮ ) କୁ ଜବତ କରାଯାଇଛି। ସେ ମଦ୍ୟପାନ କରି ବାଇକ ଚଳାଉଥିବା ବେଳେ ପୋଲିସ ତାଙ୍କୁ ଗିରଫ କରିଥିଲା । ଏନେଇ ୧୬୩/୨୫ରେ ଏକ ମାମଲା ରୁଜୁ ହୋଇଛି ।

## ଗଞ୍ଜେଇ ଚାଲାଣ କରି ଯୁବକ ଗିରଫ

ରାସୋଳ, (ସବ୍ୟୁ): ହିନ୍ଦୋଳ ଉପଖଣ୍ଡ ରାସୋଳ ଥାନା ପୁରୁଣା କଟକ ସମ୍ବଲପୁର ରାସ୍ତାର ଅସନ ବଣିଆ ଛକ ନିକଟରେ ଶନିବାର ରାତିରେ ଗଞ୍ଜେଇ ଚାଲାଣ କରୁଥିବା ଜଣେ ଯୁବକକୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି । ଖବରରୁ ଜଣାଯାଏ ଢ଼େଙ୍କାନାଳ ଜିଲ୍ଲା କାମାକ୍ଷାନଗର ଥାନା ମହିମାନଗରର ସୁବାସ ଚନ୍ଦ୍ର ନାଏକଙ୍କ ପୁଅ ଶକ୍ତି ପ୍ରସାଦ ନାଏକ ଓରଫ ବାବୁଲୁ (୨୩) ଏକ ବ୍ୟାଗ୍‌ରେ ୨୩ କେଜି ଗଞ୍ଜେଇ ଧରି ଅନ୍ୟତ୍ର ଚାଲାଣ କରିବା ପାଇଁ ଏହି ଛକରେ ଅପେକ୍ଷା କରିଥିବା ଖବର ପାଇ ତାକୁ ପୋଲିସ କାବୁ କରିଥିଲା। ଆଜି ଶକ୍ତି ପ୍ରସାଦକୁ କୋର୍ଟ ଚାଲାଣ କରାଯାଇଛି ।

## ହରିବୋଲ ନିକଟରେ ପୋଲିସ୍ ପହଁଚିବ କେବେ?

ତାଳଚେର, (ସବ୍ୟୁ): ଶିଳ୍ପନଗରୀ ତାଳଚେର ଅଂଚଳକୁ ଗ୍ରାସ କରିଛି ମାରାତ୍ମକ ଧଳାଜହର। ଜୁଆଡ଼େ ଦେଖିବ ସିଆଡ଼େ ମାଳମାଳ ସେବନକାରୀ ଓ ବେପାରୀ। ଲୋକେ ଏହା ଦେଖୁଥିବା ବେଳେ ପୋଲିସ୍ ଓ ଅବକାରୀ କିପରି ଦେଖିପାରୁନଥିବା ନେଇ ଉଠିଛି ପ୍ରଶ୍ନ? ଘଟଣାରୁ ପ୍ରକାଶ, ହରିବୋଲ ନାମଧାରୀ ଯୁବକ ତାଳଚେର ଟାଉନ ଥାନା ଠାରୁ ମାତ୍ର ଶହେ ମିଟର ଦୂରରେ ଶନିମନ୍ଦିର ନିକଟରେ ବ୍ରାଉନସୁଗାର କାରବାର ଚାଳାଇଥିଲେ ମଧ୍ୟ ପୋଲିସ୍‌ର ଦୃଷ୍ଟି ନପଡ଼ିବା ଦୁର୍ଭାଗ୍ୟଜନକ ବିଷୟ ହୋଇଛି। ଏହି ଯୁବକଙ୍କ ନାମ ଅନ୍ୟ କିଛି ରହିଥିବା ବେଳେ ଏହି କାରବାର ଚଳାଇବା ଦିନ ଠାରୁ ସେହି ଅଂଚଳରେ ସେ ନିଶାଡ଼ିଙ୍କ ପାଇଁ ହରିବୋଲ ନାମରେ ପରିଚିତ ହୋଇଛନ୍ତି। ତେବେ ଏଭଳିଭାବେ ତାଳଚେର ସହର ଠାରୁ ଆରମ୍ଭକରି ପ୍ରତ୍ୟେକ ଗାଁ ଗଣ୍ଡା ପର୍ଯ୍ୟନ୍ତ ଏହାର ଚେର ଲମ୍ବିଥିବା ଅଭିଯୋଗ ହେଉଛି। ବାହାର ରାଜ୍ୟରୁ ଏହି ମାରାତ୍ମକ ଧଳାଜହର ଏବେ ତାଳଚେର ଅଂଚଳକୁ କଳେବଳେ କୌଶଳେ ଅଣାଯାଇ ଏଠିକାର ଯୁବପିଢ଼ୀଙ୍କୁ ହାତେଇ ଧଳାଜହର ବ୍ୟବସାୟରେ ଜଡ଼ିତ କରିବା ସହ ଲକ୍ଷାଧିକ ଟଙ୍କା ରୋଜଗାର କରି ମାଲେମାଲ ହେଉଛନ୍ତି ଏବଂ ସେମାନେ କହୁଛନ୍ତି କି ଆମେ ଚାନ୍ଦାଦେଇ ବ୍ୟବସାୟ ଚଳାଇଛୁ କିଏ କଣ କରିବ । ତେବେ ସେମାନେ କେତେ ବେଳେ କାହାକୁ ଚାନ୍ଦା ଦିଅନ୍ତି ତଦନ୍ତ କରାଗଲେ ପ୍ରକୃତ ସତ୍ୟ ଜଣାପଡ଼ିବ ବୋଲି ଚର୍ଚ୍ଚା ହେଉଛି। ଆଜି ଯୁବପିଢ଼ୀ ଚାକିରୀ ନପାଇ ମାନସିକ ଭାରସାମ୍ୟ ହରାଇ ଏହି ମାରାତ୍ମକ ନିଶାକୁ ଆପଣାଇ ନେଇଥିବା ବେଳେ ଏଥିପାଇଁ ଅର୍ଥ ଦରକାର ପଡୁଥିବା ବେଳେ ସେମାନେ ବିଭିନ୍ନ ଅନୈତିକ କାର୍ଯ୍ୟରେ ଲିପ୍ତ ରହୁଛନ୍ତି ଓ ଏହା ନିଶ୍ଚିତ ପକ୍ଷେ ଦୁଃଖ ଦାୟକ ଘଟଣା ହୋଇଥିଲେ ମଧ୍ୟ ଏହା ଉପରେ ଲାଗି ପାରୁନି ରୋକ୍, ଯାହା ଫଳରେ ଏହି ମାରାତ୍ମକ ନିଶା ଏବେ ଧିରେଧିରେ ତାଳଚେରକୁ ଗ୍ରାସ କରିବାରେ ଲାଗିଛି।

## ଜାତୀୟ କଂଗ୍ରେସର ସମ୍ବିଧାନ ଓ ପରିବେଶ ବଞ୍ଚାଅ ପଦଯାତ୍ରା

ଗୋଡ଼ିବନ୍ଧ, (ସବ୍ୟୁ) : ତାଳଚେର ନିର୍ବାଚନ ମଣ୍ଡଳୀରେ କଂଗ୍ରେସ ରାଜ୍ୟ ସଭାପତିଙ୍କ ନିର୍ଦ୍ଦେଶ କ୍ରମେ ସମ୍ବିଧାନ ଓ ପରିବେଶ ବଞ୍ଚାଅ ପଦଯାତ୍ରା ସଭା ବିଧାୟକ ପ୍ରାର୍ଥୀ ପ୍ରଫୁଲ୍ଲ ଦାସଙ୍କ ନେତୃତ୍ୱରେ ଅନୁଷ୍ଠିତ ହେଇଯାଇଛି । ଏଥିରେ ପିସିସି ସଭାପତି ଭକ୍ତ ଚରଣ ଦାସ, ଓଡିଶା ପ୍ରହରୀ ଅଜୟ ଲୁଲୁ, ପୂର୍ବତନ ମନ୍ତ୍ରୀ ଶରତ ରାଉତ, ପୂର୍ବତନ ମନ୍ତ୍ରୀ ନଗେନ୍ଦ୍ର ପ୍ରଧାନ, ରାଜ୍ୟ କଂଗ୍ରେସ ସମର୍ଥିତ ଶ୍ରମିକ ସଂଘର ସଭାପତି ରାମଚନ୍ଦ୍ର ଖୁଣ୍ଟିଆ, ପୂର୍ବତନ ମନ୍ତ୍ରୀ, ବିଧାୟକ, ପୂର୍ବତନ ସାଂସଦ ପ୍ରାର୍ଥୀ ଶ୍ରୀମତୀ ସସ୍ମିତା ବେହେରା, ଜିଲ୍ଲା ସଭାପତି ଅମ୍ବିକା ଭଟ, ରାଜ୍ୟ ଛାତ୍ର ସଭାପତି, ସଭାପତି ରାଜ୍ୟ ସେବାଦଳ ସଭାପତି, ସମସ୍ତ ବିଧାୟକ ପ୍ରାର୍ଥୀ, ଯୁବଛାତ୍ର ମହିଳା ଜିଲ୍ଲା ସଭାପତି ଓ ବହୁ କଂଗ୍ରେସ କଂଗ୍ରେସ ନେତା କର୍ମୀ ଉପସ୍ଥିତ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା ।

## ୨୫ ବର୍ଷ ତଳୁ ଫେରାର ଅଭିଯୁକ୍ତ ଗିରଫ

ଅନୁଗୋଳ, (ସବ୍ୟୁ) : ୨୦୦୦ମସିହାରେ ଅପରାଧିକ ମାମଲାରେ ସଂଶ୍ଲିଷ୍ଟ ଥାଇ ୨୫ ବର୍ଷ ହେବ ଫେରାର ଏକ ଅଭିଯୁକ୍ତକୁ ପୁଲିସ ଗିରଫ କରିଛି । ଜିଲା ଆରକ୍ଷୀ ଅଧିକ୍ଷକ ରାହୁଲ ଜୈନଙ୍କ ସୂଚନା ମୁତାବକ ନାଲକୋ ଥାନା ଅଞ୍ଚଳର ତୋଫାନ ନାଏକ ନାମକ ଜଣେ ଅଭିଯୁକ୍ତଙ୍କ ନାମରେ ୨୦୦୦ ମସିହାରେ ଦଫା ୪୫୭ ଏବଂ ୩୮୦ରେ ମାମଲା ରୁଜୁ ହୋଇଥିଲା। ଅଭିଯୁକ୍ତ ଫେରାର ଥିବାରୁ ତା ନାମରେ ଅଦାଲତ ପକ୍ଷରୁ ଜାମିନବିହୀନ ଗିରଫ ପରୱାନ ଜାରି ହୋଇଥିଲା । ଏବେ ଅନୁଗୋଳ ଜିଲା ପୁଲିସ ପକ୍ଷରୁ ସମସ୍ତ ଥାନା ଗୁଡିକରେ ଥିବା ୱାରେଣ୍ଟି ଗିରଫ ପାଇଁ ସ୍ୱତନ୍ତ୍ର ଯୋଜନା କାର୍ଯ୍ୟକାରୀ କରୁଥିବା ବେଳେ ୨୫ ବର୍ଷ ଧରି ପୁଲିସ ଆଖିରେ ଧୂଳିଦେଇ ଫେରାର ଥିବା ତୋଫାନକୁ ଗିରଫ କରିବାରେ ପୁଲିସ ସଫଳ ହୋଇଛି ।

## ପବିତ୍ର ମୋହନ ମେଡ଼ିକାଲ କଲେଜ ଖୋଲିବାରେ ଅସୁବିଧା କେଉଁଠି

ତାଳଚେର, (ସବ୍ୟୁ): ତାଳଚେର ମଧ୍ୟରେ ମାତ୍ରାଧିକ ଖଣି ଓ କାରଖାନା ଗଢ଼ି ଉଠୁଥିବା ଯୋଗୁଁ ତାଳଚେର ପ୍ରଦୁଷଣରେ ଦିଲ୍ଲୀକୁ ମଧ୍ୟ ପଛରେ ପକାଇ ସର୍ବଭାରତୀୟ ସ୍ତରରେ ପ୍ରଥମ ସ୍ଥାନ ନେଇଛି ବୋଲି ବିଭିନ୍ନ ସମୟରେ ପ୍ରକାଶିତ ହେଉଛି। ଦେଶ ଏବଂ ରାଜ୍ୟର ଆର୍ଥିକ ଅଭିବୃଦ୍ଧିରେ ତାଳଚେରବାସୀଙ୍କ ଭୂମିକା ସଦାବସର୍ବଦା ରହି ଆସିଛି। କିନ୍ତୁ ସେହି ଅନୁପାତରେ ତାଳଚେରବାସୀ ବିଭିନ୍ନ କ୍ଷେତ୍ରରେ ବଂଚିତ ହେଉଛନ୍ତି ବା ସ୍ଥାନୀୟ ଶାସକ ଦଳ ନେତା, ବିରୋଧି ଦଳ ନେତା ନିଜ ଅଂଚଳକୁ ବିକଶିତ କରି ଗଢ଼ି ତୋଳିବାରେ ବିଫଳ ହୋଇଛନ୍ତି। ସାରା ଓଡ଼ିଶାରେ ଦୀର୍ଘ ଦିନ ବିଜେଡ଼ି ସରକାର ସମୟରେ ନିଜସ୍ୱ ଖର୍ଚ୍ଚରେ ବିଭିନ୍ନ ଜିଲ୍ଲାରେ ୧୧ଟି ମେଡ଼ିକାଲ କଲେଜ ଖୋଲିଥିବା ବେଳେ ଏବେ ଏକବର୍ଷ ମଧ୍ୟରେ ବିଜେପି ସରକାର ଆଉ ୮ଟି ଖୋଲିବାନେଇ ମୋହର ମାରି ସାରିଲେଣି। କିନ୍ତୁ ୧୫ଶହ କୋଟି ଟଙ୍କା ସିଆର, ଡ଼ିଏମଫଣ୍ଡ ବିନିଯୋଗ କରିସାରିବା ପରେ ତାଳଚେର ଅଂଚଳ ପାଇଁ ଉର୍ଦ୍ଦିଷ୍ଟ ପବିତ୍ର ମୋହନ ପ୍ରଧାନ ମେଡ଼ିକାଲ କଲେଜ ଏପର୍ଯ୍ୟନ୍ତ କାହିଁକି ଖୋଲା ଯାଇ ପାରି ନାହିଁ ତାହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ମେଡ଼ିକାଲ କଲେଜରେ ୯ତାଲା ଭିତିଭୂମି ଅଭାବ କହି ଏମଏସସିଏସ୍ ହସପିଟାଲକୁ କାହା ସ୍ୱାର୍ଥରେ ଜିଲ୍ଲା ଚିକିତ୍ସାଳୟକୁ ଟିଚିଙ୍ଗ ହସପିଟାଲରେ ଘୋଷଣା କରି ଶହେରୁ ଉର୍ଦ୍ଧ୍ୱ ଡ଼ାକ୍ତର ପ୍ରଫେସର ମେ ପହିଲା ସେଠି ସେବା ଯୋଗାଇ ଦେବାକୁ ବନ୍ଦବସ୍ତ କଲେଣି। ଏହି କାରଣରୁ ନୈତିକତା ଦୃଷ୍ଟିରୁ ତାଳଚେର ଆଗଧାଡ଼ିର ନେତାମାନେ ବର୍ତମାନ ଏହି ମେଡ଼ିକାଲ କଲେଜ ଖୋଲିବାରେ କେଉଁଠି ତୃଟି ରହିଲା ବୋଲି ସ୍ପଷ୍ଟି କରଣ ଦେବାରେ ଆବଶ୍ୟକତା ରହିଛି। ଏହି ମେଡ଼ିକାଲ କଲେଜ ଖୋଲିବା ନେଇ ତାଳଚେର ବହୁ ପୂର୍ବରୁ ଲୋକଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ନେଇ ପରିକଳ୍ପନା କରାଯାଇଥିଲା। ଏମସିଏଲ ପକ୍ଷରୁ ପ୍ରାୟ ୧୫ଶହ କୋଟି ଟଙ୍କା ଖର୍ଚ୍ଚ କରାଯାଇ ଏଠାରେ ସୁନ୍ଦର ଅଟ୍ଟାଳିକା ସହିତ ଶଯ୍ୟା ଓ ସରଞ୍ଜାମ ଇତ୍ୟାଦି ଯୋଗାଇ ଦିଆଯାଇଛି, ଏବଂ ଏହି କୋଠରୀ ଗୁଡ଼ିକ ଏବେ ଭୂତ କୋଠିରେ ପରିଣତ ହେବାକୁ ବସିଥିବା ବେଳେ କାହିଁକି ଖୋଲାଯାଉ ନାହିଁ ତାକୁ ନେଇ ବିଭିନ୍ନ କଳ୍ପନା ଜଳ୍ପନା ବୃଦ୍ଧି ପାଇଛି। ଏଠାରେ ତାଳଚେରବାସୀ ପ୍ରଶ୍ନ କରୁଛନ୍ତି କି? ଟାଣୁଆ ନେତାମାନେ ନିଜକୁ ତାଳଚେର ମାଟିର ପୁଅ କହୁଥିବା ବେଳେ ପ୍ରାୟ ୫ବର୍ଷ ହେବ ମେଡ଼ିକାଲ କଲେଜ ଖୋଲିବା ନେଇ ତାଙ୍କର କେତେ ଆନ୍ତରିକ ମନୋଭାବ ଓ ପାରିବା ପଣିଆ ତାହା ସ୍ପଷ୍ଟ ବାରି ହୋଇପଡୁଛି।


## ସନ୍ତରଣ ପ୍ରଶିକ୍ଷଣ ଶିବିର



ଢେଙ୍କାନାଳ, (ସବ୍ୟୁ): ଢେଙ୍କାନାଳ ଜିଲ୍ଲା ସଦର ବ୍ଲକ ଅନ୍ତର୍ଗତ ସିମିଳିଆ ସତ୍ୟ ସାଗର ୱାଟର ପାର୍କ ଠାରେ ରାଜ୍ୟ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ବିଭାଗ ତରଫରୁ ଜିଲ୍ଲା ଜରୁରୀକାଳୀନ ବିଭାଗ ଦ୍ୱାରା ସନ୍ତରଣ ଓ ପାଣିରେ ବୁଡି ବଞ୍ଚିବାର ମୌଳିକ କୌଶଳ ସମ୍ବନ୍ଧିୟ ପ୍ରଶିକ୍ଷଣ ଶିବିର ଉଦଘାଟିତ ହୋଇଯାଇଛି। ଜିଲ୍ଲା ଜରୁରୀକାଳୀନ ଅଧିକାରୀ ସୁଦିପ୍ତ କୁମାର ସାହୁ ଓ ଏଏସଏପି ପ୍ରଥମ ବାଟାଲିୟନର ସହାକାରୀ କମାଣ୍ଡାଣ୍ଟଅଶୋକ ରଥ ଶିବିରକୁ ଉଦଘାଟନ କରିଥିଲେ। ପାଣିରେ ବୁଡି କୌଣସି ପ୍ରାଣହାନୀ ଜନିତ ଦୁର୍ଘଟଣାକୁ ଏଡାଇବା ପାଇଁ ସରକାରଙ୍କ ଦ୍ୱାରା ଆରମ୍ଭ ହୋଇଥିବା ପ୍ରୟାସ ଉପଯୋଗୀ ହେବ ବୋଲି ଅତିଥି ମାନେ ମତବ୍ୟକ୍ତ କରିଥିଲେ। ଗତ ୨ ତାରିଖରୁ ଆରମ୍ଭ ହୋଇଥିବା ଏହି ଶିବିରରେ ପ୍ରଥମ ପର୍ଯ୍ୟାୟ ପ୍ରଶିକ୍ଷାର୍ଥିଙ୍କ ପ୍ରଶିକ୍ଷଣ ଶେଷ ହୋଇଛି। ପ୍ରର୍ଯ୍ୟାୟ କ୍ରମେ ଅଗଷ୍ଟ ୯ ତାରିଖ ତାରିଖ ପର୍ଯ୍ୟନ୍ତ ଏହି ପ୍ରଶିକ୍ଷଣ ଦିଆଯିବ ବୋଲି ଜଣାପଡିଛି। ଓଡ୍ରାଫ ଟିମ ଏହି ପ୍ରଶିକ୍ଷଣ ଦେଉଥିବାର ଜଣାପଡିଛି।

## ସମୀକ୍ଷା ରାଜ୍ୟର ସର୍ବକନିଷ୍ଠ ମହିଳା ପାଇଲଟ୍

ଅନୁଗୋଳ /ଗୋଡିବନ୍ଧ, (ସବ୍ୟୁ): ଅନୁଗୋଳ ଜିଲା ସଦର ମହକୁମାକୁ ଛୁଉଁଥିବା ଗାଁ କାଙ୍ଗୁଲାର ଝିଅ ସମୀକ୍ଷା ସ୍ରୋତକାର୍ତ୍ତି ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି । ଦୃଢ଼ ଇଚ୍ଛାଶକ୍ତି ଓ ପରିଶ୍ରମ ବଳରେ ସେ ନିଜର ଲକ୍ଷ୍ୟସାଧନ କରିବାରେ ସଫଳ ହୋଇଛନ୍ତି । ୨୧ ବର୍ଷର ସମୀକ୍ଷା ନିକଟରେ ୧ ପାଇଲଟ ଭାବେ କୃତିତ୍ୱର ସହ ତାଲିମ ଶେଷ କରି ବିମାନ ଉଡ଼ାଇବାର ଲାଇସେନ୍ସ ପ୍ରାପ୍ତ ହୋଇପାରିଛନ୍ତି । ଆଗକୁ କ୍ୟାପଟେନ ହେବାକୁ ସେ ନିଜର ପ୍ରସ୍ତୁତି ଜାରି ରଖୁଥିବା ପ୍ରକାଶ କରିଛନ୍ତି । ସେ ଆମ ରାଜ୍ୟର ସବୁଠାରୁ କମ୍ ବୟସର ମହିଳା ପାଇଲଟ ହେବାର ଗୌରବ ପାଇଛନ୍ତି । ସମୀକ୍ଷା ହେଉଛନ୍ତି ବାପା ସଞ୍ଜୟ କୁମାର ବେହେରା ଏବଂ ମା’ ସରୋଜିନୀ ବାଘଙ୍କ କନ୍ୟା। ଉଭୟ ପୁଲିସ ବିଭାଗରେ ଚାକିରି କରନ୍ତି । ପାଠପଢ଼ା ସହ ଇଂରାଜୀ ବକ୍ତୃତାରେ ପାରଙ୍ଗମ ସମୀକ୍ଷା ଜାତୀୟ ସ୍କେଲ ବି ପ୍ରତିଯୋଗିତାରେ ରାଜ୍ୟରେ ତୃତୀୟ ସ୍ଥାନ ଅଧିକାର କରିବା ପରେ ଜାତୀୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ପାଇଁ ବିମାନରେ ଭୁବନେଶ୍ୱରରୁ କୋଇମ୍ବାଟୁର ଯାତ୍ରା



କରିଥିଲେ। ବିମାନରେ ବସିବା ପରେ ନିଜେ ଜଣେ ବିମାନ ଚାଳକ ହେବାକୁ ତାଙ୍କ ମଧ୍ୟରେ ଇଚ୍ଛା ଜାଗ୍ରତ ହୋଇଥିଲା । ନିଜେ ଇଣ୍ଟରନେଟରେ ସବୁକିଛି ଖୋଜାଖୋଜି କରି ଭୁବନେଶ୍ୱର ସ୍ଥିତ ଗତି ସରକାରୀ ଏଭିଏସନ ଟ୍ରେନିଂ ଇନଷ୍ଟିଚ୍ୟୁଟରେ ନାମ ଲେଖାଇଲେ। ଏଥିପାଇଁ ଅବଶ୍ୟ ବହୁ ପରୀକ୍ଷା ଦେଇ ଉତ୍ତୀର୍ଣ୍ଣ ହେବାକୁ ପଡ଼ିଥିଲା ତାଙ୍କୁ । ପରେ ପ୍ରାକ୍ଟିକାଲ ପାଇଁ ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ବିରାଶିଳା ତାଲିମ କେନ୍ଦ୍ରକୁ ଆସି ସେଠାରେ ସଫଳତାର ସହ ତାଲିମ ଶେଷ କରିଥିଲେ । ବିରାଶିଳାରେ ସିଙ୍ଗଲ ଇଞ୍ଜିନ ତାଲିମ ଶେଷ କରିବା ପରେ ପୁନେରେ ମଲ୍ଟି ଇଞ୍ଜିନ ଟ୍ରେନିଂ ଶେଷ କରିଥିଲେ। ୨୦୨୫ ଫେବୃଆରୀରେ ସମୀକ୍ଷା କମର୍ସିଆଲ ପାଇଲଟ ଲାଇସେନ୍ସ (ସିପିଏଲ) ହାସଲ କରିଥିଲେ। ଏବେ ସେ ରାଜ୍ୟର ସର୍ବକନିଷ୍ଠ ମହିଳା ପାଇଲଟ ଭାବେ କୃତିତ୍ୱ ଅର୍ଜନ କରି ପାରିଛନ୍ତି। ରାଜ୍ୟର ସର୍ବକନିଷ୍ଠ ମହିଳା ପାଇଲଟ ଭାବେ ସେ ବର୍ତ୍ତମାନ ୨୦୦ ଘଣ୍ଟା ଉଡାଣ କରିବାକୁ ସକ୍ଷମ। ତାଲିମ ପରେ ୯ ହଜାର ୪୦୦ ଫୁଟ ଉଚ୍ଚତା ପର୍ଯ୍ୟନ୍ତ ବିମାନ ଉଡାଇଥିବା ପ୍ରକାଶ କରନ୍ତି ସମୀକ୍ଷା ।

# ଦଲାଇଲାମାଙ୍କୁ ସାକ୍ଷାତ କଲେ ସାଂସଦ ଅନନ୍ତ ନାୟକ



କେନ୍ଦୁଝର, (ସ୍ୱପ୍ନ/ସବ୍ୟୁ) : କେନ୍ଦୁଝର ସାଂସଦ ଅନନ୍ତ ନାୟକ ହିମାଚଳ ପ୍ରଦେଶର ଧର୍ମଶାଳା ନିକଟସ୍ଥ ମ୍ୟାକଲୋଡଗଞ୍ଜ ଠାରେ ନୋବେଲ ପୁରସ୍କାର ବିଜେତା ତଥା ତିବ୍ବତର ସର୍ବୋଚ୍ଚ ଧର୍ମଗୁରୁ ପରମ ପାବନ ଦଲାଇଲାମାଙ୍କ ସାକ୍ଷାତକରି ତାଙ୍କ ଠାରୁ ଆଶୀର୍ବାଦ ନେଇଛନ୍ତି । ଏହି ଅବସରରେ ପରମ ପାବନ ଦଲାଇଲାମା ଶ୍ରୀ ନାୟକଙ୍କ ବୌଦ୍ଧ ଧର୍ମ ସମ୍ପର୍କରେ ଓ ନିର୍ବାସିତ ତିବ୍ବତୀୟମାନଙ୍କ ସମ୍ପର୍କରେ ତାଙ୍କ ସହ ଆଲୋଚନା କରିଥିଲେ । ଶ୍ରୀ ନାୟକ ମଧ୍ୟ ତାଙ୍କ ତିବ୍ବତକୁ ଅଧିକାର କରି ନେବା ପରେ କିପରି ଭୋଟରେ ତିବ୍ବତୀୟ ମାନଙ୍କ ସହ ପାଶବିକ ଅତ୍ୟାଚାର କରିବା ସହ ଭୋଟାକାର ତିବ୍ବତୀୟ ସଂସ୍କୃତିକୁ ନଷ୍ଟ କରିବାକୁ ପୁରିଯୋଜିତ ଭାବେ ଅଭିଯାନ ଚଳାଉଛି ତାକୁ ନେଇ ଉଦବେଗ ପ୍ରକାଶ କରିଥିଲେ । ତିବ୍ବତର ସ୍ୱାଧୀନତା ଉତ୍ତର ଭାରତର ସୀମାନ୍ତର ସୁରକ୍ଷା ପାଇଁ ଅତ୍ୟନ୍ତ ଜରୁରୀ ବୋଲି ଶ୍ରୀ ନାୟକ ମତ ପ୍ରକାଶ କରିଥିଲେ । ଉଲ୍ଲେଖନୀୟ ଯେ କେନ୍ଦୁଝର ସାଂସଦ ଶ୍ରୀ ନାୟକ ଏକ ସଂସଦୀୟ କମିଟିର ସଦସ୍ୟରେ ବର୍ତ୍ତମାନ ହିମାଚଳ ପ୍ରଦେଶ ଗସ୍ତରେ ଅଛନ୍ତି । ଏହି ସାକ୍ଷାତ ସମୟରେ ତାଙ୍କର ଧର୍ମପତ୍ନୀ ଲକ୍ଷ୍ମୀଲତା ନାୟକ ମଧ୍ୟ ଉପସ୍ଥିତ ଥିଲେ । ଏହା ସହ ସଂସଦୀୟ କମିଟିର ଅନ୍ୟ ସଦସ୍ୟମାନେ ମଧ୍ୟ ପରମ ପାବନ ଦଲାଇଲାମାଙ୍କୁ ସାକ୍ଷାତ କରିଥିବା ଜଣା ପଡିଛି ।

# ହାତୀକୁ ଡୀରମାଡ଼

ଆନନ୍ଦପୁର ,(ସବ୍ୟୁ) :କେନ୍ଦୁଝର ଜିଲ୍ଲା ଆନନ୍ଦପୁର ବ୍ଲକ୍ କୋକିମାଟି ପଞ୍ଚାୟତ ନୂଆପଡ଼ା ଜଙ୍ଗଲରେ ଏକ ଦନ୍ତାହାତୀକୁ ଡୀରମାଡ଼ କରାଯାଇଥିବା ଜଣାପଡ଼ିଛି । ହାତୀଟି ଆହତ ଅବସ୍ଥାରେ ଜଙ୍ଗଲରେ ଥିବାବେଳେ ଆନନ୍ଦପୁର ଓ ଘଟଗାଁ ଜଙ୍ଗଲ ବିଭାଗ କର୍ମଚାରୀମାନେ ତା' ଉପରେ ନଜର ରଖିଛନ୍ତି । ହାତୀଟି ରବିବାରଦିନ ନୂଆପଡ଼ା ନିକଟରେ ଆହତ ଅବସ୍ଥାରେ ରହିଥିଲା । କେହି ଦୁର୍ବୃତ୍ତ ହାତୀ ଗୋଡ଼କୁ ଡୀରମାଡ଼ କରିଥିବା ନେଇ ଗ୍ରାମବାସୀ ବନ ବିଭାଗକୁ ଖବର ଦେଇଥିଲେ । ଘଟଗାଁ ଫରେଷ୍ଟର ରବୀନ୍ଦ୍ର କୁମାର ସାହୁ କହିଛନ୍ତି, ହାତୀଟି ଆଜି ଦିନ ୧୧ଟାରେ ଆନନ୍ଦପୁର ରେଞ୍ଜ ଅତିକ୍ରମ କରି ଘଟଗାଁ ରେଞ୍ଜକୁ ଆସିଥିଲା । ହାତୀଟି ଅସୁସ୍ଥ ଥିବା ଜଣାପଡ଼ୁଛି । କିନ୍ତୁ ଡୀରମାଡ଼ ହୋଇଛି କି ନାହିଁ ତା'ର ଅନୁଧାନ କରାଯାଉଥିବା ସେ କହିଛନ୍ତି ।

# ମଦ ଜବତ, ୩ ଗିରଫ

ସୋର,(ସବ୍ୟୁ) : ସୋର ଅବକାରୀ ବିଭାଗ ତରଫରୁ ଅନନ୍ତପୁର ବଜାର ସମେତ ବିଭିନ୍ନ ସ୍ଥାନରେ ମିଳିତ ଚଢ଼ାଉ କରି ବାଇକ ସହ ଦେଶୀ, ବିଦେଶୀମଦ ଜବତ କରିଥିବା ବେଳେ ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି।ସୋର ଆଦର୍ଶ ଅବକାରୀ ଥାନାଧିକାରୀ ସୁରଜ କୁମାର ଟୀଗା ସୋର ଏବଂ ଖଇରା ଅବକାରୀ କର୍ମଚାରୀଙ୍କୁ ନେଇ ଏକ ଟିମ ଗଠନ କରି ଅନନ୍ତପୁର ବଜାରରେ ଚଢ଼ାଉ କରିଥିଲେ। ଏହି ସମୟରେ ପୁରୁଣା ବାଲେଶ୍ୱରରୁ ଗୁଡ଼ ଅଭିମୁଖେ ଆସୁଥିବା ଏକ ନମ୍ବର ବିହୀନ ବାଇକକୁ ଅଟକାଇବା ପୂର୍ବରୁ ବାଇକ ଚାଳକ ଗାଡି ଛାଡି ଫେରାର ହୋଇଯାଇଥିଲା। ଏହି ଟିମ ବାଇକକୁ ଯାଞ୍ଚ କରିବା ପରେ ସେଥିରୁ ୧୫୦ ଲିଟର ବିଦେଶୀମଦ ଚାଲାଣ ହେଉଥିବା ଜାଣିପାରି ବାଇକ ଏବଂ ମଦକୁ ଜବତ କରିଥିଲେ। ସେହିପରି ଏହି ଟିମ ଖଇରା ଥାନା ତେନ୍ତୁଳିପଦା ଗ୍ରାମରେଚଢ଼ାଉ କରି ପର୍ଶୁରାମ ଧଡ଼ା ନିକଟରୁ ୯ ଲିଟର ବିୟର, ଜଳଙ୍ଗ ଗ୍ରାମର ଲକ୍ଷ୍ମୀ ଶଙ୍ଖୁଆ ନିକଟରୁ ୪୦ ଲିଟର ଦେଶୀମଦ ଏବଂ ଅଲିପୁର ଗ୍ରାମର ମହେଶ୍ୱର ମାଝୀ ନିକଟରୁ ୩୫ ଲିଟର ଦେଶୀମଦ ଜବତ କରିବା ସହିତ ସମସ୍ତଙ୍କୁ ଗିରଫ କରିଥିଲେ। ଶନିବାର ଅପରାହ୍ନରେ ସୋର ମେଡ଼ିକାଲରେ ସମସ୍ତଙ୍କ ଡାକ୍ତରୀ ମାଇନା ପରେ ସମସ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏହି ଚଢ଼ାଉରେ ଏଏସଆଇ ବସନ୍ତ କୁମାର ବାରିକ, କନେଷ୍ଟବଳ ଶଶୀକାନ୍ତ ସାହୁ, ଦେବାଶିଷ ମଲ୍ଲିକ, କାଜଲ ପ୍ରିୟଦର୍ଶିନୀ ସାମିଲ ହୋଇଥିଲେ।

# ବାତ୍ୟା ଆଶ୍ରୟସ୍ଥଳୀ କାମକୁ ନେଇ ମାରପିଟ : ୨ ଆହତ

ବାସୁଦେବପୁର,(ସବ୍ୟୁ):ବାସୁଦେବପୁର ବ୍ଲକର ବାତ୍ୟା ଆଶ୍ରୟସ୍ଥଳୀର ମରାମତି କାମ କରିବାକୁ ବିଜିଡ ବାତ୍ୟା ଆଶ୍ରୟସ୍ଥଳୀର ପୃଥକ ପୃଥକ ଫଳକ କରି ଦୁଇ ଗୋଷ୍ଠୀଙ୍କ ମଧ୍ୟରେ ମାରପିଟ ଲାଗି ଥାନାରେ ଲିଖିତ ଏତାଲା ହୋଇଛି।ରବିବାର' ବାସୁଦେବପୁର ବ୍ଲକର ଭରତପୁର ପଞ୍ଚାୟତର ବଢ଼ଡା ବାତ୍ୟା ଆଶ୍ରୟସ୍ଥଳୀର ମରାମତି କାମ ବିଜେପି କର୍ମୀ କରୁଥିବାବେଳେ କଂଗ୍ରେସ କର୍ମୀଙ୍କ ଆକ୍ରମଣରେ ବିଜେପିର ବୁଦ୍ଧଦେବ ପାତ୍ର ଆହତ ହୋଇଛନ୍ତି। ବାସୁଦେବପୁର ଥାନାର ପୃଥକ ପୃଥକ ଭାବେ ଦୁଇଟି ଏତାଲା ହୋଇଛି । ଭରତପୁର ପଞ୍ଚାୟତର ବଢ଼ଡା ଓସମ୍ପା ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀର ମରାମତି ପାଇଁ ୬ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ବାସୁଦେବପୁର ନିର୍ବାଚନମଣ୍ଡଳୀର ବିଧାୟକ ପରିବର୍ତ୍ତନ ପରେ ବ୍ଲକର ମାଲା ବାପା ନେଇ ପରି କାମ ଚାଲିଛି। ସରକାର ବିଜେପି ରହିଥିବାବେଳେ ବିଧାୟକ କଂଗ୍ରେସର ଅଶୋକ କୁମାର ଦାସ ଦଳରା ବ୍ଲକ ଅଧକ୍ଷ ବିଜେଡିର ରହିଛି। ତିନି ଛକିରେ ବସିଥିବା ବାସୁଦେବପୁର ବିଡିଓ କାମ କିଏ କରିବ ନିର୍ଣ୍ଣୟ କରିବା କଷ୍ଟକର ହୋଇପଡୁଛି। ବାତ୍ୟା କାମରେ ମହୁ ଝରୁଥିବାରୁ କାମ କରିବାକୁ ବାଡିଆ ପିଟା ହେଉଛନ୍ତି। ବିଜେପିର କିଛି କର୍ମୀ ସୂଚନା ଫଳକ କରି କାମ ଆରମ୍ଭ କରିଥିଲେ। ଶନିବାର ରାତ୍ରିର ବିରୋଧିମାନେ ଫଳକ ଭାଙ୍ଗି ଦେଇଥିଲେ। ଆଜି କାମ ଆରମ୍ଭ ହେବାରୁ ଆରମ୍ଭ ହେଲା ଦୁଇ ଗୋଷ୍ଠୀଙ୍କ ମଧ୍ୟରେ ମୁହାଁମୁହିଁ ମାରପିଟ। ବୁଦ୍ଧଦେବ ପାତ୍ର ନାମକ ବିଜେପି କର୍ମୀ ଆହତ ହୋଇ ବାସୁଦେବପୁର ଡାକ୍ତରଖାନାର ଚିକିତ୍ସା ଭର୍ତ୍ତି ହୋଇଥିଲେ। ପ୍ରାଥମିକ ଚିକିତ୍ସା ପରେ ଭଦ୍ରକ ରେଫର କରାଯାଇଛି। ପୂର୍ବରୁ ଦୁଇ ତିନୋଟି ସ୍ଥାନରେ ମାରପିଟ ଲାଗି ଏତାଲା ହୋଇ ଗିରଫ ହୋଇ କୋର୍ଟ ଚାଲାଣ ହୋଇଛନ୍ତି।




# ବାଂଶପାଳ ବ୍ଲକ୍‌ରେ ବିକଶିତ କୃଷି ସଂକଳ୍ପ ଅଭିଯାନ କାର୍ଯ୍ୟକ୍ରମ

କେନ୍ଦୁଝର,(ସବ୍ୟୁ) :ଭାରତ ସରକାରଙ୍କ କୃଷି ଓ କୃଷକ ମନ୍ତ୍ରଣାଳୟ ପକ୍ଷରୁ ଦେଶର କୃଷି ଓ କୃଷକଙ୍କ ମାନଦଣ୍ଡକୁ ସୁଦୃଢ଼ କରିବା ପାଇଁ ଆରମ୍ଭ ହୋଇଛି ବିକଶିତ କୃଷି ସଂକଳ୍ପ ଅଭିଯାନ କାର୍ଯ୍ୟକ୍ରମ।ଏହି ଅଭିଯାନ ମାଧ୍ୟମରେ ରାଜ୍ୟର ଚାଷୀମାନଙ୍କୁ ଉନ୍ନତ ମାନର କୃଷି ବୈଷୟିକ ଜ୍ଞାନ କୌଶଳ ବିକାଶ ପାଇଁ ବିକଶିତ କୃଷି ସଂକଳ୍ପ ଅଭିଯାନ କାର୍ଯ୍ୟକ୍ରମ ୨୯ ମେ ରୁ ୧୨ ଜୁନ୍ ପର୍ଯ୍ୟନ୍ତ ରାଜ୍ୟର ସମସ୍ତ ବ୍ଲକରେ କୃଷି ବିଭାଗ ପକ୍ଷରୁ ଆୟୋଜନ କରାଯାଇଛି।ସେହିପରି କେନ୍ଦୁଝର ଜିଲ୍ଲା ବାଂଶପାଳ ବ୍ଲକର ବିଭିନ୍ନ ପଞ୍ଚାୟତକୁ ନେଇ ଯଥା ବାୟାକୁମୁଟିଆ ପଞ୍ଚାୟତ, କରଙ୍ଗାଡ଼ିହି ପଞ୍ଚାୟତକୁ ନେଇ ଏବେ ଆରମ୍ଭ ହେଇଯାଇଛି ।ବିକଶିତ କୃଷି ସଂକଳ୍ପ ଅଭିଯାନ କାର୍ଯ୍ୟକ୍ରମଛ ବାଂଶପାଳ ବ୍ଲକ କୃଷି ଅଧିକାରିଣୀ ପ୍ରିୟଙ୍କା ପ୍ରିୟଦର୍ଶିନୀ ମିଶ୍ରଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ସ୍ୱତନ୍ତ୍ର ଅତିଥି ଭାବେ ଯୋଗ ଦେଇଥିଲେ କୃଷି ବୈଜ୍ଞାନିକ ନୀତଶ କୁମାର, ନିଗମାନନ୍ଦ ବେହେରା,ଗ୍ରାମ କୃଷି ଅଧିକାରୀ ବିଶ୍ୱଜିତ ସାହୁ, କୃଷି ଅଧିଦର୍ଶକ ଜଗବନ୍ଧୁ ପାତ୍ର, ସରପଞ୍ଚ ବରୁଣ କୁମାର ଦେହୁରୀ, କୃଷକ ସାଥି ସୋନାଲି ପତି, ଉଦ୍ୟାନ କୃଷି ଅଧିକାରୀ ବିଶ୍ୱଜିତ ନାୟକ ପ୍ରମୁଖ ମଞ୍ଚାସୀନ ଥିଲେ । ସମ୍ମାନିତ ଅତିଥି ଭାବେ କୃଷି ବୈଜ୍ଞାନିକ ନୀତିଶ କୁମାର, ନିଗମାନନ୍ଦ ବେହେରା କୃଷି ବୈଜ୍ଞାନିକମାନେ ଉପସ୍ଥିତ ରହି ଉନ୍ନତ ମାନର କୃଷି ଉତ୍ପାଦନ ବୃଦ୍ଧି ପାଇଁ ବୈଷୟିକ, ନୂତନ ପଦ୍ଧତିରେ କିପରି ହଳଦୀ, ମାଣ୍ଡିଆ, ମତ୍ସ୍ୟ ଓ ପଶୁ ପାଳନ, ଚାଷ ପ୍ରଣାଳୀ ନେଇ ପରାମର୍ଶ ଦେଇଥିଲେ ଏବଂ ଡ୍ରୋନ୍ ମାଧ୍ୟମରେ କିପରି ଚାଷରେ ଔଷଧ ଛିଞ୍ଚନ ହେଇ ପାରିବ ଡେମୋ କରି ଚାଷୀ ବା କୃଷକ ମାନଙ୍କୁ ଦେଖାଇଥିଲେ। ଉଭୟ କାର୍ଯ୍ୟକ୍ରମକୁ ବାୟାକୁମୁଟିଆ ଏବଂ ପଞ୍ଚାୟତ କରଙ୍ଗାଡ଼ିହି ପଞ୍ଚାୟତ କାର୍ଯ୍ୟକ୍ରମକୁ ବ୍ଲକ କୃଷି ଅଧିକାରିଣୀ ପ୍ରିୟଙ୍କା ପ୍ରିୟଦର୍ଶନୀ ମିଶ୍ର ମଞ୍ଚ ପରିଚାଳନା କରିଥିବା ବେଳେ କୃଷି ବିଭାଗର କର୍ମଚାରୀମାନେ ଉପସ୍ଥିତ ରହି ସହଯୋଗ କରିଥିଲେ।

# ଆଖଡ଼ା ଶୋଭାଯାତ୍ରା ବେଳେ ଆକ୍ରମଣ ତିନି ଗୁରୁତର

ସୋର,(ସବ୍ୟୁ) : ଶନିବାର ଇଦ୍ ଉଲ୍ ଜୁହା ପାଳନ ଅବସରରେ ସୋର ପୌର ପାଳିକାରେ ଆଖଡ଼ା ଶୋଭାଯାତ୍ରା ଚାଲିଥିବା ବେଳେ ଗଣ୍ଡଗୋଳ ହେବା ଫଳରେ ୩ ଜଣ ଗୁରୁତର ଆହତ ହୋଇଛନ୍ତି। ଅଭିଯୋଗ ଅନୁସାରେ ଇଟୁଆ ଗ୍ରାମର ସେକ ରହେମାନ,ଦିଦାର ଖାନ ଏବଂ ପଠାଣ ମହଲ୍ଲା ଗ୍ରାମର ରିୟାଜ ଖାନ ଛତ୍ରପୁର ଛକ ନିକଟରେ ଆଖଡ଼ା ଶୋଭାଯାତ୍ରା ଦେଖୁଥିବା ବେଳେ କାଶୀପୁର ଗ୍ରାମର ୩ ଜଣ ଯୁବକ ଖଣ୍ଡା, ହକି ଷ୍ଟିକରେ ହଠାତ ଆକ୍ରମଣ କରିଥିଲେ। ଫଳରେ ସମସ୍ତଙ୍କ ମୁଣ୍ଡରେ ଗଭୀର କ୍ଷତ ସୃଷ୍ଟି ହେବା ସହିତ ସମସ୍ତେ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ସମସ୍ତଙ୍କୁ ଉଦ୍ଧାର କରି ସୋର ମେଡ଼ିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଦିଦାରର ଅବସ୍ଥା ଅତି ଗୁରୁତର ଥିବାରୁ ଡାକ୍ତର ତାଙ୍କୁ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରିଥିଲେ। ଆଜି ଅପରାହ୍ନରେ ସମସ୍ତେ ମେଡ଼ିକାଲରୁ ଚିକିତ୍ସିତ ହୋଇ ଫେରିବା ପରେ ସେକ ରହେମାନ ସୋର ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ମୂଳେ ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

# ଶାସ୍ତ୍ରୀ ପରୀକ୍ଷାରେ ରଶ୍ମି ପରମାଣିକ ରାଜ୍ୟ ଟପ୍ପର



ଭୋଗରାଇ,(ସବ୍ୟୁ) : ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ଯୁକ୍ତ ୩ ର ଶାସ୍ତ୍ରୀ ବାର୍ଷିକ ପରୀକ୍ଷାଫଳ ପ୍ରକାଶ ପାଇବା ପରେ ବାଲେଶ୍ୱର ଜିଲା ଭୋଗରାଇ ବ୍ଲକର ଶ୍ୟାମସୁନ୍ଦର ସଂସ୍କୃତ ମହାବିଦ୍ୟାଳୟ (ସର୍ବଦର୍ଶନ ସମ୍ମାନ) ର ଛାତ୍ରୀ ରଶ୍ମି ପରମାଣିକ ୭ ୧ ୬ ମାର୍କ ରଖି ରାଜ୍ୟରେ ଟପ୍ପର ହୋଇଥିବାର ଗୌରବ ଅର୍ଜନ କରିଛନ୍ତି । ଉକ୍ତ ବ୍ଲକର କାସିମପୁର ଗ୍ରାମର ପ୍ରଶାନ୍ତ ପରମାଣିକ ଙ୍କ ଝିଅ ରଶ୍ମି ମହାବିଦ୍ୟାଳୟର ଜଣେ ମେଧାବୀ ଛାତ୍ରୀ ଥିଲେ । ପରୀକ୍ଷା ଫଳ ପ୍ରକାଶ ପାଇବାପରେ ଏହି ମେଧାବୀ ଛାତ୍ରୀ ଖୁସି ବ୍ୟକ୍ତକରିବା ସହିତ ଜଣେ ଭଲ ଅଧ୍ୟାପିକା ହେବାର ସ୍ୱପ୍ନ ଦେଖୁଛନ୍ତି ବୋଲି କହିଛନ୍ତ । ତାଙ୍କର ସଫଳତା ନିମନ୍ତେ ମାତାପିତା, ଅଧ୍ୟାପିକା, ଅଧ୍ୟାପକ ଓ ମହାବିଦ୍ୟାଳୟର ଅଧକ୍ଷ ଡ଼ଃ ସତିଶ ଚନ୍ଦ୍ର ପଣ୍ଡାଙ୍କୁ ସେ ଶ୍ରେୟ ଦେଇଛନ୍ତି । ଦୈନିକ ଏହି ଛାତ୍ରୀ ୮ ରୁ ୧ ୦ ଘଣ୍ଟା ପରିଶ୍ରମ କରୁଥିଲେ ବୋଲି କହିବା ସହିତ କଠୋର ସାଧନା, ଗଭୀର ଅଧ୍ୟବସାୟ, ପାଠ ପଢ଼ାରେ ଅନୁଚିନ୍ତା, ମନୋବଳ ଦୃଢ଼ ଥିଲେ ସଫଳତାର ସିଦ୍ଧି ମିଳେ ବୋଲି ସେ ଭବିଷ୍ୟତ ଛାତ୍ରୀ ଛାତ୍ରଙ୍କୁ ପରାମର୍ଶ ଦେଇଛନ୍ତି । ଛାତ୍ରୀଙ୍କ ସଫଳତା ନିମନ୍ତେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକା, ଅଧ୍ୟାପକ, ଅଣକର୍ମଚାରୀ ଶିକ୍ଷକ, ମହାବିଦ୍ୟାଳୟ ପରିଚାଳନା କମିଟି, ଶିକ୍ଷାପ୍ରେମୀ,ଛାତ୍ରୀ ଛାତ୍ର ସବାସୀ ଅଭିନନ୍ଦନ ଜଣାଇଛନ୍ତି ।

# ମହିଳାଙ୍କୁ ଦୁଷ୍କର୍ମ ଦୁଇ ଅଟକ

ଆନନ୍ଦପୁର ,(ସବ୍ୟୁ) : ମହିଳାଙ୍କୁ ଦୁଇ ସମ୍ପର୍କୀୟ ଭାଇଙ୍କ ଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଛି।ଏଭଳି ଘଟଣା କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଉପଖଣ୍ଡ ରାମଚନ୍ଦ୍ରପୁର ଥାନା ଅଞ୍ଚଳରେ ଦେଖିବାକୁ ମିଳିଛି । ଏକାକୀ ପାଇ ଦୁଇ ସମ୍ପର୍କୀୟ ଭାଇ ତାଙ୍କୁ ଦୁଷ୍କର୍ମ କରିଥିବା ନେଇ ଫାଣ୍ଡିରେ ଅଭିଯୋଗ କରିଥିଲେ ପୀଡିତା ମହିଳା ।ଏହି ଅଭିଯୋଗରେ ଦୁଇ ଅଭିଯୁକ୍ତଙ୍କୁ ପୋଲିସ ଅଟକ ରଖିଛି । ଅଟକ ଦୁଇ ଭାଇ ହେଲେ ଦୁର୍ଯ୍ୟଧନ ମଲ୍ଲିକଙ୍କ ପୁଅ ବ୍ରହ୍ମେଶ୍ୱର ଓ ଅରୁଣ ମଲ୍ଲିକଙ୍କ ପୁଅ ବବୁଲୁ ବୋଲି ପୋଲିସ କହିଛି।

# ଗାଡ଼ି ଧକ୍କାରେ ମହିଳା ମୃତ

ଠାକୁରମୁଣ୍ଡା ,(ସବ୍ୟୁ) : ରବିବାର ଏକ ଅଜଣା ଚାରି ଚକିଆ ଗାଡ଼ି ଧକ୍କାରେ ଜଣେ ମହିଳାଙ୍କର ମୃତ୍ୟୁ ହୋଇଛି। ମୃତ ମହିଳା ଜଣଙ୍କ ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ଥାନାଅନ୍ତର୍ଗତ ସାଲେଇବେଡା ଗ୍ରାମର ଲବ ହୋ (୩୬) ତାଙ୍କ ସ୍ତ୍ରୀ ମୁନି ହୋ (୩୨)। ଲବ ହୋ ସାଇକେଲରେ ସ୍ତ୍ରୀ ମୁନିକୁ ସାଲେଇଡା ମହାଦେବ ଛକ ସାପ୍ତାହିକ ହାଟକୁ ଆସୁଥିଲେ ।ସାମ୍ନା ପଟୁ ଆସୁଥିବା ଏକ ଚାରିଚକିଆ ଅଜଣା ଗାଡି ଧକ୍କାଦେଇ ଫେରାର ହୋଇ ଯାଇଥିଲା।ଉଭୟ ପଡିଯିବାରୁ ମୁନି ହୋ ର ମୁଣ୍ଡ ପଛରେ ଶକ୍ତ ଆଘାତ ଲାଗିଥିବା ବେଳେ ଲବ ହୋ ର ଡାହାଣ ହାତ ଭାଙ୍ଗି ଯାଇଥିଲା। ଚିକିତ୍ସା ପାଇଁ ଉଭୟଙ୍କୁ କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟକୁ ପଠାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ମୁନି ହୋ ଙ୍କର ମୃତ୍ୟୁ ହୋଇ ଯାଇଥିଲା। ଠାକୁରମୁଣ୍ଡା ଥାନା ପୋଲିସ କେଶ ନମ୍ବର ୫୭ /୨୦୨୫ ରେ ମାମଲା ରୁ କରି ତଦନ୍ତ ଆରମ୍ଭ କରିଛି।

# ମନ୍ଦିରରୁ ଚୋରି

ସୋର,(ସବ୍ୟୁ) :ସୋର ବ୍ଲକ ବାଳଙ୍ଗ ପଞ୍ଚାୟତ ଜହ୍ନିଆ ଗ୍ରାମର ଶିବ ମନ୍ଦିରରରୁ ଶନିବାର ବିଳମ୍ବିତ ରାତିରେ ଚୋରି ହୋଇଥିବା ନେଇ ଅନନ୍ତପୁର ଫାଣ୍ଡିରେ ଅଭିଯୋଗ ହୋଇଛି। ଅଭିଯୋଗ ଅନୁସାରେ ରବିବାର ସକାଳେ ମନ୍ଦିର ପୂଜକ ପୂଜା କରିବାକୁ ଆସିଥିବା ବେଳେ ମନ୍ଦିରର ଚାବି ଭଙ୍ଗା ଯାଇଥିବା ଦେଖିବାକୁ ପାଇଥିଲେ। ଭିତରେ ଶିବ ଲିଙ୍ଗ ନିକଟରେ ଥିବା ୧୪ କିଲୋ ଓଜନର ଦୁଇଟି ତମ୍ବା ନାଗ ସହ ୬ ଶହ ଗ୍ରାମର ରୁପା ଅଳଙ୍କାର ଓ ଦାନ ବାକ୍ସ ଭଙ୍ଗାଯାଇ ୫ ହଜାରରୁ ଉର୍ଦ୍ଧ୍ୱ ଟଙ୍କା ଚୋରି ହୋଇଥିବା ଜାଣିବାକୁ ପାଇଥିଲେ।ଏ ବାବଦରେ ପୂଜକ ଗ୍ରାମବାସୀମାନଙ୍କୁ ଅବଗତ କରିବା ପରେ ଗ୍ରାମବାସୀ ଅନନ୍ତପୁର ଫାଣ୍ଡି ପୁଲିସକୁ ଖବର ଦେଇଥିଲେ।ଖବର ପାଇ ଅନନ୍ତପୁର ଫାଣ୍ଡି ପୁଲିସ ଘଟଣାସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ କରି ଫେରି ଯାଇଥିଲେ। ପରେ ଏ ବାବଦରେ ଗ୍ରାମବାସୀ ଏବଂ ପୂଜକ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ଘଟଣାର ଅଧିକ ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି।

# ବାଲ ସଂସ୍କାର ସମର କ୍ୟାମ୍ପ ଉଦ୍‌ଯାପିତ

କେନ୍ଦୁଝର, (ସବ୍ୟୁ) : ବ୍ରଜଗୋପିକା ସେବା ମିଶନ ଦ୍ୱାରା ଆୟୋଜିତ ବାଲ ସଂସ୍କାର ସମର କ୍ୟାମ୍ପ ରବିବାର ସମାପନ ହୋଇଛି।ସମାପନ ଦିବସ ଉପଲକ୍ଷେ କେନ୍ଦୁଝର ସହରର ସମସ୍ତ ପିଲାମାନେ ବିଭିନ୍ନ ପ୍ରକାରର କାର୍ଯ୍ୟକ୍ରମ ପ୍ରସ୍ତୁତ କରିଥିଲେ । ଗତ ୭ଦିନ ଧରି କ୍ୟାମ୍ପରେ ସେମାନେ ଯାହା ଶିଖିଥିଲେ ତାହାର ଉତ୍ତମ ପ୍ରସ୍ତୁତି କରିଥିଲେ । ଏଥିରେ ନୃତ୍ୟଯୁକ୍ତ କୀର୍ତ୍ତନ,ଯୋଗ ନୃତ୍ୟ,ସଂଗୀତ,ଶାସ୍ତ୍ରୀୟ ନୃତ୍ୟ ଓ ଫେନସି ଡ୍ରେସ ଆଦି ପ୍ରମୁଖ ଆକର୍ଷଣ ଥିଲା। ସମସ୍ତ ପ୍ରତିଭାଗୀମାନଙ୍କର ପିତାମାତା ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ମଧ୍ୟରେ ପୂଜନୀୟା ରାସେଶ୍ୱରୀ ଦେବୀ ଜୀ ଅନଲାଇନ ଉପସ୍ଥିତ ରହି ତାଙ୍କ ଦିବ୍ୟ ଆଶୀର୍ବାଦ ପ୍ରଦାନ କରିଥିଲେ ।ଯାହା ସମସ୍ତଙ୍କର ହୃଦୟରେ ଅପାର ପ୍ରସନ୍ନତା ଉତ୍ପନ୍ନ କରିଥିଲା । ପିଲାମାନଙ୍କୁ ସୁନ୍ଦର ଉପହାର ପ୍ରଦାନ କରାଯାଇଥିଲା ଏବଂ ଏହିପରି ହର୍ଷ ଉଲ୍ଲାସର ସହିତ ସପ୍ତ ଦିବସୀୟ ସମର କ୍ୟାମ୍ପ ର ଉଦ୍ୟାପନ କରାଯାଇଥିଲା । ଉପସ୍ଥିତ ଅଭିଭାବକବୃନ୍ଦ ଏହାର ଅତ୍ୟଧିକ ପ୍ରଶଂସା କରିଥିଲେ । ସେମାନେ କହୁଥିଲେ ଯେ ସେମାନଙ୍କ ପିଲାମାନେ ପ୍ରତିଦିନ ଘରକୁ ଆସି କ୍ୟାମ୍ପରେ ଶିଖିଥିବା ଶ୍ଲୋକ ଶୁଣାଉଥିଲେ ଏବଂ ବିଭିନ୍ନ ଯୋଗାସନ କରି ଦେଖାଉଥିଲେ । କେବେକେବେ ପ୍ରେରଣାଦାୟୀ କଥା ଶୁଣାଉଥିଲେ । ଯାହାଦ୍ୱାରା ଅଭିଭାବକମାନେ ଅତ୍ୟନ୍ତ ପ୍ରସନ୍ନତା ପୂର୍ବକ ଏହିପରି କ୍ୟାମ୍ପ ର ପୁନଃ ଆୟୋଜନ କରିବା ପାଇଁ ଅନୁରୋଧ କରିଥିଲେ ।ସେମାନେ ଆଗାମୀ ଦିନରେ ବ୍ରଜଗୋପିକା ଧାମରେ ହେବାକୁ ଥିବା ବାଲ ସଂସ୍ଥାର ଶିବିରରେ ଉପସ୍ଥିତ ହେବା ପାଇଁ ଇଚ୍ଛା ପ୍ରକଟ କରିଥିଲେ ।ଏହିପରି ଅଭିଭାବକ ଏବଂ ପିଲାମାନଙ୍କର ପ୍ରସନ୍ନତା ସହିତ ଏହି କ୍ୟାମ୍ପ ଶେଷ ହୋଇଥିଲା ।

# ସ୍ତ୍ରୀକୁ ନିର୍ଯାତନା,ସ୍ୱାମୀ ଗିରଫ

ଅସୁରାଳି,(ସବ୍ୟୁ):ସ୍ତ୍ରୀକୁ ଶାରୀରିକ ଓ ମାନସିକ ନିର୍ଯ୍ୟାତନା ଦେବା ଅଭିଯୋଗରେ ଧୂଷୁରୀ ପୋଲିସ ସ୍ୱାମୀକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ କାସିମପୁର ପଂଚାୟତସ୍ଥିତ ପଛାଲୋ ଗ୍ରାମର ଶ୍ରୀଧର ଜେନା(୩୮)। ପଛାଲୋ ଗ୍ରାମର ଶ୍ରୀଧର ଜେନା ଧାମନଗର ଥାନା ଅଧୀନ କଲ୍ୟାଣି ଅଂଚଳର କବିତାରାଣୀ ଜେନା(୩୦)ଙ୍କୁ ବିବାହ କରିଛନ୍ତି। ସେମାନଙ୍କର ଗୋଟିଏ ପୁତ୍ର ସନ୍ତାନ ରହିଛି। କବିତାଙ୍କ ଅଭିଯୋଗ ଅନୁସାରେ ସ୍ୱାମୀ ଶ୍ରୀଧର ତାଙ୍କୁ ଦୀର୍ଘ ଦିନ ଧରି ଉଭୟ ଶାରୀରିକ ଓ ମାନସିକ ନିର୍ଯ୍ୟାତନା ଦେଇ ଆସୁଥିଲେ ମଧ୍ୟ ସେ ତାଙ୍କ ପୁଅକୁ ଚାହିଁ ଚୁପ ରହୁଥିଲେ। ଗତ ମେ ମାସ ୩୦ତାରିଖ ଦିନ ସ୍ୱାମୀଙ୍କ ମାଡ଼ ଅସହ୍ୟ ହୋଇଥିଲା ଏବଂ ସେ ଆହତ ହୋଇଥିଲେ। ସହିବାର ଶକ୍ତି ହରାଇ କବିତା ଧୂଷୁରୀ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ଏସଆଇ ବାସୁଦେବ ଓରାମ ଘଟଣାର ତଦନ୍ତ କରି କେସ ନଂ–୨୫୯/୨୫ରେ ଏକ ମାମଲା ରୁଜୁ କରିଥିଲେ। ଗତକାଲି ଏହି ମାମଲାରେ ସ୍ୱାମୀ ଶ୍ରୀଧର ଜେନାଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି।

# ଇଦ ଉଜ ଜୁହା ପାଳିତ

କେନ୍ଦୁଝର, (ସବ୍ୟୁ) : ପବିତ୍ର ଇଦ ଉଜ ଜୁହା ପର୍ବ ହର୍ଷ ଉଲ୍ଲାସର ସହିତ ପାଳିତ ହେଇଯାଇଛି ।ପ୍ରାତ ରୁ ମୁସଲିମ ସମ୍ପ୍ରଦାୟ ଆବାଳ ବୃଦ୍ଧ ଶୁଦ୍ଧପୁତ ଭାବେ ମସଜିଦ ମାନଙ୍କରେ ନମାଜ ପାଠ କରି ବିଶ୍ୱ ଶାନ୍ତି ସୌହାର୍ଦ୍ୟ ପାଇଁ ଦୁଆ କରିଥିଲେ। ପୁରୁଣା ସହର ଜୁମ୍ମା ମସଜିଦର ଇମାମ ଇର୍ସାଦ ଫଇଜି ନିଜ ତକରିର ରେ କୁରବାନୀର ମହତ୍ୱ ଆବଶ୍ୟକତା ସମ୍ପର୍କରେ ବଖାଣିଥିଲେ। ପରସ୍ପରକୁ ଇଦ ମୁବାରକ ଜଣାଇବା ପରେ ଲଚ୍ଛା ସିମେଇ ବଣ୍ଟନ ଓ କୁରବାନୀ କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଥିଲା। ସହର ତଥା ଜିଲାର ସମସ୍ତ ମସଜିଦମାନଙ୍କ ରେ ସାମୁହିକ ନମାଜ ପାଠ କରାଯାଇଥିଲା। ପୁଲିସ ବାହିନୀ ପକ୍ଷରୁ ସମସ୍ତ ମସଜିଦମାନଙ୍କରେ ଶାନ୍ତିଶୃଙ୍ଖଳା କାର୍ଯ୍ୟ ସୁଚାରୁରୂପେ ସମ୍ପନ୍ନ କରାଯାଇଥିଲା ।

# ପବିତ୍ର ଇଦ–ଉଲ–ଜୁହା ପର୍ବ ପାଳନ

ଧାମନଗର,(ସବ୍ୟୁ):ଧାମନଗର ଅଂଚଳରେ ପବିତ୍ର ଇଦ–ଉଲ–ଜୁହା ପର୍ବ ଆନନ୍ଦ ଉଲ୍ଲାସର ସହ ପାଳନ କରାଯାଇଛି। ଏହି ତିନିଦିନିଆ ପର୍ବର ପ୍ରଥମ ଦିନ ଶନିବାର ସକାଳ ୬ ଟା ୩୦ ମିନିଟ ସମୟରେ ପୀରବାବା ହଜୁର ମୁଜାହିଦ–ଏ–ମିଲ୍ଲତଙ୍କ ଆସ୍ତାନାରେ ସ୍ନାନ କରାଯାଇଥିଲା। ଏହାପରେ ଆଠଟାରେ ହଜାର ହଜାର ସଂଖ୍ୟାରେ ମୁସଲମାନ ଭାଇମାନେ ଧାମନଗର ଇଦଗା ମୈଦାନରେ ଉପସ୍ଥିତ ହୋଇଥିଲେ। ଆଠଟା ତିରିଶ ମିନିଟ ସମୟରେ ସମୂହ ନମାଜ ପାଠ କରାଯାଇଥିଲା। ଖାନକାସରିଫର ମତୱଲି ସୟଦ ଗୋଲାମ ମହମ୍ମଦ ହବିବି ସମବେତ ମୁସଲମାନଭାଇମାନଙ୍କୁ ନମାଜ ପାଠ କରାଇବାପରେ ଧର୍ମୀୟ ଉଦବୋଧନ ଦେଇଥିଲେ। ଏହାପରେ ମୁସଲମାନ ଭାଇମାନେ ମତୱଲିଙ୍କୁ ଏକ ଶୋଭାଯାତ୍ରାରେ ବଡବଜାର ଓ ସାନବଜାର ଦେଇ ପୀର ବାବାଙ୍କ ଆସ୍ତାନକୁ ଯାଇଥିଲେ। ସେଠାରେ ପୀର ବାବାଙ୍କୁ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା। ଏହି ଅବସରରେ ଧାମନଗର ଅଂଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ମୁସଲମାନଭାଇ ମାନଙ୍କୁ ଇଦ୍‌ର ଶୁଭେଚ୍ଛା ଜଣାଇଥିଲେ।

# ଶାରଦା କମଳା ସ୍ମୃତି ସଂସଦ ଟ୍ରଷ୍ଟର ବାର୍ଷିକ ଉତ୍ସବ




ଭଦ୍ରକ,(ସବ୍ୟୁ):ରବିବାର ଭଦ୍ରକ ମୋଟେଲ ଛକ ସ୍ଥିତ କଳ୍ପନା ଦେବୀ ବିଜ୍ଞାନ ଆବାସିକ ବିଦ୍ୟାଳୟ ପରିସରରେ ଶାରଦା କମଳା ସ୍ମୃତି ସଂସଦ ଟ୍ରଷ୍ଟର ତୃତୀୟ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ କେଉଁଝର ଜିଲ୍ଲାର ସହକାରୀ ଜିଲ୍ଲାପାଳ ଶେଖର ଚନ୍ଦ୍ର ଜେନା , ମୁଖ୍ୟବକ୍ତା ଭାବେ ପ୍ରାଧ୍ୟାପକ ତଥାସଂସଦର ସଭାପତି ଅଭୟ ଦାସ ଓ ସମ୍ମାନୀତ ଅତିଥିଭାବେ କଟକ ଶୈଳବାଳା ମହିଳା ମହାବିଦ୍ୟାଳୟର ଗଣିତ ପ୍ରାଧ୍ୟାପକ ଜିତେନ୍ଦ୍ର କୁମାର ବାରିକ ,ଭଦ୍ରକ ନର୍ସିଂ କଲେଜର ନିର୍ଦ୍ଦେଶକ ରାକେଶ କୁମାର ଦାସ ,କମାରିଆ ହାଇସ୍କୁଲର ପ୍ରଧାନଶିକ୍ଷକ ଭକ୍ତବନ୍ଧୁ ପତି ଯୋଗଦେଇ ସ୍ୱାଧୀନତା ସଂଗ୍ରାମୀ ଶାରଦା ପ୍ରସାଦ ରାୟଙ୍କର ସଂଗ୍ରାମୀ ଭୂମିକା ଉପରେ ଆଲୋକପାତ କରିଥିଲେ। ରାଷ୍ଟ୍ରପତି ପୁରସ୍କୃତ ସ୍ୱର୍ଗତ ସ୍ୱାଧୀନତା ସଂଗ୍ରାମୀ ସାରଦା ପ୍ରସାଦ ରାୟଙ୍କ ସ୍ୱପ୍ନ ଥିଲା ଶିକ୍ଷାର ପ୍ରଚାର ଯାହା ଆଜି ତାଙ୍କ ସ୍ୱପୁତ୍ର ଟ୍ରଷ୍ଟ ସମ୍ପାଦକ ମହେଶ ରାୟ ଆଜି ସାକାର କରିପାରିଛନ୍ତି ବୋଲି ଅତିଥି ମତବ୍ୟକ୍ତ କରିଛନ୍ତି। ଯୁକ୍ତ ଦୁଇ ପରୀକ୍ଷାରେ ସଫଳତା ଅର୍ଜନ କରିଥିବା ପ୍ରମୁଖ ପିଲାଙ୍କ ଅଭିଭାବକମାନଙ୍କୁ ସମ୍ବର୍ଦ୍ଧନା ସହିତ ସହକାରୀ ଜିଲ୍ଲାପାଳ ଶ୍ରୀଜେନାଙ୍କୁ ଏବର୍ଷର ଶାରଦା ସମ୍ମାନରେ ସମ୍ମାନିତ କରାଯାଇଥିଲା। ସମସ୍ତ ଅତିଥି ପିଲାମାନଙ୍କୁ ଏବଂ ଉପସ୍ଥିତ ସମସ୍ତଙ୍କୁ ବ୍ୟକ୍ତି ବିଶେଷଙ୍କ ଉଦ୍ୟଶେରେ ବହୁ ମୂଲ୍ୟବାନ ବକ୍ତବ୍ୟ ରଖିଥିଲେ ପରେ ଅଧ୍ୟାପକ ଶତୃଘ୍ନ ପତି ଧନ୍ୟବାଦ ଅର୍ପଣ କରିଥିଲେ। ସମସ୍ତ ଅଧ୍ୟାପକ ଅଧ୍ୟାପିକା ଓ ଗୁରୁ ଏବଂ ଗୁରୁମା ମାନେ ସହଯୋଗ କରିଥିଲେ।

# ବିପୁଳ ଦେଶୀମଦ ଜବତ : ୫ଗିରଫ

ସୋର, (ସବ) : ସୋର ଅବକାରୀ ବିଭାଗ ତରଫରୁ ବିଭିନ୍ନ ସ୍ଥାନରେ ମିଳିତ ଚଢ଼ାଉ କରି ଗୁଡପୋଚ ନଷ୍ଟ କରିବା ସହିତ ବିପୁଳ ପରିମାଣର ଦେଶୀମଦ ଜବତ କରି ୫ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସୋର ଆଦର୍ଶ ଅବକାରୀ ଥାନାଧିକାରୀ ସୁରଜ କୁମାର ଟୀଗା, ନୀଳଗିରି ରେଞ୍ଜ ଅବକାରୀ ଆଇଆଇସି କେଶବ ଚନ୍ଦ୍ର ଦାସଙ୍କ ନେତୃତ୍ୱରେ ଏକ ଟିମ ପୁରୁଷୋତ୍ତମପୁର ଗ୍ରାମରେ ଚଢ଼ାଉ କରି ପ୍ରଦୀପ ମଲିକ ନିକଟରୁ ୧୮୦ ଲିଟର ଦେଶୀମଦ, ସବିରା ଅଗପଡା ଗ୍ରାମର ଦୁର୍ଯ୍ୟୋଧନ ଶିଅଳ ନିକଟରୁ ୧୫୦ ଲିଟର ଦେଶୀମଦ ଏବଂ ଅସ୍ତଗଢିଆ ଗ୍ରାମର ରଶ୍ମିତା ବାରିକ ନିକଟରୁ ୨୦ ଲିଟର ଦେଶୀମଦ ଜବତ କରିବା ସହିତ ସମସ୍ତଙ୍କୁ ଗିରଫ କରିଥିଲେ। ସେହିପରି ଏହି ଟିମ ସିମୁଳିଆ ଥାନା ବେଗୁନିଆ ଗ୍ରାମରେ ଚଢ଼ାଉ କରି ୩ ହଜାର ଲିଟର ଗୁଡ଼ପୋଚ ନଷ୍ଟ କରିବା ସହିତ ୫୫୦ ଲିଟର ଦେଶୀମଦ ଜବତ କରି ଅଭିଯୁକ୍ତ ହରେକୃଷ୍ଣ ଓଝାକୁ ଗିରଫ କରିଥିଲେ ଏବଂ କୁପାରୀ ଗ୍ରାମର ରାଜେଶ ଭୂୟାଁ ନିକଟରୁ ୧୫୦ ଲିଟର ଦେଶୀମଦ ଜବତ କରି ତାକୁ ଗିରଫ କରିଥିଲେ। ଅପରାହ୍ନରେ ସୋର ମେଡ଼ିକାଲରେ ସମସ୍ତଙ୍କ ଡାକ୍ତରୀ ମାଇନା ପରେ ସମସ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏହି ଚଢ଼ାଉରେ ଏଏସଆଇ ବସନ୍ତ କୁମାର ବାରିକ, କନେଷ୍ଟବଳ ଶଶୀକାନ୍ତ ସାହୁ, ଦେବାଶିଷ ମଲ୍ଲିକ, କାଜଲ ପ୍ରୟାଦର୍ଶିନୀଙ୍କ ସମେତ ନୀଳଗିରି ରେଞ୍ଜ ଅବକାରୀ କର୍ମଚାରୀ ଏବଂ ଖଇରା ଅବକାରୀ କର୍ମଚାରୀମାନେ ସାମିଲ ହୋଇଥିଲେ।

# ବିଜେପି ନେତା ଦେବେନ୍ଦ୍ର ସାମଲଙ୍କ ପରଲୋକ

ଅସୁରାଳି,(ସବ୍ୟୁ) :ଧାମନଗରର ବରିଷ୍ଠ ବିଜେପି ନେତା ବମକୁରା ପଞ୍ଚାୟତର ପ୍ରାକ୍ତନ ସରପଞ୍ଚ ଦେବେନ୍ଦ୍ର ସାମଲ(୬୩)ଙ୍କର ହୃଦଘାତରେ ପରଲୋକ ଘଟିଛି।ତାଙ୍କ ବିୟୋଗରେ ଧୂଷୁରୀ ବମକୁରା ଅଞ୍ଚଳ ସହିତ ବିଜେପି ଶିବିରରେ ଶୋକ ପ୍ରକାଶ ପାଇଛି।ଦେବେନ୍ଦ୍ର ଗତ କିଛି ବର୍ଷ ଧରି ଅସୁସ୍ଥ ହୋଇ ଚିକିତ୍ସିତ ହେଉଥିଲେ।ସମସ୍ୟା ଗୁରୁତର ହେବାରୁ ତାଙ୍କୁ ପାଞ୍ଚ ଦିନ ପୂର୍ବେ କଟକ ଏସସିବି ମେଡ଼ିକାଲ କଲେଜରେ ଭର୍ତ୍ତି କରାଯାଇଥିଲା।ଚିକିତ୍ସାଧୀନ ଅବସ୍ଥାରେ ଶନିବାର ବିଳମ୍ବିତ ରାତିରେ ଦେବଙ୍କର ମୃତ୍ୟୁ ଘଟିଛି ଜଣେ ସରଳ ଅମାୟିକ ଭଦ୍ର ସ୍ୱଭାବ ମଣିଷ ଭାବେ ସେ ପରିଚିତ ଥିଲେ।ଯୁବାବସ୍ଥାରେ ବିଜେପିରେ ସାମିଲ ଧାମନଗର ବ୍ଲକ ଅସୁରାଳି ଜୋନରେ ଥିବା ବମକୁରା ପଞ୍ଚାୟତର ସରପଞ୍ଚ ଭାବେ ନିର୍ବାଚିତ ହୋଇଥିଲେ।ସେ ସରପଞ୍ଚ ଥିବା ସମୟରେ ଉଲ୍ଲେଖନୀୟ ଅଗ୍ରଗତି ନିମନ୍ତେ ବମକୁରା ପଞ୍ଚାୟତ କେନ୍ଦ୍ର ସରକାରଙ୍କ ଠାରୁ ପୁରସ୍କୃତ ହୋଇଥିଲା।କଟକରୁ ଦେବେନ୍ଦ୍ରଙ୍କ ମରଶରୀର ଆସିବା ପରେ ରବିବାର ଅପରାହ୍ନରେ ଧୂଷୁରୀ ଠାରୁ ଏକ ଶୋଭାଯାତ୍ରାରେ ବମକୁରା ନିଆଯାଇଥିଲା।ସେଠାରେ ବହୁ ବ୍ୟକ୍ତିବିଶେଷ ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।ଜନ୍ମମାଟିରେ ରବିବାର ସନ୍ଧ୍ୟାରେ ଶେଷକୃତ୍ୟ ସମ୍ପର୍ଣ୍ଣ ହୋଇଛି।ଧାମନଗର ବିଧାୟକ ତଥା ଉଚ୍ଚ ଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ,ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ,ବରିଷ୍ଠ ନେତା ଅଶୋକ ପୁହାଣ,ମନୋଜ ମଲ୍ଲିକ,ଚତୃଭୂଜ ନାୟକ,ପଞ୍ଚାୟତ ସମିତି ଅଧକ୍ଷ ଶର୍ମିଷ୍ଠା ବେହେରା,ପ୍ରାକ୍ତନ ଜିଲ୍ଲା ପରିଷଦ ସଭ୍ୟା ଉମାମଣି ସାହୁ,ସରପଞ୍ଚ ନରେନ୍ଦ୍ର ନାରାୟଣ ନାୟକ,ସାମ୍ବାଦିକ ବୈକୁଣ୍ଠ ନାଥ ସାହୁ,ବିଜେପିର ନେତା ଅଜୟ ବଳ, ରାଜେନ୍ଦ୍ର ସାହୁ,ରାମଚନ୍ଦ୍ର ମିଶ୍ର,କ୍ଷୀରୋଦ ଧଳ,କୈଳାସ ପଣ୍ଡା,ସଞ୍ଜୟ ମଳିକଶିକ୍ଷକ ମନୋଜ ସାଏନ୍ତ,ସେବା ସମବାୟ ସମିତିର ସଭାପତି ଖୁଧିରାମ ମଳିକ ପ୍ରମୁଖ ଦେବେନ୍ଦ୍ରଙ୍କ ବିୟୋଗରେ ଶୋକ ପ୍ରକାଶ କରିଛନ୍ତି।

# ଇନୋଭେଟିଭ କ୍ଲାସେସ୍ ପକ୍ଷରୁ ଶିକ୍ଷକ ସମ୍ମାନ– ୨୦୨୫ କାର୍ଯ୍ୟକ୍ରମ



ବାଲେଶ୍ୱର,(ସବ୍ୟୁ) : ଇନୋଭେଟିଭ କ୍ଲାସେସ୍,ଖପରାପଦା ବାଲେଶ୍ୱର ପକ୍ଷରୁ ଜ୍ୟୋତି ହସ୍ପିଟାଲ ସମ୍ମୁଖ କଲ୍ୟାଣମଣ୍ଡପ ଠାରେ ଶିକ୍ଷକ ସମ୍ମାନ–୨୦୨୫ ଅନୁଷ୍ଠିତ ହୋଇଯାଇଛି । ଏହି ଉପଲକ୍ଷେ ଉକ୍ତ ଅନୁଷ୍ଠାନରୁ ବି–ଏଡ୍ ପାସ୍ କରି ରାଜ୍ୟର ବିଭିନ୍ନ ସ୍ଥାନରେ ଶିକ୍ଷକତା କରୁଥିବା ଶତାଧିକ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ଉପଲକ୍ଷେ ଆୟୋଜିତ ଉତ୍ସବରେ ଇନୋଭେଟିଭ୍ କ୍ଲାସେସ୍‌ର ଚେୟାରମେନ୍ ତରୁଣ କୁମାର ପଣ୍ଡା ଯୋଗଦେଇ ସମ୍ପ୍ରତି ସହର ସମେତ ବିଭିନ୍ନ ଅଞ୍ଚଳରେ ଛତୁ ଫୁଟିଲା ଭଳି ବି–ଏଡ୍ ଶିକ୍ଷାଅନୁଷ୍ଠାନ ଖୋଲାଯାଇଥିଲେ ମଧ୍ୟ ଅଧିକାଂଶ ଅନୁଷ୍ଠାନରେ ଛାତ୍ରଛାତ୍ରୀମାନେ ପାଠପଢି ଠକାମିର ଶିକାର ହେଉଛନ୍ତି । ଅପରପକ୍ଷରେ ଇନୋଭେଟିଭ୍ ଶିକ୍ଷାନୁଷ୍ଠାନ ନିରବଚ୍ଛିନ୍ନ ଭାବରେ ଦୀର୍ଘ ୧୬ବର୍ଷ ଧରି ଶିକ୍ଷାଦାନ କରି ଛାତ୍ରଛାତ୍ରୀ ଏବଂ ଅଭିଭାବକମାନଙ୍କର ଆସ୍ଥାଭାଜନ ହୋଇପାରିଛି ବୋଲି ଶ୍ରୀ ପଣ୍ଡା ତାଙ୍କ ବକ୍ତବ୍ୟରେ କହିଥିଲେ । ମୁଖ୍ୟ ଅତିଥିଭାବରେ ଅବସରପ୍ରାପ୍ତ ଶିକ୍ଷକ ନେତା ବାଦଲ ଚନ୍ଦ୍ର ପାତ୍ର ଏବଂ ବରିଷ୍ଠ ସାମ୍ବାଦିକ ରଂଜନ କୁମାର ବାଗ, ଶିକ୍ଷାବିତ୍ ଆଦିତ୍ୟ ନାରାୟଣ ଦାସ, ଶିକ୍ଷକ ବସନ୍ତ କୁମାର ମଣ୍ଡଳ, ଗୋବିନ୍ଦ ଚନ୍ଦ୍ର ସାହୁ, ଶ୍ରୀତମ୍ ଦାସ, ଇନୋଭେଟିଭ୍ ଆବାସିକ ବିଦ୍ୟାଳୟର ନିର୍ଦ୍ଦେଶିକା ସଚଳାମଣି ପଣ୍ଡା, ପରିଚାଳନା ନିର୍ଦ୍ଦେଶକ ଜ୍ୟୋତିପ୍ରକାଶ ମହାପାତ୍ର ପ୍ରମୁଖ୍ୟ ମୁଖବକ୍ତା ଓ ସମାନୀତ ଅତିଥି ଭାବରେ ଯୋଗଦେଇ ଇନୋଭେଟିଭ୍ କ୍ଲାସେସ୍ ଦୀର୍ଘ ୧୬ବର୍ଷ ଧରି ଶିକ୍ଷକ ତିଆରି କାରଖାନା ଭାବରେ ନିଷ୍ଠାର ସହିତ କାର୍ଯ୍ୟ କରିଆସୁଛି ବୋଲି କହିବା ସଂଗେ ସଂଗେ ଅନୁଷ୍ଠାନର ଉତ୍ତରୋତର ଉନ୍ନତୀ କାମନା କରିଥିଲେ । ଶିକ୍ଷକ ଅଜୟ କୁମାର ଦାସ ମଂଚ ପରିଚାଳନା କରିଥିବା ବେଳେ ରାଜୀବ କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ । ଅନୁଷ୍ଠାନର ହେମନ୍ତ ମଣ୍ଡଳ, ଭୁବନ କୁମାର ଦାସ ଏବଂ ପ୍ରୀତମ ପଣ୍ଡା କାର୍ଯ୍ୟକ୍ରମକୁ ସଂଚାଳନ କରିଥିଲେ । କଟକରୁ ଆସିଥିବା ମନ୍ଦୀପ ଏବଂ ବର୍ଷାଙ୍କ ଦ୍ୱାରା ସଂଗୀତ କାର୍ଯ୍ୟକାର୍ଯ୍ୟ ସମସ୍ତଙ୍କୁ ବିମୋହିତ କରିଥିଲା । ସେହିପରି ଦୋବଲ,ଗୁଡିପୋଖରୀ,ପନ୍ଦରବାଟିଆ ଓ ଚୁଡାକୁଟି ଆଦି ସ୍ଥାନରେ ଇଦ–ଉଲ–ଜୁହା ପର୍ବ ପାଳନ କରାଯାଇଥିଲା। ଭଦ୍ରକ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସମ୍ବିତ କୁମାର ମାଝି,ଧାମନଗର ଆଇଆଇସି ଗୋପାଳକୃଷ୍ଣ ଜେନା,ଧୁଷୁରୀ ଆଇଆଇସି ଅଜୟ କୁମାର ବାଗେ,ଭଣ୍ଡାରୀପୋଖରୀ ଆଇଆଇସି କମଳାକାନ୍ତ ଦାସ ପ୍ରମୁଖ ଉପସ୍ଥିତ ରହି ଆଇନ ଶୃଙ୍ଖଳା ପରିସ୍ଥିତି ତଦାରଖ କରିଥିବାବେଳେ ଶାନ୍ତି ଶୃଙ୍ଖଳା ରକ୍ଷା ନିମନ୍ତେ ଧାମନଗର ଅଂଚଳରେ ୪ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା। ପର୍ବର ଆଗାମୀ ଦୁଇ ଦିନ କିପରି ଶାନ୍ତିପୂର୍ଣ୍ଣ ଭାବେ ପାଳନ କରାଯିବ ସେ ନେଇ ସ୍ଥାନୀୟ ପୋଲିସ ପେଟ୍ରୋଲିଂ ବ୍ୟବସ୍ଥାକୁ କଡାକଡି କରିଥିବା ଜଣାଯାଇଛି।

# ଅବସରପ୍ରାପ୍ତ କର୍ମଚାରୀଙ୍କର ଏଫ୍‌ଏମ୍ ବିଶ୍ୱବିଦ୍ୟାଳୟ ପରିଦର୍ଶନ



ବାଲେଶ୍ୱର,(ସବ୍ୟୁ) :ବାଲେଶ୍ୱର ଜିଲ୍ଲା ଅବସରପ୍ରାପ୍ତ ରାଜ୍ୟ ସରକାରୀ କର୍ମଚାରୀ ସଂଘର କର୍ମକର୍ତ୍ତା ଓ ସଦସ୍ୟସଦସ୍ୟାବୃନ୍ଦ ଫକୀରମୋହନ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ସନ୍ତୋଷ କୁମାର ତ୍ରିପାଠୀଙ୍କ ନିମନ୍ତ୍ରଣ କ୍ରମେ ବିଶ୍ୱବିଦ୍ୟାଳୟ ପରିଦର୍ଶନରେ ଯାଇଥିଲେ। ବିଶ୍ୱବିଦ୍ୟାଳୟ ତରଫରୁ ଯୋଗାଇ ଦିଆଯାଇଥିବା ବସ୍‌ରେ ସଂଘର କାର୍ଯ୍ୟାଳୟ ଠାରୁ କର୍ମକର୍ତ୍ତାଙ୍କ ଗହଣରେ ୪୫ଜଣ ସଦସ୍ୟ ସଦସ୍ୟା ନୂଆପାଢ଼ାସ୍ଥିତ ବିଶ୍ୱବିଦ୍ୟାଳୟର ଆକର୍ଷଣୀୟ ପରିବେଶ, ସୁଶୃଙ୍ଖଳିତ ଓ ସୁନିୟନ୍ତ୍ରିତ ବ୍ୟବସ୍ଥା ଅନୁଧ୍ୟାନ କରିବା ସହିତ ବିଭିନ୍ନ ଅଡିଟୋରିୟମ୍, ପ୍ରତିଭାବାନ ବ୍ୟକ୍ତିଙ୍କର ପ୍ରତିମୂର୍ତ୍ତି, ଧାନ, ପାନ ଓ ମୀନର ସ୍ମାରକୀ, ବାଲେଶ୍ୱର ଜିଲ୍ଲା କଳା, ସଂସ୍କୃତିର ବିଭିନ୍ନ ନିଦର୍ଶନକୁ ଦର୍ଶନ କରିଥିଲେ। ବିଶ୍ୱବିଦ୍ୟାଳୟର କୁଳପତିଙ୍କ ଦୂରଦୃଷ୍ଟିସମ୍ପନ୍ନ ଓ ଅମାୟିକ ବ୍ୟବହାରକୁ ଭୂୟସୀ ପ୍ରଶଂସା କରିଥିଲେ। ବର୍ତ୍ତମାନ ଓଡ଼ିଶାର ବିଭିନ୍ନ ବିଶ୍ୱବିଦ୍ୟାଳୟ ଠାରୁ ଫକୀରମୋହନ ବିଶ୍ୱବିଦ୍ୟାଳୟ ଉନ୍ନତମାନ ଅବସ୍ଥାରେ ଥିବାରୁ ସମସ୍ତେ ସନ୍ତୋଷ ପ୍ରକାଶ କରିଥିଲେ। ଏହି ପ୍ରତିନିଧି ଦଳରେ ଅଧକ୍ଷ ଇଂ. ବନମାଳୀ ନାୟକ, ଉପାଧକ୍ଷ ସୁଦର୍ଶନ ଦାସ, ଦେବେନ୍ଦ୍ର ଚୌଧୁରୀ, ବାସନ୍ତୀ ପାଣି, ସାଧାରଣ ସମ୍ପାଦକ ଦାମୋଦର ନାୟକ, ସଂଗଠନ ସମ୍ପାଦକ ସଞ୍ଜୟ କୁମାର ପଣ୍ଡା, ସାଂସ୍କୃତିକ ସଂପାଦକ ଭାଗବତ ଦଳାଇ, ଯୁଗ୍ମ ସମ୍ପାଦିକା ସୁଶ୍ରୀ ସାବିତ୍ରୀ ଦାସ, ଉପଦେଷ୍ଟା ବସନ୍ତ ନାୟକ, ଜ୍ଞାନେନ୍ଦ୍ର ସାହୁ, ପୁଷ୍ପଲତା ମହାନ୍ତିଙ୍କ ସହିତ ଜ୍ୟୋସ୍ନା ରାୟ, କଲ୍ୟାଣୀ ନନ୍ଦ, ଗୀତାଞ୍ଜଳି ଶତପଥୀ, ଦିଲ୍ଲୀପ ଚକ୍ରବର୍ତ୍ତୀ, ଡ. ଭାଗବତ ଦାସ, ଅଜୟ ନାୟକ, ଯୋଗେନ୍ଦ୍ର ସିଂ, ପ୍ରଣିତା ମିଶ୍ର, ନୀଳିମା ପାତ୍ର, ତପନ ପଣ୍ଡା, ରବିନାରାୟଣ ପାତ୍ର, ଅନନ୍ତ ଦାସ, ଭବେଶ ପଣ୍ଡା, ସେକ୍ ଆଲ୍ଲାଉଦ୍ଦିନ୍, ସଞ୍ଜୟ ପଣ୍ଡା, ସୁରେନ୍ଦ୍ର ନାୟକ, ରବିନାରାୟଣ ବେହେରା, ନିଆସି ଚରଣ ଜେନା ପ୍ରମୁଖ ସଦସ୍ୟ ସଦସ୍ୟା ପରିଦର୍ଶନ କରିଥିଲେ। କୁଳପତିଙ୍କୁ ସଂଘ ତରଫରୁ ବିଭିନ୍ନ ମୂଲ୍ୟବାନ ଫଳ ଓ ଫୁଲଗଛ ଚାରା ସହିତ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ବିଶ୍ୱବିଦ୍ୟାଳୟର ଯୁବ ପ୍ରଫେସର ଅସୀମ ଅମିତାଭ ପ୍ରଧାନ ଓ ପ୍ରଫେସର ଶିଖାଶ୍ରୀ ରାୟ ସହଯୋଗ କରିଥିଲେ।

(ଶ୍ରୀମଭଗବଦ୍ ଗୀତା ୧୬/୧୧)
–ଦୈବାସୁରସମ୍ପଦ୍‌ବିଭାଗ–
(ଶ୍ରୀଭଗବାନୁବାଚ )

**ଚିନ୍ତାମପରିମେୟାଞ୍ଚ ପ୍ରଳୟାନ୍ତାମୁପାଶ୍ରିତାଃ ।**
**କାମୋପଭୋଗପରମା ଏତାବଦିତି ନିଶ୍ଚିତାଃ ।।୧୧।।**

ସେମାନେ ମରଣକାଳ ପର୍ଯ୍ୟନ୍ତ ଅପରିମିତ ବିଷୟ ଚିନ୍ତା କରି କାମୋପଭୋଗକୁ ପରମପୁରୁଷାର୍ଥ ବୋଲି ମନେକରନ୍ତି ତଥା ଏତିକିମାତ୍ର ସେମାନଙ୍କର ପ୍ରୟୋଜନ ବୋଲି ନିଶ୍ଚୟ କରନ୍ତି ଏବଂ ଶତ ଶତ ଆଶାପାଶରେ ଇତସ୍ତତଃ ଆକୃଷ୍ଟ ହୋଇ ଓ କାମକ୍ରୋଧରେ ବଶୀଭୂତ ହୋଇ କାମଭୋଗ ନିମିତ୍ତ ଅନ୍ୟାୟପୂର୍ବକ ଅର୍ଥସଞ୍ଚୟ କରିବାକୁ ଇଚ୍ଛା କରନ୍ତି ।।୧୧।।

# ଅନ୍ତତଃ ବର୍ଷେ ଅପେକ୍ଷା କରାଯାଉ

**ସମ୍ପାଦକୀୟ**

ଆମ ରାଜ୍ୟରେ ମୋହନ ଚରଣ ମାଝୀଙ୍କ ସରକାର ଆଉ ତିନି ଦିନ ପରେ ଏକ ବର୍ଷର ପୂର୍ତ୍ତି ଉତ୍ସବ ହୁଏତ ପାଳନ କରିବ । ଆଞ୍ଚଳିକ ଦଳ ବିଜେଡ଼ିର ନେତୃତ୍ୱ ନେଇ ନବୀନ ପଟ୍ଟନାୟକ ୨୪ ବର୍ଷ କାଳ ଶାସନ କରିଥିଲେ ମଧ୍ୟ ଲୋକେ ପରିବର୍ତ୍ତନ ଚାହିଁଲେ । ଫଳରେ ନବୀନ ପଟ୍ଟନାୟକ ଆଉ ଶାସନ କରିବାକୁ ସୁଯୋଗ ପାଇ ପାରିଲେ ନାହିଁ । ମାତ୍ର ମୋହନ ସରକାରଙ୍କୁ ଓଡ଼ିଶାର ଜନସାଧାରଣ ଅନ୍ତତଃ ବର୍ଷକ ପାଇଁ କାମ କରିବାର ସୁଯୋଗ ମିଳିବା ଦରକାର । ବିଗତ ଚବିଶ ବର୍ଷ ପରେ ବିଗତ ଏକ ବର୍ଷ ସପକ୍ଷରେ ଯେ ବହୁମତ ମିଳିବ, ଏଥିରେ ସନ୍ଦେହ ନାହିଁ ।

ଅନେକ ବିରୋଧୀ ଦଳ ସମାଲୋଚନା କରୁଛନ୍ତି ଯେ ବର୍ଷକ ମଧ୍ୟରେ ମୋହନ ସରକାର ବିଶେଷ କିଛି ହାସଲ କରିପାରି ନାହାନ୍ତି । ମାତ୍ର 'ଧୀର ପାଣି ପଥର କାଟେ' ନୀତିରେ ନୂତନ ମୋହନ ସରକାରଙ୍କ ଅଗ୍ରଗମନକୁ ଅସ୍ୱୀକାର କରି ହେବ ନାହିଁ । ଉଲ୍ଲେଖନୀୟ ଯେ ବିଗତ ସରକାରର ଅବସାନ ହେବା ବେଳକୁ ନିର୍ବାଚନ ପୂର୍ବରୁ ପୃଷ୍ଠା ପୃଷ୍ଠା ବିଜ୍ଞାପନ ସମ୍ବାଦପତ୍ରର ପୃଷ୍ଠା ମଣ୍ଡନ କରୁଥିଲା । ସାମାଜିକ ଓ ତଡ଼ିତ ଗଣମାଧ୍ୟମରେ ବିଗତ ସରକାରଙ୍କର ଯେପରି ପ୍ରଚାର କରା ଯାଉଥିଲା, ତାହା ଯେ ଫଳପ୍ରଦ ହେଲା ନାହିଁ, ଏ କଥା ବିଗତ ସରକାର ବୁଝିବା ଦରକାର ଥିଲା । ଅନ୍ତର୍ଜାତୀୟ ଭାଷା ସମ୍ମିଳନୀ ଯାହା ସାଧାରଣ ନିର୍ବାଚନ ପୂର୍ବରୁ କରାଯାଇ ଲକ୍ଷ ଲକ୍ଷ ନୁହେଁ, କୋଟି କୋଟି ଟଙ୍କା ବରବାଦ କରାଯାଇଥିଲା, ଭୁବନେଶ୍ୱରର ଜନତା ମଇଦାନରେ କେବଳ ବି ନୁହେଁ, ରାଜ୍ୟର ଅନ୍ୟାନ୍ୟ ସ୍ଥାନରେ ମଧ୍ୟ । ଉଦ୍‌ଘାଟନ ଉତ୍ସବ ଆରମ୍ଭରେ କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କର ରାଜ୍ୟ ସଙ୍ଗୀତ 'ବନ୍ଦେ ଉତ୍କଳ ଜନନୀ' ବୋଲାଗଲା, ମାତ୍ର ଘୋଷିକା ସଂହତି ପାଣି ଥରେ ନୁହେଁ, ଏକାଧିକ ଥର 'କଣ୍ଠକବି' ବୋଲି କହିଲେ, ମଞ୍ଚାସୀନ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଅନ୍ୟାନ୍ୟ ବିଶିଷ୍ଟ ସାହିତ୍ୟିକ ବା ସାହିତ୍ୟିକା କେହି ପ୍ରତିବାଦ କଲେ ନାହିଁ । କାନ୍ତକବିଙ୍କ ରଚିତ 'ବନ୍ଦେ ଉତ୍କଳ ଜନନୀ'କୁ 'କଣ୍ଠକବି' କହିବାରୁ ତଡ଼ିତ ଗଣମାଧ୍ୟମ ଓ ସାମାଜିକ ଗଣମାଧ୍ୟମ ସମେତ ଓଡ଼ିଆ ଲୋକେ ତାହାର ଘୋର ନିନ୍ଦା କଲେ, ପ୍ରତିବାଦ କଲେ । କାନ୍ତକବିଙ୍କ ପରିବାର ଲୋକେ ମଧ୍ୟ ଆପତ୍ତି କଲେ । ଦୁଃଖର କଥା ଏପରି ଗୁରୁତର ତ୍ରୁଟି ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ କୌଣସି ସ୍ପଷ୍ଟୀକରଣ ତ ଦିଆଗଲା ନାହିଁ, ଶେଷରେ ଘୋଷିକା ସଂହତି ପାଣି, ସାମାଜିକ ଗଣମାଧ୍ୟମରେ ଭିଡିଓ ଜାରି କରି କହିଲେ ଯେ ସେ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀଙ୍କର କାର୍ଯ୍ୟକ୍ରମ ସବୁ ସେ ଠିକ୍ ଭାବେ ତୁଲାଇଛନ୍ତି । ଏହା ତାଙ୍କର 'ସ୍ଲିପ୍ ଅଫ୍ ଟଙ୍ଗ' ବା ମୁହଁରୁ ଖସିଗଲା ବୋଲି ଦୁଃଖ ପ୍ରକାଶ କଲେ । ଅଥଚ ସେଦିନ ଉଦ୍‌ଘାଟନ ଉତ୍ସବରେ ସବା ଆଗଧାଡ଼ିରେ ବସିଥିବା ଭାଷା ଦଲାଲ ଓ ବିଜୁ ଜନତା ଦଳର ସମର୍ଥକମାନେ ଉଦ୍‌ଘାଟନ ଉତ୍ସବ ପରେ ମଧ୍ୟ କେହି ତାହାର ପ୍ରତିବାଦ କଲେ ନାହିଁ । କାରଣ ଏହି ଭାଷା ସମ୍ମିଳନୀ କଥା ବୁଝୁଥିଲେ ଜଣେ ମହିଳା ଆଇ.ଏ.ଏସ୍ ଅଧିକାରୀ ।

ବିଗତ ସରକାରଙ୍କ ସମୟରେ ଓଡ଼ିଶା ରେଳବାଇରୁ ଅଧିକ ରାଜସ୍ୱ କେନ୍ଦ୍ର ସରକାରଙ୍କୁ ଦେଇ ଆସୁଥିଲେ । ଏହା ସତ୍ତ୍ୱେ, କେନ୍ଦ୍ର ସରକାର ରେଳବାଇର ଉନ୍ନତି ପାଇଁ ଯେଉଁ ଅନୁଦାନ ଦେଉଥିଲେ ତାହା ସମୁଦ୍ରକୁ ଶଙ୍ଖେ ପରି ଥିଲା । ଅତୀତରେ ଓଡ଼ିଶା ବିଧାନସଭାର ରେଳବାଇ କମିଟି ବାଚସ୍ପତିଙ୍କ ଅଧ୍ୟକ୍ଷତାରେ ଗଠିତ ହୁଏ ଏବଂ ସେମାନେ ଯାଇ କେନ୍ଦ୍ର ରେଳମନ୍ତ୍ରୀଙ୍କୁ ଦେଖା କରି ଓଡ଼ିଶାକୁ ଅଧିକ ଅନୁଦାନ ମିଳିବା ଲାଗି ଦାବି କରନ୍ତି । ସାମାନ୍ୟ ଅନୁଦାନ ବଢ଼ାଇ ରେଳମନ୍ତ୍ରୀ କମିଟିକୁ ବୁଝାଇ ଦିଅନ୍ତି । ଅଥଚ ଯଦି ତୁଳନା କରି ଦେଖାଯାଏ, ତେବେ ବିଗତ ଏଗାର ବର୍ଷ ମଧ୍ୟରେ ଓଡ଼ିଶାକୁ କେନ୍ଦ୍ର ସରକାର ରେଳବାଇର ଉନ୍ନତି ବାବଦରେ ଦେଇଥିବା ଅର୍ଥର ଅନୁଦାନ ଯଥେଷ୍ଟ ଅଧିକ । ଏ ବିଷୟରେ ସମୀକ୍ଷା କଲେ ଆଶ୍ଚର୍ଯ୍ୟ ହେବାକୁ ପଡ଼େ । ଶହେଟି ସହର ମଧ୍ୟରୁ ରାଜଧାନୀ ଭୁବନେଶ୍ୱରକୁ କେନ୍ଦ୍ର ସରକାର ଗୁରୁତ୍ୱ ଦେଇ ଶହେ କୋଟି ଟଙ୍କାର ଅନୁଦାନ ଦେଇଥିଲେ । ମାତ୍ର ତତ୍କାଳୀନ ଓଡ଼ିଶାର ରାଜ୍ୟ ସରକାର ସେହି ଶହେ କୋଟି ଟଙ୍କାରେ ଭୁବନେଶ୍ୱରକୁ ସ୍ମାର୍ଟ ସିଟିରେ ପରିଣତ କରିବା ଲାଗି କିପରି ଅର୍ଥ ବରବାଦ କଲେ, ତାହା ଭୁବନେଶ୍ୱରରେ ରହୁଥିବା ଓଡ଼ିଶାର ସବୁ ଅଞ୍ଚଳର ଲୋକେ ଅନୁଭବ କରିଥିବେ ନିଶ୍ଚୟ ।

ବିଗତ ସରକାରଙ୍କ ଅମଳରେ ବିଭିନ୍ନ ଇଂରାଜୀ ପତ୍ରପତ୍ରିକାରେ ତତ୍କାଳୀନ ମୁଖ୍ୟମନ୍ତ୍ରୀଙ୍କୁ ଦେଶର ଅନ୍ୟତମ ଶ୍ରେଷ୍ଠ ମୁଖ୍ୟମନ୍ତ୍ରୀ ଭାବେ ବର୍ଣ୍ଣନା କରାଯାଇଛି । କିନ୍ତୁ ତା'ର ପ୍ରଭାବ ଓଡ଼ିଆ ଲୋକଙ୍କ ଉପରେ ପଡ଼ି ପାରିଲାନାହିଁ । ତେଣୁ ଲୋକେ ପରିବର୍ତ୍ତନ ଚାହିଁଲେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କର ସ୍ୱତନ୍ତ୍ର ଦୃଷ୍ଟି ମଧ୍ୟ ଓଡ଼ିଶା ଉପରେ ରହିଛି । ଏକ ବିକଶିତ ଓଡ଼ିଶା ଗଠନ ଦିଗରେ ଭାରତର ପ୍ରଧାନମନ୍ତ୍ରୀ, ରାଜ୍ୟର ମୁଖ୍ୟମନ୍ତ୍ରୀ ଏବଂ ଓଡ଼ିଶାର ଅନ୍ୟ ତିନିଜଣ କେନ୍ଦ୍ର ମନ୍ତ୍ରୀ ଉଦ୍ୟମ ଜାରି ରଖିଛନ୍ତି । ବର୍ଷକ ପରେ ହୁଏତ ଓଡ଼ିଶାବାସୀ ପରିବର୍ତ୍ତନର ସ୍ୱାଦ ଚାଖିପାରିବେ ବୋଲି ଆଶା କରାଯାଉଛି ।

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ–ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ବିଭାଜିତ ଭାରତ, ବିଭ୍ରାନ୍ତ ଭାରତ



ବ୍ରଜମୋହନ ମିଶ୍ର

ଗୋଟାଏ ଉପମହାଦେଶକୁ ବିକଳାଙ୍ଗ ଓ ବିଧ୍ୱସ୍ତ କରବାର ତାମସିକତାରେ ଏକ ଦୋକାନଦାର ଜାତି ଏହାକୁ ସ୍ୱାଧୀନତା ଦେବା ନାଁରେ ବିଭକ୍ତ କରି ଦେଇ ବେଶ୍ ଖୁସିରେ ଚାଲିଗଲା । ସେଇ ଅପକୀର୍ତ୍ତି ଜନିତ ଅପରାଧରୂପକ ଅପଶକ୍ତି କାଳିସୀ ଲାଗିଲା ପରି ଏ ଦେଶକୁ ସେଇ ଦିନ ଠାରୁ ଲାଗିଲା ଯେ ସେଇ ବିଭାଜନର ବିଡ଼ମ୍ବନା ଅନ୍ତ ହେବା ପରିବର୍ତ୍ତେ ଏଠାରେ କ୍ରମଶଃ ତାର ରାହୁର ଛାୟା ବିସ୍ତାର କରିଚାଲିଲା ।

ସେତେବେଳେ ଜମି ଓ ଜାତି ଭାଗ ହୋଇଥିବା ସ୍ଥଳେ ତା ପରେ ପରେ ଆହୁରି ପ୍ରକାରେ ପ୍ରକାରେ ଖଣ୍ଡ ଖଣ୍ଡ ହୋଇ ଚାଲିଛି 'ଦି ଆଇଡ଼ିଆ ଅବ୍ ଇଣ୍ଡିଆ' ଯାହାକୁ 'ମଦର ଅବ୍ ଅଲ୍ ରିଲିଜିଅନସ୍' ଏବଂ 'ଗ୍ରାଣ୍ଡମଦର ଅବ୍ ଅଲ୍ ସିଭିଲାଇଜସନ୍ସ' ବୋଲି ଯଥାର୍ଥରେ କୁହାଯାଇଛି । ସେତେବେଳେ ଏ ଭୂଖଣ୍ଡକୁ ଦୁରନ୍ତ ଦୁର୍ଜନମାନେ ଏପରି କଷଣଯୁକ୍ତ କରିଦେଲେ ବୋଲି ଆମ ଇତିହାସକାରମାନେ ସେମାନଙ୍କୁ ଦୋଷାରୋପ କରିଛନ୍ତି । ହେଲେ ଏବେ ଆମ ପାଖର ସ୍ୱଜନମାନେ କାହିଁକି ସୁଜନ ନହୋଇ ସେହି ବିନଷ୍ଟ ପ୍ରକ୍ରିୟାକୁ ଜାରି ରଖିଲେ ଓ ରଖିବାକୁ ଭାରି ବ୍ୟଗ୍ର ହେଉଛନ୍ତି? କୁଳାଙ୍କୁର ପରି ପ୍ରତୀୟମାନ ହେଉଥିବା ଏଇ କୁବୁଦ୍ଧି, କୁଦାସ, କୁଳାଙ୍ଗାରମାନେ, ଭାରତ ନାମକ ଆର୍ଯ୍ୟାବର୍ତ୍ତରେ କାହିଁକି ଏପରି ଅନାର୍ଯ୍ୟ ଓ ଅମର୍ଯ୍ୟାଦାର ତପ୍ତ ବୈତରଣୀ ସୃଷ୍ଟି କଲେ? ଏ ପ୍ରଶ୍ନମାନ ସେଇ ବିଚିତ୍ରବୀର୍ଯ୍ୟମାନଙ୍କୁ ପଚାରିଲେ ସେମାନେ ଏପରି ଉତ୍ତର ଦେବେ ଯେ ସତେ ଯେପରି ସେମାନେ ଏଥିପାଇଁ ଲେଶମାତ୍ର ଦାୟୀ ନୁହଁନ୍ତି !

ଏଇ ଯେଉଁ ବିସ୍ଫୋରକ ତଥା ବିଡ଼ମ୍ବିତ ପରିସ୍ଥିତି ଏବେ ପ୍ରତିଦିନ ଏଠାରେ ସୃଷ୍ଟି ହେଉଛି ତାହା ଯେପରି କଦାଚ ମିଥ୍ୟା ନୁହଁ, ସେପରି ତାର କୃମିଳ, କାଚୁଆ କର୍ତ୍ତାମାନେ ଯେ ଏଥି ସକାଶେ ଷୋଳଅଣା ଦାୟୀ, ଏହା ମଧ୍ୟ ମିଥ୍ୟା ନୁହଁ । ରାଜନୀତି ନାମକ ଏକ ସର୍ବକାଳୀନ ସ୍ୱାହା ଓ ସ୍ୱଧାକୁ କେବଳ ତାତ୍କାଳିକ ଚାହିଦା ମେଣ୍ଟାଇବାର ମହୁଲି କରିଦେଲେ, ଏତାଦୃଶ ଭୟାନକ ଦୃଶ୍ୟ ଫୁଟି ଉଠିବ ।

ପୁଣି ଏ ତାତ୍କାଳିକତା ସେମାନଙ୍କର ଦଳ ପାଇଁ ଯେତେ ନୁହଁ, ତା ଠାରୁ ଅଧିକ ଜଣ ପାଇଁ । ଅର୍ଥାତ୍ ଦଳକୁ ମୁଖା କରି ରାଜନୀତି କରୁଛନ୍ତି ବୋଲି କିରିକିରି କରୁଥିବା କିଟିମିଟିଆ, କାଳନେମୀ ବିଟପୀମାନେ ଯେ କେବଳ ନିଜର ପ୍ରତିଷ୍ଠା ଓ ପ୍ରତିପତ୍ତି ସକାଶେ ନିଜର ଆଣ୍ଠୁ ଗଣ୍ଠି ଛିଡ଼ାଉଛନ୍ତି, ସେଥିରେ ସନ୍ଦେହ ନାହିଁ । ଏହି କ୍ଷଣସ୍ଥାୟୀ ଶୃଙ୍ଗାର ସକାଶେ ଭାରତକୁ ବିଭାଜିତ ନକଲେ ସେମାନେ ଯେ ତାହାପ୍ରାପ୍ତ ହୋଇ ପାରିବେ ନାହିଁ ଭାବି ଏହି ସାଂଘାତିକ ସଇତାନିରେ ମାତିଛନ୍ତି । ପ୍ରାୟ ଏପରି କୌଣସି ଦଳୁଆ ନାହାନ୍ତି ଯେ ଏହି ଦୁଷ୍କର୍ମରୁ ମୁକ୍ତ ! ତାର କାରଣ ଦଳ ଆଦର୍ଶପ୍ରତି ସେମାନଙ୍କର ଉପରଠାଉରିଆ ଆନୁଗତ୍ୟ ଓ କାର୍ଯ୍ୟଘେନା ପ୍ରୀତି । ଦଳୀୟ ଆଦର୍ଶ କହୁଥାଏ ଦେଶରେ ଗଣତନ୍ତ୍ର, ସମାଜବାଦ, ଧର୍ମନିରପେକ୍ଷତା, ରାଷ୍ଟ୍ରବାଦ ଇତ୍ୟାଦି ଚମତ୍କାର ଆଦର୍ଶମାନ ଅନୁସୃତ ହେବ ଏବଂ ସେଥି ସକାଶେ ସେମାନେ ମୁଖ୍ୟ ଭୂମିକା ନିର୍ବାହ କରିବେ ।

କିନ୍ତୁ ପ୍ରକୃତରେ ଏ ସବୁ ଉପକର୍ଷ ସକାଶେ ସବା ଆଗ ଯେଉଁ ବିକଶିତ ଉଦାରବାଦୀ ମାନବବାଦୀ ଚେତନା ଆବଶ୍ୟକ, ତାହା ସେମାନଙ୍କର ନଥାଏ । ସେମାନେ ମଣିଷ ହେବା ଅପେକ୍ଷା ମନ୍ତ୍ରୀ ହେବାକୁ ମୋହମନ୍ତ୍ର ଜପ କରନ୍ତି ( ଏଠାରେ ମନ୍ତ୍ରୀ ଏକ ପ୍ରତୀକ) । ତେଣୁ ଉପରୋକ୍ତ ରାଷ୍ଟ୍ର ନିର୍ମାଣକାରୀ ସଦ୍‌ଗୁଣମାନ ସେମାନଙ୍କ ଊଷର ଅନ୍ତରରେ ଉଧେଇ ପାରେ ନାହିଁ । ଶୟନେ, ସ୍ୱପନେ, ଜାଗରଣେ ଆପଣାର ବୁଜୁଳାଟି ବାଂଧିବାକୁ ଜୀବନର ଚତୁର୍ବର୍ଗପ୍ରାପ୍ତି ବୋଲି ଧରିନେଇ ସେମାନେ ଏଥି ସକାଶେ ଅହୋରାତ୍ର ଅହଂ ଅସ୍ମି ( ଅହଂବ୍ରହ୍ମୋଽସ୍ମି ନୁହଁ)ରେ ଘାରି ହୁଅନ୍ତି । ସେମାନଙ୍କୁ କେବଳ ଆପଣାର ଅହଂଟି ଏକମାତ୍ର ଅସ୍ମି ପରି ଦେଖାଯାଉଥିବାରୁ ସେମାନେ ତାର ଭୀଷଣ ଉଚ୍ଚାଟନର ଉତ୍ପୀଡ଼ନରେ ହରଦମ ଉଠପଡୁ ହୁଅନ୍ତି । ତେଣୁ ଅସ୍ଥିର, ଅସଂଗତ, ଅସମ୍ଭାଳ ଅବସ୍ଥାରେ ଡ଼ିଆଁଡ଼େଇଁର ଡ଼େଙ୍ଗୁରେ କଂପମାନ ବି ହୁଅନ୍ତି । ଯେମିତି ହେଉନା କାହିଁକି ମୁଁ ( ତାପରେ ହୁଏତ ମୋ ଦଳ କଥା ଆସି ପାରେ) ଦ୍ୱାରାବତୀର ଦୁଲଣା ହେବି । ଏଇ ଦୁରାଗ୍ରହ, ଦୁରାଚାର, ସେଇ ଦୁର୍ଭଗ ଓ ଦୁର୍ଦ୍ଧର୍ଷମାନଙ୍କୁ ଦିମାକିଆ କରି ଯାବତୀୟ ଦୁଷ୍ଟବୁଦ୍ଧିର ଜନକ କରାଏ (ଏହା ଯେ କେବଳ ଏଇ ଦେଶର କଥା, ତାହା ନୁହଁ ପୃଥିବୀରେ ଯେଉଁଠି ଏହା ଗଜାମାରେ, ସେତେବେଳେ ଏଇ ଦୁଷ୍ପରିଣାମ ଅବଶ୍ୟ ହୋଇଥାଏ ।)

ଭାରତବର୍ଷର ଦୁର୍ଭାଗ୍ୟ ( ଯାହା ପ୍ରତିଦିନ ସଶକ୍ତ) ଯେ ପ୍ରେମିକମାନଙ୍କୁ ରାଜନୀତି କରିବାକୁ ସେପରି ସୋହାଗ ଓ ସମର୍ଥନ ମିଳିଲା ନାହିଁ । ପକ୍ଷାନ୍ତରେ ବହୁ ସଂଖ୍ୟାରେ ପିଶାଚ, ପାତକୀ, ପାଂଶୁଳମାନେ ଦେବା ଓ ହେବାର ସାବିତ୍ରୀ ଓ ଗାୟତ୍ରୀରେ ଉଦ୍‌ବୁଦ୍ଧ ହେବା ପରିବର୍ତ୍ତେ ଚୋରି ଓ ଚଟକର ଚକ୍ରୀ ଓ ଚଣ୍ଡାଳ ପାଲଟି ଗଲେ । ଫଳରେ ଭାଷା ଭାଷା ଭିତରେ ଲଢ଼େଇ, ସଂପ୍ରଦାୟ, ସଂପ୍ରଦାୟ ଭିତରେ ଲଢ଼େଇ, ପ୍ରଦେଶ, ପ୍ରଦେଶ ଭିତରେ ଲଢ଼େଇ, ଦଳ, ଦଳ ଭିତରେ ଘୋର ଲଢ଼େଇ (ଏପରିକି ନିଜ ଦଳ ଭିତରେ ବି), ପରିବାର, ପରିବାର, ଗ୍ରାମ, ଗ୍ରାମ, ସାହି, ସାହି, ସହର, ସହର, ଏ.ପି.ଲ, ବି.ପି.ଏଲ, ବିଦ୍ୟାର୍ଥୀ ବିଦ୍ୟାର୍ଥୀ ଏପରିକି ପତିପତ୍ନୀ, ପ୍ରେମିକ ପ୍ରେମିକା ଭିତରେ ଲଢ଼େଇ ସୃଷ୍ଟି କରିବାକୁ ଶତମୁଖ, ଶତଜିହ୍ୱ, ଶତଶକ୍ତି ଓ ଶତସିଂହ ହୋଇ ଉଠିଲେ । ସମାଜର ଏଇ ହୃଦୟମାନ ବିଖଣ୍ଡିତ ହେଉଥିବାବେଳେ, ସେମାନେ ବିଭାଜନ ଜନିତ ଏଇ ଭିଡ଼ା ଭିଡ଼ିରୁ ଭଲ

> ***ସେମାନେ, ସେମାନଙ୍କର ବିବେକକୁ କପେ ଚା, ଦି ପୁଞ୍ଜା ଚୋକଡ଼ରେ ଚୋବେଇ ଗଲେ । ଥରେ ଭାବିଲେ ନାହିଁ ସେମାନେ ସ୍ୱାଧୀନ ହୋଇଛନ୍ତି ବୋଲି ଗଣତନ୍ତ୍ର କଥା ଚିନ୍ତା କରିବାର ସୌଭାଗ୍ୟ ଲାଭ କରିଛନ୍ତି । ସେମାନେ ଭୁଞ୍ଜୁଥିବା ସ୍ୱାଧୀନତା ରୂପକ ସିଦ୍ଧି ପଶ୍ଚାତରେ ଯେଉଁ ଅଶ୍ଳଥ, ଅତନ୍ଦ୍ରା ସାଧନା ରହିଥିଲା, ତାହା ଆଦୌ ତାତ୍କାଳିକ ରମଣ ନଥିଲା । ସେତେବେଳେ ତମାମ ରାଷ୍ଟ୍ର ଏଇ ଏକଲକ୍ଷ୍ୟରେ କେତେ ଶକ୍ତ, ଶ୍ରୀମନ୍ତ, ସଂଯତ, ସଂହତ ଓ ସଂଦୀପ୍ତ ତେଣୁ ସମ୍ୟକ୍ ହୋଇନଥିଲା!***

ଲାଭ ଉଠେଇଲେ ( ଉଠଉଛନ୍ତି ବି) , ତେଣୁ ସେମାନେ ବେଶ୍ ମଜାରେ ଏହାକୁ ତେଜେଇ ରଖିଛନ୍ତି ।

ପାରୁଡ଼ାପୋକ, ରାଜନୀତି ପରି ପବିତ୍ର ଯଜ୍ଞ କୁଣ୍ଡରେ ହେଡ଼ା ବର୍ଷଣ କଲେ ( ଘିଅ ଢ଼ାଳିବା ବଦଳରେ), ଆଉ ଏ ଦେଶର ଜନତା ଜନାର୍ଦ୍ଦନମାନେ ସେଇ ପିସ୍ତଲମାନଙ୍କୁ ଭୟ କରି ଆପଣା ବିବେକ ପିସ୍ତଲର ସବୁଗୁଳି ସେମାନଙ୍କୁ ଅର୍ପଣ କରିଦେଲେ । ସେମାନେ, ସେମାନଙ୍କର ବିବେକକୁ କପେ ଚା, ଦି ପୁଞ୍ଜା ଚୋକଡ଼ରେ ଚୋବେଇ ଗଲେ । ଥରେ ଭାବିଲେ ନାହିଁ ସେମାନେ ସ୍ୱାଧୀନ ହୋଇଛନ୍ତି ବୋଲି ଗଣତନ୍ତ୍ର କଥା ଚିନ୍ତା କରିବାର ସୌଭାଗ୍ୟ ଲାଭ କରିଛନ୍ତି । ସେମାନେ ଭୁଞ୍ଜୁଥିବା ସ୍ୱାଧୀନତା ରୂପକ ସିଦ୍ଧି ପଶ୍ଚାତରେ ଯେଉଁ ଅଶ୍ଳଥ, ଅତନ୍ଦ୍ରା ସାଧନା ରହିଥିଲା, ତାହା ଆଦୌ ତାତ୍କାଳିକ ରମଣ ନଥିଲା ।

ସେତେବେଳେ ତମାମ ରାଷ୍ଟ୍ର ଏଇ ଏକଲକ୍ଷ୍ୟରେ କେତେ ଶକ୍ତ, ଶ୍ରୀମନ୍ତ, ସଂଯତ, ସଂହତ ଓ ସଂଦୀପ୍ତ ତେଣୁ ସମ୍ୟକ୍ ହୋଇନଥିଲା! ପ୍ରାଂଶୁ ସାଧକମାନଙ୍କର ଉତ୍ତର ପୁରୁଷ ରୂପେ ଏଇ

ନିର୍ବାଚନ ଆସିଲେ ଏହାର ବିକ୍ରମ ଆଉ ଅଛପା ରହୁନାହିଁ । ସମସ୍ତ ପ୍ରକାର କଳା କଉଶଳର କାରନାମାରେ ଆମର ଏଇ ସର୍ବଗ୍ରାସୀ ଓ ସର୍ବନାଶୀ ସାମନ୍ତମାନେ ଏଇ ବିଭାଜନର ବିଭ୍ରାନ୍ତି ସୃଷ୍ଟି କରି ଭାରତର ମହାର୍ଘ ମହାନତାକୁ ଧ୍ୱଂସ ଆଡ଼କୁ ଠେଲିନେଇ ସାରିଲେଣି । ଏପରି ଅସମ୍ଭାଳ, ଅଶାଳୀନ ଏବଂ ଅପ୍ରତିହତ ଅହଂକାରକୁ ଭାରତୀୟମାନେ କଦାପି ସ୍ୱୀକାର କରିବେ ନାହିଁ କି ସହି ନେବେ ନାହିଁ । ବାରମ୍ବାର ପ୍ରତିହତ ହୋଇ ବି ସେମାନଙ୍କର ବିବେକ ନାମକ ନିର୍ଣ୍ଣାୟକ ସାମର୍ଥ୍ୟ ଓ ସଦ୍‌ଗତିକୁ ପ୍ରୟୋଗ କରିବାକୁ କୁଣ୍ଠାବୋଧ କରିବେ ନାହିଁ ।

ଭଦ୍ରକ
ମୋ–୮୦୧୮୦୮୭୮୩୧

# ଶ୍ରାଦ୍ଧ ଦିବସରେ ଡାକ୍ତର ସନାତନଙ୍କୁ ଶ୍ରଦ୍ଧାଞ୍ଜଳି



ଡାକ୍ତର ରବି ରଂଜନ ସାହୁ

ଥରେ ଢ଼େଙ୍କାନାଳର ରନ୍ତଲେଇଠାରେ ଜଣେ ବାବା ହୁକୁମ ଦେଉଥାନ୍ତି । ବହୁ ଦୂର ଦୂରାନ୍ତରୁ ଲୋକେ ବାବାଙ୍କ ପାଖକୁ ସେମାନଙ୍କର ସମସ୍ୟା ନେଇ ଆସୁଥାନ୍ତି । ଧୀରେ ଧୀରେ ବାବାଙ୍କର ପ୍ରତିଷ୍ଠା ହେଲା । ବାବା ତ୍ରିକାଳଦର୍ଶୀ, ସବୁ ସମସ୍ୟାର ସମାଧାନ କରିପାରୁଛନ୍ତି । ସାରା ଓଡ଼ିଶାରୁ ଲୋକେ ଛୁଟିଲେ ରନ୍ତଲେଇ । ଓଡ଼ିଶା ବାହାରୁ ଛତିଶଗଡ଼, ମଧ୍ୟ ପ୍ରଦେଶ, ବିହାର, ପଶ୍ଚିମବଙ୍ଗରୁ ମଧ୍ୟ ଲୋକଙ୍କ ଧାଡ଼ି ଲାଗିଲା । ଲୋକେ ବସ୍ ଟ୍ରେନ୍‌ରେ ଲଦି ହୋଇ ରନ୍ତଲେଇ ପହଞ୍ଚିଲେ । ଏତେ ଲୋକଙ୍କ ଉପସ୍ଥିତି ଯୋଗୁଁ ସେଠାରେ ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେଲା । ଗୋଟିଏ ମାତ୍ର ପୋଖରୀ ଥାଏ । ସେହି ପୋଖରୀରେ ସବୁଲୋକେ ସ୍ନାନ ଶୌଚ ଆଦି କଲେ । ଫଳରେ ହଇଜା ବ୍ୟାପୀଗଲା । ରୋଗରେ ଛଟପଟ ହୋଇ ଲୋକେ ମୃତ୍ୟୁବରଣ କଲେ । ରାସ୍ତାଘାଟରେ ଶହ ଶହ ଶବ ପଡ଼ିଲା । ଶବ ପଡ଼ି ରହି ପରିବେଶ ମଧ୍ୟ ବିଗିଡ଼ିଗଲା । ରାଜ୍ୟ ସରକାର ଏ ପରିସ୍ଥିତିର ସମାଧାନ କରିପାରିଲେ ନାହିଁ । ଲୋକଙ୍କ ବିଶ୍ୱାସକୁ ଆଘାତ ଦେବାକୁ ବାଧା ଥିଲା ଏବଂ ସ୍ୱାସ୍ଥ୍ୟଗତ କାରଣରୁ ରାଜ୍ୟ ଉନ୍ନତ ନ ଥିଲାଓ। ଏପରି ବିଷମ ପରିସ୍ଥିତି ସେଦିନ ଜଣେ କୋମଳମତି ଯୁବକଙ୍କ ମନରେ ପରିବର୍ତ୍ତନ ସୃଷ୍ଟି କରିଥିଲା ।

ସେଦିନର ସେହି ଯୁବକ ଜଣକ ଲୋକଙ୍କ ସେବା କରିବାକୁ, ମୃତ୍ୟୁମୁଖରୁ ଲୋକଙ୍କୁ ବଞ୍ଚାଇବାର ଶପଥ ନେଇଥିଲେ । ରାଜ୍ୟର ସ୍ୱାସ୍ଥ୍ୟ ସେବାରେ ଉନ୍ନତି ଆଣିବାକୁ ଦୃଢ଼ ପ୍ରତିଜ୍ଞ ହୋଇଥିଲେ । ସେ ଦିନର ସେହି ଯୁବକ ଜଣକ ଯିଏ ସୁଶ୍ରୁତ ହେବାକୁ ନିଷ୍ପତ୍ତି ନେଇ ସାରିଥିଲେ ସେ ଆଉ କେହି ନୁହଁନ୍ତି ଆମମାନଙ୍କର ପ୍ରିୟ ଡ଼ାକ୍ତର ପ୍ରଫେସର ସନାତନ ରଥ, ଯାହାଙ୍କ ଜୀବନବ୍ୟାପୀ ସାଧନା ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଓଡ଼ିଶାର ସ୍ଥିତି ବଦଳାଇ ଦେଇଥିଲାବେଳେ ମୃତ୍ୟୁ ମୁଖରେ ପଡ଼ିଥିବା ମଣିଷଠାରେ ଜୀବନର ସମ୍ଭାବନା ସୃଷ୍ଟି କରିପାରିଛି । ଜଣେ କର୍ତ୍ତବ୍ୟନିଷ୍ଠ, କର୍ମଯୋଗୀ, ପରୋପକାରୀ ମଣିଷ, ଯାହାଙ୍କ ଐକାନ୍ତିକ ଉଦ୍ୟମରୁ ଓଡ଼ିଶାରେ ସ୍ନାୟୁଶଲ୍ୟ ଚିକିତ୍ସା କ୍ଷେତ୍ରରେ ବହୁ ଉନ୍ନତି ହୋଇପାରିଥିଲା ଓ ଏହି କାରଣରୁ ସେ ସ୍ନାୟୁ ଶଲ୍ୟ ଚିକିତ୍ସାର ଭୀଷ୍ମ ପିତାମହ ଭାବେ ଖ୍ୟାତି ଲାଭ କରିଛନ୍ତି । ଜଣେ ଭଲ ମଣିଷ ମିଷ୍ଟଭାଷୀ, ଅନେକଙ୍କର ପ୍ରେରଣାର ଉତ୍ସ ଥିଲେ ।

ସ୍ନାୟୁ ସେବା ଛଡ଼ା ସାମାଜିକ, ସାଂସ୍କୃତିକ ତଥା ସାହିତ୍ୟିକ ଜୀବନଧାରା ସହ ସେ ଯୋଡ଼ି ହୋଇ ଯାଇଥିଲେ । କଟକ ସହରର ଐତିହ୍ୟ, ଗାରିମା ଏବଂ ଶ୍ରୀବୃଦ୍ଧିରେ ତାଙ୍କର ଯୋଗଦାନ କିଛି କମ୍ ନ ଥିଲା । ଜଣେ ଆନ୍ତର୍ଜାତିକ ଖ୍ୟାତି ସମ୍ପନ୍ନ ବିଶେଷଜ୍ଞ ଡ଼ାକ୍ତର ସେବା କ୍ଷେତ୍ରକୁ ଯେଉଁ ଦାନ ଦେଇଯାଇଛନ୍ତି ତାହା ଅତୁଳନୀୟ । ଶେଷରେ ନାମ ହିଁ ତାଙ୍କର ପରିଚୟ ହୋଇଯାଇଥିଲା । କୋଟି କୋଟି ଲୋକଙ୍କ ସେବା କରିବାର ସୁଯୋଗ ସେ ପାଇଥିଲେ ଏବଂ ବହୁ ଲୋକଙ୍କୁ ଆରୋଗ୍ୟ କରି ସେମାନଙ୍କ ପାଇଁ ଅନ୍ୟତମ ଈଶ୍ୱର ଭାବେ ପରିଗଣିତ ହୋଇପାରିଥିଲେ । ତାଙ୍କର ସୁନ୍ଦର ବ୍ୟବହାର ଓ ସ୍ୱଚ୍ଛଳ ଭାବଧାରା ଅନ୍ୟମାନଙ୍କୁ ଅଭିଭୂତ କରୁଥିଲା । ସାଧାରଣ ଭାବେ କହିଲେ ସେ ଐତିହାସିକ କଟକ ସହରର ପରିଚୟକୁ ଓଡ଼ିଶା, ଦେଶ ତଥା ଓଡ଼ିଶା ବାହାରେ ପହଞ୍ଚାଇବା ସଂଗେ ସଂଗେ ତାର ଗୌରବ ବଢ଼ାଇବାରେ ଅଶେଷ ଉଦ୍ୟମ କରିଯାଇଛନ୍ତି । ସେହି ଗୌରବଶାଳୀ ବ୍ୟକ୍ତିତ୍ୱ ପ୍ରଫେସର ଡ଼ାକ୍ତର ସନାତନ ରଥଙ୍କର ଜୁନ୍ ୨ ତାରିଖ ୨୦୨୦ରେ, ୮୬ ବର୍ଷ ବୟସରେ ପରଲୋକ ହୋଇଥିଲା । ରାଜ୍ୟ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ବିରାଟ ଶୂନ୍ୟତା ସୃଷ୍ଟି ହୋଇଥିବାବେଳେ ସାଧାରଣ ଜନତା ଆଉ ଜଣେ ଶୁଶ୍ରୁତଙ୍କୁ ହରାଇ ଜୀବନ ଯନ୍ତ୍ରଣାକୁ ନେଇ ମ୍ରିୟମାଣ ହୋଇପଡ଼ିଛନ୍ତି । ସେହି ସୁଶ୍ରୁତଙ୍କ ପାଇଁ ଯେତେ ଦୁଃଖପ୍ରକାଶ, ଶୋକ ପ୍ରାର୍ଥନା କଲେ ସେତେ କମ୍ ହେବ ।

୧୯୩୪ ମସିହାରେ କଟକ ଜିଲ୍ଲାର ନରସିଂହପୁର ଅନ୍ତର୍ଗତ ଆତଣ୍ଡା ଗ୍ରାମରେ ସନାତନ ରଥ ଜନ୍ମଗ୍ରହଣ କରିଥିଲେ । ଗାଁରେ ତାଙ୍କର ବାଲ୍ୟଶିକ୍ଷା ପରେ ଚିନ୍ତିତ ଥିଲେ ସନାତନଙ୍କ ପିତାମାତା । ସେହିବର୍ଷ ନରସିଂହପୁରଠାରେ ଏକ ହାଇସ୍କୁଲ ପ୍ରତିଷ୍ଠା ହେଲା ଫଳରେ ସେ ସେଠାରେ ପାଠ ପଢ଼ିବାର ସୁଯୋଗ ପାଇଲେ ସନାତନ । ଯଦି ନରସିଂହପୁରଠାରେ ହାଇସ୍କୁଲ ହୋଇ ନ ଥାନ୍ତା ଓ ସେ ସେଠାରେ ପାଠ ପଢ଼ିବାର ସୁଯୋଗ ପାଇ ନ ଥାନ୍ତେ ତେବେ ସେ ଆଜି ଯେଉଁଠି ପହଞ୍ଚି ପାରିଛନ୍ତି ସେଠାରେ ପହଞ୍ଚପାରି ନ ଥାନ୍ତେ କି ଜନଜୀବନରେ ଜଣେ ଆଦର୍ଶ ସେବକ ହୋଇପାରି ନ ଥାନ୍ତେ । ଜୀବନର ପୂର୍ଣ୍ଣତା ପାଇଁ ଶିକ୍ଷା ଜରୁରୀ । ଏହି ଶିକ୍ଷା ପ୍ରତ୍ୟେକ ବ୍ୟକ୍ତି ପାଇବା ଆବଶ୍ୟକ । ଶିକ୍ଷା ଦ୍ୱାରା ମଣିଷର ବିଚାରଶକ୍ତି ପରିପକ୍ୱ ହେବା ସହିତ ତାକୁ ଉତ୍ତରୋତ୍ତର ଉନ୍ନତି ଦିଗରେ ଆଗେଇ ନେଇଥାଏ ।

ବାଲ୍ୟକାଳରେ ଉପଯୁକ୍ତ ଶିକ୍ଷା ଲାଭରୁ ବଞ୍ଚିତ ହୋଇ ଅନେକ ବିପଥଗାମୀ ହେବା ଅସମ୍ଭବ ନୁହେଁ । ମାତ୍ର ତାଙ୍କ ଜୀବନରେ ଶିକ୍ଷା ତାଙ୍କୁ ଆଗକୁ ଆଗେଇବାରେ ସହଯୋଗ କରିଥିଲା ବୋଲି ସେ କହିଛନ୍ତି । ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ନିଜକୁ ସମର୍ପିତ ଭାବେ କାମ କରିବାର ପ୍ରେରଣା ତାଙ୍କୁ ଗାଁରୁ ଏବଂ ଗ୍ରାମବାସୀଙ୍କର ସ୍ନେହ ସଦିଚ୍ଛାରୁ ମିଳିଥିଲା । ସେ ୧୯୫୭ ମସିହାରେ କଟକ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜରୁ ଏମ୍.ବି.ବି.ଏସ୍ ପାସ୍ କରିବା ପରେ ୧୯୬୨ ମସିହାରେ ପାଟନା ବିଶ୍ୱବିଦ୍ୟାଳୟରୁ ଶଲ୍ୟ ଚିକିତ୍ସକ ଭାବେ ଏମ୍.ଏସ୍ ଏବଂ ୧୯୬୫ ମସିହାରେ ଭେଲୋରରୁ ସ୍ନାୟୁଶଲ୍ୟ ଚିକିତ୍ସାରେ ଡ଼ିଗ୍ରୀ ହାସଲ କରିଥିଲେ । ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜର ସର୍ଜରୀ ବିଭାଗର ସହକାରୀ ପ୍ରଫେସର ଭାବେ ବୃତ୍ତିଗତ ଜୀବନ ଆରମ୍ଭ କରି ସେଠାରେ ସେବା କ୍ଷେତ୍ରକୁ ସଂପ୍ରସାରଣ କରିବା ଏବଂ ସାଧାରଣ ଲୋକେ ଯେପରି ସ୍ୱାସ୍ଥ୍ୟ ସେବାରୁ ବଞ୍ଚିତ ନ ହୁଅନ୍ତି ତାର ବ୍ୟବସ୍ଥା କଲେ । ***ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜରେ ସ୍ୱତନ୍ତ୍ର ଭାବେ ନ୍ୟୁରୋ ସର୍ଜରୀ ଚିକିତ୍ସା ଓ ଶିକ୍ଷାର ଶୁଭାରମ୍ଭ କରାଇଥିଲେ । ୧୯୮୧ ମସିହାରେ ସେ ସ୍ନାୟୁଶଲ୍ୟ ଚିକିତ୍ସାରେ ଉନ୍ନତି ପାଇଁ ସିଟି ସ୍କାନ ମେସିନ୍ ବ୍ୟବହାର କରାଇଥିଲେ । ଅନେକ ଗୁରୁତ୍ୱପୂର୍ଣ୍ଣ ସ୍ୱାସ୍ଥ୍ୟ ସମସ୍ୟାର ସେ ସଫଳ ଚିକିତ୍ସା କରାଇ ରାଜ୍ୟ ତଥା ଦେଶରେ ଖ୍ୟାତି ଲାଭ କରିଥିଲେ । ଦେଶ ତଥା ବିଦେଶରେ ଅୟୋଜିତ ଅନେକ ସ୍ୱାସ୍ଥ୍ୟ ସଂକ୍ରାନ୍ତୀୟ ସେମିନାରରେ ଭାଗ ନେଇ ତାଙ୍କର ଜ୍ଞାନ ତଥା ଗବେଷଣାଲବ୍ଧ ଉପଲବ୍ଧିକୁ ପ୍ରକାଶ କରି ସମ୍ମାନିତ ହୋଇଥିଲେ । ସ୍ନାୟୁଶଲ୍ୟ ଚିକିତ୍ସା କ୍ଷେତ୍ରରେ ଓଡ଼ିଶାକୁ ଆଗକୁ ନେବାରେ ତାଙ୍କର ଅବଦାନକୁ କେହି ଅସ୍ୱୀକାର କରିପାରିବେ ନାହିଁ । ପରେ ସେ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜର ଅଧ୍ୟକ୍ଷ ତଥା ୧୯୯୧–୯୨ ପର୍ଯ୍ୟନ୍ତ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରି ସରକାରୀ ଚାକିରିରୁ ଅବସର ନେଇଥିଲେ ।***

ଚିକିତ୍ସା ବିଭାଗର ବହୁ ଗୁରୁତ୍ୱପୂର୍ଣ୍ଣ ପଦ ଅଳଙ୍କୃତ କରି ଏବଂ ଦକ୍ଷତାର ସହିତ ଦାୟିତ୍ୱ ତୁଲାଇ ସେ ଜଣେ ସଫଳ ବିଶେଷଜ୍ଞ ଭାବେ ପ୍ରତିଷ୍ଠିତ ହେଲେ । ଏଥି ସହିତ ୧୯୯୪ରୁ ନ୍ୟାସନାଲ ନ୍ୟୁରୋଲିଜିକାଲ ସୋସାଇଟି ଅଫ୍ ଇଣ୍ଡିଆର ସଭାପତି ଓ ଓଡ଼ିଶା କ୍ୟାନସର ଫାଉଣ୍ଡେସନ ଟ୍ରଷ୍ଟର ସଭାପତି ଭାବେ ସେ କାର୍ଯ୍ୟ କରିଯାଇଛନ୍ତି । ସରକାରୀ ବୃତ୍ତିଗତ ଜୀବନରୁ ଅବ୍ୟାହତ ନେଇଥିଲେ ମଧ୍ୟ ସେ ମାନବ ସେବାରୁ ଦୂରେଇ ଯାଇ ନ ଥିଲେ । କଟକଠାରେ ଏକ ଘରୋଇ ଡାକ୍ତରଖାନାର ବରିଷ୍ଠ ନ୍ୟୁରୋ ସର୍ଜନ ବିଶେଷଜ୍ଞ ତଥା ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରୁଥିଲେ । ପରିଣତ ବୟସରେ ମଧ୍ୟ ତାଙ୍କର ଏହି ସେବା କାର୍ଯ୍ୟ ଜାରି ରହିଥିଲା । ମୃତ୍ୟୁର କିଛି ଦିନ ପୂର୍ବରୁ ସେ ରୋଗ ଯନ୍ତ୍ରଣାର ଶିକାର ହୋଇ ଚିକିତ୍ସିତ ହୋଇଥିଲେ ।

ଜଣେ ଲୋକପ୍ରିୟ ଚିକିତ୍ସକ ଜନଜୀବନରେ ତାଙ୍କର ଉତ୍ତମ ସେବା ପାଇଁ ସମ୍ମାନ ଲାଭ କରିଥିଲାବେଳେ ସ୍ୱାସ୍ଥ୍ୟ ଶିକ୍ଷା ଦିଗରେ ତାଙ୍କର ଅବଦାନ ପରିଚିତ । ବିଭିନ୍ନ ଦେଶରେ ସ୍ୱାସ୍ଥ୍ୟ ସେମିନାରରେ ଭାଗ ନେବା ତଥା ନିଜର ଅଭିଜ୍ଞତାକୁ ପ୍ରକାଶ କରିବା ସହିତ ସ୍ନାୟୁଶଲ୍ୟ ଚିକିତ୍ସା କ୍ଷେତ୍ରରେ ବିଶ୍ୱକୁ ଦିଗ୍‌ଦର୍ଶନ ଦେଇଥିଲେ । ତାହାର ସଫଳ ପ୍ରୟୋଗ ମଧ୍ୟ ସେ ଓଡ଼ିଶାରେ କରାଇଥିଲେ । ଡ଼ାକ୍ତର ସନାତନ ରଥ ଶତାଧିକ ପ୍ରବନ୍ଧ ରଚନା କରି ସ୍ନାୟୁଶଲ୍ୟ ଚିକିତ୍ସା ସମ୍ବନ୍ଧୀୟ ଅନେକ ଜଟିଳ ତତ୍ତ୍ୱର ସରଳ ଉପସ୍ଥାପନ କରିଛନ୍ତି । ଏହି ପ୍ରବନ୍ଧଗୁଡ଼ିକ ତାଙ୍କର ପ୍ରଜ୍ଞା ଓ ସାଧନାର ପ୍ରତିପ୍ରକାଶ । ସାଧାରଣ ଲୋକଙ୍କୁ ଶିକ୍ଷିତ କରାଇବା, ରୋଗରୁ ମୁକ୍ତ କରିବା ଏବଂ ମଣିଷ ସମାଜକୁ ବିକାଶ ବାଟରେ ଆଗେଇ ନେବାରେ ତାଙ୍କର ଉଦ୍ୟମ ଏହି କାରଣରୁ ପ୍ରଶଂସନୀୟ ହୋଇପାରିଛି । ତାଙ୍କର ସେବା, ସମର୍ପଣ ଏବଂ ସାଧନା ପାଇଁ ରାଜ୍ୟ, ଦେଶ ତଥା ବିଶ୍ୱରୁ ତାଙ୍କୁ ଅନେକ ସୁଖ୍ୟାତି ମିଳିଛି । ଅନେକ ସାମାଜିକ, ସାଂସ୍କୃତିକ ଅନୁଷ୍ଠାନ ପ୍ରଫେସର ସନାତନ ରଥଙ୍କୁ ସମ୍ମାନିତ କରି ଗୌରବ ଲାଭ କରିଛନ୍ତି । ମାତ୍ର



ସେ ତାଙ୍କର ସେବା ପାଇଁ ଓଡ଼ିଶାରେ ପରିଚିତ ଥିଲେ ଓ ରହିବେ ମଧ୍ୟ ।

ଶ୍ରୀରାମଚନ୍ଦ୍ର ଭଞ୍ଜ ଭେଷଜ ମହାବିଦ୍ୟାଳୟରେ ସେ ଅଧ୍ୟକ୍ଷ ଥିବା ସମୟରେ ଏ ଲେଖକ ଛାତ୍ର ପ୍ରତିନିଧି ଭାବେ ଅନେକ ବାର ତାଙ୍କର ସାହଚର୍ଯ୍ୟ ପାଇଛି । ପରବର୍ତ୍ତୀ ସମୟରେ ବୃତ୍ତିଗତ ଜୀବନରେ ବିଭିନ୍ନ ସାଂସ୍କୃତିକ ମଞ୍ଚରେ ଏକାଠି ହୋଇ କାମ କରିବାର ସୁଯୋଗ ଅନେକ ଥର ମିଳିଛି । ସେ ଥିଲେ ମୋ ପ୍ରେରଣାର ଉତ୍ସ । ତାଙ୍କର ବିୟୋଗ ଅନେକଙ୍କୁ ଦୁଃଖ ଦେଇଛି । ବୃତ୍ତିଗତ ଜୀବନରେ ଥିବା ଏବଂ ଜନସେବାକୁ ପ୍ରାଥମିକତା ଦେଇ ଗୋଷ୍ଠୀଗତ ଜୀବନରେ ତଥା ସମାଜରେ ସେବା କ୍ଷେତ୍ରର ବିକାଶ ପାଇଁ କାର୍ଯ୍ୟ କରୁଥିବା ପ୍ରତ୍ୟେକଙ୍କ ପାଇଁ ତାଙ୍କର ବିୟୋଗ ଏକ ଦାରୁଣ ଦୁଃଖ । ଆମେମାନେ ଆମର ଜଣେ ମୁରବୀଙ୍କୁ ହରାଇଛୁ । ତାଙ୍କର ପରିବାରବର୍ଗଙ୍କୁ ସମବେଦନା ଦେବା, ଶୋକ ପ୍ରକଟ କରିବା ଯେତିକି ପ୍ରୟୋଜନ ସେତିକି ତାଙ୍କର ସେବା କ୍ଷେତ୍ରକୁ ପ୍ରସାରିତ କରିବା ମଧ୍ୟ ଆମର କର୍ତ୍ତବ୍ୟ ।

ଚାନ୍ଦିନୀଚୌକ, କଟକ–୨
ମୋ–୯୪୩୭୩–୧୦୧୭୧

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ନୂଆ କାର୍ଯ୍ୟ...

ଆମର ପ୍ରଗତି ଏବଂ ଆଗାମୀ ଯାତ୍ରା ପ୍ରତି ନୂତନ ପ୍ରତିବଦ୍ଧତାରେ ଏହା କରୁଛୁ । ଉତ୍କର୍ଷ ଓଡ଼ିଶା କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀଙ୍କ ଉପସ୍ଥିତି ସମସ୍ତ ପରିବର୍ତ୍ତନ ଆଣିଛି । ଓଡ଼ିଶାରେ ସେମାନଙ୍କର ଟଙ୍କା ନିବେଶ କରିବାକୁ ନିବେଶକମାନଙ୍କୁ ତାଙ୍କର ଆହ୍ୱାନ ଆମ ପାଇଁ ଅତ୍ୟନ୍ତ ପୁରସ୍କାରଦାୟକ ଥିଲା । ୧୫୦ ରୁ ଅଧିକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା, ଯାହା ୧୬.୭ ଲକ୍ଷ କୋଟି ନିବେଶ ଉଦ୍ଦେଶ୍ୟ ସୃଷ୍ଟି କରିଥିଲା ଏବଂ ୧୨.୯ ଲକ୍ଷରୁ ଅଧିକ ଲୋକଙ୍କ ପାଇଁ ନିଯୁକ୍ତି ସମ୍ଭାବନା ସୃଷ୍ଟି କରିଥିଲା । କେବଳ ଗତ ବର୍ଷ ମଧ୍ୟରେ, ୨୦୬ ଟି ବୃହତ ପ୍ରକଳ୍ପ ମଞ୍ଜୁର ହୋଇଥିଲା, ଯାହା ପୂର୍ବ ପାଞ୍ଚ ବର୍ଷର ହାରାହାରି ତୁଳନାରେ ପ୍ରାୟ ଦୁଇଗୁଣ ଥିଲା । ଏଗୁଡ଼ିକ ପ୍ରତିନିଧିତ୍ୱ କରେ, ୪.୫ ଲକ୍ଷ କୋଟିରୁ ଅଧିକ ମୋଟ ନିବେଶ ମୂଲ୍ୟ ଏବଂ ପ୍ରାୟ ୨.୯ ଲକ୍ଷ ନିଯୁକ୍ତି ସମ୍ଭାବନା ।

ସେ ଆହୁରି କହିଛନ୍ତି, ଉତ୍କର୍ଷ ଓଡ଼ିଶା ଠାରୁ, ୫୬ଟି ପ୍ରକଳ୍ପର ଶିଳାନ୍ୟାସ ଏବଂ ଉଦଘାଟନ ପୂର୍ବରୁ କରାଯାଇଛି, ଯାହାର ମିଳିତ ନିବେଶ ୧.୭୮ ଲକ୍ଷ କୋଟିରୁ ଅଧିକ ଏବଂ ୧.୧ ଲକ୍ଷ ଲୋକଙ୍କ ପାଇଁ ନିଯୁକ୍ତି ସମ୍ଭାବନା ରହିଛି । ଏହି ସଂଖ୍ୟାଗୁଡ଼ିକ କେବଳ ଆମର ଗତି ନୁହେଁ, ବରଂ ପରିମାଣ ଏବଂ ସାରକୁ ପ୍ରତିଫଳିତ କରେ । ଏହି ଅଭିବୃଦ୍ଧି ଖଣି, ଧାତୁ ବିଜ୍ଞାନ ଏବଂ ଧାତୁ ଭଳି ପାରମ୍ପରିକ ଶକ୍ତିଠାରୁ ଆରମ୍ଭ କରି ରାସାୟନିକ, ଖାଦ୍ୟ ପ୍ରକ୍ରିୟାକରଣ, ପୋଷାକ ଏବଂ ବୟନ, ନବୀକରଣୀୟ ଶକ୍ତି ଉପକରଣ, ଇଲେକ୍ଟ୍ରୋନିକ୍ସ ଏବଂ ପର୍ଯ୍ୟଟନରେ ଉଦୀୟମାନ ସୁଯୋଗ ପର୍ଯ୍ୟନ୍ତ ୨୦ଟି ବିବିଧ କ୍ଷେତ୍ରରେ ବିସ୍ତାରିତ ହୋଇଛି ବୋଲି ସେ ଉଲ୍ଲେଖ କରି କହିଛନ୍ତି ଯେ ଓଡ଼ିଶା ଆଉ କେବଳ ଭାରତର ଖଣିଜ ଏବଂ ଧାତୁ କେନ୍ଦ୍ର ନୁହେଁ, ଏହା ଦ୍ରୁତ ଗତିରେ ଏକ ବିବିଧ ଶିଳ୍ପ ଶକ୍ତି କେନ୍ଦ୍ର ହୋଇପାରୁଛି ।

ଅନେକ ଭାବରେ, ସେ ଜାରି ରଖିଛନ୍ତି, ଆମେ ଏହି ଗୋଟିଏ ବର୍ଷରେ ଗତ ପାଞ୍ଚ ବର୍ଷ ଅପେକ୍ଷା ଅଧିକ କାର୍ଯ୍ୟ କରିଛୁ - ନୀରବ, କେନ୍ଦ୍ରିତ ଏବଂ ପ୍ରତିବଦ୍ଧ କାର୍ଯ୍ୟ ମାଧ୍ୟମରେ । ଆଗାମୀ ବର୍ଷକୁ ଅପେକ୍ଷା କରି, ଆମେ ଚାରୋଟି ପ୍ରମୁଖ ପ୍ରାଥମିକତା ଉପରେ ଧ୍ୟାନ ଦେବୁ । ପ୍ରଥମତଃ, ଆମେ ଉଦୀୟମାନ କ୍ଷେତ୍ରଗୁଡ଼ିକୁ ଅନଲକ୍ କରୁଥିବା ନୂତନ ନୀତି ଆଣିବୁ ଏବଂ ବିଶ୍ୱସ୍ତରୀୟ ପ୍ରତିଯୋଗିତା ପ୍ରଦାନ କରିବୁ । ଦ୍ୱିତୀୟତଃ, ଆମେ ଭବିଷ୍ୟତର ଚାହିଦା ପୂରଣ କରିବା ପାଇଁ ଆମର ଭୂମି ବ୍ୟାଙ୍କ ଏବଂ ଶିଳ୍ପ ଭିତ୍ତିଭୂମିକୁ ବିସ୍ତାର କରିବୁଛ ତୃତୀୟତଃ, ଆମେ ଆମର ଏକକ ଓ୍ୱିଣ୍ଡୋ ସିଷ୍ଟମକୁ ପୁନଃନିର୍ମାଣ କରିବୁ, ଏବଂ ଏକ ଆଧୁନିକ, ସମନ୍ୱିତ ପ୍ରକଳ୍ପ ଟ୍ରାକିଂ ପ୍ଲାଟଫର୍ମ ବିକଶିତ କରନ୍ତୁଛ ଚତୁର୍ଥ, ଆମେ ଭାରୀ ନିୟମ ଏବଂ ପ୍ରକ୍ରିୟାଗୁଡ଼ିକୁ ନିୟନ୍ତ୍ରଣମୁକ୍ତ ଏବଂ ସରଳ କରିବା ପାଇଁ କାର୍ଯ୍ୟ କରିବୁ ।ଏହି ପଦକ୍ଷେପଗୁଡ଼ିକ ଦ୍ରୁତ ଅନୁମୋଦନ, ନିର୍ବିଘ୍ନ ସମନ୍ୱୟ ଏବଂ ବାସ୍ତବ-ସମୟ ପ୍ରଗତି ମନିଟରିଂ ସୁନିଶ୍ଚିତ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

ସେ ଆହୁରି କହିଛନ୍ତି ଯେ ଆଗାମୀ ଚାରି ବର୍ଷ ସମୃଦ୍ଧ ଓଡ଼ିଶା ୨୦୩୬ ପାଇଁ ମୂଳଦୁଆ ପକାଇବ । ଆମେ ଆଇସିଓଏଲ ଜେଏସଡବ୍ଲ୍ୟୁ, ଟାଟା ଷ୍ଟିଲ୍, ଏଏମଏନଏସ , ବେଦାନ୍ତ, ହିଣ୍ଡାଲକୋ ଏବଂ ଆଦାନୀ ଭଳି ଅଂଶୀଦାରମାନଙ୍କ ଦୃଢ଼ ସମର୍ଥନ ସହିତ ଖଣି, ଧାତୁ ଏବଂ ସବୁଜ ରାସାୟନିକ କ୍ଷେତ୍ରରେ ଆମର ନେତୃତ୍ୱକୁ ନିର୍ମାଣ କରିବୁ ।ଆମେ ପାରାଦୀପ-ଧାମରା-ଗୋପାଳପୁର ଷ୍ଟ୍ରେଚ୍ ରେ ନୂତନ ଟର୍ମିନାଲ, ଜେଟି ଏବଂ କଣ୍ଟେନର ପରିଚାଳନା କ୍ଷମତା ମାଧ୍ୟମରେ ବନ୍ଦର-ଆଧାରିତ ଶିଳ୍ପାୟନକୁ ମଧ୍ୟ ସୁଦୃଢ଼ କରୁଛୁ । ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀଙ୍କ ନେତୃତ୍ୱରେ, ରାଜ୍ୟ ପୂର୍ବ ଭାରତରେ ଏକ ଦ୍ରୁତ ଅଭିବୃଦ୍ଧିଶୀଳ ଶିଳ୍ପ କେନ୍ଦ୍ର ଭାବରେ ଏକ କ୍ରମାଗତ ନିବେଶ ପଦକ୍ଷେପ ମାଧ୍ୟମରେ ଏହାର ଶିଳ୍ପ ଭୂଦୃଶ୍ୟକୁ ପୁନଃପରିଭାଷିତ କରିବା ପାଇଁ ଏକ ମିଶନ ଆରମ୍ଭ କରିଛି ।

ଏହି ଅବସରରେ, ମନ୍ତ୍ରୀ ଗୋକୁଳା ନନ୍ଦ ମଲ୍ଲିକ, ମନ୍ତ୍ରୀ, ଶିଳ୍ପ ଏବଂ ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ସଚିବ ଅନୁ ଗର୍ଗ, ସମ୍ପଦ ଚନ୍ଦ୍ର ସ୍ୱାଇଁ ଉପସ୍ଥିତ ଥିଲେ । ସ୍ୱାଗତ ଭାଷଣ ଅତିରିକ୍ତ ମୁଖ୍ୟ ସଚିବ (ଶିଳ୍ପ) ହେମନ୍ତ କୁମାର ଶର୍ମା ଦେଇଥିବା ବେଳେ, ଧନ୍ୟବାଦ ଅର୍ପଣ କରିଥିଲେ ଶିଳ୍ପ ବିଭାଗର ନିର୍ଦ୍ଦେଶକ ପ୍ରଶାନ୍ତ କୁମାର ରେଡ୍ଡି ।

## ୩୦ ଜିଲ୍ଲା...

ଭବନ ନିର୍ମାଣ କରିବାକୁ ଯାଉଛନ୍ତି । ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଏହି ସୂଚନା ଦେଇଛନ୍ତି ।ଏହା ଦ୍ୱାରା ରାଜ୍ୟବାସୀ ଉପକୃତ ହେବେ । ଅନେକ ଲୋକ ରାଜଧାନୀକୁ ସ୍ୱାସ୍ଥ୍ୟ ସେବା ପାଇଁ ଆସନ୍ତ । ଏହା ସହ ଶିକ୍ଷା ଲାଭ ତଥା ରାଜ୍ୟ ସରକାରଙ୍କର ଅନ୍ୟାନ୍ୟ ସୁବିଧା ପାଇବା ପାଇଁ ମଧ୍ୟ ଏଠାକୁ ଆସିଥାନ୍ତି । ଏଠି ରହିବା ପାଇଁ ସେମାନେ ହୋଟେଲ୍ କିମ୍ବା ଅନ୍ୟା ଜାଗାରେ ରହିବା ପାଇଁ ଅନେକ ଖର୍ଚ୍ଚାନ୍ତ ହେଉଛନ୍ତି । ତେଣୁ ଲୋକଙ୍କ ସୁବିଧା ପାଇଁ ଗେଷ୍ଟ୍ ହାଉସ ପ୍ରସ୍ତୁତ ହେବ । ଏହାଦ୍ୱାରା ଲୋକ ସୁବିଧାରେ ରହି ନିଜ ଆବଶ୍ୟକୀୟ କାମ କରିପାରିବେ । ପ୍ରତି ଜିଲ୍ଲା ପାଇଁ ୧୦୦ କୋଠାରୀ ବିଶିଷ୍ଟ ଗେଷ୍ଟ୍ ହାଉସ୍ ହେବ । ତେବେ ସରକାରଙ୍କ ନିଷ୍ପତ୍ତି ଅନୁସାରେ ଯଦି ୩୦ ଜିଲ୍ଲା ପାଇଁ ୩୦୦୦ କୋଠରୀ ନିର୍ମାଣ କରାଯିବ, ସେଥିପାଇଁ ବହୁତ ବଡ଼ ସ୍ଥାନ ଦରକାର ପଡ଼ିବ । ଏତେଗୁଡ଼ିଏ କୋଠରୀ ନିର୍ମାଣ କରିବା ପାଇଁ ସରକାର ସହର ଭିତରେ ସ୍ଥାନ ବାହାର କରିବେ ନା ସହର ବାହାରେ କରିବେ ତାହା ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି କରୁଛ । ଯଦି ସହର ବାହାରେ ଅତିଥି ଭବନ ନିର୍ମାଣ କରିବେ, ତା'ହେଲେ ପରିବହନ ବ୍ୟବସ୍ଥା ସଠିକ୍ ହେବା ଦରକାର । ସେହିପରି ସୁରକ୍ଷା ବ୍ୟବସ୍ଥା ଉପରେ ମଧ୍ୟ ଅଧିକ ଗୁରୁତ୍ୱ ଦେବାକୁ ପଡ଼ିବ ।

ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି, ସମସ୍ତ ରାଜସ୍ୱ ସେବା ରହିବ ଗୋଟିଏ ମୋବାଇଲ୍ ଆପରୋ ଉପଲବ୍ଧ ହେବ । ଲୋକେ ଘରେ ବସି ସମସ୍ତ ସୁବିଧା ପାଇପାରିବେ । ଆପ୍ ପ୍ରସ୍ତୁତ ହୋଇ ସାରିଛି, ଖୁବ୍ ଶୀଘ୍ର ଲଞ୍ଚ୍ ହେବ । ଆପ୍ ଦ୍ୱାରା ସେବା କେନ୍ଦ୍ରକୁ ନ ଯାଇ ଘରେ ବସି ସମାଧାନ କରିହେବଛ ଛୋଟ ଛୋଟ କାମ ପାଇଁ ରାଜସ୍ୱ ବିଭାଗକୁ ଦୌଡ଼ିବାକୁ ପଡ଼ିବନି । କାଗଜପତ୍ର ଅନଲାଇନ୍ ଜରିଆରେ ଡାଉନଲୋଡ୍ କରି ହେବ ।

## ରାଜ୍ୟରେ...

ବସି ପାରିଲା ଭଳି ବ୍ୟବସ୍ଥା ରହିବ । ଏତଦ୍ ବ୍ୟତୀତ ଅତ୍ୟାଧୁନିକ ବ୍ୟବସ୍ଥା ରହିବ । ଅନେକଗୁଡ଼ିଏ କାମ ଏବେ କନସେପଟ ଷ୍ଟେଜରେ ଅଛି । ଆଗକୁ ଏହାର କାର୍ଯ୍ୟ ଆରମ୍ଭ କରାଯିବ ।

ସେହିପରି ରାଜ୍ୟରେ ନୂଆକରି ସେକ୍ରେଟେରିଏଟ୍ (ଲୋକସେବା ଭବନ) ଏବଂ ବିଧାନସଭା ନିର୍ମାଣ ହେବ । ଓଡ଼ିଶା ଏକ ବାତ୍ୟା ପ୍ରଭାବିତ ଅଞ୍ଚଳ ହୋଇଥିବାରୁ ଅନେକ ସ୍ଥାନରେ ବାତ୍ୟା ପ୍ରତିରୋଧ ବିଲ୍ଡିଂ ନିର୍ମାଣ ହେବାର ଆବଶ୍ୟକତା ରହିଛି । ତେଣୁ ନୂଆ ପ୍ରୋଜେକଟକୁ ସଠିକ୍ ସମୟରେ ସାରିବାକୁ ସରକାର ଫୋକସରେ ରଖିଛନ୍ତି ବୋଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଛନ୍ତି ।

## ଆମେରିକାରେ...

ଆକ୍ରମଣ କରିଥିଲେ ଏବଂ କିଛି ଅଞ୍ଚଳରେ ଆଇସିଇ ବିରୋଧୀ ଚିତ୍ର ମଧ୍ୟ କରିଥିଲେ । ହ୍ୱାଇଟ୍ ହାଉସ୍ ପ୍ରେସ୍ ସଚିବ କାରୋଲିନ୍ ଲେଭିଟ୍ କହିଛନ୍ତି, ଆମର ଶୂନ୍ୟ ସହନଶୀଳତା ନୀତି ଅଛି, ବିଶେଷକରି ଯେତେବେଳେ ଆଇନ ପ୍ରବର୍ତ୍ତନ ଅଧିକାରୀଙ୍କ ବିରୁଦ୍ଧରେ ହିଂସା ହୁଏ ।

## ବିଦ୍ୟୁତ୍..

ବିଷୟରେ ଅବଗତ କରିବେ । ସରକାରୀ ସହାୟତା ମୃତକଙ୍କ ପରିବାରକୁ ମିଳିବ ବୋଲି ମଧ୍ୟ କହିଛନ୍ତି ।ସିମୁଳିଆ ଥାନା ଅଧୀନରେ ହୋଇଥିବା ୩ମୃତକଙ୍କ ସମ୍ପର୍କୀୟଙ୍କୁ ଭଦ୍ରକ ମେଡିକାଲରେ ଭେଟିଛନ୍ତି ।

## ମହାନଦୀରେ...

ବଡବାପା ଝିଆରୀ ପୁତୁରା , ଓ ଦୁଇ ଝିଆରୀଙ୍କୁ ଉଦ୍ଧାର କରିଥିବା ବେଳେ ଆଉ ଜଣେ ନାବାଳିକା ନିଖୋଜ ହୋଇ ଯାଇଥିଲେ । ଦୁଇ ଜଣ ସାମାନ୍ୟ ସୁସ୍ଥ ହୋଇଥିବା ବେଳେ ଆଉ ଜଣଙ୍କୁ ଗୁରୁତର ଅବସ୍ଥାରେ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଛି । ବାଙ୍କୀ ପୋଲିସ ଘଟଣା ସ୍ଥଳରେ ଅଛନ୍ତି ।ଦିନ ତମାମ ଖୋଜିବା ପାଇଁ ଓଡ୍ରାଫଫ ଟିମ ଅଗ୍ନିଶମ ବିଭାଗ କର୍ମଚାରୀ ଓ ଗ୍ରାମବାସୀମାନେ ବହୁ ଖୋଜା ଖୋଜି ପରେ ସନ୍ଧ୍ୟାରେ ଜାଲରେ ଉଦ୍ଧାର କରି ବାଙ୍କୀ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା ସେଠାରେ ଡ଼ାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ମୃତକ ଜଣକ ଜିଜ୍ଞାସା ବେହେରା ବୋଲି ଜଣାଯାଇଛି ।

## ଗାଜାରେ...

ଥାଇଲ୍ୟାଣ୍ଡର ବୈଦେଶିକ ମନ୍ତ୍ରଣାଳୟ କହିଛି, ଅନ୍ୟ ଦୁଇ ଜଣ ନାଗରିକଙ୍କ ମୃତଦେହ ଏପର୍ଯ୍ୟନ୍ତ ଉଦ୍ଧାର କରାଯାଇ ନାହିଁ । ବନ୍ଦୀ କରାଯାଇଥିବା ବିଦେଶୀଙ୍କ ମଧ୍ୟରେ ଥାଇଲ୍ୟାଣ୍ଡ ନାଗରିକମାନଙ୍କ ଏକ ବଡ଼ ଦଳ ଥିଲେ । ଅନେକ ଥାଇଲ୍ୟାଣ୍ଡ ନାଗରିକ ଦକ୍ଷିଣ ଇସ୍ରାଏଲର କିବୁଟଜିମ୍ ଏବଂ ସହରଗୁଡ଼ିକର ଉପକଣ୍ଠରେ ରହୁଥିଲେ । ସେହି ସବୁ ଅଞ୍ଚଳ ଆକ୍ରମଣର ଶିକାର ହୋଇଥିବା ପ୍ରଥମ ସ୍ଥାନମାନଙ୍କ ମଧ୍ୟରେ ଥିଲା । ବୈଦେଶିକ ମନ୍ତ୍ରଣାଳୟ ଅନୁଯାୟୀ, ଯୁଦ୍ଧ ସମୟରେ ୪୬ ଜଣ ଥାଇଲ୍ୟାଣ୍ଡ ନାଗରିକଙ୍କ ମୃତ୍ୟୁ ହୋଇଛି । ଇସ୍ରାଏଲର ପ୍ରତିରକ୍ଷା ମନ୍ତ୍ରୀ କହିଛନ୍ତି ଯେ, ପିଣ୍ଟାଙ୍କ ମୃତଦେହ ଦକ୍ଷିଣ ଗାଜର ରାଫା ଅଞ୍ଚଳରୁ ଉଦ୍ଧାର କରାଯାଇଛି । ସେନା କହିଛି, ତାଙ୍କୁ ମୁଜାହିଦ୍ଦିନ୍ ବ୍ରିଗେଡ୍ ଦ୍ୱାରା ବନ୍ଦୀ କରାଯାଇଥିଲା । ଏକ ଛୋଟ ସଶସ୍ତ୍ର ଗୋଷ୍ଠୀ ଦୁଇ ଇସ୍ରାଏଲୀ-ଆମେରିକୀୟଙ୍କୁ ବନ୍ଧକ ରଖିବା ସହିତ ଯିହୁଦା ୱେଇନଷ୍ଟାଇନ୍ ଏବଂ ଗାଡ୍ ହାଗାଇଙ୍କୁ ମଧ୍ୟ ବନ୍ଧକ ରଖିଥିଲେ ।

ଇସ୍ରାଏଲୀ ସେନା ପରେ କହିଛି ଯେ, ସେମାନେ ଗାଜା ସହରରେ ମୁଜାହିଦ୍ଦିନ୍ ବ୍ରିଗେଡ୍ର ମୁଖ୍ୟ ଅସ'ଦ ଆବି ସାରିଆଙ୍କୁ ହତ୍ୟା କରିଛନ୍ତି । ଗାଜାରେ ଏବେ ବି ୫୫ ବନ୍ଧକ ଅଛନ୍ତି । ଇସ୍ରାଏଲ କହିଛି, ସେମାନଙ୍କ ମଧ୍ୟରୁ ଅଧାରୁ ଅଧିକ ମୃତ । ଶନିବାର ସନ୍ଧ୍ୟାରେ, ଇସ୍ରାଏଲର ବନ୍ଧକ ପରିବାର ପୁଣି ଏକତ୍ରିତ ହୋଇ ସମସ୍ତଙ୍କୁ ଘରକୁ ଫେରାଇ ଆଣିବା ପାଇଁ ତଥା ଯୁଦ୍ଧବିରତି ଚୁକ୍ତି ଦାବି କରିଥିଲେ । ହମାସ ଆଉ ଜଣେ ବନ୍ଧକ ମାତାନ ଜାଙ୍ଗୌକରଙ୍କ ବିଷୟରେ ଏକ ଚେତାବନୀ ଜାରି କରି କହିଛି, ଇସ୍ରାଏଲୀ ସେନା ତାଙ୍କୁ ବନ୍ଦୀ ଥିବା ଅଞ୍ଚଳକୁ ଘେରି ରହିଛନ୍ତି ଏବଂ ଉଦ୍ଧାର ପ୍ରୟାସ ସମୟରେ ତାଙ୍କର ଯେକୌଣସି କ୍ଷତି ପାଇଁ ଇସ୍ରାଏଲ ଦାୟୀ ରହିବ । ତେବେ ଏନେଇ ଇସ୍ରାଏଲୀ ସେନା କୌଣସି ମନ୍ତବ୍ୟ ଦେଇନାହିଁ ।

# ଜଳ ବିଶୋଧନାଗାର ସ୍ଥାନ ଚିହ୍ନଟକୁ ଗ୍ରାମବାସୀଙ୍କ ବିରୋଧ

ବାରଙ୍ଗ ,(ସବ୍ୟୁ) : ବେଣ୍ଟକାରପଡ଼ା ଗ୍ରାମ ନିକଟ କାଠଯୋଡ଼ି ନଦୀପଠାର ପ୍ଲଟ ନମ୍ବର ୭୮ରେ ରାଜ୍ୟ ସରକାର ପକ୍ଷରୁ ଜଳ ବିଶୋଧନାଗାର ନିର୍ମାଣ ପାଇଁ ଫଳକ ଲଗାଯାଇଥିଲା । ଉକ୍ତ ଜାଗାକୁ ଗତବର୍ଷ ଡିସେମ୍ବରମାସ ୨୬ ତାରିଖ ଦିନ ସଫେଇପାଇଁ ପ୍ରଶାସନିକ ଅଧିକାରୀଙ୍କ ସହିତ କିଛି ଶ୍ରମିକ ପହଞ୍ଚିଥିଲେ । ଖବରପାଇ ବେଣ୍ଟକାରପଡ଼ା ଗ୍ରାମବାସୀ ଘଟଣାସ୍ଥଳରେ ପହଞ୍ଚି ପ୍ରତିବାଦ ଜଣାଇବାରୁ ସଫା କାର୍ଯ୍ୟ ବନ୍ଦ ରହିଥିଲା ।ଗ୍ରାମବାସୀମାନେ ଅଭିଯୋଗରେ ଦର୍ଶାଇଥିଲେଯେ, ଗ୍ରାମର ପିଲାମାନେ ଏହି ସ୍ଥାନକୁ ଖେଳପଡ଼ିଆ ଭାବେ ବ୍ୟବହାର କରୁଛନ୍ତି । ଅବଶିଷ୍ଟାଂଶ ଜାଗାକୁ ଗ୍ରାମ୍ୟଶ୍ମଶାନ ଭାବେ ବ୍ୟବହାର କରାଯାଉଛି । ଏକମାତ୍ର ଶ୍ମଶାନ ହୋଇଥିବାରୁ ବେଣ୍ଟକାରପଡ଼ା ଗ୍ରାମବାସୀଙ୍କ ସମେତ ଆଖପାଖ ଅଂଚଳର ଗ୍ରାମବାସୀ ଶବଦାହ ପାଇ ଏହି ଶ୍ମଶାନ ଉପରେ ନିର୍ଭରକରୁଛନ୍ତି । ଏଠାରେ ବିଶୋଧନାଗାର ନିର୍ମାଣ କରାଗଲେ ପିଲାମାନେ ଖେଳପଡ଼ିଆ ହରାଇବା ସହ ଗ୍ରାମବାସୀମାନେ ଶବସତ୍କାର କରିପାରିବେ ନାହିଁ ।ଏହି ନିଷ୍ପତ୍ତିକୁ ସରକାର ପୁନଃବିଚାର କରନ୍ତୁ ବୋଲି ସେମାନେ ଦାବି ଜଣାଇଥିଲେ । ଗ୍ରାମବାସୀଙ୍କ ବିରୋଧ ଯୋଗୁ ସେ ସମୟରେ ଉକ୍ତ ଜାଗାକୁ ସଫା ନକରି ପ୍ରଶାସନିକ ଅଧିକାରୀମାନେ ଫେରି ଯାଇଥିଲେ ।ଗୁରୁବାର ଅପରାହ୍ନ ସମୟରେ ବାରବାଟିର ପୂର୍ବତନ ବିଧାୟକ ମହମ୍ମଦ ମୋକିମଙ୍କ ନେତୃତ୍ୱରେ ଏକ ଦଳ ବେଣ୍ଟକାରପଡ଼ା ଗ୍ରାମରେ ପହଂଚିଥିଲେଛସେମାନେ ଜଳ ବିଶୋଧନାଗାର ନିର୍ମାଣକୁ କାହିଁକି ବିରୋଧ କରୁଛନ୍ତି ପଚାରି ବୁଝିଥିଲେ ।ଗ୍ରାମବାସୀଙ୍କ ସହ ମୋକିମ ଘଟଣାସ୍ଥଳକୁ ଯାଇ ବୁଲି ଦେଖିଥିଲେ ।ପରେ ଗାଁ ମୁଣ୍ଡରେ ଆୟୋଜିତ ବୈଠକରେ ପୂର୍ବ ଦାବିକୁ ପୁନର୍ବାର ଦୋହରାଇ କ୍ଷୋଭ ପ୍ରକାଶ କରିଥିଲେ । ଏହାସହ ଗ୍ରାମବାସୀଙ୍କ ଦାବି ପ୍ରତି ଗୁରୁତ୍ୱ ଦେଇ ସେମାନଙ୍କୁ ସହଯୋଗ କରିବାକୁ ଅନୁରୋଧ କରିଥିଲେ ।ଏହି ବୈଠକରେ ଗ୍ରାମର ଶତାଧିକ ମହିଳା ପୁରୁଷ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ ।

# ବରିଷ୍ଠ ଶିକ୍ଷକଙ୍କ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ସଭା

କାକଟପୁର (ସବ୍ୟୁ) :କାକଟପୁର ବ୍ଲକ ଅନ୍ତର୍ଗତ ଫୁରୁସିପଡ଼ା ପ୍ରାଥମିକ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ରକ୍ଷକ କୁମାର ସ୍ୱାଇଁଙ୍କର ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଉତ୍ସବ ବିଦ୍ୟାଳୟ ପରିସରରେ ପ୍ରଧାନ ଶିକ୍ଷକ ଅମୀୟ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି ।ଏହି ସଭାରେ କାକଟପୁର ମଣ୍ଡଳ ଶିକ୍ଷା ଅଧିକାରୀ ରବିନ୍ଦ୍ରନାଥ ନନ୍ଦ ମୁଖ୍ୟଅତିଥି ଭାବେ ଯୋଗ ଦେଇ ବିଦାୟୀ ଶିକ୍ଷକଙ୍କ ଶିକ୍ଷା , ସାଂଗଠନିକ ଦକ୍ଷତା ଓ କର୍ମକୁଶଳତାକୁ ପ୍ରଶଂଶା କରିବା ସହ ପିଲାମାନଙ୍କୁ କର୍ମଯୋଗୀ ହେବାପାଇଁ ପରାମର୍ଶ ଦେଇଥିଲେ ।ବିଦାୟି ଶିକ୍ଷକ ଦୀର୍ଘ ୨୦ ବର୍ଷ ଧରି ଏପିଏସ ପ୍ରାଥମିକ ଶିକ୍ଷକ ସଂଘର ସଭାପତି ପଦ ଅଳଙ୍କୃତ କରି ଶିକ୍ଷକ ମହଲରେ ସୁସଂଗଠକ ଭାବେ ସୁନାମ ଅର୍ଜନ କରିଥିଲେ । ମୁଖ୍ୟବକ୍ତା ଭାବେ ମଙ୍ଗଳା ମନ୍ଦିର ଟ୍ରଷ୍ଟ ବୋର୍ଡ଼ କାର୍ଯ୍ୟନିର୍ବାହୀ ଅଧିକାରୀ କୈଳାଶ ଚନ୍ଦ୍ର ଦାଶ, ବିଶିଷ୍ଟ ସମ୍ମାନୀତ ଅତିଥି ଭାବେ ଅବସରପ୍ରାପ୍ତ ମଣ୍ଡଳ ଶିକ୍ଷା ଅଧିକାରୀ ମନ୍ଦର ଧର ମହାନ୍ତି ଓ ସମ୍ମାନୀତ ଅତିଥି ଭାବେ ଏବିଇଓ ବ୍ରହ୍ମାନନ କାଣ୍ଡି, ମଲ୍ଲିକ ଜାକିର ହୁସେନ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବିରଞ୍ଚି ନାରାୟଣ ମହାନ୍ତି,ଏନପିଏସ ଶିକ୍ଷକ ସଂଗଠନ ସଭାପତି ବିଷ୍ଣୁ ଚରଣ ମହାନ୍ତି,ସମାଜସେବୀ ପ୍ରଫୁଲ୍ଲ କୁମାର ବିଶ୍ୱାଳ, ବିଷ୍ଣୁ ଚରଣ ବେହେରା,ଅଧ୍ୟାପକ ଶିବ ପ୍ରସାଦ ବିଶ୍ୱାଳ, ପ୍ରାଥମିକ ଶିକ୍ଷକ ସଂଗଠନ ସମ୍ପାଦକ ମୁନିର ଅହମ୍ମଦ ଖାଁ, ଉପ ସଭାନେତ୍ରୀ ଦୀପ୍ତି କୁମାରୀ ମହାନ୍ତି, ନିମ୍ନ ମାଧ୍ୟମିକ ଶିକ୍ଷକ ସଂଗଠନ ସମ୍ପାଦକ ସଦାଶିବ ସାହୁ, ଫୁରୁସିପଡ଼ା ଉ.ପ୍ରା. ବିଦ୍ୟାଳୟ ପ୍ରଧାନଶିକ୍ଷକ ବାଳକୃଷ୍ଣ ସେନାପତି, ଏନପିଏସ୍ ସଂଗଠନର ସମ୍ପାଦକ ବିଶ୍ୱଜିତ ସ୍ୱାଇଁ, କାର୍ଯ୍ୟକାରୀ ସଭାପତି ହୃଦାନନ୍ଦ ଶାସମଲ, ତ୍ରିଲୋଚନ ବିଶ୍ୱାଳ ଓ ସିଆରସିସି ସଂଗଠନ କୋଷାଧ୍ୟକ୍ଷ ସନ୍ତୋଷ କୁମାର ସାହୁ ଯୋଗଦେଇ ଥିଲେ । ଉକ୍ତ ସଭାରେ ଫୁରୁସିପଦା ଗ୍ରାମବାସୀ, ମହିଳା ଗୋଷ୍ଠୀ ଓ ମୁରବୀମାନଙ୍କ ସହ ବିଦ୍ୟାଳୟର ଛାତ୍ରଛାତ୍ରୀ ଓ ପୁରାତନ ଛାତ୍ରଛାତ୍ରୀମାନେ ବିଦାୟୀ ଶିକ୍ଷକଙ୍କ ଉଦ୍ଦେଶ୍ୟରେ ସ୍ୱାଗତ ଓ ବିଦାୟୀ ସଂଗୀତ ପରିବେଷଣ କରିବା ସହ ଶିକ୍ଷକଙ୍କ ସ୍ମୃତି ଚାଳନା କରିଥିଲେ । ଶେଷରେ ଶିକ୍ଷକଙ୍କୁ ଏକ ବିରାଟ ପଟୁଆରରେ ତାଙ୍କ ଗ୍ରାମ ପାଟପୁର ପର୍ଯ୍ୟନ୍ତ ପାଛୋଟି ନେଇଥିଲେ ।

# ହୃତଘାତରେ ଯୁବ ସାମ୍ବାଦିକଙ୍କ ପରଲୋକ

ନିରାକାରପୁର, (ସବ୍ୟୁ): ହୃଦଘାତରେ ଜଣେ ଯୁବ ସାମ୍ବାଦିକଙ୍କ ପରଲୋକ ଘଟିଛି ।ମୃତ ଯୁବ ସାମ୍ବାଦିକ ତଥା ବଜରଙ୍ଗ ଦଳ କର୍ମକର୍ତ୍ତାଙ୍କ ଜଣଙ୍କ ହେଲେ ସ୍ଥାନୀୟ ଗୋଳବାଇ ଅଞ୍ଚଳର ଦେବଦତ୍ତ ରଥ(୪୦) :ସେ ପୂର୍ବରୁ ପ୍ରଣ୍ଟ ମିଡ଼ିଆରେ କାର୍ଯ୍ୟ କରୁଥିବା ବେଳେ ଏବେ କିନ୍ତୁ କିଛି ଦିନ ହେବ ଏକୟୁଟ୍ୟୁବ ଗଣ ମାଧ୍ୟମରେ କାର୍ଯ୍ୟ କରୁଥିଲେ । ବୁଧବାର ଦିନ ହଠାତ ତାଙ୍କର ଆଜି ଦେହ ଅସୁସ୍ଥ ହୋଇଯିବାରୁ ପରିବାର ତରଫରୁ ତାଙ୍କୁ ଖୋର୍ଦ୍ଧା ସରକାରୀ ହାସପାତାଳକୁ ନିଆ ଯାଇଥିଲା । ହେଲେ ଚିକିତ୍ସାଧୀନ ଅବସ୍ଥାରେ ଡାକ୍ତର ତାଙ୍କର ମୃତ ଘୋଷଣା କରିଥିଲେ ।ସେଠାରୁ ତାଙ୍କୁ ପୁରୀ ନିଆଯାଇ ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଅନ୍ତିମ ସତ୍କାର କରାଯାଇଥିଲା । ସେ ଖାଲି ନିଜ ଗ୍ରାମ ଗୋଳବାଇ ନୁହେଁ ସ୍ଥାନୀୟ ଅଞ୍ଚଳ ମାନଙ୍କରେ ଜଣେ ନିର୍ଭିକ ଓ ସଚୋଟ ସାମ୍ବାଦିକ ଭାବେ ସୁପରିଚିତ ଥିଲେ ।

**AFFIDAVIT**

By virtue of an affidavit sworn before Notary Public BHUBANESWAR, dated 07/06/2025, SHRUTIREKHA MOHANTA Address AT- SILDA, PO-PATPUR, PS- MURUDA, DIST- MAYURBHANJ, PIN-757018, ODISHA declare that I have changed my name from SHRUTI REKHA MOHANTY to SHRUTIREKHA MOHANTA Henceforth, I shall be known as SHRUTIREKHA MOHANTA for all purposes.

(SHRUTIREKHA MOHANTA)

# ବିଶ୍ୱ ପରିବେଶ ଦିବସ ପାଳିତ

ବୋଲଗଡ,(ସବ୍ୟୁ) : ଗୁରୁବାର ବେଗୁନିଆ ସଦରମହକୁମା ସ୍ଥିତ ସାହିତ୍ୟାନୁଷ୍ଠାନ ଶ୍ୱେତପଦ୍ମା ସାହିତ୍ୟ ଓ ସେବା ଅନୁଷ୍ଠାନ ଆନୁକୂଲ୍ୟରେ ବିଶ୍ୱ ପରିବେଶ ଦିବସ ପାଳନ ହୋଇଯାଇଛି ।ଏହି ଅବସରରେ ବେଗୁନିଆ ବ୍ଲକ ଏଲେକପ୍ରି ଷ୍ଟକଟରେ ନିକଟବର୍ତ୍ତୀ ଶ୍ୱେତପଦ୍ମା ସାହିତ୍ୟ ଅନୁଷ୍ଠାନର ପରିସରରେ ବିଭିନ୍ନ କିସମର ଚାରାରୋପଣ କରାଯାଇଥିଲା । ପରେ ଶ୍ୱେତପଦ୍ମା ସଭା ଗୃହରେ ସଭାପତି ଭାଗୀରଥି ପରିଡ଼ାଙ୍କ ଅଧ୍ୟକ୍ଷତାରେ ' ବୃକ୍ଷ ଆମର ବନ୍ଧୁ ' ଶୀର୍ଷକ କବିତା ପାଠ ଓ ଆଲୋଚନ ଚକ୍ର ଅନୁଷ୍ଠିତ ହୋଇଥିଲା ।ପ୍ରାରମ୍ଭରେ ଅନୁଷ୍ଠାନର ସମ୍ପାଦିକା ସୁଶ୍ରୀ ପ୍ରତିମା ପ୍ରଧାନ ବୃକ୍ଷ ବଞ୍ଚିଲେ ଜୀବନ ବଞ୍ଚେ ଆସ ଆମେ ଗୋଟିଏ ଗୋଟିଏ ଗଛ ଲଗାଇବା ବୋଲି ଆହ୍ୱାନ ଦେଇଥିଲେ ଏବଂ ପରିବେଶ ସଚେତନତା ପାଇଁ ଅନୁଷ୍ଠାନର କର୍ମକର୍ତ୍ତାମାନେ ଶପଥ ପାଠ କରିଥିଲେ । କାଶୀନାଥ ପଟ୍ଟନାୟକଙ୍କ ସଂଯୋଜନାରେ ଆୟୋଜିତ କବିତା ପାଠୋତ୍ସବରେ କବି ରାମଚନ୍ଦ୍ର ସାହୁ,ଲକ୍ଷ୍ମୀଧର ମହାରଣା, ବିଭୂଚନ୍ଦ୍ର ଦାସ, କବିତା ରାଉତ, ଶୁଭଲକ୍ଷ୍ମୀ ପ୍ରଧାନ, ଶ୍ରୀକୁମାର ସାହୁ, ଶ୍ରୀକାନ୍ତ କୁମାର ଦାସ ଓ ପିତାମ୍ବର ବେହେରା ଇତ୍ୟାଦି ଯୋଗଦାନ କରିଥିଲେ । ଶେଷରେ ଗାୟକ ପ୍ରଦୀପ କିଶୋର ତ୍ରିପାଠୀ ଉଦଯାପନୀ ସଙ୍ଗୀତ ଗାନ କରିଥିଲା ବେଳେ ଅନୁଷ୍ଠାନର କୋଷାଧ୍ୟକ୍ଷ ସୋମନାଥ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ମା'ଉଗ୍ରତାରାଙ୍କ ହୁଣ୍ଡିରୁ ମିଳିଲା ୪ . ୮୨ ଲକ୍ଷ

ନିରାକାରପୁର,(ସବ୍ୟୁ): ଓଡ଼ିଶାର ଅନ୍ୟତମ ପ୍ରସିଦ୍ଧ ତନ୍ତ୍ର ପୀଠ ଟାଙ୍ଗୀ ବ୍ଲକ ଅଧିନସ୍ଥ ଭୁଷଣ୍ଡପୁର ମୁଲିଝରଗଡ ସ୍ଥିତ ମା 'ଉଗ୍ରତାରାଙ୍କ ମନ୍ଦିର ହୁଣ୍ଡିରୁ ମିଳିଲା ୪ ଲକ୍ଷ ୮୨ ହଜାର ୨୯୦ ଟଙ୍କା ମିଳିଥିବା ଜଣାପଡିଛି। ଏହି ଠାକୁରାଣୀଙ୍କ ପୀଠକୁ ପ୍ରତ୍ୟେକ ଦିନ ବହୁ ସଂଖ୍ୟକ ଭକ୍ତ ସେମାନଙ୍କ ମାନସିକ ପୂରଣ କରିବା ପାଇଁ ବିର୍ଭିଣ୍ଣ ପୂଜା ଓ ଚଣ୍ଡୀ ପାଠ ପୂଜା ଇତ୍ୟାଦି କରି ମା 'ଙ୍କ ଆଶୀର୍ବାଦ କାମନା କରିଥାନ୍ତି । ସ୍ୱେଚ୍ଛାକୃତ ଭାବେ ପୀଠ ର ଉର୍ଣ୍ଣତି ପାଇଁ ଦାନ ମନ୍ଦିର ହୁଣ୍ଡିରେ ପକାଇ ଥାନ୍ତିଛ ଶୁକ୍ରବାର ଦିନ ଟାଙ୍ଗୀ ତହସିଲଦାର ନିଷ୍ଠା ମହାପାତ୍ର, ସାନ ରାଉତପଡା ସରପଞ୍ଚ କିଶୋର କୁମାର ରାଉତରାୟ, ଭୁଷଣ୍ଡପୁର ଫାଣ୍ଡି ପୁଲିସ ଙ୍କ ସମେତ ମନ୍ଦିର ପରିଚାଳନା କମିଟି ଓ କର୍ମଚାରୀଙ୍କ ଉପସ୍ଥିତିରେ ଏହି ଗଣତି କରାଯାଇଥିବା ଜଣାପଡିଛ ।

# ବ୍ଲକସ୍ତରୀୟ ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା

ଦଶପଲ୍ଲା,(ସବ୍ୟୁ) : ଦଶପଲ୍ଲା ବ୍ଲକ ସ୍ତରୀୟ ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା ଶୁକ୍ରବାର ଦିନ ଅନୁଷ୍ଠିତ ହୋଇ ଯାଇଛି । ବିଡ଼ିଓ ଭୁବନା ନନ୍ଦ ପଟନାୟକଙ୍କ ତତ୍ୱାବଧାନରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ଦଶପଲ୍ଲା ବ୍ଲକର ବିଭିନ୍ନ ପଞ୍ଚାୟତରୁ ୧୬ ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଅଂଶ ଗ୍ରହଣ କରିଥିବା ବେଳେ ଦଶପଲ୍ଲା ଏନ ଏ ସି ମଧ୍ୟରୁ ଦୁଇ ଗୋଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଅଂଶ ଗ୍ରହଣ କରିଥିଲେ ।ଏହି ପ୍ରତିଯୋଗୀତା ମୁଖ୍ୟତଃ ପାରମ୍ପରିକ ପିଠା ଓ ମିଠା ଏବଂ ସ୍ନାସ୍କ ଉପରେ ପ୍ରତିଯୋଗିତା ହୋଇଥିଲା । ଏଥିରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ପକ୍ଷରୁ ନିର୍ମିତ ପିଠା,ମିଠା ଓ ସ୍ନାସ୍କ ପ୍ରଦର୍ଶିତ କରାଯାଇଥିଲା ।ଏହି ପ୍ରତି ଯୋଗୀତାରେ ଡିହଗାଁ ପଂଚାୟତ ର ମା ଗୃହ ଲକ୍ଷ୍ମୀ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ପ୍ରଥମ ହୋଇଥିବା ବେଳେ ଘୁଗୁଡିପଡା ପଞ୍ଚାୟତ ଶରଧାପୁରର ମା ଗ୍ରାମଦେବତୀ ମହିଳା ଗୋଷ୍ଠି ଦ୍ୱିତୀୟ ହୋଇଛି । ଉଭୟ ପ୍ରଥମ ଓ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଜିଲ୍ଲା ସ୍ତରୀୟ ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବେ । ପ୍ରତିଯୋଗିତାର ପ୍ରାରମ୍ଭିକ ସଭାରେ ବିଡ଼ିଓ ଭୁବନା ନନ୍ଦ ପଟନାୟକ , ସିଡିପିଓ ସଂଯୁକ୍ତା ସାମଲ, ବିପିଏମ ପ୍ରମୋଦ ବେହେରା, ସାଂସଦ ପ୍ରତିନିଧି ଅଞ୍ଜନ ଦାସ, କିଶୋର ଦଳାବେହେରା,କେପିଡ଼ି ମହିଳା ମହାବିଦ୍ୟାଳୟ ଅଧ୍ୟକ୍ଷା ପୁର୍ନମାସି ଦେବୀ, ପଞ୍ଚାୟତ ସମିତି ଅଧ୍ୟକ୍ଷା ସୁନନ୍ଦା ସାହୁ, ଏନଏସି ଅଧ୍ୟକ୍ଷା ଙ୍ଗ ପୁନମ ପ୍ରିୟଦର୍ଶନୀ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିବା ବେଳେ ଏଥିରେ ବହୁ ମହିଳା ଯୋଗ ଦେଇଥିଲେ ।

# ବନ୍ତବ୍ଲକରେ ୯ ଜେଇ ସମ୍ଭାଳୁଛନ୍ତି ୨୫ ପଞ୍ଚାୟତ

ଆଗରପଡ଼ା, (ସବ୍ୟୁ) : ସରକାରଙ୍କ ଘୋଷଣା ଅନୁଯାୟୀ ପ୍ରତି ପଞ୍ଚାୟତରେ ଜଣେ କାର୍ଯ୍ୟନିର୍ବାହୀ ଅଧିକାରୀ,ଜଣେ ଗ୍ରାମ୍ୟ ରୋଜଗାର ସେବକ ଏବଂ ଜଣେ କନିଷ୍ଠ ଯନ୍ତ୍ରୀ ରହିବାର ନିୟମ ରହିଛି କିନ୍ତୁ ବନ୍ତ ବ୍ଲକରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି ଯାହା ଫଳରେ ଉନ୍ନୟନ ମୂଳକ କାର୍ଯ୍ୟର ସଫଳତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଏହି ବ୍ଲକରେ ୨୫ଟି ପଞ୍ଚାୟତ ପାଇଁ ୯ ଜଣ କନିଷ୍ଠ ଯନ୍ତ୍ରୀ କାର୍ଯ୍ୟ କରୁଛନ୍ତି । ୯ ଜଣ କନିଷ୍ଠଯନ୍ତ୍ରୀଙ୍କ ମଧ୍ୟରୁ ୬ଜଣ ମଧ୍ୟ ମହିଳା । ସୂଚନା ଅନୁଯାୟୀ,କନିଷ୍ଠଯନ୍ତ୍ରୀ ସୁପ୍ରଭା ପ୍ରଧାନଙ୍କୁ ବସନ୍ତିଆ,ଗଣିଜାଙ୍ଗ ଓ ଓଡ଼ଙ୍ଗ,ପ୍ରଜ୍ଞା ପରମିତା ମହାନ୍ତିଙ୍କୁ ପୁରୁଷ,,,ଅଣିଜୋ, ଗୋପିନାଥପୁର, ଅସୀମା ନାୟକଙ୍କୁ ଚାରିଗାଁ,ବଡ଼ମହିଁଷଗୋଠ,ମହାନ୍ତିପଡ଼ା,ପ୍ରିୟଙ୍କା ପ୍ରିୟଦର୍ଶନୀ ସେଠୀଙ୍କୁ ବିଟିପୁର,କାଦବରାଙ୍ଗ,ନିଳୋକ,ପ୍ରଜ୍ଞା ପରମିତା ସେଠୀଙ୍କୁ ପଧାନପଡ଼ା,ସେଣ୍ଡତିରା,ରୂପଶ୍ରୀ ଘଡ଼େଇଙ୍କୁ ରାମକୃଷ୍ଣପୁର,ଆଡ଼ିଆ ଓ ଟିଲୋ, ଅମର ଜ୍ୟୋତି ଦିପକ କୁମାର ଜେନାଙ୍କୁ ଗୋବିନ୍ଦପୁର,ବନ୍ତ,ରାମପୁର,ଅନିରୁଦ୍ଧ ବିଶ୍ୱାଳଙ୍କୁ ତୋଡ଼ଗାଁ,କେନ୍ଦୁଆପଦା,ଛୟାଳସିଂହ ଏବଂ ପ୍ରଦିପ ପରିଡ଼ାଙ୍କୁ ବଡ଼ବର୍ଚ୍ଚିକୟାଁ ଏବଂ ରାମଚନ୍ଦ୍ରପୁର ପଞ୍ଚାୟତର ଦାୟୀତ୍ୱ ପ୍ରଦାନ କରାଯାଇଥିବାବେଳେ ବ୍ଲକର ଏକମାତ୍ର ବୈଷୟିକ ପରାମର୍ଶଦାତା ଜଗନ୍ନାଥ ବିଶ୍ୱାଳଙ୍କ ଧାମନଗର ବ୍ଲକକୁ ବଦଳି ହୋଇଥିବା ବେଳେ ତିହିଡ଼ି ବ୍ଲକ ଦାୟିତ୍ୱରେ ଥିବା ବୈଷୟିକ ପରାମର୍ଶ ଦାତାକୁ ବନ୍ତ ବ୍ଲକର ଦାୟୀତ୍ୱ ପ୍ରଦାନ କରାଯାଇଥିବାର ଜଣାପଡ଼ିଛି । କନିଷ୍ଠ ଯନ୍ତ୍ରୀଙ୍କ ଅଭାବ ଯୋଗୁଁ ବ୍ଲକର ଉନ୍ନୟନମୂଳକ କାର୍ଯ୍ୟର ସଫଳତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।

email- serwsbd2003@yahoo.com

O- 249

GOVERNMENT OF ODISHA
OFFICE OF THE CHIEF CONSTRUCTION ENGINEER
RURAL WORKS CIRCLE, SUNABEDA

e-Procurement Notice for Road with Bridge Works

1 Name of the work : Construction of Road with Bridge Works - (07 Nos)
2 Class of contractor : 'B', "A', Special Class of (Odisha PWD) or relevant class of other licensing authority.
3 Estimated Cost : Various from Rs.271.67 Lakhs to Rs.1606.08 Lakhs (Approximately)
4 Details projects as per Annexure attached. :

| Procurement Officer | Bid Identification No. | Availability of Tender online for bidding | | Last Date & Time of seeking tender clarification | Date & Time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bids |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Sunabeda | CCERWCSBD – Online – 04/2025-26 | 09.06.2025 at 11.00 A.M. | 01.07.2025 up to 5.00 P.M. | 30.06.2025 up to 2.00 P.M. | 02.07.2025 at 10.00 A.M. | To be intimated separately |

5. The details of works can be seen from the web site https://www.tendersodisha.gov.in
6. Any Corrigendum/Addendum will be displayed in the above etender web site.

OIPR: 25182/11/0061/2526 Sd/- Chief Construction Engineer, Rural Works Circle, Sunabeda

A- 266

GOVT. OF ODISHA, e- PROCUREMENT NOTICE
DEPARTMENT OF WATER RESOURCES
E-PROCUREMENT NOTICE
E-mail: eessdivision@gmail.com.
BID IDENTIFICATION NO- 02/2025-26

1. The Executive Engineer, Support Services Division, Bhubaneswar ,on behalf of Govt. of Odisha invites bid in Single Cover system in ONLINE MODE from eligible manpower service provider as detailed below:
2. Number of Works : 2 Nos
3. Date & Time of availability of Bid Documents in the Portal : 10.06.2025 to 18.06.2025 up to 04.00 PM
4. Last Date & Time of Online Bidding : 18.06.2025 up to 04.00 PM
5. Date & Time of Opening of Online Bid : 18.06.2025 at 05.00 PM
6. The Bidders have to participate in ONLINE bidding only. Further details can be seen from the website: **https://tenderodisha.gov.in.** Any addendum/ corrigendum/ cancellation of tender can also be seen in the said site.

| Sl No | Name of Work | Bid Identification No. | Cost of Work in Lakhs of Rupees | Paper Cost (in Rs.) | E.M.D. in Rupees (1%) | Period | Class of Contract or |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 01 | Sweeping, cleaning and sanitation to the Secha Sadan Building premises and Annual Maintenance of Garden and Lawn of the Secha Sadan Complex, Bhubaneswar, Odisha for the period of 01.07.2025 to 29.03.2026 | EE, SSD 02(1)/25-26 | 23.53 | 6,000.00 | 23,600.00 | 9Months | Human Resources Supply |
| 02 | Sweeping, cleaning and Sanitation to the HP Administrative Building(including inside & outside of premises) at Delta Square, Bhubaneswar, Odisha for the period of 01.07.2025 to 29.03.2026 | EE, SSD 02(2)/25-26 | 12.32 | 6,000.00 | 12,400.00 | 9Months | Human Resources Supply |

OIPR: 32447/11/0019/2526 Sd/- Executive Engineer, Support Services Division, Bhubaneswar

A- 263

GOVT. OF ODISHA
OFFICE OF THE SUPERINTENDING ENGINEEER,
UPPER INDRAVATI LEFT CANAL DIVISION NO-II, DHARMAGARH, KALAHANDI, ODISHA
Email : eeuilcdii@gmail.com
NOTICE INVITATION FOR BIDS (NIFB)
e-Procurement Notice No: SE/UILCD-II-01/2025-26 (01-03)

1. Type/ Nature of work : Civil Works
2. Total No. of works : 03 (Three) Nos.
3. Approx. value of works : Varies from 5.36 lakh(s) to 7.31 lakh(s) (Excluding GST).
4. Period of completion : 06 months (As per DTCN)
5. Classification of bidders : D or C (As per DTCN)

Other details as follows:

| Procurement Officer. | e-Procurement Notice No. | Availability & Submission of bids in online. | | Date & time of opening of tender. |
|---|---|---|---|---|
| | | From | To | |
| 1 | 2 | 3 | 4 | |
| Superintending Engineer, UI Left Canal Division No-II, DharamgarhDist-Kalahandi. | SE/UILCD-II-01/2025-26 (01-03) for 03(Three) Nos. of works. | 10.06.2025 At 10.00 A.M | 20.06.2025 Up to 5.30PM. | 21.06.2025 At 11.30A.M |

N.B: Further details can be seen from the e-procurement portal www.tendersodisha.gov.inAny addendum/ Corrigendum/ Cancellation to the above notice will be published in the Govt. website www.tendersodisha.gov.in

OIPR: 32483/11/0002/2526 Sd/- Superintending Engineer, U.I.L.C.D. No.II, Dharmagarh

A- 260

GOVT. OF ODISHA, DEPARTMENT OF WATER RESOURCES
Office of the Engineer-In-Chief, Water Resources Secha Sadan, Bhubaneswar
Email Address:- cemech.eicwr.od @gmail.com
e-Procurement Notice- Bid Identification No.- CEM/MDB-01/ 2025-26

1. Name of the Work : Mechanical Gate Works
2. No. of Works : 01 (One)
3. Category of executors : SSI Units registered under DIC/ NSIC/ MSME for Irrigation Shutters / Hydro mechanical gates.
4. Bid identification No. : CEM/MDB- 01/ 2025-26
5. Estimated Cost : Rs. 23,52,942,00
6. Period of Completion : 02 (Two) calendar month.
7. Date & time of availability of bid documents in the Portal : From dt 11,06.2025 (10,00 AM) to dt 23.06.2025 (5.30 PM)
8. Last dale/time for receipt of bid In the Portal : dt 23.06.2025 (up to 5.30)
9. Date and Place of opening of Bid : dt.24.06.2025 (12.00 Noon onwards in the O/O the undersigned)
10. Name of the Officer inviting bid : Chief Engineer, Mechanical, O/O the E.I.C, Water Resources, Odisha, Bhubaneswar

Futher details can be seen from the e-procurement portal **https://tendersodisha.gov.in.** Any further issue of Addenda/ Corrigenda/ Cancellation Notice shall be uploaded in the aforesaid website only.

OIPR: 32520/11/0041/2526 Sd/- Chief Engineer, Mechanical O/o- Engineer-In-Chief, Secha Sadan, Bhubaneswar

## ସଙ୍କଟରେ ସ୍ଥାନୀୟ ଠିକାଦାରଙ୍କ ଜୀବିକା
# ରାଜ୍ୟ ସରକାରଙ୍କୁ ଦାବି ଜଣାଇଲା ସଂଘ



ଭୁବନେଶ୍ୱର,(ସବ୍ୟୁ): ଅଲ ଓଡିଶା କଂଟ୍ରାକ୍ଟର ୱେଲଫେୟାର ଆସୋସିଏସନ୍, ଓଡିଶା ସରକାରଙ୍କର ଅବହେଳାକୁ ତୀବ୍ର ନିନ୍ଦା କରିଛି । ଚଳିତବର୍ଷ ମେ ୨୩ ତାରିଖରେ ୱାଟକୋ ଦୁଇଟି ବଡ ପ୍ରକଳ୍ପ ନିମନ୍ତେ ଟେଣ୍ଡର ଆହ୍ୱାନ କରିଥିଲା । ୨୪ ଘଂଟିଆ ଜଳ ଯୋଗାଣ ପ୍ରକଳ୍ପ (୧୭୩.୪୬ କୋଟି) ଏବଂ ଭୂଗର୍ଭ ସ୍ୱେରେଜ ସିଷ୍ଟମ (୨୫୬.୪୮ କୋଟି) । ମାତ୍ର ଏଥିରେ ସ୍ଥାନୀୟ ଠିକାଦାରଙ୍କୁ ବାଦ ଦିଆଯାଇଛି । ବଡ ଟେଣ୍ଡରଦ୍ୱାରା ବାହାର ରାଜ୍ୟର ବଡ କମ୍ପାନୀ ଏଥିରେ ଉପକୃତ ହେଉଥିବାବେଳେ ସ୍ଥାନୀୟ ଠିକାଦାର ଆର୍ଥିକ ସଙ୍କଟ ଦେଇ ଗତି କରୁଥିବା ସେମାନେ ଅଭିଯୋଗ କରିଛନ୍ତି । ଏଣୁ ସରକାର ପ୍ରକଳ୍ପ ଟେଣ୍ଡରକୁ ୧୦-୧୫ କୋଟି ମଧ୍ୟରେ ଛୋଟ ଖଣ୍ଡରେ ଭାଗ କରି ବାହାର କଲେ ଏହା ୩୫-୪୦ ଓଡିଆ ଠିକାଦାରଙ୍କୁ ଉପକୃତ କରିବ ବୋଲି ସଂଘ ପକ୍ଷରୁ ଦାବି ହୋଇଛି । ସ୍ଥାନୀୟ ଠିକାଦାରଙ୍କ ଜୀବିକା ଧ୍ୱଂସ ପ୍ରକଳ୍ପକୁ ବାଦ ଦେଇ ଓଡିଆ ଠିକାଦାରଙ୍କ ସ୍ୱାର୍ଥ ଦିଗରେ ପଦକ୍ଷେପ ନେବାକୁ ଦାବି କରିଛନ୍ତି ।

# ମର୍ଯ୍ୟାଦା କ୍ଷୁର୍ଣ୍ଣ କରୁଛନ୍ତି ନିର୍ବାଚନ ଆୟୋଗ□ ଭକ୍ତ ଦାସ




ଭୁବନେଶ୍ୱର,(ସବ୍ୟୁ): ନିର୍ବାଚନ ଆୟୋଗ ଏକ ସାମ୍ବିଧାନିକ ଅନୁଷ୍ଠାନ। ଏହି ଅନୁଷ୍ଠାନର ମର୍ଯ୍ୟାଦାକୁ ଅକ୍ଷୁର୍ଣ୍ଣ ରଖିବା ନିର୍ବାଚନ ଆୟୋଗର କର୍ତ୍ତବ୍ୟ ଓ ଦାୟିତ୍ୱ ମଧ୍ୟ। ରାଜ୍ୟ ଏବଂ ଦେଶରେ ମୁକ୍ତ ଓ ଅବାଧ ନିର୍ବାଚନ କରିବା ସହିତ ଜନସାଧାରଣଙ୍କ ଜନମତକୁ ସମ୍ମାନ ଜଣାଇବା ନିର୍ବାଚନ ଆୟୋଗର ପ୍ରଥମ ଓ ଶେଷ କର୍ତ୍ତବ୍ୟ । ନିର୍ବାଚନ ଆୟୋଗକୁ ସରକାରୀ ଅକ୍ତିଆରରୁ ମୁକ୍ତ କରିବାପାଇଁ ନିର୍ବାଚନ ଆୟୋଗକୁ ଏକ ବହୁ ସଦସ୍ୟଭୁକ୍ତ ଅନୁଷ୍ଠାନ କରିବା ସହିତ ସାମ୍ବିଧାନିକ ଅଧିକାର ମଧ୍ୟ ପ୍ରଦାନ କରାଗଲା। କିନ୍ତୁ ନିର୍ବାଚନ ଆୟୋଗ ନିଜକୁ ମୁକ୍ତ ଓ ସାମ୍ବିଧାନିକ ଦାୟିତ୍ୱକୁ ନିଷ୍ଠାର ସହ ମୁକ୍ତ ଓ ଅବାଧ ନିର୍ବାଚନ କରିବା ପରିବର୍ତ୍ତେ କେନ୍ଦ୍ର ସରକାରଙ୍କର ହାତବାରିସି ହୋଇ ବିଜେପିକୁ କିଭଳି ଭାବରେ ସାଧାରଣ ନିର୍ବାଚନ ଓ ରାଜ୍ୟ ନିର୍ବାଚନରେ ଅଧିକ ସଂଖ୍ୟକ ଆସନ ମିଳିବ ସେଥିପାଇଁ ସମସ୍ତ ବେନିୟମ କାମକୁ ନିର୍ବାଚନ ଆୟୋଗ କରୁଛି ବୋଲି ବିରୋଧି ଦଳର ନେତା ତଥା ସାଂସଦ ରାହୁଲ ଗାନ୍ଧୀ ଯେଉଁ ଗମ୍ଭୀର ପ୍ରଶ୍ନ ସବୁ ଉତ୍ଥାପନ କରିଛନ୍ତି ତାକୁ ନେଇ ରବିବାର ପ୍ରଦେଶ କଂଗ୍ରେସ ସଭାପତି ଭକ୍ତ ଚରଣ ଦାସ ଏକ ସାମ୍ବାଦିକ ସମ୍ମିଳନୀରେ ଏହି ସମସ୍ତ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗକୁ ପୁଙ୍ଖାନୁପୁଙ୍ଖ ଓ ତଥ୍ୟ ସହ ସାମ୍ବାଦିକ ମାନଙ୍କ ସମ୍ମୁଖରେ ଉପସ୍ଥାପନ କରିଥିଲେ। ଶ୍ରୀ ଦାସ ସାମ୍ବାଦିକ ମାନଙ୍କୁ କହିଛନ୍ତି ଯେ ରାହୁଲ ଗାନ୍ଧୀ ଯେଉଁ ୫ଟି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉଠାଇଛନ୍ତି ତାହା କିଭଳି ଭାବରେ ଆମ ଗଣତନ୍ତ୍ର ଓ ଆମ ଜନମତକୁ ହଡ଼ପ କରାଯାଉଛି ତାହାର ବିସ୍ତୃତ ବିବରଣୀ ଦେଇଛନ୍ତି ।

ପ୍ରଥମ କୌଶଳଟି ହେଉଛି ନିର୍ବାଚନ ଆୟୋଗର ସଦସ୍ୟମାନଙ୍କୁ ନିଯୁକ୍ତି କରୁଥିବା ପ୍ୟାନେଲକୁ ଅକ୍ତିଆର/ହରଣଚାଲ କରିନିଆଗଲା। ନିର୍ବାଚନ ଆୟୋଗର ସଦସ୍ୟମାନଙ୍କୁ ନିଯୁକ୍ତି କରୁଥିବା ପାନେଲରେ ସୁପ୍ରିମକୋର୍ଟର ମୁଖ୍ୟ ବିଚାରପତି ରହିବାର ନିୟମ ଥିଲେ ମଧ୍ୟ ତାହାକୁ ପ୍ରଥମେ କେନ୍ଦ୍ର ସରକାର ଗ୍ରହଣ କଲେ ନାହିଁ । ସେହି ସ୍ଥାନରେ ତାଙ୍କ ସରକାର ଦ୍ୱିତୀୟ ମୁଖ୍ୟ କ୍ୟାବିନେଟ ମନ୍ତ୍ରୀ ଗୃହମନ୍ତ୍ରୀଙ୍କୁ ସଦସ୍ୟ ଆକାରରେ ନେଲେ। ଫଳସ୍ୱରୂପ ପ୍ୟାନେଲରେ ମାତ୍ର ତିନିଜଣ ସଦସ୍ୟ ରହିଲେ । ଯେଉଁମାନଙ୍କ ମଧ୍ୟରୁ ସଂଖ୍ୟାଧିକ ଶାସକ ଦଳ ସପକ୍ଷରେ ଅଛନ୍ତି ।

ଆସନ୍ତା ନିର୍ବାଚନରେ ଇଭିଏମ ପରିବର୍ତ୍ତେ ବାଲେଟରେ ଭୋଟ କରିବାପାଇଁ ସେ ଦାବି କରିଛନ୍ତି ।

ପୂର୍ବତନ ମନ୍ତ୍ରୀ ଶରତ ରାଉତ ସାମ୍ବାଦିକ ମାନଙ୍କୁ କହିଥିଲେ ଯେ ଗଣତନ୍ତ୍ର ଓ ଆମ ସମ୍ବିଧାନକୁ ବଞ୍ଚାଇବାକୁ ହେଲେ ସ୍ୱଚ୍ଛ ଓ ନିରପେକ୍ଷ ନିର୍ବାଚନ ଆୟୋଗ ହେବା ଉଚିତ ।

ଏ ପର୍ଯ୍ୟନ୍ତ ନିର୍ବାଚନ ଆୟୋଗ ଫର୍ମ ୧୭-ସି ଅଭିଯୋଗ କରିଥିବା ରାଜନୈତିକ ଦଳମାନଙ୍କୁ ପ୍ରଦାନ କରୁନାହାନ୍ତି। ପ୍ରଦେଶ କଂଗ୍ରେସର ପୂର୍ବତନ ସଭାପତି ଜୟଦେବ ଜେନା ବିଜେପି ଶାସନ କାଳରେ ଭାରତ ବର୍ଷର ଗଣତନ୍ତ୍ରକୁ ଦୁର୍ବଳ କରିଦେବା ସହିତ ସମସ୍ତ ସାମ୍ବିଧାନିକ ଓ ସ୍ୱାଧୀନ ଅନୁଷ୍ଠାନ ମାନଙ୍କୁ କରାୟତ କରିନେଇଛନ୍ତି। ନିର୍ବାଚନ ଆୟୋଗକୁ ହାତବାରିସକରି ନିର୍ବାଚନର ଫଳାଫଳକୁ ହଡ଼ପ କରାଯାଉଛି। ଏହାଦ୍ୱାରା ଗଣତନ୍ତ୍ର ଦୁର୍ବଳ ହେବାସହିତ ଜନମତକୁ ବେଖାତିର କରାଯାଉଛି ବୋଲି କହିଛନ୍ତି ।

# ନନ୍ଦନକାନନରେ ଖୁସିର ଲହରି :ମା ହେଲା ଧଳା ବାଘୁଣୀ ମୌସୁମୀ



ବାରଙ୍ଗ ,(ସବ୍ୟୁ) : ନନ୍ଦନକାନନ ପ୍ରାଣୀ ଉଦ୍ୟାନରେ ଖୁସିର ଲହରି ଖେଳିଯାଇଛି । ନନ୍ଦନକାନନ ପ୍ରାଣୀଉଦ୍ୟାନରେ ଶନିବାର ରାତିରେ ଦୁଇଟି ପର୍ଯ୍ୟାୟ ରେ ୨ଟି ଛୁଆକୁ ଜନ୍ମ ଦେଇଛିଧଳା ବାଘୁଣୀ ମୌସୁମୀ।ପ୍ରଥମ ଛୁଆ ଶନିବାର ରାତି ୯:୧୫ ଏବଂ ୨ୟ ଛୁଆ ରାତି ୧୧:୦୩ ସମୟରେ ଏନକ୍ଲୋଜର ୨୮ବିରେ ଜନ୍ମ ଦେଇଛି।ଜନ୍ମିତ ଛୁଆ ମଧ୍ୟରୁ ଗୋଟିଏ ଛୁଆ ସାଧାରଣ ରଙ୍ଗର ଏବଂ ଅନ୍ୟଟି ଧଳାରଙ୍ଗର ବୋଲି ଜଣାପଡିଛି।ମାଆ ସହିତ ଥିବାରୁ ଜନ୍ମିତ ଛୁଆମାନଙ୍କ ଲିଙ୍ଗ ନିର୍ଣ୍ଣୟ ହୋଇପାରିନାହିଁ।ମା ଛୁଆମାନଙ୍କର ଯନ୍ନ ନେଇଥିବାର ଜଣାପଡିଛି। ୨୭ ଏବଂ ୨୮ ଫେବୃଆରୀ ୨୦୨୫ରେ ମୌସୁମୀ ଏବଂ ସାଧାରଣ ରଙ୍ଗର ବାଘ ରାଜେଶଙ୍କ ମଧ୍ୟରେ ସଫଳ ମିଳନ ପରେ ମୌସୁମୀ ଦ୍ୱିତୀୟ ଥର ପାଇଁ ମା ହେବାର ସୌଭାଗ୍ୟ ଅର୍ଜନ କରିଥିଲା।ଉଭୟ ପିତାମାତା ନନ୍ଦନକାନନରେ ଜନ୍ମଗ୍ରହଣ କରିଥିଲେ।ମୌସୁମୀ ୫ ଅଗଷ୍ଟ ୨୦୧୬ରେ ମନୀଷ ଏବଂ ସ୍ନେହାଙ୍କ ଔରସରେ ଏବଂ ରାଜେଶ ୨୨ ସେପ୍ଟେମ୍ବର ୨୦୧୮ରେ ରୋଶନ ଏବଂ ବିଜୟାଙ୍କ ଔରସରେ ଜନ୍ମ ଗ୍ରହଣ କରିଥିଲେ।ଏହି ଛୁଆ ଜନ୍ମ ପରେ ନନ୍ଦନକାନନର ବାଘ ସଂଖ୍ୟା ବୃଦ୍ଧି ପାଇ ୨୯ରେ ପହଞ୍ଚିଛି ସେଥି ମଧ୍ୟରେ ୧୭ ପୁରୁଷ, ୧୦ ମାଈ ଏବଂ ୨ ଶାବକ ଥିବାର ଜଣାପଡିଛି।ଯେଉଁଥିରେ ୧୯ ଟି ସାଧାରଣ ରଙ୍ଗର ବାଘ, ୬ ଟି ଧଳା ବାଘ ଏବଂ ୪ ଟି ମେଲାନିଷ୍ଟିକ୍ ବାଘ ଅଛନ୍ତ।

## ମୃତ ଶ୍ରମିକ ପରିବାରକୁ ୫୦ ଲକ୍ଷ ଟଙ୍କା କ୍ଷତିପୂରଣ ଦିଆଯାଉ : ଏଆଇୟୁଟିୟୁସି

କଟକ,(ସବ୍ୟୁ): ଶନିବାର ଶୈଳବାଳା କଲେଜ ସଂପ୍ରସାରଣ କାମ ବେଳେ ୬ ମହଲାରୁ ପଡି ଜଣେ ଶ୍ରମିକ ମୃତ୍ୟୁ ଘଟଣା ଠିକା ସଂସ୍ଥାର ବେପରୁଆ କାର୍ଯ୍ୟ, ଶ୍ରମ ବିଭାଗ ଓ ପ୍ରଶାସନର ତତ୍ପରତା ଅଭାବରୁ ଘଟିଛି ବୋଲି କେନ୍ଦ୍ରୀୟ ଶ୍ରମିକ ସଂଗଠନ ଏଆଇୟୁଟିୟୁସି ପକ୍ଷରୁ ଉଦବେଗ ପ୍ରକାଶ କରାଯାଇଛି । ଏହି ଭଳି ଘଟଣା ବରମ୍ବାର ଘଟୁଛି ନିରିହ ଶ୍ରମିକ ମାନଙ୍କ ପ୍ରାଣହାନୀ ଘଟି ଚାଲିଛି । ଏବେକାର ଶ୍ରମିକ ମୃତ୍ୟୁ ଘଟଣା ବହୁ ପ୍ରକାର ପ୍ରଶ୍ନ ତୋଳି ଧରୁଛି । ଶ୍ରମିକମାନଙ୍କୁ ବିନା ସୁରକ୍ଷାରେ କାମ କରାଇବା, ଶ୍ରମ ବିଭାଗ ତଦାରଖ ନକରିବା, ଉପଯୁକ୍ତ ସୁରକ୍ଷା ବ୍ୟବସ୍ଥା ନଥିବା ସଂସ୍ଥାମାନଙ୍କୁ ଶ୍ରମ ବିଭାଗ ଅନୁମତି ଦେବା ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ନିୟମ ଉଲଘଂନ କରିବା ବହୁ ବିଷୟ ଇଙ୍ଗିତ କରୁଛି । ମୃତ ଶ୍ରମିକ ପରିବାରକୁ ୫୦ ଲକ୍ଷ କ୍ଷତିପୂରଣ ଦେବା, ଠିକା ସଂସ୍ଥା ବିରୁଦ୍ଧରେ ଅପରାଧୀ ମାମଲା ରୁଜୁ କରି ଦଣ୍ଡ ବିଧାନ କରିବା ଓ ପ୍ରଶାସନ ଓ ଶ୍ରମ ବିଭାଗର ବିରୁଦ୍ଧରେ ଆଇନଗତ ପଦକ୍ଷେପ ନେବା ପାଇଁ ଶ୍ରମିକ ନେତା ଏଆଇୟୁଟିୟୁସି ଜିଲ୍ଲା ସଭାପତି ଖଗେଶ୍ୱର ସେଠୀ, ସଂପାଦକ ରାଜକିଶୋର ମଲ୍ଲିକ ଦୃଢ ଦାବି କରିଛନ୍ତି ।

# ପ୍ରାଦେଶିକ ସମ୍ପାଦକ ସମ୍ମିଳନୀ ଉଦ୍‌ଯାପିତ




କଟକ, (ସ୍ୱପ୍ର): ବିଦ୍ୟାଭାରତୀ, ଶିକ୍ଷାବିକାଶ ସମିତି ଓଡ଼ିଶାଙ୍କ ଆନୁକୁଲ୍ୟରେ ଅନୁଷ୍ଠିତ ହୋଇଥିବା ପ୍ରାଦେଶିକ ସମ୍ପାଦକ ସମ୍ମିଳନୀ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ବିଦ୍ୟା ଭାରତୀ ଅଖିଳ ଭାରତୀୟ ଶିକ୍ଷା ସଂସ୍ଥାନର ସଂଗଠନ ମନ୍ତ୍ରୀ ଗୋବିନ୍ଦ ଚନ୍ଦ୍ର ମହାନ୍ତ ମୁଖ୍ୟଅତିଥି ଭାବେ ଯୋଗଦେଇ ଆତ୍ମନିର୍ଭର ଭାରତ, ସ୍ୱାବଲମ୍ବୀ ଭାରତ ତଥା ସଶକ୍ତ ଭାରତ ନିର୍ମାଣ ପାଇଁ ରାଷ୍ଟ୍ରୀୟ ଶିକ୍ଷା ବ୍ୟବସ୍ଥାକୁ ଗତି ଦେବା ପାଇଁ ଆମେ ଓଡ଼ିଶାର ସମସ୍ତ ଶିଶୁ ବିଦ୍ୟା ମନ୍ଦିରର ସମ୍ପାଦକ ପ୍ରତିବଦ୍ଧ ଅଟୁ । ବିଦ୍ୟାଳୟ ପରିଚାଳନା ପାଇଁ ଆସୁଥିବା ବିଭିନ୍ନ ସମସ୍ୟାଗୁଡ଼ିକୁ ସଫଳତାର ସହିତ ମୁକାବିଲା କରିବା ଓ ସରକାରୀ ନୀତିନିୟମକୁ ଗ୍ରହଣ କରିବା ସହିତ ସହଯୋଗୀ ହେବା ପାଇଁ ମାର୍ଗଦର୍ଶନ ଦେଇଥିଲେ। ମୁଖ୍ୟବକ୍ତା ଭାବରେ ବିଦ୍ୟା ଭାରତୀ ଅଖିଳ ଭାରତୀୟ ଶିକ୍ଷା ସଂସ୍ଥାନର ମହାମନ୍ତ୍ରୀ ଦେଶରାଜ ଶର୍ମା ତାଙ୍କ ମାର୍ଗଦର୍ଶନରେ କହିଥିଲେ ଶିକ୍ଷା ଶାଶ୍ୱତ, ସନାତନୀ ଓ ଚିରନ୍ତନୀ ଅଟେ। ଶିକ୍ଷାର ଲକ୍ଷ୍ୟ, ଜୀବନର ଲକ୍ଷ୍ୟ ସମାଜ କଲ୍ୟାଣକାରୀ ଓ ମାନବ କଲ୍ୟାଣକାରୀ ହେଉ। ଶିକ୍ଷା ବିକାଶ ସମିତି ସଭାପତି ଡ. କିଶୋରଚନ୍ଦ୍ର ମହାନ୍ତି ଅଧକ୍ଷୀୟ ଅଭିଭାଷଣରେ ବ୍ୟକ୍ତ କରିଥିଲେ କି ଆମର ଲକ୍ଷ୍ୟ 'ବସୁଧୈବ କୁଟୁମ୍ବକମ୍'' ହେବା ଆବଶ୍ୟକ। ଜାତି, ବର୍ଣ୍ଣ, ଭାଷା ଭେଦର ଉର୍ଦ୍ଧ୍ୱରେ ରହି ଆମ୍ଭେମାନେ ସଂଗଠନ ସମ୍ପାଦନ ଓ ସମ୍ପର୍କ କାର୍ଯ୍ୟକୁ ଗତି ଦେବା ସହିତ ନିଜର ସ୍ୱଭାବକୁ ପରିମାର୍ଜିତ କରି ଆଦର୍ଶ କାର୍ଯ୍ୟକର୍ତ୍ତାର ଉଦାହରଣ ସୃଷ୍ଟି କରିବା। ଶିକ୍ଷା ବିକାଶ ସମିତି ସମ୍ପାଦକ ଡ. ସରୋଜକୁମାର ହାତୀ ଅତିଥିମାନଙ୍କ ପରିଚୟ ପ୍ରଦାନ କରିବା ସହିତ ସମ୍ମିଳନୀର ବିବରଣୀ ପାଠ କରିଥିଲେ । ଉତ୍ତର ପୂର୍ବ ସମ୍ଭାଗର ସଦସ୍ୟା ଡ. ଇନ୍ଦୁମତୀ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ । ଦକ୍ଷିଣ ସମ୍ଭାଗ ସମ୍ପାଦକ ରୁଦ୍ରମାଧବ ବାରିକ ମଞ୍ଚ କାର୍ଯ୍ୟ ସଂଚାଳନ କରିଥିଲେ। ବିଦ୍ୟାଭାରତୀ ସହମନ୍ତ୍ରୀ, ଗାୟତ୍ରୀ ବାହିନୀପତି, ବିଦ୍ୟାଭାରତୀ ପୂର୍ବକ୍ଷେତ୍ରର ମନ୍ତ୍ରୀ ଡା. ଲକ୍ଷ୍ମୀକାନ୍ତ ମହାରଣା, ସହମନ୍ତ୍ରୀ ହେମନ୍ତ କୁମାର ପାଣିଗ୍ରାହୀ, ପୂର୍ବକ୍ଷେତ୍ର ସଙ୍ଗଠନ ମନ୍ତ୍ରୀ ଡ. ଆନନ୍ଦ ରାଓ ପାର୍ଦ୍ଦୀ, କାର୍ଯ୍ୟକାରୀଣୀ ସଦସ୍ୟ ଦିବାକର ଘୋଷ, ବିଜୟ ଗଣେଶ କୁଳକର୍ଣ୍ଣୀ, ଶିକ୍ଷା ବିକାଶ ସମିତି ଓଡ଼ିଶାଙ୍କ ଉପାଧ୍ୟକ୍ଷ କମଳାକାନ୍ତ ମିଶ୍ର, କୋଷାଧ୍ୟକ୍ଷ ସତ୍ୟନାରାୟଣ ପଟ୍ଟନାୟକ, ସଂଗଠନ ମନ୍ତ୍ରୀ ତାରକଦାସ ସରକାର ଆଦି ପ୍ରମୁଖ କାର୍ଯ୍ୟକର୍ତ୍ତାଙ୍କ ପ୍ରତ୍ୟକ୍ଷ ମାର୍ଗଦର୍ଶନ ଓ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମଟି ସମ୍ପାଦିତ ହୋଇଥିଲା।

## ଗୋମାଂସ ସମେତ କାର୍ ଜବତ, ଜଣେ ଗିରଫ

ଖୋର୍ଦ୍ଧା,(ସବ୍ୟୁ): ଆଦର୍ଶ ଥାନା ପୁଲିସ୍ ତରତୁଆରେ ଚଢଉ କରି ଗୋମାଂସ ସମେତ ଏକ କାର୍ କୁ ଜବତ କରିଛି । ଏହି ଘଟଣାରେ ପୁଲିସ ତରତୁଆ ଗ୍ରାମର ଅବଦୁଲ୍ ରହେମାନ୍ (୩୦) କୁ ପୁଲିସ ଗିରଫ କରିଛି । ପୁଲିସ ସୂଚନା ଅନୁସାରେ, ଅବଦୁଲ ତରତୁଆରୁ ଏକ କାର ଯୋଗେ ଗୋମାଂସ ଚାଲାଣ କରୁଥିବା ବିଶେଷ ସୂତ୍ରରୁ ପୁଲିସ ଖବର ପାଇ ଚଢଉ କରିଥିଲା । ଚଢଉବେଳେ ପୁଲିସ ଗାଡିକୁ ଯାଞ୍ଚ କରିବାରେ ଗାଡିରୁ କଟା ଗୋମାଂସ ଜବତ କରିଛି । ଜବତ ଗୋମାଂସ ପ୍ରାୟ ୬୦ରୁ ୭୦କେଜି ହେବ ବୋଲି ଥାନା ଅଧିକାରୀ ସଞ୍ଜୟ ନାୟକ ପ୍ରକାଶ କରିଛନ୍ତି । ଏନେଇ ପୁଲିସ ଏକ ମାମଲା ରୁଜୁ କରିଛି ।

## ସ୍ନାନ ପୂର୍ଣ୍ଣିମା ନେଇ ଗଣମାଧ୍ୟମ ପ୍ରତିନିଧିଙ୍କ ସହ ଜିଲ୍ଲାପାଳ : ଏସପିଙ୍କ ବୈଠକ

ପୁରୀ,(ସବ୍ୟୁ): ଆସନ୍ତା ୧୧ ତାରିଖରେ ପୁରୀରେ ଅନୁଷ୍ଠିତ ହେବ ମହାପ୍ରଭୁଙ୍କ ପବିତ୍ର ସ୍ନାନପୂର୍ଣ୍ଣିମା । ମହାପ୍ରଭୁ ଗଜାନନ ବା ହାତୀ ବେଶରେ ଲକ୍ଷାଧିକ ଭକ୍ତ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେବେ । ଏଥିପାଇଁ ଜିଲ୍ଲା, ପୋଲିସ ଓ ଶ୍ରୀମନ୍ଦିର ପ୍ରଶାସନର ପ୍ରସ୍ତୁତି ଚୁଡାନ୍ତ ପର୍ଯ୍ୟାୟରେ ପହଁଚିଛି । ଶ୍ରଦ୍ଧାଳୁ ମାନେ କେବଳ ବ୍ୟାରିକେଡ଼ ଦେଇ ପ୍ରବେଶ କରିବେ । ତେବେ ମହାପ୍ରଭୁଙ୍କ ଜଳ ବିଜେ, ଜଳ ପୂଜା ଓ ଜଳ ଲାଗି ସହ ଅପୂର୍ବ ହାତୀ ବେଶକୁ ଶ୍ରୀମନ୍ଦିର ପରିକ୍ରମା ମାର୍ଗ ପ୍ରଶସ୍ତ ସ୍ଥାନରେ ଛିଡା ହୋଇ ଦେଖିପାରିବେ । ଦୂରଦର୍ଶନ ମଧ୍ୟମରେ ଦେବସ୍ନାନ ପୂର୍ଣ୍ଣମୀର ସିଧା ପ୍ରସାରଣ କରାଯିବ । ତେବେ ଚଳିତ ବର୍ଷ ଘରୋଇ ଚ୍ୟାନେଲ ପାଇଁ କଟକଣା ଜାରୀ କରାଯାଇଛି । ଘରୋଇ ଚ୍ୟାନେଲ ଗୁଡ଼ିକ ଓବି ଭ୍ୟାନ ବ୍ୟବହାର କରିପାରିବେ ନାହିଁ । ଦୂରଦର୍ଶନ ଫିଡରୁ ସିଧା ପ୍ରସାରଣ କରିପାରିବେ । ରବିବାର ସ୍ୱତନ୍ତ୍ର ସର୍କଟ ହାଉସ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଓ ଏସପି ବିନୀତ ଅଗ୍ରୱାଲଙ୍କ ସହ ଗଣମାଧ୍ୟମ ପ୍ରତିନିଧିଙ୍କ ସହ ଦେବସ୍ନାନ ପୂର୍ଣ୍ଣମୀ ପ୍ରସ୍ତୁତି ନେଇ ଆୟୋଜିତ ବୈଠକରେ ଏହି ସୂଚନା ଦିଆଯାଇଛି । ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ଓ ଗୁଳୁଗୁଳିକୁ ଦୃଷ୍ଟିରେ ପର୍ଯ୍ୟାପ୍ତ ପାନୀୟ ଜଳ, ସେଡର ବ୍ୟବସ୍ଥା ହୋଇଛି । ସେହିପରି ନିର୍ଦ୍ଧାରିତ ନୀତି ନିର୍ଘଣ୍ଟକୁ ତ୍ୱରାନ୍ୱିତ କରାଯାଇ କିଭଳି ଠିକ୍ ସମୟର ନୀତି ସଂପାଦନ ହେବ ଓ ଶ୍ରଦ୍ଧାଳୁଙ୍କୁ ଅଧିକ ସମୟ ଅପେକ୍ଷା କରିବାକୁ ପଡ଼ିବ ନାହିଁ ତା ଉପରେ ଗୁରୁତ୍ୱ ଦିଆଯାଇଛି ।

## କଳାବିକାଶ କେନ୍ଦ୍ରର ନୂତନ କର୍ମକର୍ତ୍ତା, ବିଜୟାନନ୍ଦ ସଭାପତି

କଟକ,(ସବ୍ୟୁ): ସର୍ବପୁରାତନ ସାଂସ୍କୃତିକ ଅନୁଷ୍ଠାନ କଳାବିକାଶ କେନ୍ଦ୍ରର ଆସନ୍ତା ତିନି ବର୍ଷ ପାଇଁ ନୂତନ କର୍ମକର୍ତ୍ତା ରବିବାର ନିର୍ବାଚିତ ହୋଇଛନ୍ତି । କେନ୍ଦ୍ରର ନିର୍ବାଚନ ଅଧିକାରୀ ଟ୍ରଷ୍ଟି ଗୌର ପଟ୍ଟନାୟକଙ୍କ ସୁପରିଚାଳନାରେ ଆସନ୍ତା ୩ ବର୍ଷ ପାଇଁ କର୍ମକର୍ତ୍ତା ନିର୍ବାଚନ କଳାବିକାଶ କେନ୍ଦ୍ରର କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଥିଲା । ସଭାପତି ଭାବେ ଡକ୍ଟର ବିଜୟାନନ୍ଦ ସିଂହ, କାର୍ଯ୍ୟକାରୀ ସଭାପତି ଭାବେ ଏ. ମହେଶ୍ୱର ରାଓ , ଉପସଭାପତି ଭାବେ ରାଧାମୋହନ ସାହୁ ଓ ବିକାଶ ଚନ୍ଦ୍ର ଦାଶ , ସାଧାରଣ ସମ୍ପାଦକ ଭାବେ କାମାକ୍ଷା ପ୍ରସାଦ ମହତାବ, ଯୁଗ୍ମ ସମ୍ପାଦକ ଭାବେ ସୁଦୀପ୍ତା ଦାଶ , ଡକ୍ଟର ସ୍ନେହଲତା ମିଶ୍ର ଓ କୃଷ୍ଣ ଚନ୍ଦ୍ର ସାମଲ ଏବଂ କାର୍ଯ୍ୟକାରୀ ସମିତି କୁ ସଦସ୍ୟ ଭାବେ ସୁବ୍ରତ କୁମାର ମୁଖାର୍ଜୀ , ବନ୍ଦନା ପାଠକ , ଓମ ପ୍ରକାଶ ମହାନ୍ତି , ଗାୟତ୍ରୀ ଦେବୀ , ଅକ୍ଷୟ କୁମାର ଦାସ , ପ୍ରମୋଦ ରଞ୍ଜନ ମହାନ୍ତି , ବସନ୍ତ କୁମାର ସାହୁ , ହରିପଦ ମହାନ୍ତି , ନୃସିଂହ ଚରଣ ସାହୁ ଓ ସରୋଜ କୁମାର ସାହୁ ନିର୍ଦ୍ୱନ୍ଦରେ ନିର୍ବାଚିତ ହୋଇଛନ୍ତି । ନିର୍ବାଚନ ଫଳାଫଳ ଘୋଷଣା ପରେ ନବର୍ନିବାଚିତ କର୍ମକର୍ତ୍ତାମାନେ ଶପଥପୂର୍ବକ କାର୍ଯ୍ୟଭାର ଗ୍ରହଣ କରିଥିଲେ । ମ୍ୟାନେଜିଂ ଟ୍ରଷ୍ଟି ରବୀନ୍ଦ୍ର ନାଥ ମହାନ୍ତି ନୂତନ କର୍ମକର୍ତ୍ତା ମାନଙ୍କୁ ଶପଥ କରାଇଥିଲେ ।

# କୋଟିଆ ପାଇଁ ଗଠିତ କମିଟିକୁ ସ୍ୱାଗତ




ଭୁବନେଶ୍ୱର,(ସବ୍ୟୁ): ଉତ୍କଳ ସମ୍ମିଳନୀ ମଞ୍ଚେଶ୍ୱର ଶିଳ୍ପାଞ୍ଚଳ ଶାଖାର କାର୍ଯ୍ୟନିର୍ବାହୀ ବୈଠକ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ମନ୍ତ୍ରୀଙ୍କ ଅଧକ୍ଷତାରେ କୋଟିଆ ବିବାଦର ସମାଧାନ ପାଇଁ ଗଠିତ ଉଚ୍ଚସ୍ତରୀୟ ସ୍ୱତନ୍ତ୍ର କମିଟିକୁ ଉତ୍କଳ ସମ୍ମିଳନୀ ସ୍ୱାଗତ କରିଛି ବୋଲି ଉତ୍କଳ ସମ୍ମିଳନୀ ମଞ୍ଚେଶ୍ୱର ଶିଳ୍ପାଞ୍ଚଳ ଶାଖାର କାର୍ଯ୍ୟନିର୍ବାହୀ ବୈଠକରେ ସଭାପତିତ୍ୱ କରି ଶାଖାର ସଭାପତି ତଥା ଉତ୍କଳ ସମ୍ମିଳନୀର ସାଧାରଣ ସମ୍ପାଦକ ଅଧିବକ୍ତା ଦିଲ୍ଲୀପ ଦାଶଶର୍ମା କହିଛନ୍ତି । ଶ୍ରୀ ଦାଶଶର୍ମା ପୁଣି କହିଛନ୍ତି ଯେ, କେନ୍ଦ୍ର ଗୃହମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଗଠିତ ହୋଇଥିବା ଆନ୍ତଃରାଜ୍ୟ ପରିଷଦର ଷ୍ଟାଣ୍ଡିଂ କମିଟିରେ କୋଟିଆ ସମସ୍ୟା ସମାଧାନ ପାଇଁ ଏଥିରେ ସଦସ୍ୟ ଥିବା ଆମ ରାଜ୍ୟ ମୁଖ୍ୟମନ୍ତ୍ରୀ ଚେଷ୍ଟା କରିବା ଆବଶ୍ୟକ । ବୈଠକରେ ପ୍ରଥମେ 'ବନ୍ଦେ ଉତ୍କଳ ଜନନୀ' ସଙ୍ଗୀତ ଗାନ କରାଯିବା ପରେ ଦିବଙ୍ଗତ ସଦସ୍ୟ ମାନଙ୍କ ପାଇଁ ଏକ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା । ପରେ ପରେ ଯୁଗ୍ମ-ସମ୍ପାଦକ ଶିଦ୍ଧାର୍ଥ ଶଙ୍କର ଗଡନାୟକ ୨୦୨୪-୨୫ ବାର୍ଷିକ ଓ ଆର୍ଥିକ ବିବରଣୀ ପାଠ କରିଥିଲେ । ବୈଠକରେ ଉପଦେଷ୍ଟା ନିମାଇଁ ଚରଣ ଦାସ, ଯୁଗ୍ମ ସମ୍ପାଦକ ଅକ୍ଷୟ ଜେଠୀ, କାର୍ଯ୍ୟନିର୍ବାହୀ ସମିତି ସଦସ୍ୟ ମହେଶ୍ୱର ବିଶ୍ୱାଳ, ପ୍ରକାଶ କୁମାର ସାମଲ, ପ୍ରତାପ କୁମାର ନନ୍ଦ, ସମରନ ମହାନ୍ତି, ରାମ ଚନ୍ଦ୍ର ସାମଲ, ପ୍ରସନ୍ନ ରଥ, ଧନେଶ୍ୱର ନାୟକ ଓ ନିରଞ୍ଜନ ପାତ୍ର ପ୍ରମୁଖ ଯୋଗଦେଇ ସମ୍ମିଳନୀର କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଥିଲେ । ଶେଷରେ ଉପ-ସଭାପତି ଶିତଳ ଚନ୍ଦ୍ର ମହାନ୍ତି ଧନ୍ୟବାଦ ପ୍ରଦାନ କରିଥିଲେ ।

## ଧାନ ଫସଲରେ କାଣ୍ଡ ବିନ୍ଧା ପୋକର
# ନିୟନ୍ତ୍ରଣ ପାଇଁ ବାୟର ପକ୍ଷରୁ 'ବିକୋଟା'ର ଶୁଭାରମ୍ଭ




ଭୁବନେଶ୍ୱର,(ସବ୍ୟୁ): ଏକ ବିଶ୍ୱସ୍ତରୀୟ ଉଦ୍ୟୋଗ ବାୟର ପକ୍ଷରୁ 'ବିକୋଟା'ର ଶୁଭାରମ୍ଭ ଘୋଷଣା କରାଯାଇଛି । ଏହି ନୂତନ ଉତ୍ପାଦକୁ ଧାନ ଚାଷ କରୁଥିବା କୃଷକମାନଙ୍କୁ କାଣ୍ଡ ବିନ୍ଧା ପୋକ ବା ଶାଖା କୀଟକୁ ପ୍ରଭାବୀ ରୂପେ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରିବା ପାଇଁ ପରିକଳ୍ପନା କରାଯାଇଛି । ବିକୋଟା ଏଭଳି କ୍ଷତିକାରକ କୀଟଗୁଡିକ ବିରୋଧରେ ମଜବୁତ ସୁରକ୍ଷା ପ୍ରଦାନ କରିବା ପାଇଁ ବାୟର୍‌ର ସ୍ୱତନ୍ତ୍ର ଉଦ୍ଭାବନକୁ ଏକତ୍ରିତ କରିଛି । ବିକୋଟା ଅଧିକ ଧାନ ଫସଲ କରାଯାଉଥିବା ରାଜ୍ୟ ଯେପରିକି ପଞ୍ଜାବ, ହରିଆନା, ଉତରାଖଣ୍ଡ, ପଶ୍ଚିମ ଉତର ପ୍ରଦେଶ, ପଶ୍ଚିମବଙ୍ଗ, ଛତିଶଗଡ, ମହାରାଷ୍ଟ୍ର, ଆନ୍ଧ୍ରପ୍ରଦେଶ, କର୍ଣ୍ଣାଟକ, ତାମିଲନାଡୁ ଓ ତେଲେଙ୍ଗାନା ଆଦିରେ ଜୁନ୍ ୨୦୨୫ରୁ ଉପଲବ୍ଧ ହେବ । ବିକୋଟା ଏଭଳି କୀଟଗୁଡିକର ଖାଦ୍ୟକୁ ରୋକିବା ପାଇଁ ତତ୍କାଳ କାର୍ଯ୍ୟ କରିଥାଏ ଏବଂ ଫସଲକୁ ଦୀର୍ଘସ୍ଥାୟୀ ସୁରକ୍ଷା ଦେଇଥାଏ । କେବଳ ଗୋଟିଏ ପ୍ରୟୋଗ ସହିତ କୃଷକମାନେ ବଜାରରେ ଉପଲବ୍ଧ ଅନ୍ୟ ସମାଧାନ ଗୁଡିତ ତୁଳନାରେ ଦୀର୍ଘ ସମୟ ପାଇଁ ଅତିରିକ୍ତ ସୁରକ୍ଷା ପାଇପାରିବେ ।

## ଗ୍ରୀଷ୍ମକାଳୀନ ବିବାହ ଋତୁ ପାଇଁ 'ପ୍ଲାଟିନମ୍ ଲଭ୍ ବ୍ୟାଣ୍ଡ'



ଭୁବନେଶ୍ୱର,(ସବ୍ୟୁ): ଗ୍ରୀଷ୍ମକାଳୀନ ବିବାହ ଋତୁ ଚରମ ସୀମାରେ ପହଞ୍ଚୁଥିବା ବେଳେ ପ୍ଲାଟିନମ୍ ଲଭ୍ ବ୍ୟାଣ୍ଡ୍ ପକ୍ଷରୁ ଜୀବନରେ ଥରେ ପ୍ରେମ କାହାଣୀ ରଚନା କରିବା ଉଦ୍ଦେଶ୍ୟରେ ପ୍ରସ୍ତୁତ ଦମ୍ପତି ବ୍ୟାଣ୍ଡ୍ ର ଏକ ସୁଚିନ୍ତିତ ସଂକଳନ 'ଦ ୱେଡିଂ ଏଡିସନ୍'ର ଉନ୍ମୋଚନ କରାଯାଇଛି । ପ୍ରକୃତ ପ୍ରତିବଦ୍ଧତା ଭାବନାତ୍ମକ ସ୍ୱଷ୍ଟତାରୁ ଆସିଥାଏ ବୋଲି ବୁଝିବାରେ ଆଧାରିତ, ଏହି ପ୍ଲାଟିନମ୍ ବ୍ୟାଣ୍ଡଗୁଡିକ ପ୍ରତୀକ ଠାରୁ ଅଧିକ - ସେମାନେ ପ୍ରତିଶ୍ରୁତି ଅଟନ୍ତି । ୯୫% ଶୁଦ୍ଧ ପ୍ଲାଟିନମ୍‌ରେ ନିର୍ମିତ - ପ୍ଲାଟିନମ୍ ଲଭ୍ ବ୍ୟାଣ୍ଡ୍ ପ୍ରେମର ଭାବନାକୁ ପ୍ରତିଫଳିତ କରେ ଯାହା ଉଭୟ ବିରଳ ଏବଂ କାଳକାଳୀନ ପ୍ରେମର ଭାବନାକୁ ପ୍ରତିଫଳିତ କରେ । ଷ୍ଟାରଲାଇଟ୍ ଆକାଶ ତଳେ ହେଉ କିମ୍ବା ବିବାହ ବିଶୃଙ୍ଖଳା ମଧ୍ୟରେ ଏକ ଶାନ୍ତ ମୁହୂର୍ତରେ, ଏହି ବ୍ୟାଣ୍ଡଗୁଡିକ ସେହି ଦମ୍ପତିମାନଙ୍କ ପାଇଁ ତିଆରି କରାଯାଏ ଯେଉଁମାନେ ଗଭୀର ଅର୍ଥ ଖୋଜୁଛନ୍ତି - ପାରସ୍ପରିକ ସମ୍ମାନ, ବ୍ୟକ୍ତିତ୍ୱ ଏବଂ ପ୍ରେମ ଉପରେ ନିର୍ମିତ ଏକ ଭାଗିଦାରୀର ପ୍ରତୀକ ଯାହା ପ୍ରକୃତରେ ବିରଳ । ଆପଣ ଏକ ଭବ୍ୟ ଉତ୍ସବର ଯୋଜନା କରୁଛନ୍ତି ନା ଏକ ଅଣବର୍ଣ୍ଣିତ ସମ୍ପର୍କ ଯୋଜନା କରୁଛନ୍ତି ପ୍ଲାଟିନମ୍ ଲଭ୍ ବ୍ୟାଣ୍ଡ୍ 'ଦ ୱେଡିଂ ଏଡିସନ୍' ହେଉଛି ଏକ ବିରଳ ମୂଲ୍ୟବାନ ଧାତୁ ସହିତ ଆପଣଙ୍କ ଯାତ୍ରାକୁ ମୋହର ମାରିବା ପାଇଁ ଆପଣଙ୍କ ନିମନ୍ତ୍ରଣ ଯାହା ପ୍ରକୃତରେ ଏକ ପ୍ରକାରର । ପ୍ଲାଟିନମ୍‌ର ବିରଳତା, ମୂଲ୍ୟବାନତା ଏବଂ ସ୍ଥିରତା ଏହାକୁ ପ୍ରେମର ଏକ ସ୍ଥାୟୀ ପ୍ରତୀକ କରିଥାଏ - ପ୍ରତ୍ୟେକ ଦମ୍ପତିଙ୍କ ପ୍ରତିବଦ୍ଧତାର ପ୍ରତିଶ୍ରୁତିକୁ ଅର୍ଥ ପ୍ରଦାନ କରେ । ପ୍ରତ୍ୟେକ ବ୍ୟାଣ୍ଡରେ ସୂକ୍ଷ୍ମ ଡିଜାଇନ୍ ଏବଂ କାରିଗରୀ ରହିଛି- ପରସ୍ପର ସହ ଜଡ଼ିତ ଢାଞ୍ଚା, ପ୍ରତୀକ ଏବଂ ଶେଷ ଯାହା ଦୁଇଟି ବ୍ୟକ୍ତିଗତ ଯାତ୍ରାକୁ ଗୋଟିଏରେ ମିଶ୍ରଣକୁ ପ୍ରତିଫଳିତ କରେ ।

## ଅମିତ ଶାହଙ୍କ ଦାବି

# ୨୦୨୬ରେ ତାମିଲନାଡୁରେ ସରକାର କରିବ ବିଜେପି



ନୂଆଦିଲ୍ଲୀ: ୨୦୨୬ ବିଧାନସଭା ନିର୍ବାଚନ ପରେ ତାମିଲନାଡୁରେ ସରକାର ଗଠନ କରିବ ବିଜେପି ନେତୃତ୍ୱାଧୀନ ମେଣ୍ଟ । ତାମିଲନାଡୁ ଗସ୍ତରେ ଯାଇ ମଦୁରାଇରେ ଉଦବୋଧନ ଦେବା ଅବସରରେ ଏମିତି ପ୍ରକାଶ କରିଛନ୍ତି କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହ ।

ସେ କହିଥିଲେ, ଦୁର୍ନୀତିରେ ବୁଡ଼ି ରହିଥିବା ଡିଏମେକେକୁ କ୍ଷମତାଚ୍ୟୁତ କରିବା ପାଇଁ ତାମିଲନାଡୁର ଲୋକେ ଅପେକ୍ଷା କରି ରହିଛନ୍ତି । ୨୦୨୬ରେ ବିଜେପି ନିଶ୍ଚିତ ତାମିଲନାଡୁରେ ଶାସନ କରିବ । ତାମିଲନାଡୁ ସହିତ ପଶ୍ଚିମବଙ୍ଗରେ ମଧ୍ୟ ସରକାର ଗଠନ କରିବ ବିଜେପି । ମୋ ଆଖି ଓ କାନ ତାମିଲନାଡୁ ଉପରେ କେନ୍ଦ୍ରିତ ରହିଛି ।

ଅମିତ ଶାହ କହିଥିଲେ, ଡିଏମକେ ଗତ ବିଧାନସଭା ନିର୍ବାଚନ ବେଳେ ଯେତେ ସବୁ ପ୍ରତିଶ୍ରୁତି ଦେଇଥିଲା, ସେଥିରୁ ୧୦% ବି ପୂରଣ କରିନାହିଁ । ବିଷାକ୍ତ ମଦମୃତ୍ୟୁ ଠାରୁ ଆରମ୍ଭ କରି ଟିଏଏସ୍ଏମ୍ଏସିରେ ହୋଇଥିବା ୩୯ ହଜାର କୋଟି ଟଙ୍କାର ଦୁର୍ନୀତି ପର୍ଯ୍ୟନ୍ତ ସବୁ କଥାଗୁଡ଼ିକୁ ଦେଖିଲେ, ଏହା କୁହାଯାଇପାରିବ ଯେ ଡିଏମକେ ସରକାର ଶତ ପ୍ରତିଶତ ବିଫଳ ହୋଇଛନ୍ତି ।

ଷ୍ଟାଲିନଙ୍କ ନେତୃତ୍ୱାଧୀନ ସରକାର କେନ୍ଦ୍ର ସରକାର ଦେଉଥିବା ପାଣ୍ଠିର ସଠିକ୍ ବିନିଯୋଗ କରୁନାହାନ୍ତି ଛ କେନ୍ଦ୍ର ସରକାରଙ୍କ ଗୁରୁତ୍ୱପୂର୍ଣ୍ଣ ଯୋଜନାଗୁଡ଼ିକୁ କାର୍ଯ୍ୟକାରୀ କରିବାରେ ବିଫଳ ହୋଇଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯେଉଁ ପାଣ୍ଠି ଦେଉଛନ୍ତି, ତାହା ତାମିଲନାଡୁର ଲୋକଙ୍କ ନିକଟରେ ପହଞ୍ଚୁ ନାହିଁ । ସେହି ପାଣ୍ଠିକୁ ଡିଏମକେ ଅଲଗା ବାଟରେ ଖର୍ଚ୍ଚ କରୁଛି ବୋଲି ସେ କହିଥିଲେ ।

୨୦୨୬ ତାମିଲନାଡୁ ବିଧାନସଭା ନିର୍ବାଚନରେ ଏକ ବଡ଼ ଲଢ଼େଇ ହେବ ବୋଲି କହି ଶ୍ରୀ ଶାହ କହିଥିଲେ, ଏହା ସମସ୍ତ ବିଜେପି କର୍ମୀଙ୍କ ପାଇଁ ବଡ଼ ଆହ୍ୱାନ ହେବ । ଏଥିପାଇଁ ଆମକୁ ପ୍ରସ୍ତୁତ ହେବାକୁ ପଡ଼ିବ ।

ଏହି ଅବସରରେ ସେ ଓଡ଼ିଶା, ଦିଲ୍ଲୀ ଓ ହରିୟାଣାର ଉଦାହରଣ ଦେଇଥିଲେ । ଦିଲ୍ଲୀରେ ଦଳ ୨୬ ବର୍ଷ ପରେ କ୍ଷମତାକୁ ଫେରିଥିବା ବେଳେ ୨୦୨୪ରେ ଓଡ଼ିଶାରେ ଦଳ ପ୍ରଥମ ଥର ପାଇଁ ଏକାକୀ ସରକାର ଗିବାକୁ ସମର୍ଥନ ହୋଇଛି । ସେହିଭଳି ମୋଦିଙ୍କ ନେତୃତ୍ୱରେ ହରିୟାଣାରେ ଦଳ ଲଗାତାର ଜିତି ପୁଣି ଶାସନ ଭାର ସମ୍ଭାଳିବାରେ ସଫଳ ହୋଇଛି ।

ଅନ୍ୟପକ୍ଷରେ ଅମିତ ଶାହଙ୍କ ସ୍ୱପ୍ନ ପୂରଣ ହୋଇପାରିବନି ବୋଲି କହିଛି ଡିଏମକେ । ଦଳର ମୁଖ୍ୟପାତ୍ର ଡକ୍ଟର ସୟିଦ ହଫିଜୁଲ୍ଲା କହିଛନ୍ତି, ବିଜେପି ହୁଏତ ଆମେରିକାରେ ନିର୍ବାଚନ ଜିତିବାର କିଞ୍ଚିତ ସମ୍ଭାବନା ଥାଇପାରେ, କିନ୍ତୁ ତାମିଲନାଡୁରେ ଆଦୌ ନୁହେଁ । ବିଜେପି କଳ୍ପନା ରାଜ୍ୟରେ ରହି ୩୯ ହଜାର କୋଟି ଟଙ୍କାର ଦୁର୍ନୀତି କଥା କହୁଛି ।

ସୂଚନାଯୋଗ୍ୟ, ତାମିଲନାଡୁରେ ଦଳର ରାଜ୍ୟ ସଭାପତି ବଦଳିବା ପରେ ଓ ଏଆଇଏଡିଏମକେ ସହିତ ମେଣ୍ଟ ହେବା ପରେ ଏହା ହେଉଛି ଅମିତ ଶାହଙ୍କର ସେଠାକୁ ଦ୍ୱିତୀୟ ଗସ୍ତ । କେ ଆନ୍ନାମଲାଇଙ୍କ ସ୍ଥାନରେ ସେଠାରେ ଏନ୍ ନଗେନ୍ଦ୍ରନଙ୍କୁ କରାଯାଇଛି ବିଜେପି ସଭାପତି ।

## ଶତ୍ରୁକୁ ମାତ୍ ଦେବାକୁ

# ଆସୁଛି ଆଇଏନ୍ଏସ୍ ଅର୍ନାଲା



ନୂଆଦିଲ୍ଲୀ: ଆହୁରି ଶକ୍ତିଶାଳୀ ହେବ ଭାରତୀୟ ନୌସେନା । ସେନାରେ ସାମିଲ ହେବାକୁ ଯାଉଛି ପ୍ରଥମ ସ୍ୱଦେଶୀ ଆଣ୍ଟି-ସବମରିନ୍ ୱାରଫେୟାର ସାଲୋ ୱାଟର କ୍ରାଫ୍ଟ । ଏହାକୁ ଜୁନ୍ ୧୮ ତାରିଖରେ ବିଶାଖାପାଟନମ୍ର ନୌସେନା ଡାକୟାର୍ଡରୁ ପାଣିରେ ଓହ୍ଲାଯିବ । ଏହାର ନାମ ଆଇଏନ୍ଏସ୍ ଅର୍ନାଲା ରଖାଯାଇଛି । ମୋଟ ୧୬ଟି ଏପରି ଯୁଦ୍ଧଜାହାଜ ନିର୍ମାଣ ହେବାକୁ ଯାଉଛି, ଯେଉଁଥିରୁ ଅର୍ନାଲା ପ୍ରଥମ । ଏଗୁଡ଼ିକ କୋଲକାତାର ଗାର୍ଡେନରିଚ୍ ସିପ୍ବିଲ୍ଡର୍ସ ଦ୍ୱାରା ଏଲ ଆଣ୍ଡ ଟି ସିପ୍ବିଲ୍ଡର୍ସଙ୍କ ସହଯୋଗରେ ପବ୍ଲିକ୍ ପ୍ରାଇଭେଟ୍ ପାର୍ଟନରସିପ୍ ଅଧୀନରେ ନିର୍ମାଣ କରାଯାଉଛି ।ଭାରତୀୟ ନୌସେନା ପୂର୍ବରୁ ଚଳିତ ମେ ୮ରେ ଅର୍ନାଲାର ଡେଲିଭରି ଗ୍ରହଣ କରିସାରିଛି । ଆସନ୍ତୁ ଜାଣିବା ଏହି ସବମରିନ ଶିକାରୀ ଅର୍ନାଲା କେତେ ଶକ୍ତିଶାଳୀ ଏବଂ କେତେ ଦେଶ ପାଖରେ ଏପରି ଆଣ୍ଟି-ସବମରିନ ଅଛି? ଏହା କିପରି କାମ କରେ?

ଏହି ଜାହାଜ ଆତ୍ମନିର୍ଭରଶୀଳ ଭାରତର ଏକ ଉଦାହରଣ..

ପ୍ରତିରକ୍ଷା ଉତ୍ପାଦନ କ୍ଷେତ୍ରରେ ଅର୍ନାଲା ଆତ୍ମନିର୍ଭରଶୀଳ ଭାରତର ଏକ ଉଦାହରଣ । ଏହି ଯୁଦ୍ଧଜାହାଜ ସ୍ୱଦେଶୀ, କାରଣ ଏହାର ୮୦ ପ୍ରତିଶତରୁ ଅଧିକ ଅଂଶ ଭାରତରେ ହିଁ ତିଆରି । ଜାହାଜରେ ଥିବା ଅଧିକାଂଶ ସିଷ୍ଟମ ଭାରତ ଇଲେକ୍ଟ୍ରୋନିକ୍ସ ଲିମିଟେଡ୍, ଏଲ ଆଣ୍ଡ ଟି, ମହିନ୍ଦ୍ରା ଡିଫେନ୍ସ ଏବଂ ଏମଇଆଇଏଲ ଭଳି ଭାରତୀୟ ପ୍ରତିରକ୍ଷା କ୍ଷେତ୍ର କମ୍ପାନୀଗୁଡ଼ିକ ଦ୍ୱାରା ସ୍ଥାପିତ ହୋଇଛି । ଏହି ଜାହାଜର ବିକାଶରେ ୫୫ଟି ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ ଯୋଗଦାନ ଦେଇଛନ୍ତି । ଅର୍ନାଲା ୭୭ ମିଟର ଲମ୍ବା ଏବଂ ଏହାର ମୋଟ ଓଜନ ୧୪୯୦ ଟନ୍ । ଏଥିରେ ଡିଜେଲ ଇଞ୍ଜିନ ୱାଟରଜେଟ୍ ସିଷ୍ଟମ ସହିତ ସଜ୍ଜିତ କରାଯାଇଛି । **ମହାରାଷ୍ଟ୍ରର ଏକ ଦୁର୍ଗ ନାମରେ ନାମିତ ହୋଇଛି ଏହି ଆଣ୍ଟି-ସବମରିନ**

ଭାରତୀୟ ନୌସେନା ଏହି ଯୁଦ୍ଧଜାହାଜକୁ ସବମରିନ ବିରୋଧରେ ଯେକୌଣସି ଅପରେସନରେ ଏହି ନିୟୋଜିତ କରିପାରିବ । ଏହା ବ୍ୟତୀତ, ଏହାକୁ ଉପ-ପୃଷ୍ଠ ନିରୀକ୍ଷଣ, ସନ୍ଧାନ, ରିଲିଫ୍ ଏବଂ ଉଦ୍ଧାର ସହିତ କମ୍-ତୀବ୍ରତା ସାମୁଦ୍ରିକ କାର୍ଯ୍ୟରେ ମଧ୍ୟ ବ୍ୟବହାର କରାଯାଇପାରିବ । ଏହି ଯୁଦ୍ଧଜାହାଜର ନାମକରଣ ମହାରାଷ୍ଟ୍ରର ବସଇରେ ଅବସ୍ଥିତ ଐତିହାସିକ ଅର୍ନାଲା ଦୁର୍ଗ ଅନୁସାରେ କରାଯାଇଛି । ଏହି ଦୁର୍ଗଟି ୧୭୩୭ ମସିହାରେ ମରାଠାମାନଙ୍କ ଦ୍ୱାରା ନିର୍ମିତ ହୋଇଥିଲା ଏବଂ ଏହା ବୈତରଣା ନଦୀକୁ ମୁହଁ କରି ରଣନୈତିକ ଭାବରେ ନିର୍ମିତ ହୋଇଥିଲା ।

# ମାଉଣ୍ଟ ଏଭରେଷ୍ଟ ପାଖରେ ରହିଲେଣି ସାପ

କାଠମାଣ୍ଡୁ: ନେପାଳର ରାଜଧାନୀ କାଠମାଣ୍ଡୁ ଉପତ୍ୟକାରେ ଗତ ଦେଢ଼ ମାସ ମଧ୍ୟରେ ୧୦ଟି ଅତ୍ୟନ୍ତ ବିଷାକ୍ତ ସାପ ଧରାପଡ଼ିଛି । ଏଥିରେ ୯ଟି କିଙ୍ଗ କୋବ୍ରା ଏବଂ ଗୋଟିଏ ମୋନୋକଲ୍ କୋବ୍ରା ଅନ୍ତର୍ଭୁକ୍ତ । ଏପରିକି ଏଭରେଷ୍ଟ ଅଂଚଳରେ ବି ସାପ ଧରାପଡ଼ିଛନ୍ତି । ତେବେ କୌଣସି ଅଂଚଳରେ ସାପ ରହିବା ଏକ ସାଧାରଣ ଘଟଣା ହୋଇଥିବାବେଳେ ଏହାକୁ ଏତେ ଗୁରୁତ୍ୱ କାହିଁକି ଦିଆଯାଉଛି ? କାହିଁକି ଏହାକୁ ନେଇ ପରିବେଶବିତ୍ ଚିନ୍ତା ପ୍ରକାଶ କରିଛନ୍ତି? ସାପଗୁଡ଼ିକ ସାଧାରଣତଃ ନେପାଳର ତରାଇର ଗରମ ଏବଂ ସମତଳ ଅଞ୍ଚଳରେ ଦେଖାଯାଏ, କିନ୍ତୁ ଏବେ ସେମାନେ ପର୍ବତ ଆଡକୁ ମୁହାଁଇଛନ୍ତି । ଏଭରେଷ୍ଟ ପର୍ବତଠାରୁ ୧୬୦ କିଲୋମିଟର ଦୂରରେ ଥିବା କାଠମାଣ୍ଡୁରେ, ଏହି ପରିବର୍ତ୍ତନ କେବଳ ଭୟଙ୍କର ନୁହେଁ ବରଂ ଏକ ଗଭୀର ଜଳବାୟୁ ପରିବର୍ତ୍ତନର ଚେତାବନୀ ମଧ୍ୟ । କାରଣ ସାପ ଏତେ ଥଣ୍ଡା ଅଞ୍ଚଳରେ ରୁହନ୍ତି ନାହିଁ । କାଠମାଣ୍ଡୁ ପୋଷ୍ଟର ରିପୋର୍ଟ ଅନୁଯାୟୀ, ଏହି କିଙ୍ଗ କୋବ୍ରା ସାପଗୁଡ଼ିକୁ ଗୁପାଳେଶ୍ୱର, ଭଞ୍ଜ୍ୟାଙ୍ଗ, ସୋଖୋଲ ଏବଂ ଫୁଲଚୌକ ଭଳି ପାହାଡିଆ ଅଞ୍ଚଳରୁ ଉଦ୍ଧାର କରାଯାଇଥିଲା । ଏହି ସାପଗୁଡ଼ିକ ଘର, ଅଗଣା ଏବଂ ଆବାସିକ ଅଞ୍ଚଳରେ ମଧ୍ୟ ପ୍ରବେଶ କରିଥିଲେ । ବନ ବିଭାଗ ଏବଂ ସାପ ଉଦ୍ଧାରକାରୀ ଦଳର ସହାୟତାରେ ସେମାନଙ୍କୁ ଧରି ନିକଟସ୍ଥ ଜଙ୍ଗଲରେ ଛାଡି ଦିଆଯାଇଥିଲା । କିଛି ଗାଁ ଲୋକ ଜଙ୍ଗଲରେ ସାପର ଅଣ୍ଡା ଏବଂ ବସା ଦେଖିଛନ୍ତି ।

# ଋଣରେ ବୁଡ଼ିଛି ପାକିସ୍ତାନ ତଥାପି ନେତାଙ୍କ ଦରମା ୫୦୦% ବୃଦ୍ଧି

ଇସ୍ଲାମାବାଦ: ଋଣ ଭାରରେ ବୁଡ଼ିଛି ପାକିସ୍ତାନ । ଏଠି ସାଧାରଣ ଜନତା ଦିନକୁ ଦୁଇ ଓଳି ଖାଇବା ପାଇଁ ସଂଘର୍ଷ କରୁଥିବା ବେଳେ ପାକିସ୍ତାନ ସଂସଦର ଏକ ନିଷ୍ପତ୍ତି କୋଟି କୋଟି ନାଗରିକଙ୍କ ଆଶାକୁ ଦୋହଲାଇ ଦେଇଛି ।

ପାକିସ୍ତାନ ପ୍ରଧାନମନ୍ତ୍ରୀ ଶାହବାଜ ସରିଫଙ୍କ ସରକାର ଜାତୀୟ ସଂସଦର ବାଚସ୍ପତି ଆୟାଜ ସାଦିକ ଏବଂ ସିନେଟ୍ ଅଧ୍ୟକ୍ଷ ୟୁସୁଫ ରାଜା ଗିଲାନୀଙ୍କ ଦରମା ୫୦୦ ପ୍ରତିଶତ ବୃଦ୍ଧି କରିଛନ୍ତି । ପୂର୍ବରୁ ଯେଉଁଠାରେ ଏହି ସାମ୍ବିଧାନିକ ଅଧିକାରୀମାନେ ମାସିକ ୨.୦୫ ଲକ୍ଷ ପାକିସ୍ତାନୀ ଟଙ୍କା ଦରମା ପାଉଥିଲେ । ଏବେ ତାହା ସିଧାସଳଖ ୧୩ ଲକ୍ଷ ଟଙ୍କାକୁ ବୃଦ୍ଧି ପାଇଛି । ଏହି ନିଷ୍ପତ୍ତି ୧ ଜାନୁଆରୀ ୨୦୨୫ରୁ କାର୍ଯ୍ୟକାରୀ ହେବ ।

ସୂଚନା ଅନୁଯାୟୀ, ପାକିସ୍ତାନର ଅର୍ଥନୀତି ଦୋହଲିଯାଉଛି । ଡଲାର ତୁଳନାରେ ପାକିସ୍ତାନୀ ଟଙ୍କା ଦୁର୍ବଳ ହୋଇଛି । ମୁଦ୍ରାସ୍ଫୀତି ଶୀର୍ଷରେ ପହଞ୍ଚିଛି ଏବଂ ବିଦ୍ୟୁତ ଏବଂ ପେଟ୍ରୋଲର ଦାମ୍ ଲୋକଙ୍କ ଜୀବନକୁ କଷ୍ଟକର କରିଦେଇଛି । ଏପରି ପରିସ୍ଥିତିରେ ଏହି ଦରମା ବୃଦ୍ଧି ସାଧାରଣ ଜନତାଙ୍କ ପାଇଁ ଏକ 'ବଡ଼ ଆଘାତ' ପରି ଅନୁଭବ ହେଉଛି । ମାର୍ଚ୍ଚ ୨୦୨୫ରେ ହିଁ ସରିଫ ସରକାର କ୍ୟାବିନେଟ ମନ୍ତ୍ରୀ, ରାଷ୍ଟ୍ରମନ୍ତ୍ରୀ ଏବଂ ପରାମର୍ଶଦାତାଙ୍କ ଦରମା ୧୮୮% ବୃଦ୍ଧି କରିଥିଲେ । ଏବେ ସାଂସଦ ଏବଂ ସେନେଟରମାନେ ମଧ୍ୟ ମାସିକ ୫.୧୯ ଲକ୍ଷ ଟଙ୍କା ଦରମା ପାଉଛନ୍ତି ।

ଯେତେବେଳେ ଶାହବାଜ ସରିଫଙ୍କ ସରକାର କ୍ଷମତାକୁ ଆସିଲା ସେତେବେଳେ କେବଳ ୨୧ ସଦସ୍ୟଙ୍କ ଏକ କ୍ୟାବିନେଟ ଗଠନ ହୋଇଥିଲା । ଯାହା ଏବେ ୫୧କୁ ବୃଦ୍ଧି ପାଇଛି । ତେବେ ଯେଉଁମାନେ ଏହି ବିଶାଳ ଖର୍ଚ୍ଚକୁ 'ଅର୍ଥନୈତିକ ସଂସ୍କାର' ବୋଲି କହୁଥିଲେ ସେମାନେ ଏବେ ସମାଲୋଚନାର ଶିକାର ହେଉଛନ୍ତି ।

ନିକଟରେ ଦେଶକୁ IMF ଠାରୁ ଋଣ ନେବାକୁ ପଡିଥିଲା । ସ୍ଥିତି ଏଭଳି ଯେ ବେକାରୀ ଯୁବକମାନେ ଚାକିରି ପାଇଁ ବାହାରକୁ ଯାଉଛନ୍ତି । ଲୋକମାନେ ଦୈନନ୍ଦିନ ଜୀବନରେ ବଞ୍ଚିବା ପାଇଁ ସଂଘର୍ଷ କରୁଥିବା ବେଳେ ପାକିସ୍ତାନ ସରକାରୀ ଅଧିକାରୀଙ୍କ ଦରମା ୫୦୦% ବୃଦ୍ଧି କରିଛି ।

# ମଣିପୁରରେ ପୁଣି ହିଂସା- ପୋଡ଼ାଜଳା, ୫ ଜିଲ୍ଲାରେ ବନ୍ଦ ହେଲା ଇଣ୍ଟରନେଟ୍

ଇମ୍ଫାଲ: ମଣିପୁରରେ ପୁଣି ହିଂସା ଆରମ୍ଭ ହୋଇଛି । ମେତେଇ ସମୁଦାୟର ଜଣେ ବଡ଼ ନେତାଙ୍କ ଗିରଫଦାରୀ ପରଠୁ ଏହି ବିକ୍ଷୋଭ ଆରମ୍ଭ ହୋଇଛି । ଏମିତିରେ ସୁରକ୍ଷା ଦୃଷ୍ଟିରୁ ପ୍ରଶାସନ ଇମ୍ଫାଲର ୫ଟି ଜିଲ୍ଲାରେ ପ୍ରତିବନ୍ଧକ ଲାଗୁ କରିଛି । ଇଣ୍ଟରନେଟ ସେବା ବନ୍ଦ କରାଯାଇଛି ।

ସୂଚନା ଅନୁଯାୟୀ, ସିବିଆଇ ମେତେଇ ସଶସ୍ତ୍ର ମିଲିଶିୟା ଗୋଷ୍ଠୀ ଅରମବାଇ ଟୋଙ୍ଗଲର ସଦସ୍ୟ କାନନ ସିଂହଙ୍କୁ ଗିରଫ କରିଥିଲା । ଯାହା ପରଠୁ ଏହି ହିଂସା ଆରମ୍ଭ ହୋଇଛି । ସିବିଆଇ ପକ୍ଷରୁ କୁହାଯାଇଛି କାନନ ସିଂହଙ୍କର ୨୦୨୩ରେ ମଣିପୁର ହିଂସାରେ ସଂପୃକ୍ତି ଥିଲା । ଏଥିପାଇଁ ତାଙ୍କୁ ଇମ୍ଫାଲ ଏୟାରପୋର୍ଟରୁ ଗିରଫ କରାଯାଇଥିଲା ।

ହେଲେ ଗିରଫକୁ ବିରୋଦ କରି ବିକ୍ଷୋଭକାରୀ ଇମ୍ଫାଲ ବିମାନ ବନ୍ଦରର ପ୍ରବେଶ ଦ୍ୱାରକୁ ଘେରିବା ସହ ରାସ୍ତାକୁ ଓହ୍ଲାଇଥିଲେ ଏବଂ ଏକ ମୁଖ୍ୟ ରାସ୍ତା ଅବରୋଧ କରିଥିଲେ ଛଯେପରି ଅଧିକାରୀମାନେ କାନନ ସିଂହଙ୍କୁ ରାଜ୍ୟ ବାହାରକୁ ସ୍ଥାନାନ୍ତର କରିନପାରିବେ । ଅବଶ୍ୟ ସିବିଆଇ ତାଙ୍କୁ ଗିରଫ କରି ଗେହାଟି ନିଆଯାଇଛି । ତାଙ୍କୁ



ପୋଲିସ ରିମାଣ୍ଡ ପାଇଁ ଅଦାଲତରେ ହାଜର କରାଯିବ ।

ଜଣେ ପୋଲିସ ଅଧିକାରୀ କହିଛନ୍ତି "ଅରମବାଇ ଟୋଙ୍ଗଲର ଜଣେ ନେତାଙ୍କ ଗିରଫଦାରୀ ପରେ ହିଂସା ପ୍ରଦର୍ଶନ ଆରମ୍ଭ ହୋଇଛି । ପ୍ରଦର୍ଶନକାରୀ ଏବଂ ସୁରକ୍ଷା କର୍ମୀଙ୍କ ସହ ଗଣ୍ଡଗୋଳରେ ତିନି ଜଣ ଆହତ ହୋଇଛନ୍ତି । ଏଥିପାଇଁ ସତର୍କତାମୂଳକ ପଦକ୍ଷେପ ନିଆଯାଇଛି ।"

ସେପଟେ, ରାଜ୍ୟର ରାଜଧାନୀରେ ଅନେକ ସ୍ଥାନରେ ସୁରକ୍ଷା ବଳଙ୍କ ସହ ହାତାହାତି ହୋଇଛି । ଏଥିରେ ଇମ୍ଫାଲ ଇଷ୍ଟ୍ର ଖୁରଇ ଲାମଲୋଙ୍ଗ ଅଞ୍ଚଳରେ ଭିଡ଼ ଏକ ବସକୁ ନିଆଁ ଲଗାଇଦେଇଛନ୍ତି । ରାଜଭବନଠାରୁ ମାତ୍ର ୨୦୦ ମିଟର ଦୂରରେ କଙ୍ଗଲା ଗେଟ ନିକଟରେ ଏକ ବଡ଼ ବିକ୍ଷୋଭ ସମୟରେ ସୁରକ୍ଷାକର୍ମୀ ବିକ୍ଷୋଭକାରୀଙ୍କୁ ଘଉଡ଼ାଇବା ପାଇଁ ଲୁହବୁହା ଗ୍ୟାସ ମାଡ଼କରିଛି । କ୍ୱାକେଥେଲରେ ମଧ୍ୟ ଅନେକ ଗୁଳିମାଡ଼ ଶବ୍ଦ ଶୁଭିଛି । ଅବଶ୍ୟ ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ ଯେ, ଗୁଳିମାଡ଼ ପାଇଁ କିଏ ଦାୟୀ ? ଏହାରି ମଧ୍ୟରେ ଅନଲାଇନରେ ଏକ ଭିଡ଼ିଓ ଭାଇରାଲ ହେଉଛି । ଯେଉଁଥିରେ କଳା କପଡ଼ା ପିନ୍ଧିଥିବା କିଛି ଲୋକ ନିଜ ଉପରେ ପେଟ୍ରୋଲ ଢାଳି ଆତ୍ମହତ୍ୟା କରିବାକୁ ଧମକ ଦେଉଥିବାର ଦେଖାଯାଉଛି ।

ତେବେ ହିଂସାକୁ ଦେଖି ମଣିପୁର ରାଜ୍ୟପାଳ ଅଜୟ କୁମାର ଭଲ୍ଲା ରବିବାର ବରିଷ୍ଠ ପ୍ରଶାସନିକ ଏବଂ ସୁରକ୍ଷା ଅଧିକାରୀଙ୍କ ସହ ରାଜ୍ୟରେ ସୁରକ୍ଷା ସ୍ଥିତିର ସମୀକ୍ଷା ବୈଠକ କରିଛନ୍ତି । ବୈଠକ ସମୟରେ ରାଜ୍ୟରେ ବର୍ତ୍ତମାନର ଆଇନ ବ୍ୟବସ୍ଥା ସ୍ଥିତି ସହ ଜଡ଼ିତ ବିଭିନ୍ନ ମାମଲାରେ ବ୍ୟାପକ ଚର୍ଚ୍ଚା ଏବଂ ସମୀକ୍ଷା କରାଯାଇଛି ।

ବିଧାୟକଙ୍କ ଏକ ଗ୍ରୁପ୍ ମଧ୍ୟ ରାଜ୍ୟପାଳଙ୍କୁ ଭେଟି ରାଜ୍ୟର ବର୍ତ୍ତମାନର ଆଇନବ୍ୟବସ୍ଥା ସହ ଅବଗତ କରାଇବା ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ସମାଧାନ ପାଇଁ ହସ୍ତକ୍ଷେପ କରିବାକୁ ଅନୁରୋଧ କରିଛନ୍ତି । ରାଜ୍ୟପାଳ ମଧ୍ୟ ସେମାନଙ୍କୁ ଆବଶ୍ୟକୀୟ ପଦକ୍ଷେପ ନିଆଯାଉଥିବା କହିଛନ୍ତି ।



# ବିବାହ ପଞ୍ଜିକରଣ ପାଇଁ ଏବେ ଜରୁରୀ ପଣ୍ଡିତ, ମ୍ୟାରେଜ୍ ଭିଡିଓ

ନୂଆଦିଲ୍ଲୀ: ବର୍ତ୍ତମାନ୍ ଉତ୍ତର ପ୍ରଦେଶରେ ବିବାହ ପଞ୍ଜିକରଣ କୁ ନେଇ ଏକ ବଡ଼ ପରିବର୍ତ୍ତନ କରାଯାଇଛି । ଯାହା ଫଳରେ ଆଉ କେହି ନକଲି ବିବାହ ପଞ୍ଜିକରଣ କରିପାରିବେ ନାହିଁ ।

ତେବେ ଏହି ନୂତନ ନିୟମ ଅନୁଯାୟୀ ବିବାହ ରୀତିନୀତିରେ କୌଣସି ଅସମ୍ପୂର୍ଣ୍ଣ ପ୍ରମାଣ ଦ୍ୱାରା ବିବାହ ପଞ୍ଜୀକରଣ କରିବା ଅସମ୍ଭବ ହୋଇ ପଡ଼ିବ । ଏହି ନିୟମ ଅନୁଯାୟୀ ବିବାହ କାର୍ଯ୍ୟରେ ଉପସ୍ଥିତ ଥିବା ପଣ୍ଡିତ, ଫାଦର କିମ୍ବା ମୌଲବୀ ଆଦିଙ୍କ ସାକ୍ଷ୍ୟ ମଧ୍ୟ ବାଧ୍ୟତାମୂଳକ ହେବ । ଏଥିସହିତ ବିବାହ ପଞ୍ଜୀକରଣ ବର ଏବଂ କନ୍ୟା କିମ୍ବା ସେମାନଙ୍କ ପିତାମାତା ରହୁଥିବା ସ୍ଥାନର ତହସିଲର ସବ-ରେଜିଷ୍ଟ୍ରାର କାର୍ଯ୍ୟାଳୟରେ କରାଯିବ ଓ ଏହି ସମୟରେ ପରିବାରର ଜଣେ ସଦସ୍ୟଙ୍କୁ ମଧ୍ୟ ସେଠାରେ ଉପସ୍ଥିତ ରହିବାକୁ ପଡିବ ।

ସେହିପରି ଯଦି କୌଣସି କାରଣରୁ ଦମ୍ପତିଙ୍କ ପରିବାରର କୌଣସି ସଦସ୍ୟ ପଞ୍ଜୀକରଣ ସମୟରେ ଉପସ୍ଥିତ ରହି ନଥିବେ ତାହେଲେ ବିବାହ ପରିଚାଳନା କରିଥିବା ପଣ୍ଡିତ କିମ୍ବା ମୌଲବୀଙ୍କ ସାକ୍ଷୀ ବଧ୍ୟତାମୂଳକ ବୋଲି କୁହାଯାଇଛି । ଆହୁରି ମଧ୍ୟ ବିବାହ ସମୟର ଭିଡିଓ ବନାଇ ଏହାର ଏକ ପେନ୍ ଡ୍ରାଇଭ୍ ମଧ୍ୟ କାର୍ଯ୍ୟାଳୟରେ ଦାଖଲ କରିବାକୁ ପଡ଼ିବ । ଆହ୍ଲାବାଦ ହାଇକୋର୍ଟଙ୍କ ନିର୍ଦ୍ଦେଶ ପାଳନ ଅନୁଯାୟୀ ଏହି ନୂତନ ଗାଇଡ ଲାଇନ ଜାରି କରାଯାଇଛି ।

ତେବେ ଉତ୍ତରପ୍ରଦେଶରେ ବିବାହ ପ୍ରକ୍ରିୟା ହିନ୍ଦୁ ବିବାହ ଆଇନ ୧୯୫୫ କିମ୍ବା ସ୍ୱତନ୍ତ୍ର ବିବାହ ଆଇନ ୧୯୫୪ ଅଧୀନରେ ହୋଇଥାଏ ଓ ଏହା ଉଭୟ ଅନଲାଇନ ଏବଂ ଅଫଲାଇନରେ ହୋଇଥାଏ ।

## ୧୨୪ ବର୍ଷର

# ରେକର୍ଡ ଭାଙ୍ଗିଲା ମେ ମାସର ବର୍ଷା



ନୂଆଦିଲ୍ଲୀ: ମେ ମାସଟି ବର୍ଷର ସର୍ବାଧିକ ଗରମ ମାସଭାବେ ଜଣାଶୁଣା । କିନ୍ତୁ ଏଥର ଦୃଶ୍ୟ ସମ୍ପୂର୍ଣ୍ଣ ଭିନ୍ନ ଥିଲା । ଏଥର ମେ ମାସରେ ରେକର୍ଡ ବର୍ଷା ହୋଇଛି । ଏପରିକି ତାହା ୧୨୪ ବର୍ଷର ରେକର୍ଡ ଭାଙ୍ଗିଦେଇଛି । ପାଣିପାଗ ବିଭାଗ (ଆଇଏମଡି)ର ରିପୋର୍ଟ ଅନୁଯାୟୀ, ଏଥର ମେ ମାସରେ ୧୨୬.୭ ମିମି ବର୍ଷା ରେକର୍ଡ କରାଯାଇଛି । ଏହା ୧୯୦୧ ପରଠାରୁ ସର୍ବାଧିକ । ଅର୍ଥାତ୍, ଏହା ଏକ ଐତିହାସିକ ଋତୁକାଳୀନ ପରିବର୍ତ୍ତନ । ଗତ ଶତାବ୍ଦୀ ଆରମ୍ଭ ପରେ ଏବେ ଦେଖିବାକୁ ମିଳିଛି । ଏହା କେବଳ ବର୍ଷା ନୁହେଁ ବରଂ ପାଗର ମିଜାଜ ଏକ ବଡ଼ ପରିବର୍ତ୍ତନ ଥିଲା । ପୁଣି ଆହୁରି ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଏବର୍ଷ ସମୟର ଯଥେଷ୍ଟ ପୂର୍ବରୁ ଦକ୍ଷିଣ-ପଶ୍ଚିମ ମୌସୁମୀ ଭାରତରେ ପହଞ୍ଚିଥିଲା । ଅନେକ ଅଞ୍ଚଳରେ ବନ୍ୟା ଭଳି ପରିସ୍ଥିତି ସୃଷ୍ଟି ହୋଇଥିଲା, ଫସଲ କ୍ଷତିଗ୍ରସ୍ତ ହୋଇଥିଲା ଏବଂ ଲୋକମାନେ ମେ ମାସରେ ଛତା ଧରି ଚାଲିବା ଆରମ୍ଭ କରିଥିଲେ, ଯାହା ସାଧାରଣତଃ ଜୁଲାଇ କିମ୍ବା ତା'ପରେ ଘଟେଛ ପ୍ରଶ୍ନ ଉଠୁଛି: ଜଳବାୟୁ ଏବେ ସେହି ପୁରୁଣା ଚକ୍ରକୁ ପୁନରାବୃତ୍ତି କରୁଛି କି? ଜଳବାୟୁ ବୈଜ୍ଞାନିକମାନେ ବିଶ୍ୱାସ କରୁଛନ୍ତି ଯେ ଭାରତରେ ପାଗ ଆଉ ପୂର୍ବ ପରି ନାହିଁ । ଏହିପରିବର୍ତ୍ତନ ବିଶ୍ୱ ଉତ୍ତପ୍ତୀକରଣ ଏବଂ ପରିବେଶରେ ହେଉଥିବା ବ୍ୟାପକ ପରିବର୍ତ୍ତନର ଏକ ସୂଚକ ।

# ୬ ହଜାର ମୁହାଁ ସକ୍ରିୟ କରୋନା ଆକ୍ରାନ୍ତ ସଂଖ୍ୟା

ନୂଆଦିଲ୍ଲୀ: ଗତ ୨୪ ଘଣ୍ଟାରେ ଦେଶରେ ୩୯୧ ଜଣ ନୂଆ କରୋନା ଆକ୍ରାନ୍ତଙ୍କୁ ଚିହ୍ନଟ କରାଯାଇଛି । ଏହା ସହିତ ଦେଶରେ ସକ୍ରିୟ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୫୭୫୫କୁ ବୃଦ୍ଧି ପାଇଛି । ରବିବାର ସକାଳେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ଏହି ସୂଚନା ଦିଆଯାଇଛି ।

କରୋନାର ୩୯୧ଟି ନୂଆ ମାମଲା ମଧ୍ୟରୁ କେରଳର ସର୍ବାଧିକ ୧୨୭ଟି ରହିଛି । ଏହା ପଛକୁ ରହିଛି ଗୁଜରାଟ । ସେଠାରୁ ୧୦୨ ଜଣ ନୂଆ ଆକ୍ରାନ୍ତଙ୍କୁ ଚିହ୍ନଟ କରାଯାଇଛି । ସେହିପରି ଦିଲ୍ଲୀରୁ ୭୩ ଓ ପଶ୍ଚିମବଙ୍ଗରୁ ୨୬ ଜଣ ଚିହ୍ନଟ ହୋଇଛନ୍ତି । କରୋନା ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧି ପାଉଥିବାରୁ ସାରା ଦେଶରେ ଡାକ୍ତରଖାନାଗୁଡ଼ିକର ପ୍ରସ୍ତୁତି ପରଖିବା ପାଇଁ କେନ୍ଦ୍ର ସରକାର ମକ୍ ଡ୍ରିଲ୍ ଆରମ୍ଭ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ।

ଅରୁଣାଚଳ ପ୍ରଦେଶ, ଚଣ୍ଡିଗଡ଼, ମିଜୋରାମ ଓ ତ୍ରିପୁରାରେ ଗତ ୨୪ ଘଣ୍ଟାରେ



କରୋନାର ଗୋଟିଏ ବି ନୂଆ ମାମଲା ଦେଖିବାକୁ ମିଳିନାହିଁ ।

ନୂଆମାମଲା ଆସିବା ସହିତ ଗତ ୨୪ ଘଣ୍ଟାରେ ୪ ଜଣ କରୋନା ଆକ୍ରାନ୍ତଙ୍କର ମୃତ୍ୟୁ ଘଟିଛି । କେରଳ, ମଧ୍ୟ ପ୍ରଦେଶ, ମହାରାଷ୍ଟ୍ର ଓ ତାମିଲନାଡୁରୁ ଜଣେ ଲେଖାଏଁ କରୋନା ଆକ୍ରାନ୍ତଙ୍କର ମୃତ୍ୟୁ ଘଟିଥିବା କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ।

କେରଳର ଯେଉଁ ବ୍ୟକ୍ତି ଜଣଙ୍କ ପ୍ରାଣ ହରାଇଛନ୍ତି ସେ ଫୁସଫୁସ୍ କ୍ୟାନସରରେ ପୀଡ଼ିତ ଥିଲେ । ସେ ଫୁସଫୁସ୍ କ୍ୟାନସରର ଷ୍ଟେଜ ୪ରେ ପହଞ୍ଚି ସାରିଥିଲେ । ତେବେ ତା' ଭିତରେ କରୋନାରେ ଆକ୍ରାନ୍ତ ହେବାରୁ ତାଙ୍କ ଅବସ୍ଥା ଜଟିଳ ହୋଇଯାଇଥିଲା । ମଧ୍ୟ ପ୍ରଦେଶରେ ଯାହାଙ୍କର ମୃତ୍ୟୁ ଘଟିଛି, ସେ ଜଣେ ମହିଳା ଥିଲେଛ ତାଙ୍କୁ ୪୫ ବର୍ଷ ହୋଇଥିଲା । ସେ ୯ ମାସର ଗର୍ଭବତୀ ମଧ୍ୟ ଥିଲେ ।

ମହାରାଷ୍ଟ୍ରରେ ଯେଉଁ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି, ତାଙ୍କୁ ୬୩ ବର୍ଷ ହୋଇଥିଲା । ପୂର୍ବରୁ ତାଙ୍କର ଥାଇରଏଡ୍ ଜନିତ ସମସ୍ୟା ମଧ୍ୟ ରହିଥିଲା । ତାମିଲନାଡୁରେ ପ୍ରାଣ ହରାଇଥିବା ବ୍ୟକ୍ତିଙ୍କୁ ୭୯ ବର୍ଷ ହୋଇଥିଲା । ସେ ମଧୁମେହରେ ପୀଡ଼ିତ ଥିଲେ । ମାସେ ହେଲାଣି ସେ ଶଯ୍ୟାଶାୟୀ ମଧ୍ୟ ଥିଲେ ।

ଚଳିତ ବର୍ଷ ଜାନୁଆରୀରୁ ବର୍ତ୍ତମାନ ସୁଦ୍ଧା କୋଭିଡ୍ ଯୋଗୁ ମହାରାଷ୍ଟ୍ରରେ ସର୍ବାଧିକ ୧୮ ଜଣ ଲୋକଙ୍କ ମୃତ୍ୟୁ ଘଟି ସାରିଥିବା ବେଳେ କେରଳରେ ୧୨, ଦିଲ୍ଲୀ ଓ କର୍ଣ୍ଣାଟକରେ ୭ ଜଣ ଲେଖାଏ, ତାମିଲନାଡୁରେ ୫ ଏବଂ ଉତ୍ତର ପ୍ରଦେଶ, ପଞ୍ଜାବ, ମଧ୍ୟ ପ୍ରଦେଶ ଓ ଗୁଜରାଟରେ ୨ ଜଣ ଲେଖାଏ ପ୍ରାଣ ହରାଇଛନ୍ତି । ରାଜସ୍ଥାନ ଓ ପଶ୍ଚିମବଙ୍ଗରେ ଏହି ସମୟ ମଧ୍ୟରେ ଜଣେ ଲେଖାଏ କରୋନାରେ ପ୍ରାଣ ହରାଇଛନ୍ତି ।

ଚଳିତ ବର୍ଷ ଜାନୁଆରୀ ମାସରୁ ଜୁନ୍ ୮ ତାରିଖ ବା ଆଜି ସୁଦ୍ଧା ୫୪୮୪ ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇ ଡାକ୍ତରଖାନାରୁ ଡିସଚାର୍ଜ ହୋଇଛନ୍ତି । ସେମାନଙ୍କ ମଧ୍ୟରୁ କେବଳ ଚଳିତ ମାସରଆ ୭୬୦ ଜଣ ସୁସ୍ଥ ହୋଇଛନ୍ତି ।

# ବିରାଟ, ରୋହିତଙ୍କୁ ସମ୍ବର୍ଦ୍ଧନା ଦେବ କ୍ରିକେଟ୍ ଅଷ୍ଟ୍ରେଲିଆ

ନୂଆଦିଲ୍ଲୀ, ୮।୬(ଏଜେନ୍ସି) : ଭାରତୀୟ କ୍ରିକେଟ୍ ଦଳର ଦୁଇ ବରିଷ୍ଠ ଖେଳାଳି ରୋହିତ ଶର୍ମା ଓ ବିରାଟ କୋହଲି ଅପ୍ରତ୍ୟାଶିତ ଭାବେ ଟେଷ୍ଟ କ୍ରିକେଟ୍‌ରୁ ସନ୍ୟାସ ନେଇଥିଲେ। ଏହି ଦୁଇ ଖେଳାଳିଙ୍କୁ ବିସିଆଇ ପକ୍ଷରୁ କୌଣସି ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇନାହିଁ। ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ୍ ବୋର୍ଡ (ବିସିସିଆଇ)



ଉଭଙ୍କୁ ସମ୍ବର୍ଦ୍ଧିତ କରିବ କି ନାହିଁ ତାହା ମଦ୍ୟ ଘୋଷଣା କରିନାହିଁ। ହେଲେ ଅଷ୍ଟ୍ରେଲିଆ କ୍ରିକେଟ୍ ବୋର୍ଡ ରୋହିତ ଓ ବିରଟଙ୍କୁ ବିଦାୟ ସମ୍ବର୍ଦ୍ଧନା ଦେବାକୁ ଯୋଜନା ପ୍ରସ୍ତୁତ କରିଛି। ଭାରତୀୟ ଦଳ ଚଳିତ ବର୍ଷ ଶେଷ ଆଡକୁ ତିନି ମ୍ୟାଚ୍ ବିଶିଷ୍ଟ ଦିନିକିଆ ଶୃଙ୍ଖଳା ଖେଳିବାକୁ ଅଷ୍ଟ୍ରେଲିଆ ଗସ୍ତରେ ଯିବ। ଏହି ଗସ୍ତରେ କ୍ରିକେଟ୍ ଅଷ୍ଟ୍ରେଲିଆ ଏହି ଦୁଇ କିମ୍ବଦନ୍ତୀ କ୍ରିକେଟ୍‌ରଙ୍କ ପାଇଁ ସ୍ୱତନ୍ତ୍ର ବିଦାୟ ସମ୍ବର୍ଦ୍ଧନା ଉତ୍ସବ ଆୟୋଜନ କରିବାକୁ ନିଷ୍ପତ୍ତି ନେଇଛି।

କ୍ରିକେଟ୍ ଅଷ୍ଟ୍ରେଲିଆ ସିଓ ଟଡ୍ ଗ୍ରିନ୍‌ବର୍ଗ କହିଛନ୍ତି ବିରାଟ କୋହଲି ଓ ରୋହିତ ଶେଷ ଅଷ୍ଟ୍ରେଲିଆ ଗସ୍ତ ହୋଇପାରେ। ବୋର୍ଡ ଉଭୟଙ୍କ ମହାନ୍ କ୍ରିକେଟ୍ କ୍ୟାରିୟରକୁ ସମ୍ମାନିତ କରିବାକୁ ଚାହୁଁଛି। ଟଡ୍ ଗ୍ରିନ୍‌ବର୍ଗ ଏହା ମଧ କହିଛନ୍ତି ମୁଁ ଜାଣିନାହିଁ ଏହା ସେମାନଙ୍କ ଶେଷ ଗସ୍ତ କି ନୁହେଁ। କିନ୍ତୁ ବୋର୍ଡ ରୋହିତ ଓ ବିରାଟଙ୍କ ପାଇଁ ଏହି ଗସ୍ତ ସ୍ମରଣୀୟ କରିବାକୁ ଯୋଜନା କରିଛି। ରୋହିତ ଶର୍ମା ଏବଂ ବିରାଟ କୋହଲି ଟେଷ୍ଟରୁ ଅବସର ନେଇସାରିଛନ୍ତି। ଦୁହେଁ କେବଳ ଦିନିକିଆ ଖେଳ ଜାରିରଖିବେ। କ୍ରିକେଟ୍ ଅଷ୍ଟ୍ରେଲିଆ ଅନୁଭବ କରିଛି ଯେ, ରୋହିତ କୋହଲି କୌଣସି ମୁହୂର୍ତ୍ତରେ ଦିନିକିଆ ଅବସର ନେଇପାରନ୍ତି। ତେଣୁ ଦୁଇଟି ତାରକା ଖେଳାଳି ଅଷ୍ଟ୍ରେଲିଆର ଏହି ଗସ୍ତକୁ ସ୍ୱତନ୍ତ୍ର କରିବାକୁ ଚାହାଁନ୍ତି ବୋଲି କ୍ରିକେଟ୍ ଅଷ୍ଟ୍ରେଲିଆ କହିଛି।

# ସିଏମ୍ ଟ୍ରଫି : ବରଗଡ଼ ଏଫସି ଚାମ୍ପିଅନ୍

ଭୁବନେଶ୍ୱର,୮।୬(ସବ୍ୟୁ): ସିଏମ୍ ଟ୍ରଫି – ଲକ୍ଷ୍ୟ ଏକ, ପ୍ରତିଭା ଅନେକ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ଓଡ଼ିଶାରେ ତୃଣମୂଳ ସ୍ତରରେ କ୍ରୀଡ଼ା ପ୍ରତିଭାର ବିକାଶ ପାଇଁ ପ୍ରଥମ ଥର ପାଇଁ ଆୟୋଜନ କରାଯାଇଥିଲା ସିଏମ୍ ଟ୍ରଫି (ଅଣ୍ଡର–୧୫) ଫୁଟବଲ ଚାମ୍ପିଅନସିପ୍ – ୨୦୨୫ ।

ବିଗତ ୧୬ ଜାନୁଆରୀରୁ ଆରମ୍ଭ ହୋଇଥିବା ଏହି ଟୁର୍ଣ୍ଣାମେଣ୍ଟର ବହୁ ପ୍ରତିକ୍ଷୀତ ଫାଇନାଲ୍ ମ୍ୟାଚ୍ ରାଉରକେଲା ସ୍ଥିତ ବିର୍ସାମୁଣ୍ଡା ଷ୍ଟାଡ଼ିୟମ୍‌ରେ ଅନୁଷ୍ଠିତ ହୋଇଯାଇଛି । ଫାଇନାଲ୍ ମ୍ୟାଚ୍ ବରଗଡ଼ ଏଫସି ଏବଂ ଭୁବନେଶ୍ୱର ଏଫସି ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ବରଗଡ଼ ଏଫସି ଭୁବନେଶ୍ୱର ଏଫସିକୁ ୩–୨ ଗୋଲ୍ ବ୍ୟବଧାନରେ ପରାସ୍ତ କରି ସିଏମ୍ ଟ୍ରଫି (ଅଣ୍ଡର–୧୫) ଫୁଟବଲ ଚାମ୍ପିଅନ ହୋଇଛି ।



ଫାଇନାଲ୍ ମ୍ୟାଚରେ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମସ୍ତ କ୍ରୀଡ଼ାବିତମାନଙ୍କର ଉତ୍ସାହ ବର୍ଦ୍ଧନ କରିଥିଲେ । ନିଜର ପ୍ରତିକ୍ରିୟାରେ ସେ କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ରାଜ୍ୟରେ ପ୍ରଥମ ଥର ପାଇଁ ସିଏମ୍ ଟ୍ରଫି (ଅଣ୍ଡର–୧୫) ଫୁଟବଲ ଚାମ୍ପଅନସିପର ଆୟୋଜନ କରାଯାଇଥିଲା । ତୃଣମୂଳ ସ୍ତରରୁ ଓଡ଼ିଶାର ପ୍ରତିଟି ଗାଁରେ ଯେପରି କ୍ରୀଡ଼ା ପ୍ରତିଭା ବିକଶିତ ହୋଇପାରିବ ସେହି ଲକ୍ଷ୍ୟରେ ସିଏମ୍ ଟ୍ରଫି ଚାମ୍ପିଅନସିପର ଆୟୋଜିତ ହୋଇଥିଲା । ଏହି ଟୁର୍ଣ୍ଣାମେଣ୍ଟ ସମାପ୍ତ ହୋଇଛି । ବିଜୟୀ ଦଳ ବରଗଡ଼ ଏଫସି ଏବଂ ଏହି ଚାମ୍ପିଅନସିପରେ ଅଂଶଗ୍ରହଣ କରିଥିବା ସମସ୍ତ କ୍ରୀଡ଼ାବିତମାନଙ୍କୁ ମୁଁ ଶୁଭେଚ୍ଛା ଜଣାଉଛି । ସିଏମ୍ ଟ୍ରଫି ଚାମ୍ପିଅନସିପ୍ ନିଶ୍ଚିତ ରୂପେ ତୃଣମୂଳ ସ୍ତରରେ କ୍ରୀଡ଼ା ପ୍ରତିଭାମାନଙ୍କୁ ନିଜର ପ୍ରତିଭା ପ୍ରଦର୍ଶନ କରିବା ନିମନ୍ତେ ଏକ ପ୍ରକୃଷ୍ଟ ମଞ୍ଚ ପ୍ରଦାନ କରିପାରିଛି । ଏହି ଚାମ୍ପିଅନସିପରୁ ଶ୍ରେଷ୍ଠ ୧୦୦ଜଣ କ୍ରୀଡ଼ାବିତମାନଙ୍କୁ ଚୟନ କରାଯାଇ ସେମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯିବ । ଏଥିସହିତ ଆଗାମୀ ଦିନରେ ବିଭିନ୍ନ କ୍ରୀଡ଼ା ଯଥା ଆଥଲେଟିକ୍ସ, ବ୍ୟାଡ଼ମିଣ୍ଟନ, ଖୋଖୋ, କବାଡ଼ି, ହକି ଓ ଅନ୍ୟାନ୍ୟ କ୍ରୀଡ଼ାକୁ ମଧ ସିଏମ୍ ଟ୍ରଫି ଚାମ୍ପିଅନସିପରେ ସାମିଲ କରାଯିବ ବୋଲି କ୍ରୀଡ଼ାମନ୍ତ୍ରୀ ମତପ୍ରକାଶ କରିଥିଲେ ।ସିଏମ୍ ଟ୍ରଫି ଚାମ୍ପିଅନସିପର ଫାଇନାଲ୍ ମ୍ୟାଚରେ ଓଡ଼ିଶା ଫୁଟବଲ୍ ଆସୋସିଏସନର ପ୍ରେସିଡେଣ୍ଟ ତଥା ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ ଉପସ୍ଥିତ ଥିଲେ । ସିଏମ୍ ଟ୍ରଫି ଚାମ୍ପିଅନସିପ୍ ଓଡ଼ିଶାର ସମସ୍ତ କ୍ରୀଡ଼ାବିତମାନଙ୍କୁ ଉତ୍ସାହିତ କରିବା ସହ ଏହି ପ୍ରତିଯୋଗିତାର ଆୟୋଜନ ମାଧ୍ୟମରେ କ୍ରୀଡ଼ା ପ୍ରତିଭା ବିକଶିତ ହୋଇପାରିଛି ଏବଂ ରାଜ୍ୟରେ କ୍ରୀଡ଼ାର ବିକାଶର ଏହି ଜୟଯାତ୍ରା ଆଗକୁ ମଧ ଏହିପରି ଭାବେ ଜାରି ରହିବ ବୋଲି ସେ କହିଛନ୍ତି ।ଓଡ଼ିଶା ଫୁଟବଲ ଆସୋସିଏସନ୍ ଏବଂ ଓଡ଼ିଶା କ୍ରୀଡ଼ା ଓ ଯୁବସେବା ବିଭାଗର ମିଳିତ ଆନୁକୂଲ୍ୟରେ ସିଏମ୍ ଟ୍ରଫି (ଅଣ୍ଡର–୧୫) ଫୁଟବଲ୍ ଚାମ୍ପିଅନସିପର ପ୍ରଥମ ପର୍ଯ୍ୟାୟ ଗତ ଜାନୁଆରୀ ମାସ ୧୬ ତାରିଖରୁ ଏପ୍ରିଲ ମାସ ୧୯ ତାରିଖ ପର୍ଯ୍ୟନ୍ତ ରାଜ୍ୟର ସମସ୍ତ ଜିଲ୍ଲାମାନଙ୍କରେ ଅନୁଷ୍ଠିତ ହୋଇଥିଲା । ଏଥିରେ ଜିଲ୍ଲାମାନଙ୍କରେ ରହିଥିବା ବିଭିନ୍ନ ଫୁଟବଲ କ୍ଲବ ଅଂଶଗ୍ରହଣ କରିଥିଲେ । ଏହାପରେ ପ୍ରତିଯୋଗିତାର ଦ୍ୱିତୀୟ ପର୍ଯ୍ୟାୟ ଅର୍ଥାତ୍ ଜୋନାଲ୍ ସ୍ତରୀୟ ସିଏମ୍ ଟ୍ରଫି ଚାମ୍ପିଅନସିପ୍ ଅନୁଷ୍ଠିତ ହୋଇଥିଲା । ଜିଲ୍ଲା ସ୍ତରରୁ ଚୟନ ହୋଇ ଆସିଥିବା ଦଳକୁ ୪ ଗୋଟି ଜୋନ୍ (ଜୋନ୍– ସମ୍ବଲପୁର, ଭୁବନେଶ୍ୱର, କେନ୍ଦୁଝର ଏବଂ ବ୍ରହ୍ମପୁର)ରେ ବିଭକ୍ତ କରାଯାଇ ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା । ଜୋନାଲ୍ ସ୍ତରୀୟ ପ୍ରତିଯୋଗିତା ସମାପ୍ତ ହେବା ପରେ ସିଏମ୍–ଟ୍ରଫି ସେମି ଫାଇନାଲ୍ ଏବଂ ଫାଇନାଲ୍ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା । ଜିଲ୍ଲାରୁ ଜୋନାଲ୍ ଏବଂ ଜୋନାଲରୁ ରାଜ୍ୟ ସ୍ତର ପର୍ଯ୍ୟନ୍ତ ଏହିପରି ଭାବରେ ତିନୋଟି ପର୍ଯ୍ୟାୟରେ ଏହି ପ୍ରତିଯୋଗିତାକୁ ଆୟୋଜନ କରାଯାଇଥିବାରୁ ବାସ୍ତବରେ ତୃଣମୂଳ ସ୍ତରରେ କ୍ରୀଡ଼ା ପ୍ରତିଭାର ବିକାଶ ହୋଇପାରିଛି । ଏଥିସହିତ ସିଏମ୍ ଟ୍ରଫି ଚାମ୍ପିଅନସିପର ଲୋଗୋ, ଟ୍ରଫି, ଜର୍ସି ଓ ଆନଥେମ ମଧ ନିକଟ ଅତୀତରେ ଉନ୍ମୋଚିତ କରାଯାଇଥିଲା । କ୍ରୀଡ଼ାବିତମାନଙ୍କ ମଧ୍ୟରେ ରହିଥିବା ଅଦମ୍ୟ ଉତ୍ସାହ ଓ ଦୃଢ଼ ପ୍ରତିବଦ୍ଧତାକୁ ଆନଥେମରେ ଖୁବ୍ ସୁନ୍ଦର ଭାବରେ ପ୍ରଦର୍ଶିତ କରାଯାଇଛି ବୋଲି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି ।

# ଶ୍ରେୟାସ ହେବେ ଅଧିନାୟକ

ନୂଆଦିଲ୍ଲୀ, ୮।୬(ଏଜେନ୍ସି) : ଆଇପିଲଏରେ ଶ୍ରେୟାସ ଆୟରଙ୍କ ନେତୃତ୍ୱ ପ୍ରଦର୍ଶନ ସମସ୍ତଙ୍କୁ ପ୍ରଭାବିତ କରିଛି। ଏପରିକି ତାଙ୍କୁ ଧଳା ବଲ କ୍ରିକେଟ୍‌ରେ ଭାରତର ଭବିଷ୍ୟତ ଅଧିନାୟକ ଭାବେ ଚିତ୍ରଣ କରାଯାଉଛି। ମ୍ୟାଚ୍‌ରେ ଚାପ ପରିସ୍ଥିତିରେ ସେ ଦଳର ନେତୃତ୍ୱ ଠିକ୍ ଭାବେ ନେଇ ପାରୁଛନ୍ତି। ଯେଉଁ ବିସିସିଆଇ ତାଙ୍କୁ ଅଣଦେଖା କରୁଥିଲା ସେ ଏବେ ଶ୍ରେୟାସଙ୍କ ଉପରେ ପ୍ରଭାବିତ। ସୂର୍ଯ୍ୟ କୁମାର ଯାଦବ ଟି–୨୦ ଏବଂ ରୋହତ ଶର୍ମା ଦିନିକିଆ ଦଳର ନେତୃତ୍ୱ ନେଉଛନ୍ତି। ପଞ୍ଜାବ କିଙ୍ଗ୍‌ସ ଫାଇନାଲରେ ରୟାଲ ଚ୍ୟାଲେଞ୍ଜରସ୍ ବେଙ୍ଗାଲୁରୁ ନିକଟରୁ ପରାଜିତ ହୋଇଥିଲା। ରୋହିତଙ୍କ ବଳଦରେ ବିସିସିଆଇ ଜଣେ ଯୁବ ଖେଳାଳିଙ୍କୁ ନେତୃତ୍ୱ ଦେବାକୁ ଚାହୁଁଛି। ତେଣୁ ଏହି ଦୌଡରେ ଶ୍ରେୟାସ ଆୟର ଆଗରେ ଅଛନ୍ତି।



ଭାରତୀୟ ଦଳ ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ଶୃଙ୍ଖଳା ଖେଳିବା ପାଇଁ ଇଂଲଣ୍ଡ ଗସ୍ତରେ ଯାଇଛି। ରୋହିତ ଶର୍ମା, ବିରାଟ କୋହଲି ଓ ରବି ଚନ୍ଦ୍ର ଅଶ୍ୱିନଙ୍କ ପରି ଖେଳାଳିଙ୍କ ଅବସର ଯୋଗୁଁ ଏଥର ନବାଗତ ବାହିନୀ ବିଦେଶ ମାଟିରେ ପ୍ରଦର୍ଶନ ଦେଖାଇବାକୁ ଯାଉଛନ୍ତି ଶୁଭମନ୍ ଗିଲ୍ ଭାରତୀୟ ଦଳର ନେତୃତ୍ୱ ନେବେ। ଏହି ଶୃଙ୍ଖଳା ଯୁବ ଖେଳାଳିଙ୍କ ପାଇଁ ସୁବର୍ଣ୍ଣ ସୁଯୋଗ ସୃଷ୍ଟି କରିବ।

୨୦୨୭ ଦିନିକିଆ ବିଶ୍ୱକପ୍‌ରେ କିଏ ଭାରତର ନେତୃତ୍ୱ ନେବ ତାହା ଅବଶ୍ୟ ଏବେଠାରୁ ଆକଳନ କରିବା ସମ୍ଭବ ନୁହେଁ। ମାତ୍ର ଶ୍ରେୟାସଙ୍କ କ୍ୟାରିୟର ଲମ୍ବା ଥିବାରୁ ତାଙ୍କୁ ହିଁ ଏହି ଗୁରୁ ଦାୟିତ୍ୱ ମିଳିପାରେ। ଭାରତ ୨୦୨୫ ଚାମ୍ପିୟନ ଟ୍ରଫି ଜିତିବା ପରେ ଶ୍ରେୟାସଙ୍କ ଯୋଗଦାନ ଗୁରୁତ୍ୱପୂର୍ଣ୍ଣ ଥିଲା। ସେ ୫ ଟି ମ୍ୟାଚ୍‌ରେ ୨୪୩ ରନ୍ କରିଥିଲେ। ଏଥିରେ ଦୁଇଟି ଅର୍ଦ୍ଧ ଶତକ ଥିଲା। ଏହା ପୂର୍ବରୁ ଦିନିକିଆ ବିଶ୍ୱକପ୍‌ରେ ମଧ ସେ ୧୧ ଇନିଂସରେ ୫୩୦ ରନ୍ କରିଥିଲେ। ଏଥିରେ ଦୁଇଟି ଶତକ ଓ ତିନୋଟି ଅର୍ଦ୍ଧ ଶତକ ଥିଲା।ସୂର୍ଯ୍ୟ କୁମାରଙ୍କ ନେତୃତ୍ୱରେ ଭାରତ ଟି– ୨୦ କ୍ରିକେଟ୍‌ରେ ଭଲ ପ୍ରଦର୍ଶନ କରୁଛି।ସୂର୍ଯ୍ୟ କୁମାରଙ୍କ ବ୍ୟକ୍ତିଗତ ପ୍ରଦର୍ଶନ ଭଲ ନାହିଁ। ଯଦି ସେ ଏଥିରେ ସୁଧାର ନ ଆଣିବେ ତେବେ ଅଧିନାୟକ ପଦ ହରାଇବା ନିଶ୍ଚିତ। ଶ୍ରେୟାସ ପରୋକ୍ଷରେ ରୋହିତ ଶର୍ମା ଓ ସୂର୍ଯ୍ୟ କୁମାରଙ୍କ ପାଇଁ ମୁଣ୍ଡ ବ୍ୟଥାର କାରଣ ସାଜିଛି।

## ଏଫ୍‌ଆଇଏଚ୍ ପ୍ରୋ ଲିଗ୍

# ନେଦରଲ୍ୟାଣ୍ଡସ୍‌ଠାରୁ ହାରିଲା ଭାରତ

ନୂଆଦିଲ୍ଲୀ, ୮।୬(ଏଜେନ୍ସି) : ଏଫ୍‌ଆଇଏଚ୍ ପୁରୁଷ ହକି ପ୍ରୋ ଲିଗ୍‌ର ୟୁରୋପୀୟ ଲିଗ୍ ଆରମ୍ଭ ହୋଇଛି। ଶନିବାର ଭାରତୀୟ ପୁରୁଷ ହକି ଦଳ ଏହି ଲେଗ୍‌ର ପ୍ରଥମ ମ୍ୟାଚରେ ନେଦରଲ୍ୟାଣ୍ଡସ୍ ଭେଟିଥିଲା। ଆମଷ୍ଟେଲ୍‌ଭିନ୍ ହକି ଷ୍ଟାଡିୟମ୍‌ରେ ଏହି ମ୍ୟାଚ୍ ଖେଳାଯାଇଥିଲା।

ଭାରତୀୟ ପୁରୁଷ ଦଳ ଏହି ମ୍ୟାଚ୍‌ରେ ନେଦରଲ୍ୟାଣ୍ଡସ୍‌ଠାରୁ ୧–୨ ଗୋଲ୍‌ରେ ପରାଜିତ ହୋଇଛି। ଭାରତୀୟ ହରମନପ୍ରିତ୍ ସିଂ ୧୯ତମ ମିନିଟ୍‌ରେ ପ୍ରଥମ



ଗୋଲ୍ କରିଥିଲେ। ନେଦରଲ୍ୟାଣ୍ଡସ୍ ପକ୍ଷରୁ ଭାନ୍‌ଡାମ୍ ୨୯ ଓ ୫୮ ତମ ମିନିଟ୍‌ରେ ଦୁଇଟି ଗୋଲ୍ କରିଥିଲେ।

ଭାରତୀୟ ଦଳ ସୋମବାର ନେଦରଲ୍ୟାଣ୍ଡସ୍ ପକ୍ଷରେ ଦ୍ୱିତୀୟ ମ୍ୟାଚ୍ ଖେଳିବ। ବର୍ତ୍ତମାନ ପଏଣ୍ଟ ଟେବୁଲ୍‌ରେ ନେଦରଲ୍ୟାଣ୍ଡସ୍ ୧୭ ପଏଣ୍ଟ ସହ ପ୍ରଥମ ସ୍ଥାନରେ ରହିଛି। ଭାରତ ୧୫ ପଏଣ୍ଟ ସହ ଚତୁର୍ଥ ସ୍ଥାନରେ ରହିଛି।

ଭାରତୀୟ ପୁରୁଷ ହକି ଦଳର ଅଧିନାୟକ ହାର୍ଦ୍ଦିକ ସିଂ ଏହି ମ୍ୟାଚ୍ ଖେଳି ୧୫୦ତମ ଅନ୍ତର୍ଜାତୀୟ କ୍ୟାପ୍ ଅର୍ଜନ କରିଛନ୍ତି। ଏଫ୍‌ଆଇଏଚ୍ ପ୍ରୋ ଲିଗ୍ ୨୦୨୪–୨୫ ଜିଓ ହଟ୍‌ଷ୍ଟାରରେ ପ୍ରସାର ହେଉଛି।

# ଗ୍ରୀଷ୍ମକାଳୀନ ବଲ୍ ବ୍ୟାଡ୍‌ମିଣ୍ଟନ ଶିବିର ଉଦ୍‌ଯାପିତ



ଭୁବନେଶ୍ୱର, ୮।୬ (ସବ୍ୟୁ): କଟକ ଜିଲ୍ଲା ବଲ୍ ବ୍ୟାଡ୍‌ମିଣ୍ଟନ ଆସୋସିଏସନ ଆନୁକୂଲ୍ୟରେ ଗ୍ରୀଷ୍ମକାଳୀନ ବଲ୍ ବ୍ୟାଡ୍‌ମିଣ୍ଟନ ଶିବିର ଗତ ମେ ୫ ତାରିଖରୁ ଆରମ୍ଭ ହୋଇ ଜୁନ୍ ୮ ତାରିଖରେ ଶେଷ ହୋଇଛି । ବିଡ଼ାନାସୀ ଗ୍ରାଉଣ୍ଡରେ ୬୦ ଜଣ ବାଳକ ବାଳିକାଙ୍କୁ ନେଇ ଶିବିର ଅନୁଷ୍ଠିତ ହୋଇଥିଲା । ଉକ୍ତ ଶିବିରକୁ ପ୍ରଶିକ୍ଷକ ଏସ୍‌ଡି ରହେମାନ, ଚିତ୍ତରଞ୍ଜନ ପାଇକ, ଅଜୟ ସାହୁ, ଜିତେଶ ସାହୁ, ମହେଶ୍ୱତା ସାହୁ ପ୍ରଶିକ୍ଷଣ ଦେଇଥିଲେ । ଉଦ୍‌ଯାପନୀ ଉତ୍ସବରେ ଜିଲ୍ଲା ସଭାପତି ପାର୍ଥସାରଥୀ ସାମନ୍ତରାୟଙ୍କ ଅଧ୍ୟକ୍ଷତାରେ ଅତିଥି ଭାବେ ପୂର୍ବତନ କ୍ରୀଡ଼ା ନିରୀକ୍ଷକ ଲକ୍ଷ୍ମୀପ୍ରିୟା ଦେଇ, କ୍ରୀଡ଼ା ସଂଗଠକ ରମେଶ ଚନ୍ଦ୍ର ମଲିକ, ଫିଟ୍‌ନେସ୍ ଟ୍ରେନର ମହେଶ ମଲ୍ଲ, ଭୂମି ଚାରିଟେବୁଲ ଟ୍ରଷ୍ଟର ରାମୁ ରେଡ୍ଡୀ, ପୂର୍ବତନ ଖେଳାଳି ଜି.ସୁବାସ ସ୍ୱାମୀ, ମନୋଜ ରଞ୍ଜନ ସ୍ୱାଇଁ, ରାନୁ ପାଢ଼ୀ ଆଦି କ୍ରୀଡ଼ାର ଉପାଦେୟତା ସମ୍ପର୍କରେ ଶିବିରାର୍ଥୀଙ୍କୁ ବୁଝାଇବା ସହ ମାନପତ୍ର ପ୍ରଦାନ କରିଥିଲେ । ଯୁଗ୍ମ ସମ୍ପାଦକ ମୋଜେସ ବେହେରା ସଭା ପରିଚାଳନା କରିଥିବାବେଳେ ସଂପାଦକ ଅଜୟ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଫ୍ରେଣ୍ଡସିପ କ୍ରିକେଟ କ୍ଲବ ଟୁର୍ଣ୍ଣାମେଣ୍ଟ ସିଜିନ– ୨

# ୩ୟ ଲିଗ୍‌ରେ ରାଣୀଭୁଇଁ, କମଳାଡିହ ଟିମ୍ ବିଜୟୀ

ଗଣିଆ ,(ସବ୍ୟୁ) :ନୟାଗଡ଼ ଜିଲ୍ଲା ଗଣିଆ ବ୍ଲକ ଛାମୁଣ୍ଡିଆ ପଞ୍ଚାୟତ ଅନ୍ତର୍ଗତ ବଡ଼ମୂଳ ପ୍ରଗଣାରେ ସାତକୋଶିଆ ସ୍ୟାଣ୍ଡସ ରିଶୋର୍ଟ ଓ ଛାମୁଣ୍ଡିଆ ଏସ ବି ଆଇ ଆମ ବ୍ୟାଙ୍କ୍ ଦ୍ୱାରା ଆୟୋଜିତ ହେଉଥିବା ଫ୍ରେଣ୍ଡସିପ କ୍ରିକେଟ କ୍ଲବ ତରଫରୁ ଫ୍ରେଣ୍ଡସିପ କ୍ରିକେଟ ଟୁର୍ଣ୍ଣାମେଣ୍ଟ ସିଜିନ ୨ ବେଠିଆସାହି ମହାନଦୀ ଖେଳ ପଡିଆ ଠାରେ ଅନୁଷ୍ଠିତ ହେଉଛି। ପ୍ରଥମ ମ୍ୟାଚରେ ଡି ଏସ ସି ବଡ଼ଶିଲିଙ୍ଗା ବନାମ ଓ ଏମ ସି ସି ରାଣୀଭୂଇଁ ମଧ୍ୟରେ ଅନୁଷ୍ଠିତ ହୋଇଥିଲା।ପ୍ରଥମ ବଡ଼ ଶିଲିଙ୍ଗା ପ୍ରଥମେ ଟସ୍ ଜିତି ବ୍ୟାଟିଂ କରିବାକୁ ନିଷ୍ପତି ନେଇଥିଲା।୮ ୱିକେଟ ହରାଇ ୮ ଓଭରରେ୬୩ କରିବାରେ ସକ୍ଷମ ହୋଇଥିଲା। ଜବାବରେ ରାଣୀଭୂଇଁ ନିର୍ଦ୍ଧାରିତ ଓଭରର ୬୪ ରନର ପିଛା କରି ୭ଓଭର୍ ୪ବଲ୍ ୫ ୱିକେଟରେ ୬୪ ରନ କରି ୫ୱିକେଟ ରେ ବିଜୟ ହାସଲ କରି ନେଇଛି। ରବିବାର ଦିନ ଟୁର୍ଣ୍ଣାମେଣ୍ଟରେ ମୁଖ୍ୟ ଅତିଥି ଭାବେ ମଳୟ ରଞ୍ଜନ ରଣା ଯୋଗ ଦେଇଥିବା ବେଳେ ଫ୍ରେଣ୍ଡସିପ କ୍ରିକେଟ କ୍ଲବ ସଭାପତି ପ୍ରଶାନ୍ତ ବେହେରା, ଟୁର୍ଣାମେଣ୍ଟ କ୍ୟାସିୟର ବିଜୟନନ୍ଦ ତରେଇ ଯୋଗ ଦେଇଥିଲେ। ପ୍ରଥମ ମ୍ୟାଚରେ ସର୍ବାଧିକ ରନ କରିବା ସହିତ ୩ଟି ୱିକେଟ ନେଇ ଆଲୋକ ମ୍ୟାନ ଅଫ ଦି ମ୍ୟାଚ୍ ଭାବେ ବିବେଚିତ ହୋଇଥିଲେ।ସେହି ପରି ଦ୍ୱିତୀୟ ମ୍ୟାଚ୍ ରେ ଜେ ଏମ ଡି ସି ସି ଛାମୁଣ୍ଡିଆ ବନାମ ଏମ ବି ସି ସି କମଳାଡିହ ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଥିଲା।କମଳାଡିହ ଟସ୍ ଜିତି ଫିଲ୍ଡିଂ କରିବା ପାଇଁ ନିଷ୍ପତି ନେଇଥିଲା। ଛାମୁଣ୍ଡିଆ ୧୦ଓଭରରେ ୭ୱିକେଟ ହରାଇ ୯୫ ରନ କରିବାରେ ସକ୍ଷମ ହୋଇଥିଲା। ଜବାବରେ କମଳାଡିହ ୮ଓଭର ରେ ୯୯ ରନ କରି ୮ୱିକେଟରେ ବାଜି ମାରି ନେଇଥିଲା।ମୁଖ୍ୟ ଅତିଥି ଭାବେ ଆଡଭାନ୍ସ ଟ୍ୟୁଟୋରିଆଲ ପରିଚାଳକ ତଥା ସାମ୍ବାଦିକ ସଂଘର ସଭାପତି ବିଶ୍ୱରଂଜନ ସେଠୀ ଯୋଗ ଦେଇଥିବା ବେଳେ ବିଶିଷ୍ଟ ଅତିଥି ଭାବେ ଆଞ୍ଚଳିକ ସାମ୍ବାଦିକ ସଂଘର ସଭାପତି ଅଖିଳ ବିହାରୀ ପାଣିଗ୍ରାହୀ ଯୋଗ ଦେଇଥିଲେ।

# ଅରବିନ୍ଦ ସ୍ମାରକୀ ପାରାମାଉଣ୍ଟ କପ : ରାଇଜିଂ ଷ୍ଟୁଡେଣ୍ଟ ଚାମ୍ପିଅନ

ଭୁବନେଶ୍ୱର, ୮।୬ (ସବ୍ୟୁ): ସପ୍ତମ ଅଲ୍ ଓଡ଼ିଶା ଅରବିନ୍ଦ ମେମୋରିଆଲ ପାରାମାଉଣ୍ଟ କପ ୨୦୨୫ର ଫାଇନାଲ ମୁକ୍ତେଶ୍ୱର କ୍ରିକେଟ୍ କ୍ଲବ ଭୁବନେଶ୍ୱର ଏବଂ ରାଇଜିଂ ଷ୍ଟୁଡେଣ୍ଟ କଟକ ମଧ୍ୟରେ ଖେଳାଯାଇଥିଲା । ଏହି ମ୍ୟାଚ୍‌ରେ ରାଇଜିଂ ଷ୍ଟୁଡେଣ୍ଟ ବିଜୟଲାଭ କରି ଚାମ୍ପିଅନ ହୋଇଛି । ଟସ୍ ଜିତି ରାଇଜିଂ ଷ୍ଟୁଡେଣ୍ଟ୍ ବ୍ୟାଟିଂ କରିବାର ନିଷ୍ପତ୍ତି ନେଇ ନିର୍ଦ୍ଧାରିତ ୪୦ ଓଭର୍‌ରେ ସମସ୍ତ ୱିକେଟ ହରାଇ ୩୯୨ କରିଥିଲେ । ଦଳ ପକ୍ଷରୁ ଆଦିତ୍ୟ ରାଉତ ୧୦୬ ରନ ୬୮ ବଲରେ, ଅଭିଷେକ ଯାଦବ ୪୦ ବଲରେ ୮୧ ରନ ଓ ଅମିନ ଇକବାଲ୍ ଖାଁ ୩୦ ବଲରେ ୬୬ ରନ କରିଥିଲେ । ମୁକ୍ତେଶ୍ୱର ପକ୍ଷରୁ ରଜତ ପଟ୍ଟନାୟକ ୩ ୱିକେଟ୍ ନେଇଥିଲେ ।

ଜବାବରେ ଦିନେଶ ମାଝୀଙ୍କ ଲଢୁଆ ୪୦ ବଲରେ ୭୫ ରନ ସତ୍ତ୍ୱେ ମୁକ୍ତେଶ୍ୱର ଦଳ ୨୮ ଓଭରରେ ୨୪୩ ରନ କରି ଅଲ୍‌ଆଉଟ୍ ହୋଇଥିଲା । ଟୁର୍ଣ୍ଣାମେଣ୍ଟରେ ମୁଖ୍ୟଅତିଥି ଭାବେ ଏକାମ୍ର ଭୁବନେଶ୍ୱର ବିଧାୟକ ବାବୁ ସିଂହ ଯୋଗ ଦେଇଥିଲେ । ଅନ୍ୟ ଅତିଥି ଭାବେ ପଙ୍କଜ ଲୋଚନ ମହାନ୍ତି ( ସଭାପତି, ଓସିଏ), ଲଲିତେନ୍ଦୁ ବିଦ୍ୟାଧର ମହାପାତ୍ର (ବିସିସିଆଇ ସଭ୍ୟ ଓ ପୂର୍ବତନ ବ୍ରହ୍ମଗିରି ବିଧାୟକ), ଡ. ସୌର୍ଯ୍ୟରଞ୍ଜନ ପରିଜା (ସମ୍ପାଦକ ଭୁବନେଶ୍ୱର ଆଥଲେଟିକ ଆସୋସିଏସନ୍ ), ବିଶିଷ୍ଟ ପ୍ରଶିକ୍ଷକ କିଶୋର ମନିଆ ଯୋଗ ଦେଇ ବିଭିନ୍ନ ପୁରସ୍କାର ପ୍ରଦାନ କରିଥିଲେ । ପ୍ରତିଯୋଗିତାରେ ଇଣ୍ଡିଆ ଏ ତରଫରୁ ଖେଳିଥିବା ଏବଂ ଓଡ଼ିଶା ରଣଜୀ ଟ୍ରଫି ଦଳ ର ପୂର୍ବତନ ଅଧିନାୟକ ଏବଂ ପରମାଉଣ୍ଟ ସ୍ପୋରଟିଙ୍ଗର ବରିଷ୍ଠ ଖେଳାଳି ପ୍ରଭଞ୍ଜନ ମଲ୍ଲିକକୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏଇ ପ୍ରତିଯୋଗିତାରେ ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ୍ ହିସାବରେ (ଆଶୀର୍ବାଦ ସ୍ୱାଇଁ), ଶ୍ରେଷ୍ଠ ବୋଲର (ହର୍ଷିତ ରାଥୋଡ), ଶ୍ରେଷ୍ଠ ଫିଲ୍ଡର୍ ( ପ୍ରତୀକ ଦାସ), ଫାଇନାଲ ମ୍ୟାଚର ଶ୍ରେଷ୍ଠ ଖେଳାଳି (ଅଭିଷେକ ଯାଦବ) ଏବଂ ପ୍ରତିଯୋଗିତାର ଶ୍ରେଷ୍ଠ ଖେଳାଳି (ଅମିନ ଇକବାଲ ଖାଁ) ପୁରସ୍କୃତ କରାଯାଇଥିଲା । ଶେଷରେ ମୁକ୍ତେଶ୍ୱର କ୍ରିକେଟ୍ କ୍ଲବକୁ ରନରସ ଅପ୍ ଟ୍ରଫି ସହ ୩୦୦୦୦ ଟଙ୍କା ଆର୍ଥିକ ପୁରସ୍କାର ଏବଂ ଚାମ୍ପିଅନ ରାଇସିଂ ଷ୍ଟୁଡେଣ୍ଟ୍‌କୁ ଅରବିନ୍ଦ ମେମୋରିଆଲ ଟ୍ରଫି ସହ ୫୦୦୦୦ ଆର୍ଥିକ ପୁରସ୍କାର ମୁଖ୍ୟ ଅତିଥି ଭୁବନେଶ୍ୱର ଏକାମ୍ର ବିଧାୟକ ବାବୁ ସିଂହଙ୍କ ଦ୍ୱାରା ପୁରସ୍କୃତ କରା ଯାଇଥିଲା । ଏଇ ଉଦଯାପନୀ ଉତ୍ସବକୁ ପ୍ରତାପ ଜେନା ସଭାପତି, ପ୍ରଦ୍ୟୁମ୍ନ ଜେନା ଉପଦେଷ୍ଟା ଏବଂ ଅଶୋକ ପାତ୍ର ସମ୍ପାଦକ ପରିଚାଳନା କରିଥିଲେ ।




ସୂଚନା
ସମୟ
BHIM
SCAN & PAY
ASHIRBAD PRAKASHAN PVT.LTD.
ଦେୟ ପୈଠ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦକୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ ।

Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, **ମୁଖ୍ୟ ସମ୍ପାଦକ:** ଗୁରୁକଲ୍ୟାଣ ମହାପାତ୍ର, **Editor:** Papu Mohanty: **ସମ୍ପାଦକ:** ପପୁ ମହାନ୍ତି